ନୟାଗଡ଼ ଇତିହାସ

ଜଗନ୍ନାଥ ମନ୍ଦିର, ନୟାଗଡ଼

ଲେଖକ - ସ୍ୱର୍ଗତ ହରିହର ନନ୍ଦ
ଲିପିକର - ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ମିଶ୍ର

Digitized by PPRACHIN, SOA

ଲେଖକ : ସ୍ୱର୍ଗତ ହରିହର ନନ୍ଦ
(୧୮୭୪-୧୯୫୪)

Digitized by PPRACHIN, SOA

ନୟାଗଡ଼ ଇତିହାସ

ଲେଖକ - ସ୍ୱର୍ଗତ ହରିହର ନନ୍ଦ

Digitized by PPRACHIN, SOA

ପ୍ରକାଶକ - ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ମିଶ୍ର
ଡି/୭୩, କୋଏଲ୍ ନଗର
ରାଉରକେଲା

ପ୍ରଥମ ସଂସ୍କରଣ - ୨୦୦୬

ମୁଦ୍ରଣ - ଫାଇଭଷ୍ଟାର ପ୍ରିଣ୍ଟିଂ ପ୍ରେସ
ବୁର୍ଲା - ୭୬୮୦୧୭

ସାଦା ବନ୍ଧେଇ ମୂଲ୍ୟ - ପଚିଶ ଟଙ୍କା ମାତ୍ର
ଶୋଭନ ବନ୍ଧେଇ ମୂଲ୍ୟ - ପଞ୍ଚସ୍ତରୀ ଟଙ୍କା ମାତ୍ର

Digitized by PPRACHIN, SOA

ଲେଖକଙ୍କ ବିଷୟରେ ପଦେ

ଶ୍ରୀଯୁକ୍ତ ହରିହର ନନ୍ଦ ନୟାଗଡ଼ ଟାଉନ ବ୍ରାହ୍ମଣ ସାହିର ନିବାସୀ । ସେ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟକାଳରେ ସଂସ୍କୃତ ଓ ଅଳ୍ପ ଇଂରାଜୀ ଶିକ୍ଷା କରିଥିଲେ । ସେ ନୟାଗଡ ରାଜାଙ୍କ କଚେରୀରେ ପେଶ୍‌କାର କାମ କରି ସ୍ୱଳ୍ପ ବେତନ ପାଉଥିଲେ । ସେ ନିର୍ଭିକ ଓ ସତ୍ୟବାଦୀ ଥିଲେ ।

ସେ ଚାକିରୀ କରିଥିବା ଦୃଷ୍ଟିରୁ ଅନ୍ନଦାତା ହିସାବରେ ନୟାଗଡ ରାଜାଙ୍କର ଅନୁଗତ ଥିଲେ । ନୟାଗଡ ରାଜବାଟୀକୁ ତାଙ୍କର ଯିବା ଆସିବା ଥିଲା । ବଂଶଅନୁକ୍ରମରେ ସେ ଅନ୍ତତଃ ଶେଷ ଦୁଇ ରାଜାଙ୍କର ସଂସ୍ପର୍ଶରେ ଆସିଥିଲେ । ସେ ରାଜାଙ୍କର ଆଦେଶ ପାଳନ ପାଇଁ ତତ୍‌ପର ଥିଲେ । ରାଜା ତାଙ୍କର ନିର୍ଭୀକତାର ସୁଯୋଗ ନେଇ ଅନେକ ଭଲମନ୍ଦ ବିଷୟ ପଚାରି ବୁଝୁଥିଲେ ଏବଂ ବେଳେ ବେଳେ ସଦୁପଦେଶ ନେଉଥିଲେ । ରାଜକାର୍ଯ୍ୟ କରୁଥିଲେ ମଧ୍ୟ ଚାଟୁ ବଚନ କହିବା ପରିବର୍ତ୍ତେ ନିର୍ଭୀକଭାବରେ ସତ୍ୟବଚନ କହୁଥିଲେ ।

ଆମେ ବାଲ୍ୟକାଳରେ ତାଙ୍କଠାରୁ ଯାହା ଶୁଣିଛୁ, ସେ ନୟାଗଡ଼ ରାଜାଙ୍କର ଶାସନରେ ସନ୍ତୁଷ୍ଟଥିଲେ ଏବଂ ତାର ପ୍ରଶଂସା କରୁଥିଲେ । ପ୍ରକୃତରେ ଓଡ଼ିଶାର ଅନ୍ୟ ଗଡଜାତ ରାଜ୍ୟର ରାଜାମାନଙ୍କ ବିଷୟରେ ଯାହାସବୁ ଶୁଣାଯାଏ, ନୟାଗଡ ରାଜା ତାଠାରୁ ଅନେକ ଭଲ ଥିଲେ । ନୟାଗଡ ରାଜବଂଶରେ ପ୍ରଜାମାନଙ୍କ ପ୍ରତି ଅତ୍ୟାଚାରର କୌଣସି ଘଟଣା ଶୁଣିବାକୁ ମିଳୁ ନଥିଲା ।

ରାଜବଂଶର ଘଟଣା ବାହାରେ ପ୍ରକାଶ କରିବା କଥାନୁହେଁ । ପ୍ରକାଶ କଲେ ଯଦି ଅତିରଞ୍ଜିତ ବା ପରିବର୍ତ୍ତିତ ହୋଇ ଲୋକମୁଖରେ ବିସ୍ତାର କରି ଶେଷରେ କାନକୁହା ମାନଙ୍କ ଦ୍ୱାରା ପୁଣି ରାଜାଙ୍କ କାନକୁ ଯାଏ ତେବେ କ୍ରୋଧର ଶିକାର ହୋଇ ଶାସ୍ତି ମିଳିବାର ସମ୍ଭାବନା ଥାଏ । ଏହି ରାଜବଂଶର ପୁରାତନ ରାଜାମାନଙ୍କ କଥା ଏତେ ସୁନ୍ଦର ତାହା କେହି ପ୍ରାୟ ଜାଣୁ ନଥିଲେ । ତେଣୁ ସମୟାନୁକ୍ରମେ କାଳେ ଏହା ବିସ୍ମୃତି ଲାଭ କରିବ, ସେଇ ଉଦ୍ଦେଶ୍ୟରେ ଲେଖକ (ଆମ ମାନଙ୍କର ପିତାଙ୍କର ମାମୁଁ) ତାକୁ ପାଣ୍ଡୁଲିପି ଆକାରରେ

Digitized by PPRACHIN, SOA

ଲେଖି ରଖିଥିଲେ । ବାଲ୍ୟକାଳରେ ସେ ଦୁଇଖଣ୍ଡି ପାଣ୍ଡୁଲିପି ମତେ ଦେଖାଇଥିଲେ । ମୁଁ ସେଥିରୁ କେତେକାଂଶ ପଢ଼ିଥିଲି ।

ଏହି ରାଜବଂଶର ଇତିହାସ କେବଳ ପିଲାମାନେ ପଢ଼ିବା ଓ ଶୁଣିବା ପାଇଁ କାହାଣୀ ନୁହେଁ । ଇତିହାସର ଗବେଷଣା ପାଇଁ ଏହା ଅନେକ ବିଷୟବସ୍ତୁ ଯୋଗାଇ ପାରିବ ।

ଲେଖକଙ୍କର ଜୀବନ ବିଷୟରେ ଟିକିଏ ବିସ୍ତାର କଲେ ଏହା ଆମ ପରିବାରର ଇତିହାସ ହୋଇଯିବ । ଲେଖକଙ୍କର ଅପରିଣତ ବୟସରେ ପତ୍ନୀ ବିଚ୍ଛେଦ ହୋଇଥିଲା । ତାଙ୍କର ସନ୍ତାନ ସନ୍ତତି ନଥିଲେ । ସେ ନିଜର ଭଗିନୀଙ୍କର ଅସହାୟ ଅବସ୍ଥା ଯୋଗୁ ଶାଶୁଘରୁ ଆଣି ନିଜ ଘରେ ରଖି ଭଣଜା, ଭାଣିଜୀ ମାନଙ୍କୁ ବଡ କରିଥିଲେ । ଭଣଜା ବାହିନୀପତି ଶ୍ରୀ ଦୀନବନ୍ଧୁ ମିଶ୍ରଙ୍କର ଶିକ୍ଷା ଲାଭ କରାଇଥିଲେ । ଭାଣିଜୀଙ୍କର ଝିଅମାନଙ୍କୁ ବିବାହ କରାଇଥିଲେ । ଭଣଜାଙ୍କର ବିବାହ କରାଇଥିଲେ । ୧୯୫୦ ମସିହାରେ ମୋର ଉଚ୍ଚ ଶିକ୍ଷା ପାଇଁ ଜର୍ମାନୀ ଯିବା ସମୟରେ ଏକ ଭରଣ ଧାନ ବିକ୍ରି କରି ପ୍ରାରମ୍ଭିକ ଖର୍ଚ୍ଚ ପାଇଁ ଶହେ ଟଙ୍କା ଦେଇଥିଲେ । ଏଥିରୁ ତାଙ୍କର ଉଦାର ମନର ପରିଚୟ ମିଳେ ଏବଂ ମଧ୍ୟବିତ୍ତ ଶ୍ରେଣୀର ବୋଲି ପ୍ରମାଣ ଦିଏ । ସେ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ । ତାଙ୍କର ପୁତ୍ର କବିରାଜ ଶ୍ରୀ ରାମକୃଷ୍ଣ ନନ୍ଦ ସରକାରୀ ଡାକ୍ତଖାନାରୁ ଅବସର ଗ୍ରହଣ କରି ନୟାଗଡର ବ୍ରାହ୍ମଣ ସାହିସ୍ଥ ସ୍ୱଗୃହରେ ଅବସ୍ଥାନ କରୁଥିଲେ । ନିକଟ ଅତୀତରେ ସେ ଇହଧାମ ତ୍ୟାଗ କଲେ । ତାଙ୍କ ପୁଅମାନେ ଭଲ ଭଲ ସ୍ଥାନରେ କର୍ମରତ ଅଛନ୍ତି । ପ୍ରକାରାନ୍ତରେ ଲେ[illegible] ଆମ ପରିବାରର ଭାଗ୍ୟ ବିଧାତା ।

କର୍ମ ଜୀବନର ଶେଷ ଭାଗରେ ନୟାଗଡରେ ସତାର ଖାଁ ଆଡମିନିଷ୍ଟ୍ରେ[illegible] ଥିବାବେଳେ କେତେକ ଇର୍ଷାପର ବ୍ୟକ୍ତିଙ୍କର କୁ ମନ୍ତ୍ରଣା ଯୋଗୁଁ ଲେଖକ[illegible] ଚାକିରୀରୁ ଅବ୍ୟାହତି ମିଳିଥିଲା ଏବଂ ସେ ଧନୀ ହୋଇ ଯାଇଛନ୍ତି ବୋଲି ତାଙ୍କୁ ନୟାଗଡ ଟାଉନ ଛାଡି ଅନ୍ୟତ୍ର ରହିବାକୁ ଆଦେଶ ହୋଇଥିଲା । ତେଣୁ ସେ ନିଜଘର ଛାଡି ତିନି କିଲୋମିଟର ଦୂର ଲଡୁକେଶ୍ୱରପୁର ଗ୍ରାମରେ ରହିଲେ । ତାଙ୍କ ନିଜ ଘରେ ପରିବାରର ଅନ୍ୟମାନେ ରହିଲେ । ୧୯୪୨ ମସିହା ବେଳକୁ ସେ ନିଜଘରକୁ ଫେରି ଆସିଥିଲେ । ଦେଶ ସ୍ୱାଧୀନ ହୋଇ

Digitized by PPRACHIN, SOA

ଗଡଜାତ ରାଜ୍ୟସବୁ ଓଡ଼ିଶା ସହିତ ମିଶିଯିବାର ଅଳ୍ପ କେତେ କାଳ ପରେ ତାଙ୍କର ଦେହାନ୍ତ ଘଟିଲା ।

୧୯୫୪ ମସିହାରେ ଅଶୀବର୍ଷ ବୟସରେ ତାଙ୍କର ଦେହାନ୍ତ ପରେ ତାଙ୍କର ହସ୍ତଲିଖିତ ଦୁଇଟି ପାଣ୍ଡୁଲିପି ଘରୁ ମିଳିଥିଲା । ବହୁବର୍ଷ ପରେ ତାହା ମୋର କନିଷ୍ଠ ଭ୍ରାତା ଶ୍ରୀ ପ୍ରମୋଦ ଚନ୍ଦ୍ର ମିଶ୍ରଙ୍କର ହସ୍ତଗତ ହେବାରୁ ତାଙ୍କର ଉଦ୍ୟମରେ ତାର ମୁଦ୍ରଣ ଓ ପ୍ରକାଶନ ହେଉଥିବାରୁ ଆମେ ଭାଇ ଓ ଭଉଣୀମାନେ ପରିବାରବର୍ଗଙ୍କ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ।

୧୫.୮.୨୦୦୬

ଜନ୍ମାଷ୍ଟମୀ ଓ

ସ୍ୱାଧୀନତା ଦିବସ

।। ଇତି ।।

ଶ୍ରୀ ପ୍ରତାପ ଚନ୍ଦ୍ର ମିଶ୍ର
ଅବସରପ୍ରାପ୍ତ ଇଞ୍ଜିନିୟର, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ

ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ଅବସରପ୍ରାପ୍ତ ଇଂଜିନିୟର, ବୋକାରୋ ଷ୍ଟିଲ୍‌ପ୍ଲାଣ୍ଟ

ପ୍ରଫେସର ଡା. ପ୍ରମୋଦ ଚନ୍ଦ୍ର ମିଶ୍ର
ପରିବେଶ ବିଜ୍ଞାନ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

ଶ୍ରୀମତୀ ଶୈଳବାଳା ରଥ
ସାକ୍ଷୀଗୋପାଳ

ଶ୍ରୀମତୀ ସରଯୂବାଳା ପଣ୍ଡା
ସମ୍ବଲପୁର

ଡାକ୍ତର ଶ୍ରୀମତୀ ଚାରୁବାଳା ମିଶ୍ର
ଏମ୍. ଡି., ମୁଖ୍ୟ, ରେଡିଓଥେରାପି ବିଭାଗ
ବୋକାରୋ ଷ୍ଟିଲ୍ ହସ୍‌ପିଟାଲ

ଡକ୍ଟର ଶ୍ରୀମତୀ ସୁରବାଳା ଦେବୀ
ଏମ୍.ଫିଲ୍, ଅଧ୍ୟାପିକା
ମୁନିସିପାଲ କଲେଜ, ରାଉରକେଲା ।

Digitized by PPRACHIN, SOA

ପ୍ରାକ୍ କଥନ

ନୟାଗଡ ଷ୍ଟେଟ୍‌ର ଇତିହାସ ଓ ନୟାଗଡ ରାଜବଂଶର ସଂକ୍ଷିପ୍ତ ଇତିହାସ ଏ ଦୁଇଟି ପାଣ୍ଡୁଲିପିର ରଚନାକାଳ ୧୯୩୫ ମସିହା ବୋଲି ଲେଖା ମଧ୍ୟରୁ ପରୋକ୍ଷ ପ୍ରମାଣ ମିଳୁଛି । ଲେଖକ ଏହି ଦୁଇଟି ପାଣ୍ଡୁଲିପି ମୋତେ ବାଲ୍ୟକାଳରେ ୧୯୪୨ ରୁ ୪୫ ମଧରେ ଦେଖାଇଥିଲେ ଓ କିଛି ଘଟଣା ମୌଖିକରେ କହିଥିଲେ । ସେଥିରୁ କିୟଦଂଶ ମୁଁ ପଢ଼ିଥିଲି । ଏ ଦୁଇ ପାଣ୍ଡୁଲିପି ଏବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଆର୍କାଇଭାଲ ସେଲ୍‌ରେ ଅଛି ।

ସେତେବେଳେ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ନୟାଗଡ ଷ୍ଟେଟ୍‌ର ଇତିହାସ ମୌଖିକରେ ରଳବଗଡ, ବାଉରୀ ଠାକୁରାଣୀ ଓ ସୂର୍ଯ୍ୟମଣୀ ସିଂହଙ୍କ ଦ୍ୱାରା ରାଜ୍ୟସ୍ଥାପନ ବିଷୟ କାହାଣୀ ଆକାରରେ ମୌଖିକରେ ଶିକ୍ଷା ଦେଉଥିଲେ । ନୟାଗଡ ଶେଷ ତିନି-ଚାରି ରାଜାଙ୍କ ବର୍ଣ୍ଣନା ଲେଖଙ୍କର ପ୍ରତ୍ୟକ୍ଷ ଅନୁଭୂତି ।

୧୯୩୫-୪୦ ପରଠାରୁ ୧୯୪୭ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ କୌଣସି ରାଜନୈତିକ ଘଟଣା ବର୍ଣ୍ଣନା ନାହିଁ । ତେଣୁ ଏହି ସମୟର ଅତି ସଂକ୍ଷିପ୍ତ ବର୍ଣ୍ଣନା ପରେ ଯୁକ୍ତ କରାଯାଇଛି । ସ୍ୱାଧୀନତା ପ୍ରାପ୍ତିର ୬ବର୍ଷ ପରେ ଲେଖକଙ୍କର ଦେହାନ୍ତ ହୋଇଥିଲା ।

୧୫.୮.୨୦୦୬ **ଶ୍ରୀ ପ୍ରତାପ ଚନ୍ଦ୍ର ମିଶ୍ର**

Digitized by PPRACHIN, SOA

FOREWORD

Since the days of Akbar, Orissa was divided into two distinct regions namely, (i) the *Mughalbandi* and (ii) the *Gadjats*, by his revenue minister Raja Todar Mall, for efficient administration taking into account of the land, people and historical background of both these regions. While the *Mughalbandi* comprising the plain and fertile lands of the coastal regions were kept directly under the Mughal rule, the *Gadjats* comprising the less fertile and hilly regions kept under the rule of the local Chiefs (often called as Rajas), who paid a fixed annual tribute to the Emperor and in return were recognized as Feudatories. This set-up continued under the Marathas and their successors the East India Company, and the British Crown also did not bring any change in the system.

East India Company occupied Orissa (*Mughalbandi*) in October 1803 after a feeble resistance from the Marathas. And by the treaty of Deogaon signed on 17 December 1803 between Raghuji Bhonsle III of Nagpur and the East India Company, the Company became the overlord of the Feudatory Chiefs those were ceded by the Bhonsle. However, it was only after the Third Anglo-Maratha war when the Nagpur army was completely defeated by the Company that the whole of Orissa came under the political saway of the Company in 1818. When the Company took over the reigns of the State it had as many as 26 Feudatory (Tributary) States paying fixed tribute to the East India Company. After the confiscation of Banki and Angul the number reduced to 24 and comprised Athmallik, Athgarh, Bamara, Baramba, Baud, Bonai, Daspalla, Dhenkanal, Gangpur, Hindol, Kalahandi, Keonjhar, Khandapara, Mayurbhanj, Narsinghpur, Nayagarh, Nilgiri, Pal-Lahara, Patna, Rairakhol, Ranpur, Sonepur, Talcher and Tigiria

Digitized by PPRACHIN, SOA

. They extended over an area of 28,664 sq. miles and with a total income of Rs. 1, 01, 28, 237/- paid tributes of Rs. 96, 449 to the British Paramountcy in the year 1930 .

These States have no connected or authentic history and were never brought under the Central Government, but from the earliest times consisted of numerous petty principalities which were more or less independent of one another. They were first inhabited by aboriginal tribes divided in to numerous tribal groups each under its own Chief. They carried on incessant warfare with their neighbours, on the one hand, and the denizens of the forest , on the other. In course of time, the Aryans penetrated in to these territories, who, by reason of their superior prowess and intelligence, gradually overthrew the tribal Chiefs and established themselves in their place. Local traditions relate how these daring interlopers, most of whom were Rajputs from the North or Central India, came to Puri on pilgrimage and remained behind to carve-out kingdoms and found ruling dynasties with the help of local people and divine grace as they proclaimed. The States acknowledged the suzerainty of the Paramount Powers of Orissa, who never interfered in their internal administration. With its rugged barriers, each State was thus permitted to work out its own growth, its boundaries expanding or contracting according to the strength or weakness of its Chief.

Nayagarh, an erstwhile "A" class State extending over a territory of 590 sq. miles and a population of 1, 42, 399 was paying Rs. 5,525 – 4 – 1 as tribute to the British crown in 1930-31. (*General Review of Administration of the Feudatory States of Orissa for the Year, 1930-31*, p. 29)

In the back drop of this the two Manuscripts **"Nayagada State ra Itihasa"** and **"Nayagada Rajavamsa ra samkhipta Itihasa"** of late Harihara Nanda (1874 - 1954) of Nayagarh

Digitized by PPRACHIN, SOA

constitute two valuable records throwing light on a little known kingdom (*Gadjat*) of Orissa. I had the privilege of going through the original manuscripts now preserved in the Archival Cell of P.G. Department of History, Sambalpur University. I am again privileged to go through the transcript prepared by Sri Pratap Chandra Mishra (grand son of Harihara Nanda) as I have been asked to write the foreword of the monograph being published under the title *Nayagarh Itihasa.* It appears from the Manuscripts that the author composed these Manuscripts in the early years of the post - independence era after the merger of the State in to the Province of Orissa on 14 December 1947 and before his death in 1954. We, however, do not know anything about his sources for writing the history of the State and that of the ruling dynasty for more than seven hundred years as he claimed. Since he was in the State service as *Peskar* he might have had some access to the palace records and remembered oral history of the palace that constituted the basis of his historical writing.

In a rare intellectual feat author has furnished the genealogical tree of the ruling dynasty starting with the founder ruler Raja Suryamani Singh who founded the kingdom in 1255 A.D. In the genealogical table (at pages 60 - 61) he has mentioned about 26 kings in a chronological sequence with a brief account of the rule of most of the rulers like an eye witness account, which, however, needs historical probing. As usual with all Gadjat ruling families he gives an interesting account based on local legends how Raja Suryamani Singh, a scion of the Beghal Rajputs (Rewa regions of Madhya Pradesh) founded the kingdom with his own prowess and the divine blessings of Bauri Thakurani, the local deity (page - 2). This is a strategy adopted by the ruling families in most cases to establish their legitimacy and authority over the subjects in the name of divine approval.

Digitized by PPRACHIN, SOA

Besides giving importance to the contributions of the individual rulers he has given an account of the relations of the State with the Paramount Power, relations of the rulers and the ruled, relations with the neighbouring states, system of administration, both internal and external, system of taxation, land settlement and revenue collection, feudal obligations and levies and the *melis* that cropped up during different periods of time. In page 5 & 6 he has given an account of the legend associated with the archaeological mound of "Assur Dhipa", which is a rare piece of information for future archaeological investigations. What makes the Manuscripts rare and relevant is the care the author has taken to record every aspect of life in the state including demographic structure, position of education, Durbar practices, the religious places and shrines and fairs and festivals associated with them.

In the fitness of these the Manuscripts of late Harihara Nanda on the ex-Princely state of Nayagarh are valuable additions to the historiography of Orissa. They provide ample opportunity for further research at a sub-regional level.

I congratulate the endeavour of Sri Pratap Chandra Mishra and his family members, more particularly the efforts of Prof. Pramod Chandra Mishra (another grand son of late Harihara Nanda) in bringing out the transcripts of the manuscripts in the present monograph *Nayagarh Itihasa.*

15th August 2006
Janmastami

Sadasiba Pradhan,
Professor and Head ,
P. G. Department of Ancient Indian History,
Culture & Archaeology,
Utkal University, Bhubaneswar ,Orissa

Digitized by PPRACHIN, SOA

ସୂଚୀପତ୍ର

କ୍ରମିକ	ବିଷୟ	ପୃଷ୍ଠା
୧.	ରଳବଗଡ଼ ଓ ବାଉରୀ ଠାକୁରାଣୀ	୧
୨.	ପ୍ରଥମ ରାଜା ସୂର୍ଯ୍ୟମଣି ସିଂହ	୩
୩.	ରାଜା ବାଘା ସିଂହ	୪
୪.	ଯଦୁମଣି ମଙ୍ଗରାଜ (ଖଣ୍ଡପଡାର ପ୍ରଥମ ରାଜା)	୫
୫.	ରାଜା ଗୋକୁଳେଶ୍ୱର ସିଂହ	୭
୬.	ରଣପୁର ଯୁଦ୍ଧ	୮
୭.	ରାଜା ଗଦାଧର ସିଂହ	୯
୮.	ରାଜା ଚନ୍ଦ୍ରଶେଖର ସିଂହ	୧୦
୯.	ରାଜା ପୁରୁଷୋତ୍ତମ ସିଂହ ମାନଧାତା	୧୧
୧୦.	ରାଜଭ୍ରାତା ନିଳମଣି ଜଗଦେବ	୧୪
୧୧.	ସତର ସବାଲ	୧୬
୧୨.	ପଚିଶ ସବାଲ	୧୭
୧୩.	ରାଜା ବିନାୟକ ସିଂହ	୧୯
୧୪.	ରାଜା ବ୍ରଜବନ୍ଧୁ ସିଂହ	୨୪
୧୫.	ରାଜା ଲଡୁକିଶୋର ସିଂହ	୨୬
୧୬.	ରାଜା ବଳଭଦ୍ର ସିଂହ	୩୬
୧୭.	ରାଜା ରଘୁନାଥ ସିଂହ	୩୭
୧୮.	ରାଜା ନାରାୟଣ ସିଂହ	୪୦
୧୯.	ରାଜା କୃଷ୍ଣ ଚନ୍ଦ୍ର ସିଂହ	୪୨
୨୦.	ସରଘର	୪୩
୨୧.	ଭିତର ତଳ	୪୬
୨୨.	ଜାତିଆ ଭାଇପୁଅ	୪୮
୨୩.	ଅନ୍ତର ବିରାଦର	୪୯
୨୪.	ବନ୍ଧୁ ବାନ୍ଧବ	୫୩
୨୫.	ଖଏରାତ	୫୫
୨୬.	ଦେବୋତ୍ତର	୫୭

Digitized by PPRACHIN, SOA

ଲେଖକଙ୍କ ଭାଣିଜୀ ସ୍ୱର୍ଗତା ସୁନା ଦେବୀ

Digitized by PPRACHIN, SOA

ଓଁ ଶ୍ରୀ ଦୁର୍ଗାୟୈ ନମଃ

୧. ରଳବଗଡ଼ ଓ ବାଉରୀ ଠାକୁରାଣୀ

ସନ-୧୨୫୫ ମସିହା ପୂର୍ବେ ନୟାଗଡ, ଖଣ୍ଡପଡା, ଦଶପଲ୍ଲା ଷ୍ଟେଟମାନ ନଥାଇ ବୌଦ୍, ବାଙ୍କି, ରଣପୁର ଓ ଘୁମୁସର ରାଜ୍ୟମାନ ଥିଲା । ସନ ୧୨୫୫ ମସିହା ପରେ ମଧ୍ୟପ୍ରଦେଶର ରେକା ଅଞ୍ଚଳର ରେତୟ (ରିମା) ବଘେଲ କ୍ଷେତ୍ରିୟ ବଂଶଜାତ ରାଜଭ୍ରାତା ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସଂହ ଭ୍ରାତୃଦ୍ୱୟ ଆସି ଏ ଷ୍ଟେଟ କୁରୁଡା ପ୍ରଗନା ଗୁନାମାଟିରେ ସେଠାକାର ଗଡ଼ତିଆକୁ ପରାସ୍ତ କରି ପ୍ରଥମେ ସେହିଠାରେ ଆଧିପତ୍ୟ ସ୍ଥାପନ କରିଥିଲେ । ସେ ସମୟରେ କୁରୁଡା, ଗୋଡିପଲି,ମହିପୁର ଓ ଗଣ୍ଡିବେଢ଼ ପ୍ରଗନାର ପଶ୍ଚିମାର୍ଦ୍ଧ ନିଜିଗଡ ପର୍ଯ୍ୟନ୍ତ ବୌଦ ରାଜ୍ୟର ଥିଲା । ସୂର୍ଯ୍ୟମଣି ସିଂହ ସେଠାରେ ରହିଲେ । ଚନ୍ଦ୍ରମଣି ସିଂହ ଯାଇ ଘୁମୁସର ଓ ଖଲିକୋଟରୁ କେତେକ ରାଜ୍ୟ ଜୟକରି ସେଠାରେ ଆଠଗୋଟି ଗଡତିଆଙ୍କୁ ପରାସ୍ତ କରି ଅଷ୍ଟଦୁର୍ଗ (ଆଠଗଡ) ନାମ ଦେଇ ସେଠାରେ ରାଜାହେଲେ । ସୂର୍ଯ୍ୟମଣି ସିଂହ ଗୁନାମାଟି ଗଡରେ ରହି କୁରୁଡା ଜିଲ୍ଲା ଜୟକରି ସେଠାରୁ ଗୋଡିପଲି ଜିଲ୍ଲା ହରିପୁର ମୌଜାକୁ ଗଲେ । ହରିପୁର ଗଡରେ ଜଣେ ଖତିଆ ଗଡତିଆ ଥିଲା । ସେ ସାତଭାଇ ପରାକ୍ରମୀ ସବୁ ସମୟରେ ଅସ୍ତ୍ର ଧାରଣ କରିଥିଲେ । ତେଣୁ ତାଙ୍କୁ ସହଜରେ ଜୟ କରିପାରି ନଥିଲେ ।

ସେଠାରେ ଏକ ପରାକ୍ରମଶାଳୀ ମାଳିବଂଶ ଥିଲେ । ସୂର୍ଯ୍ୟମଣି ସିଂହ ମାଳିବଂଶକୁ ଅକ୍ତିୟାର କରି ସେମାନଙ୍କ ସାହାଯ୍ୟରେ ଖଟୁଆ ଗଡତିଆ ବଂଶ ଦଶହରା ପୂଜା କରିବାକୁ ଅସ୍ତ୍ରଶସ୍ତ୍ର ବସାଇଥିବା ସମୟରେ ସେମାନଙ୍କୁ ଆକ୍ରମଣ କରି ମାରିପକାଇ ହରିପୁରଗଡ଼ ଜୟ କରିଥିଲେ । ସେଠାରେ କେତେକ ଦିନ ରହିଲାପରେ ରଳବଗଡ଼ ଦେଖିବାକୁ ଦିନେ ଯାଇଥିଲେ । ରାତ୍ରରେ ଜଗନ୍ନାଥଯିଉଙ୍କ ମନ୍ଦିରେ ରାତ୍ର ଅର୍ଦ୍ଧ ସମୟେ ବସିଛନ୍ତି, ଏ ସମୟରେ ପ୍ରଚାଣ୍ଡ ମହାବଳ ବାଘ ଆସିଲା । ସୂର୍ଯ୍ୟମଣି ସିଂହ ବିକ୍ରମର ସହିତ ବାଘଟାକୁ ବେକରୁ ହାଣି ପକାଇଲେ । ତାର କିଛିକ୍ଷଣ ପରେ ଦେଖିଲେ ଗୋଟିଏ ଗର୍ଭବତୀ ସ୍ତ୍ରୀ କାର୍ଖରେ ଓ ମୁଣ୍ଡରେ ଦୁଇଗୋଟି ମାଠିଆ ଧରି ଜଳ ଆଣିବାକୁ

Digitized by PPRACHIN, SOA

ଗଲା । କିଛି ସମୟପରେ ସ୍ତ୍ରୀ ଟି ଫେରିଲାବେଳକୁ କାଖ ଓ ମୁଣ୍ଡରେ ପାଣିମାଠିଆ ଅଛି ଓ ଗର୍ଭରେ ଥିବା ବାଳକଟି ଜନ୍ମହୋଇ ଆଗରେ ଚାଲୁଛି । ରାଜା ଏହା ଦେଖି ଅତୀବ ଆଶ୍ଚର୍ଯ୍ୟାନ୍ୱିତ ହୋଇ ସ୍ତ୍ରୀ ଲୋକ ଆଗକୁ ଯାଇ ପଚାରିଲେ, ତୁ ଗର୍ଭଅବସ୍ଥାରେ ଜଳ ସକାଶେ ଗଲୁ ଏବଂ ଆସିଲାବେଳେ ସନ୍ତାନ ପ୍ରସବ ହୋଇ ଚାଲୁଅଛି ତୁ କିଏ କହ । ସେ ସ୍ତ୍ରୀ କହିଲା , ମୁ କହିବି ନାହିଁ । ରାଜା କହିଲେ ନକହିଲେ ହାଣିଦେବି । ସ୍ତ୍ରୀ କହିଲା, ମୋତେ ହାଣିଲେ କହିବି, ନ ହାଣିଲେ କହିବି ନାହିଁ । ରାଜା ତା ଅଣ୍ଟାରୁ ହାଣିବା ମାତ୍ରେ ସେ ସ୍ତ୍ରୀ, ପିଲା ଓ ବାଘ ଅନ୍ତର୍ହିତ ହୋଇ ଏକ ଦେବୀ ଦେଖାଦେଲେ ଏବଂ କହିଲେ, " ମୁଁ ବାଉରୀ ଠାକୁରାଣୀ, ମୁଁ ଏଠାକାର ଅଧିଷ୍ଠାତ୍ରୀ ଦେବୀ । ମୁଁ ତୋର ଉପରେ ସନ୍ତୋଷ ହେଲି ଏବଂ ବର ଦେଉଅଛି । ତୁ ଓ ତୋର ବଂଶଧରମାନେ ନଅ ଗୋଟି ଗଡତିଆଙ୍କୁ ଜିଣି ନବଦୁର୍ଗଃ ରାଜ୍ୟନାମରେ ରାଜ୍ୟ ବସାଇ ପୁରଷାନୁକ୍ରମେ ରାଜ୍ୟଶାସନ କରିବ । ଏ ଯେଉଁ ବାଘକୁ ହାଣିଥିଲ ସେ ମୋର ବାହନ, ଆଜିଠାରୁ ତୁମ୍ଭର ବାଘମୁଣ୍ଡ ସନ୍ତକ ହେବ । ତୁ ମୋତେ ଇଷ୍ଟ ଦେବତା କରି ପୂଜା କରିବୁ । ରାଜା ଭକ୍ତିଭାବରେ ପ୍ରତିଶ୍ରୁତି ଦେବାରୁ ଦେବୀ ଅନ୍ତର୍ହିତ ହେଲେ । ସେହିଦିନଠାରୁ ବାଉରୀ ଠାକୁରାଣୀ ଇଷ୍ଟଦେବତା (ଈଷାଣ) ହେଲେ । ବାଘମୁଣ୍ଡ ସନ୍ତକ ହେଲା, ଯେଉଁ ଖଣ୍ଡାରେ ବାଘ ଓ ସ୍ତ୍ରୀକୁ ହାଣିଥିଲେ ତାହା ପାଟଖଣ୍ଡା ହୋଇ ରହି ପୂଜା ପାଉଅଛି ।

ତହିଁପରଦିନ ରଳବ ଗଡତିଆକୁ ବିନାଶ କରିବାକୁ ଆକ୍ରମଣ କରିବାରୁ ସେ ଆତ୍ମ ସମର୍ପଣ କରି କହିଲା, ମୋର ଏ ଗଡରେ କିଛି କାର୍ଯ୍ୟ ନାହିଁ, ମୁଁ ଆପଣଙ୍କୁ ସମର୍ପଣ କଲି ମାତ୍ର ଏତିକି ମାଗୁଛି - ତୁମ୍ଭ ସ୍ୱନକ୍ଷତ୍ର ଓ ଦଶହରାଦିନ ମୋ ଜଙ୍ଘରେ ବସି ଆପଣଙ୍କର ବନ୍ଦାପନା ହେବ ଏବଂ ଆପଣ କିମ୍ବା ଆପଣଙ୍କ ପରପୁରୁଷ ଅନ୍ୟଠାରେ ଗଡକରି ରହିଲେ ଯେଉଁଦିନ ରଳବ ଆସିବେ ସେଦିନ ମୁଁ କିମ୍ବା ମୋହର ପରପୁରଷଙ୍କ ଜଙ୍ଘରେ ବସି ଏହି ଜଗନ୍ନାଥଙ୍କ ମନ୍ଦିରରେ ଅଭିଷେକ (ବନ୍ଦାପନା) ହେବ । ରାଜା ସମ୍ମତ ହୋଇ ସେଠାରେ ରହିଲେ । ଯେଉଁଠାରେ ସ୍ତ୍ରୀ ଓ ବାଘକୁ ହାଣିଥିଲେ ସେଠାରେ ଘର ହୋଇ ବାଉରୀ ଠାକୁରାଣୀଙ୍କର ପୂଜା ହେଲା ।

Digitized by PPRACHIN, SOA

୨. ପ୍ରଥମ ରାଜା- ସୂର୍ଯ୍ୟମଣି ସିଂହ

ସୂର୍ଯ୍ୟମଣି ଓ ଚନ୍ଦ୍ରମଣି ସିଂହଙ୍କ ସାଙ୍ଗରେ ଦୁଇଜଣ ବ୍ରାହ୍ମଣ ଆସିଥିଲେ । ଜଣେ ଆଠଗଡ ଗଲେ । ଆଉ ଜଣେ ଘନଶ୍ୟାମ ଆଚାର୍ଯ୍ୟ ନାମରେ ସୂର୍ଯ୍ୟମଣି ସିଂହଙ୍କ ପାଖରେ ରହିଲେ । ପିତଳରେ ଓ ହାତିଦାନ୍ତରେ ଦୁଇ ମୂର୍ତ୍ତି ଦୁର୍ଗାଦେବୀ ଆଣିଥିଲେ । ପିତଳ ବିଗ୍ରହ ରଳବରେ ସ୍ଥାପନ କରିଥିଲେ । ଦଶଭୂଜା ଦାନ୍ତ ଦୁର୍ଗା ବର୍ତ୍ତମାନ ଜଗନ୍ନାଥ ଯିଉ ନିଜିଗଡଙ୍କ ଦେଉଳରେ ଅଛନ୍ତି । ଯେଉଁ ଘନଶ୍ୟାମ ଆଚାର୍ଯ୍ୟ ଆସିଥିଲେ ତାଙ୍କର ବଂଶଧର କଣ୍ଟାବଣିଆ ଶାସନର ସମସ୍ତ ଆଚାର୍ଯ୍ୟ ବ୍ରାହ୍ମଣମାନେ ଅଟନ୍ତି ।

ରାଜା ବାଘା ସିଂହ ଏଠାରେ ଗଡକରି ରହିବା ସମୟେ ହରିହରମାଳିର 'ବେଲ' ନାମକ ଏକ କନ୍ୟାକୁ ଫୁଲବାଇ (କୋଠଲୋକ) କରି ଆଣିଥିଲେ । କେତେ ଦିନ ରହିବା ପରେ ବେଲ ବସନ୍ତ ରୋଗରେ ମରିଯିବାରୁ କର୍ମିଷ୍ଠ ବ୍ରାହ୍ମଣଦ୍ୱାରା ଶବଙ୍କୁ ସଂସ୍କାର କରି ପୂଜା କରାଯିବାରେ ସେ ଶବ ଦେହରେ ଦେବୀ ପ୍ରସନ୍ନ ହୋଇ ଏ ରାଜବାଟିରେ ବାଇଶି ପୁରୁଷ ପର୍ଯ୍ୟନ୍ତ ହଇଜା ବସନ୍ତ ନହେବା ଆଦି କେତେକ ବର ଦେଇ ଅର୍ନ୍ତହିତ ହେବାରୁ ସେ ସ୍ଥାନରେ ଶବକୁ ପୋତି ତା ଉପରେ ଶିବଲିଙ୍ଗ ସ୍ଥାପନ କରିଥିଲେ । ବର୍ତ୍ତମାନ ସେ ବେଲେଶ୍ୱର ନାମରେ ପୂଜାପାଉଛନ୍ତି ।

ସୂର୍ଯ୍ୟମଣି ସିଂହ ଏଠାକାର ପ୍ରଥମ ରାଜା । ତାଙ୍କପରେ
ଦ୍ୱିତୀୟ ଗୋବିନ୍ଦ ସିଂହ
ତୃତୀୟ ଧନୁ ସିଂହ
ଚତୁର୍ଥ ସିଙ୍ଗଲା ସିଂହ
ପଞ୍ଚମ ହରିହର ସିଂହ
ଷଷ୍ଠ ଭଦ୍ର ସିଂହ
ସପ୍ତମ ଗନ୍ଧ ସିଂହ
ଅଷ୍ଟମ ଘନଶ୍ୟାମ ସିଂହ

ଏମାନଙ୍କ କାଳରେ ପ୍ରାୟ କିଛି ପ୍ରଧାନ ଘଟଣା ନାହିଁ କି ଅଛି - କିଛି ଜଣା ଯାଇ ନାହିଁ ।

Digitized by PPRACHIN, SOA

୩. ବାଘା ସିଂହ

ନବମ ରାଜା ବାଘା ସିଂହ ବଡ ପରାକ୍ରମୀ ରାଜାଥିଲେ । ସେ ରଳବଠାରୁ ପୂର୍ବ ଓ ଉତ୍ତର ଦିଗରେ ରାଜ୍ୟ ବିସ୍ତାର କରି ଆସି ମହିପୁର କିଲ୍ଲା ଭାଟସାହି ମୌଜା ଗଡତିଆକୁ ପରାସ୍ତ କଲେ । ସେହିଠାରୁ ଉପସ୍ଥିତ ଟାଉନର ରୁଖିପାହାଡ ପାଦଦେଶସ୍ଥିତ ଏକ ଟାସରା କୁ ଯାଇ ବସିଥିବା ସମୟରେ ଗୋଟିଏ ଖରିଆ ବାହାରିଲା । ରାଜା କୁକୁରକୁ (ଖରିଆ ପଛରେ) ଲଗାଇ ଦେବାରୁ ପ୍ରଥମେ ଖରିଆ କୁକୁରକୁ ଲେଉଟାଇ ପକାଇଲା । ପରେ କୁକୁର ଖରିଆକୁ ମାରିଦେଲା । ରାଜା ଏ ଘଟଣା ଦେଖି ଏହି ସ୍ଥାନ ବଳିଷ୍ଠ ମନେକରି ଏହିଠାରେ ଗିରିଦୁର୍ଗ ସ୍ଥାପନ କରି ରାଜଧାନୀ କଲେ । ସେହି ଟାସରାର ନାମ କୁକୁର ଟାସରା ରଖିଲେ (ଏହା ଅଦ୍ୟାବଧି ଲୋକମୁଖରେ ଏହି ନାମରେ ପରିଚିତ) ।

ବାଘା ସିଂହ ରାଜା ଏହାକୁ ନୂଆ କରି ରାଜଧାନୀ କରି ଗଡ ବସାଇ ଥିବାରୁ ଏହାର ନାମ ରାଜାଙ୍କ ନାମ ଅନୁସାର ବାଘା ନୂଆଗଡ ଦିଆଯାଇଥିଲା । ବର୍ତ୍ତମାନ ଲୋକେ ପ୍ରକୃତ ଘଟଣା ଜାଣି ନପାରି ରୂପାନ୍ତରକରି ବାଘୁଆ ନୁଆଗଡ କହୁଅଛନ୍ତି । ଯେପରି ପୂର୍ବେ ଗାୟତ୍ର, ବିଶ୍ୱେଶ୍ୱରପୁର, ତ୍ରିପୁରା ମଉଜା ବସା ହୋଇଥିଲା, ବର୍ତ୍ତମାନ ରୂପାନ୍ତର ହୋଇ ଗାତିରି, ବିଶସରପୁର, ଟିପୁରା ବୋଲି ଲୋକେ କହୁଛନ୍ତି । ଏଠାରେ ଯେଉଁ ଡମ୍ବ ଗଡତିଆ ଥିଲା ତାହାର ବଂଶଧରମାନେ ପୂର୍ବ ପରିଚିତ ଯେଉଁମାନେ ଗଡକୁ ପରିବାପତ୍ର ବିକିବାକୁ ନିଅନ୍ତି ସେମାନଙ୍କଠାରୁ ଅବଧି ତୋଳା ଅସୁଲ କରି ନେଉଅଛନ୍ତି । ରାଜା ବାଘାସିଂହ ଏଠାରେ ରାଜଧାନୀ କରି ପୋଡା ଗଡ ଗଡତିଆକୁ ଜୟକରି ଗଡକୁ ପୋଡି ଦେଇଥିବାରୁ ତାହାର ନାମ ପୋଡାଗଡ ଥିଲା ।

ସ୍ୱର୍ଗୀୟ ରାଜା ରଘୁନାଥ ସିଂହ ମାନଧାତା ଆପଣା ନାମ ଅନୁସାରେ ପୋଡାଗଡ ପରିବର୍ତ୍ତେ ରଘୁନାଥପୁର ଦେଇଅଛନ୍ତି । ରାଜା ବାଘାସିଂହ ତାପରେ ମାଳିସାହି ଓ ବାଲୁଗାଁ ଗଡତିଆମାନଙ୍କୁ ଜୟକରି ବୌଦର ପୂର୍ବସୀମା ବାଲୁଗାଁ ପର୍ଯ୍ୟନ୍ତ ଜୟକରିଥିଲେ । ମାତ୍ର ରାଜଗିରି ପାହାଡର ଉତ୍ତର ପାର୍ଶ୍ୱ ଜୟକରି ପାରିନଥିଲେ ।

Digitized by PPRACHIN, SOA

ତାପରେ ବାଙ୍କି ରାଜାଙ୍କ ସହିତ ଯୁଦ୍ଧ କରି ଗଡଠାରୁ ପୂର୍ବଉତ୍ତର ଦିଗରେ ବର୍ତ୍ତମାନ ଖଣ୍ଡପଡା ରାଜ୍ୟଭୁକ୍ତଥିବା ଯୋଗିଆପଲ୍ଲୀଠାରୁ ଗୁଣ୍ଢୁଣି ମଉଜା ପ୍ରଭୃତି ଜୟ କରିଥିଲେ ।

ବାଘାସିଂହଙ୍କ ପରେ ୧୦ମ ରାଜା କୃତଜନ ସିଂହ, ୧୧ଶ ରାଜା ଟାଙ୍କୁଲ ସିଂହଙ୍କ ସମୟର କିଛି ଘଟଣା ଜଣାଯାଇନାହିଁ । ଏହାପରେ ଦ୍ୱାଦଶ ରାଜା ହେଲେ ରଘୁନାଥ ସଂହ । ଏହାଙ୍କର ଦୁଇପୁତ୍ର , ପ୍ରଥମ ହରିହର ସିଂହ ଓ ଦ୍ୱିତୀୟ ପୁତ୍ର ଯଦୁମଣି ମଙ୍ଗରାଜ ।

୪. ହରିହର ସିଂହ ଓ ଯଦୁମଣି ମଙ୍ଗରାଜ (ଖଣ୍ଡପଡାର ପ୍ରଥମ ରାଜା)

ଦ୍ୱିତୀୟପୁତ୍ର ଯଦୁମଣି ମଙ୍ଗରାଜ । ଏହାଙ୍କୁ ହରିହର ସିଂହ ଯୋଗିଆପଲି, କାଦୁଆଘଣ୍ଟ ସାହିଠାରୁ ଗୁଣ୍ଢୁରି ପ୍ରଭୃତି କେତେ ଖଣ୍ଡପଡା (ଗ୍ରାମ) ଦେଇଥିଲେ । ସେ ତାଙ୍କ ବାହୁବଳରେ ବୌଦ ଓ ବାଙ୍କିରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି କେତେକ ରାଜ୍ୟ ଜୟକରି ନୟାଗଡରୁ ଖଣ୍ଡକେତେ ପଡା ପାଇଥିବାରୁ ରାଜ୍ୟର ନାମ ଖଣ୍ଡପଡା ଦେଇ ରାଜା ହୋଇଗଲେ । ଏହାଙ୍କର ବଂଶାବଳି ଏ ସଙ୍ଗେ ଯୋଗ ଅଛି ।

ଏ ଖଣ୍ଡପଡାର ପ୍ରଥମ ରାଜା । ହରିହର ସିଂହ ବାଣପୁର ରାଜନନ୍ଦିନୀ ମଣ୍ଡାଦେଇଙ୍କୁ ବିବାହ ହୋଇଥିଲେ । କୌଣସି କାରଣରୁ ହରିହର ସିଂହ ଓ ବାଣପୁର ରାଜାଙ୍କ ସହିତ ଯୁଦ୍ଧ ହୋଇଥିଲା । ସେ ଯୁଦ୍ଧରେ ହରିହର ସିଂହ ବାଣପୁରରୁ କାନ୍ଧମାଳ ଜିଲ୍ଲା ଜୟ କରିଥିଲେ ଏବଂ ପିତା ରଘୁନାଥ ସିଂହଙ୍କ ନାମରେ କରଡା ରଘୁନାଥପୁର ଶାସନ ଓ ବାଉଁଶିଆ ରଘୁନାଥପୁର ଶାସନ ବସାଇଥିଲେ । ନିଜ ନାମରେ ଭିଖାରୀପଡା ହରିହରପୁର ଶାସନ ବସାଇଥିଲେ । ସେହିଦିନଠାରୁ ଲଡୁବାବା (ଲଡୁକେଶ୍ୱର ମହେଶ) ନୟାଗଡର ପ୍ରଧାନ ଦେବତା ରୂପେ ପୂଜା ପାଉଅଛନ୍ତି ।

ପ୍ରବାଦ ଅଛି, ବହୁବର୍ଷପୂର୍ବେ ଅସୁରଢ଼ିପା ମଉଜାରେ ଲୋହାସୁର ନାମରେ ଏକ ଅସୁର ଥିଲା । ସେ ଯୁଦ୍ଧରେ ପରାସ୍ତ ହେବା ସମୟରେ ଗୋଟିଏ ଲୁହା

Digitized by PPRACHIN, SOA

ରୂପରେ ପଡି ରହୁଥିଲା । ତାକୁ ମାରିବା ସକାଶେ ଶିବ ଲ୍ୟାହି ଓ ବ୍ରହ୍ମା ହାତୁରା ହୋଇଗଲେ । ବିଷ୍ଣୁ ସେ ଲୁହାକୁ ଲ୍ୟାହି ଉପରେ ରଖି ହାତୁରାରେ ପିଟି ମାରି ପକାଇଥିଲେ । ଶିବ ଯେଉଁ ଲ୍ୟାହି ହୋଇଥିଲେ ସେ ଲଡୁବାବାଙ୍କ ଲିଙ୍ଗରୂପେ ପୂଜା ପାଉଛନ୍ତି । ଅସୁର ଢ଼ିପା ମଉଜାରେ ଭୂର୍ଗରୁ ଇଟା ଓ ଚୁନ ପ୍ରଭୃତି ଅଦ୍ୟାପି ବାହାରୁଥିବାରୁ ବହୁକାଳ ପୂର୍ବେ ସେଠାରେ ଅସୁର ନିବାସ ଥିବାର ଅନୁମାନ ହେଉଅଛି । ସେ ସମୟରେ ପଞ୍ଚୁପଲ୍ଲୀ ଜିଲ୍ଲା ନନ୍ଦିଘୋର ନିକଟବର୍ତ୍ତୀ କାଙ୍ଗୁଲକଟା ଗିରିଦୁର୍ଗରେ ଏକ ଗଡତିଆ ଥିଲା । ସେ ବଡ ପରାକ୍ରମୀ ଥିଲା ।

ହରିହର ସିଂହ ପଞ୍ଚୁପଲି ଜିଲ୍ଲା ଜୟକରିବା ମାନସରେ ଆକ୍ରମଣ କରି ଦୁର୍ଗ ଭେଦକରି ନପାରି ସେ ଗଡତିଆ ସହିତ ମିତ୍ରତା ସ୍ଥାପନ କଲେ । ପରସ୍ପର ଘନିଷ୍ଠତା ହେଲା ପରେ ଏଠାରୁ ରାଜ ପରିବାର ମାନଙ୍କ ଛଳନାର କୋଡିଏ ଗୋଟି ସୈନିକ ପଠାଗଲା । ସେ ଗଡତିଆ ତାଙ୍କର ଉଆସ ଭିତରକୁ ସବାରି ଯିବାମାତ୍ରେ ତହିଁରୁ ସୈନିକମାନେ ବାହାରି ଗଡତିଆ ଓ ତାର ବଂଶ ନିପାତ କଲେ । ଏଣୁ ତାଙ୍କ ପଛରେ ଅନ୍ୟ ସୈନିକମାନେ ସେମାନଙ୍କୁ ଗଡକୁ ଧ୍ୱଂସ କଲେ ଓ ପଞ୍ଚୁପଲି ଜିଲା ଜୟକଲେ । ବର୍ତ୍ତମାନ ତାହା ଅରଣ୍ୟରେ ପରିଣତ ହୋଇଅଛି । ସେହି ସମୟରୁ "ବାଘାନୂଆଗଡର"ର ଅନ୍ୟନାମ ହେଲା ନବଦୁର୍ଗ ।

ବାଉରୀ ଠାକୁରାଣୀଙ୍କର ବର ଅନୁସାରେ ଏହିଠାରେ ନଅଗୋଟି ଗଡ ଜୟ ସେ କରିଥିଲେ । ୧- ଗୁନାମାଟି, ୨- ହରିପୁର, ୩ - ରଳବ, ୪- ଭାଟସାହି, ୫- ନିଜିଗଡ, ୬- ପୋଡାଗଡ, ୭-କଇନ୍ତେଇ, ୮- ବାଲୁଗାଁ, ୯-କାଙ୍ଗୁଲକଟା ଗଡ ।

ପୂର୍ବରାଜାମାନେ ଯେଉଁ ନଅଗୋଟି ଗଡତିଆମାନଙ୍କୁ ଜୟକରି ରାଜ୍ୟ ବିସ୍ତାର କରିଥିଲେ ସେ ସବୁ ବୌଦ ରାଜ୍ୟର ଅଟେ । ହରିହର ସିଂହଙ୍କର ପୁତ୍ର ଗୋକୁଳେଶ୍ୱର ସିଂହଙ୍କର ନାବାଳକ ଅବସ୍ଥାରେ ହରିହର ସିଂହ ସ୍ୱର୍ଗାରୋହଣ କରିବାରୁ ଗୋକୁଳେଶ୍ୱର ସିଂହଙ୍କର ସାବାଳକ ପର୍ଯ୍ୟନ୍ତ ବୁଦ୍ଧିମତୀ ମଣ୍ଡାଦେଈ ରାଜମାତା ସ୍ୱହସ୍ତରେ ରାଜ୍ୟଭାର ଗ୍ରହଣ କରିଥିଲେ । ଏହି ସମୟରେ କୁରୁଡା ଜିଲାରେ ପ୍ରଜାମାନେ ମେଳି କରିଥିବାରୁ ରାଜମାତା ନିଜେ ଯାଇ ମେଳି (ବିଦ୍ରୋହ) ଶାନ୍ତ କରିଥିଲେ ।

Digitized by PPRACHIN, SOA

୫. ଗୋକୁଳେଶ୍ୱର ସିଂହ

ଗୋକୁଳେଶ୍ୱର ସିଂହ ସାବାଳକ ହୋଇ ସ୍ୱହସ୍ତରେ ରାଜ୍ୟଭାର ଗ୍ରହଣକଲେ । ସେ ବୁଦ୍ଧିମାନ, ପରିଶ୍ରମୀ, କାର୍ଯଦକ୍ଷ ଓ ରାଜନୀତିଜ୍ଞ ଥିଲେ । ସନ ୧୧୭୪ ମସିହାରୁ କେଶରୀ ଓ ଗଙ୍ଗବଂଶୀୟ ରାଜାମାନେ ଓଡ଼ିଶାରେ ରାଜତ୍ୱ କରୁଥିବାରୁ ଗଡ଼ଜାତ ରାଜାମାନେ ତାଙ୍କର ପାରିଦଣ୍ଡରାଜା (କରଦମିତ୍ର ରାଜା) ଥିଲେ । ଗୋକୁଳେଶ୍ୱର ସିଂହଙ୍କର ରାଜତ୍ୱ କାଳରେ ପୁରୀର ମହାରାଜା ମୁକୁନ୍ଦଦେବ ସନ ୧୫୬୮ରେ ଗଙ୍ଗାରେ ଘାଟବନ୍ଧାଇବା ଓ ତୀର୍ଥଯାତ୍ରା କରିବାକୁ ଯିବାରୁ ଗଡଜାତ ରାଜାମାନଙ୍କ ମଧ୍ୟରୁ ଗୋକୁଳେଶ୍ୱରଙ୍କୁ ବିଶେଷ ଉପଯୁକ୍ତ ଦେଖି ଏକବର୍ଷ ସକାଶେ ସମଗ୍ର ଓଡ଼ିଶାର ଦାୟିତ୍ୱ ଦେଇଯାଇଥିଲେ । ପୁରୀ ରାଜାଙ୍କର ଜଣେ କର୍ମଚାରୀ ଜଳପାଣି ସାନ୍ତରାଙ୍କୁ ଗୋକୁଳେଶ୍ୱର ସିଂହ ପୁରୀରୁ ଆଣି ନୟାଗଡ ରାଜ୍ୟର ରାଜ୍ୟଭାର ଦେଇଥିଲେ ।

ମହାରାଜା ମୁକୁନ୍ଦଦେବ ତୀର୍ଥରୁ ଫେରିବା ସମୟକୁ ଓଡ଼ିଶାରେ ପୂର୍ଣ୍ଣଶାନ୍ତି ବିରାଜୁଥିଲା । ମହାରାଜା ମୁକୁନ୍ଦଦେବ ଗୋକୁଳେଶ୍ୱର ସିଂହଙ୍କ ଉପରେ ବିଶେଷ ସନ୍ତୁଷ୍ଟ ହୋଇ ଖିଡିକି ଦାରପାଗ ପ୍ରଭୃତି ରାଜସନାତନ ଓ ଇଟାମାଟି, ବାଉଁସିଆପଡା ପ୍ରଭୃତି ଅନେକ ମୌଜା ପୁରସ୍କାର ସ୍ୱରୂପ ଦେଇଥିଲେ । ଏବଂ ମାନଧାତା ଉପାଧି ପୁରୁଷାନୁକ୍ରମେ ପ୍ରଦତ୍ତ କରିଥିଲେ । ଏହି ରାଜବଂଶରେ ଏ ଜଣେ ପ୍ରଧାନ ପ୍ରଜାପାଳକ ରାଜା ଥିଲେ ।

ଏହାଙ୍କର ସ୍ୱର୍ଗାରୋହଣପରେ ଏହାଙ୍କର ସମାଧି ସ୍ଥାନରେ ଶିବଲିଙ୍ଗ ଗୋକୁଳେଶ୍ୱର ମହାଦେବ ସ୍ଥାପିତ ହୋଇ ଅଦ୍ୟାବଧି ସେବାପୂଜା ପାଉଅଛନ୍ତି । ଯେଉଁ ଜଳପାଣି ସାନ୍ତରା ଏଠାକୁ ଆସିଥିଲେ ତାଙ୍କର ବଂଶଧର ଭରତ ଚରଣ ବକ୍ସି ଓଗେର ଥିଲେ ।

ଗୋକୁଳେଶ୍ୱର ସିଂହ ମାନଧାତାଙ୍କର ସ୍ୱର୍ଗାରୋହଣ ପରେ ତଦୀୟ ପୁତ୍ର ଗଦାଧର ସିଂହ ମାନଧାତା ରାଜା ହେଲେ । ସେ ସମୟରେ ରଣପୁର ରାଜ୍ୟ ସିନ୍ଧୁରିଆ ମଉଜା ପର୍ଯ୍ୟନ୍ତ ବିସ୍ତାର ଥିଲା ଏବଂ ଲାଠିପଡା ମଉଜାରେ ଏକ

Digitized by PPRACHIN, SOA

ସୁଦୃଢ଼ ଦୁର୍ଗ ଥିଲା । ତାହାର ଭଗ୍ନାବଶେଷ ବର୍ତ୍ତମାନ ସୁଦ୍ଧା ରହିଅଛି ।

ଗଦାଧର ସିଂହ ମାନଧାତା ରଣପୁର ରାଜାଙ୍କ ସହିତ ଯୁଦ୍ଧକରି ପ୍ରଥମେ ଲାଠିପଡା ଦୁର୍ଗ ଧ୍ୱଂସକରି କ୍ରମାନ୍ୱୟରେ, ଗଣ୍ଡିବେଢ଼ ଜିଲ୍ଲାର କେତେକ ଅଂଶ ଓ ପୁରା ବଡଦେଶ ଜିଲା ଜୟକରି 'କାକଲମା ଓ ଡୁଲୁବି' ଠାରେ ସୈନ୍ୟ ଜଗାଇଥିଲେ ।

ଲାଠିପଡା ଭଗ୍ନଗଡ଼ର କମଳାକଣରେ କିଛି ଧନଥିବା ଜନରବ ଅଛି । ପ୍ରତାପ ପ୍ରସାଦ ଠାରୁ ବିଜିପୁର ଓ ସଜନାପଡା ଠାରୁ ଶରଣକୁଳ କାଉତରା ପର୍ଯ୍ୟନ୍ତ ଏ ମଉଜା ପ୍ରଜାଙ୍କର ରୀତିନୀତି ଖୋରଧା ପ୍ରଜାଙ୍କ ସହିତ କିଛି ଭିନ୍ନ ନାହିଁ ।

୬. ରଣପୁର ଯୁଦ୍ଧ

କିମ୍ବଦନ୍ତୀ ଅଛିଯେ ରଣପୁର ରାଜାଙ୍କ ପ୍ରସାଦ (ଉଆସ) ପ୍ରଧାନ ଦ୍ୱାରରେ ଗୋଟିଏ କଂସା କବାଟ ଥିଲା । ରଣପୁର ରାଜା ଜଣେ ଭୋଗ ରାଜା ଥିବାରୁ ବିଳମ୍ବିତ ରାତ୍ରିରେ ତାଙ୍କର କଂସା କବାଟ ବନ୍ଦ କରାଯାଉଥିଲା । ସେଥିରୁ ଝଣ କରି ବିରାଟ ଶବ୍ଦ ହେଉଥିଲା ଯାହା ଆଠମାଇଲ ଦୂରେ ଥିବା ନୟାଗଡ ରାଜାଙ୍କ ନିଦ୍ରାରେ ବ୍ୟାଘାତ ଜନ୍ମାଉଥିଲା । ଏହା ଜଣାଇବା ପରେ ରଣପୁର ରାଜା ସେଥିରେ କର୍ଣ୍ଣପାତ କରିନଥିଲେ । ତେଣୁ ନୟାଗଡ ରାଜାଙ୍କର କ୍ରୋଧ ଉତ୍ପନ୍ନ ହୋଇଥିଲା ଓ ତାହା ଶେଷରେ ଯୁଦ୍ଧରେ ପରିଣତ ହେଲା ।

ନୟାଗଡ ରାଜା ସୈନ୍ୟ ସାମନ୍ତ ନେଇ ରଣପୁର ପର୍ଯ୍ୟନ୍ତ ଯୁଦ୍ଧ ପାଇଁ ବାହାରିଲେ । ବାଟରେ ଲାଠିପଡା ନିକଟରେ ରଣପୁର ର ପାଏକ ମାନଙ୍କର ସମ୍ମୁଖୀନ ହୋଇଥିଲେ । ନୟାଗଡ ପାଏକ ସେନାଙ୍କର ଆକ୍ରମଣରେ ରଣପୁରର ପାଏକ ସେନାମାନେ ଛତ୍ରଭଙ୍ଗ କରିଥିଲେ ଓ ନୟାଗଡ ସେନାଙ୍କର ଶକ୍ତିଦେଖି କି କଲା ଲୋ ମା' କହି ପ୍ରତ୍ୟାବର୍ତ୍ତନ କଲେ । ଏହି ଉକ୍ତି ଅନୁସାରେ ସେଠାରେ ଗ୍ରାମର ନାମ 'କାକଲମା' ରଖାଗଲା ।

ଏହି ଯୁଦ୍ଧ ବହୁତ ଦିନ ବ୍ୟାପି ହୋଇଥିଲା । ଏଥିରେ ନିଯିଗଡ ବିଶ୍ୱନାଥ ବେବର୍ତ୍ତାଙ୍କ ପୂର୍ବପୁରୁଷ ଓ ଗଣ୍ଡିବେଢ଼ ପ୍ରଗନା ନୂଆଗାଁ ଲୋକନାଥ ପାଟସାହାଣିଙ୍କ ପୂର୍ବପୁରୁଷ ଓ ଜାଗ୍ରି ଖଏରପଟି କମଳଲୋଚନ ରାଉତରାଙ୍କ

Digitized by PPRACHIN, SOA

ପୂର୍ବପୁରୁଷ ପ୍ରଭୃତି ଯୁଦ୍ଧରେ ଦକ୍ଷତାର ସହିତ କାର୍ଯ୍ୟକରିଥିବାରୁ ରକ୍ତପଟ୍ଟା, ଲୋଥବର୍ଦ୍ଧନ ଓ ମୁଣ୍ଡମରା ଗଡତିଆ ପ୍ରଭୃତି ଅନେକ ଯାଗିର ଜମି ପାଇଥିଲେ । ଯେଉଁମାନେ ସୈନ୍ୟର କାର୍ଯ୍ୟ କରିଥିଲେ ସେମାନଙ୍କୁ କୋଏକାନ ଯାଗିର ଦିଆଯାଇଥିଲା ତାହା କାଳକ୍ରମେ ରଏତିଆ ଏକାନ ଓ ରଏତାନ ହୋଇଅଛି । ଯେଉଁମାନେ ଶତ୍ରୁପକ୍ଷର ପ୍ରଧାନ ସେନାପତିକୁ ମାରିଥିଲେ, ଶତ୍ରୁର ରକ୍ତ ପଟ୍ଟାରେ ଲଗାଯାଇ ପଟ୍ଟା ଦିଆଗଲେ ତାକୁ ରକ୍ତପଟା ଯାଗିର ବୋଲାଯାଏ । ଯେଉଁ ପ୍ରଧାନ ସେନାପତି ଯୁଦ୍ଧରେ ଶତ୍ରୁ ସୈନ୍ୟ ଦ୍ୱାରା ହତ ହୁଏ ତାର ସ୍ତ୍ରୀକୁ ବର୍ତ୍ତନ ସ୍ୱରୂପ ଯେଉଁ ଜମି ଦିଆଯାଏ ତାକୁ ଲୋଥବର୍ତ୍ତନ କୁହାଯାଏ । ଯେଉଁମାନେ ଶତ୍ରୁ ସୈନ୍ୟରୁ ଅନେକ ଲୋକଙ୍କ ମୁଣ୍ଡ ହାଣନ୍ତି ସେମାନଙ୍କୁ ଦିଆଯିବା ଯାଗିରର ନାମ ମୁଣ୍ଡମରା ଯାଗିର । ଯେଉଁମାନେ ସାହାସରେ ଶତ୍ରୁ ଦୁର୍ଗକୁ ଭେଦ କରନ୍ତି ସେମାନଙ୍କୁ ଦିଆଯିବା ଯାଗିରର ନାମ ଗଡତିଆ ଯାଗିର ।

୭. ରାଜା ଗଦାଧର ସିଂହ

ଗଦାଧର ସିଂହ ମାନଧାତାଙ୍କ ରାଜତ୍ୱ କାଳରେ ପଟ୍ଟସେନାନୀ (ପାଟସାହାଣି), ପ୍ରଧାନ (ପଧାନ), ଦଳବେହେରା, ଉଦୟଭାନୁ ଦଳବେହେରା, ଧପଟ ସିଂହ, ଯୁଝାର ସିଂହ, ସଂଗ୍ରାମ ସିଂହ, ରଣ ହାନ୍ଦୋଳ, ଶାର୍ଦ୍ଦୁଳ ସିଂହ, ଉତ୍ତର କବାଟ, ଦକ୍ଷିଣ କବାଟ, ପଶ୍ଚିମ କବାଟ (ପଶ୍ଚିମ ଦିଗର କବାଟ ତୁଲାଇବା ଆଦି), କମାର ମାନଙ୍କୁ ମହାରଣା ଏବଂ ଯେଉଁମାନେ ଯୁଦ୍ଧବେଳେ ଓ ତାପରେ ନିଆକରନ୍ତି ସେମାନଙ୍କୁ ତୋପତି ପ୍ରଭୃତି ଅନେକ ପଦ ବିତରଣ କରିଥିଲେ । ଯେଉଁ ସରବରାକାରମାନେ ଯୁଦ୍ଧକୁ ପାଏକ ଓ ବେଠିଆ ପ୍ରଭୃତି ଯୋଗାଉଥିଲେ ଓ ଯୁଦ୍ଧ ସ୍ଥଳରେ ଉପସ୍ଥିତ ରହୁଥିଲେ ଏବଂ ସରହଦ ମାନଙ୍କରେ ପାଏକଙ୍କୁ ବୁଝାଇ ତତ୍ତ୍ୱ ନେଉଥିଲେ ସେମାନଙ୍କୁ ପ୍ରଚୁର ସରବରାକାରୀ ଜାଗିର ଦିଆ ଯାଇଥିଲା ।

ପ୍ରଥମେ ଲାଗିପଡାଠାରୁ ନୋତର ଓ ଦକ୍ଷିଣ ପୂର୍ବରେ ଗୋଡିପଡା ପର୍ଯ୍ୟନ୍ତ ଜୟ କରିଥିଲେ । କେତେକ ବର୍ଷପରେ ଅବଶିଷ୍ଟାଂଶ ଜୟ କରିଥିଲେ । ଏହାଙ୍କ ସ୍ୱର୍ଗାରୋହଣ ହେବାରୁ ତାଙ୍କ ପୁତ୍ର ରାମଚନ୍ଦ୍ର ସିଂହ ମାନଧାତା ପୂର୍ବପୁରୁଷ

Digitized by PPRACHIN, SOA

ରାଜାହେଲେ । ସେ ବଡ ଧର୍ମ ପରାୟଣ ଥିଲେ । ପୁରୀ ରାଜାଙ୍କ ଅନୁକରଣରେ ଛତିଶାନିଯୋଗ ନିଯୁକ୍ତ କରି ରାଜନୀତି କର ବ୍ୟବହାର କରିଥିଲେ । ଖଏରାତ ମଠ ସ୍ଥାପନ କରିଥିଲେ । ଦେବୋତ୍ତର ଖଞ୍ଜାବାଡି ପୁରୀ ଜଗନ୍ନାଥଯିଉଙ୍କ ମନ୍ଦିର ଅନୁକରଣରେ ନୀତି ଚଳାଇବା ଓ କିଛି ଜଗନ୍ନାଥ ମନ୍ଦିର ଅନୁକରଣରେ ଜିନିଷ ଉପରେ ଭୋଗଖଞ୍ଜା କରିଥିଲେ ।

ବର୍ତ୍ତମାନ ବିରାଜିତି ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ରୁପା ଦୁର୍ଗାଙ୍କ ବିଗ୍ରହ ନିର୍ମାଣ କରାଇଥିଲେ । ଲଡୁବାବାଙ୍କ ମନ୍ଦିରରେ ବିରାଜମାନ ଥିବା ଜଗନ୍ନାଥ ମହାପ୍ରଭୁ ଏଥିପୂର୍ବରୁ ନିଯିଗଡରେ (ବର୍ତ୍ତମାନର ନୟାଗଡ ଟାଉନ) ସେବାପୂଜା ପାଉଥିଲେ । ପ୍ରଥମ ରାଜା ସୂର୍ଯ୍ୟମଣି ସିଂହ ଆଣିଥିବା ଦାନ୍ତ ଦୁର୍ଗାଙ୍କ ପାଖରେ ଶାରଦୀୟ ବାସନ୍ତିକ ପର୍ବ ହେଉଥିଲା । ତାଙ୍କର ଏହି ଧାରଣା ଥିଲା ଯେ ନିଯିଗଡ଼ ଭିତରକୁ ବିଦେଶୀ ଲୋକ (ବାହାର ଗ୍ରାମୀଣ ଲୋକ ବା ପର୍ଯ୍ୟଟକ) ଆସିଲେ ଗରୀବ ହୋଇଥିଲେ ମଠରେ ଖଏରାତ ଖାଇବେ । ଚ଼ଳପକ୍ଷ ଲୋକ ହୋଇଥିଲେ ସାମାନ୍ୟ ପଇସାରେ ଠାକୁର ଭୋଗ ଖାଇବେ । କେହି ଉପବାସରେ ରହିବେ ନାହିଁ । (ପ୍ରାୟ ୧୯୪୦ ମସିହା ପର୍ଯ୍ୟନ୍ତ ଲୋକେ ଦୁଇ ପଇସାରେ ଠାକୁରଙ୍କର ଅନ୍ନ ଭୋଗ ଥାଳି ପାଇ ପାରୁଥିଲେ ।)

ଗୋଠବଣ ରାମଚନ୍ଦ୍ରପୁର ଓ ସିନ୍ଦୁରିଆ ରାମଚନ୍ଦ୍ରପୁର ବ୍ରାହ୍ମଣଶାସନ ବସାଇଥିଲେ । ପୁରୀରୁ ଓ ପୁରୀ ଶାସନମାନଙ୍କରୁ ଅନେକ ବ୍ରାହ୍ମଣ ଓ କରଣ ଆଣି ସେମାନଙ୍କୁ ପ୍ରଚୁର ଦାନ ଓ ଜାଗିରୀ ଖଞ୍ଜିଥିଲେ । ସେମାନେ ଓ ଛତିଶାନିଯୋଗ ମାନେ ନଗଦ ଟଙ୍କା ପାଉଥିଲେ । ଏହାଙ୍କ ସମୟରେ କୌଣସି ରାଜ୍ୟ ବିସ୍ତାର ହୋଇ ନଥିଲା ।

୮. ଚନ୍ଦ୍ରଶେଖର ସିଂହ

ରାଜା ଚନ୍ଦ୍ରଶେଖର ସିଂହଙ୍କର ସ୍ୱର୍ଗାରୋହଣ ହେବାରୁ ଏହାଙ୍କ ପୁତ୍ର ଶ୍ରୀ ଚନ୍ଦ୍ରଶେଖର ସିଂହ ମାନଧାତା ରାଜାହେଲେ ।

ଚନ୍ଦ୍ରଶେଖର ସିଂହ ରାଜାହେବାର କିଛିଦିନପରେ ଘୁମୁସର ରାଜାଙ୍କ ସହିତ ଯୁଦ୍ଧ ହୋଇଥିଲା । ସୁନାମୁହିଁ ଜିଲ୍ଲା କୁରାଳ ମଉଜା ଦ୍ୱିନମଣି ପାଏକରା

Digitized by PPRACHIN, SOA

ତ୍ରିବିକ୍ରମ ପାଏକରା ଯାହାର କି ବାସସ୍ଥାନ ଖୋରଧା ଜିଲ୍ଲା ଥିଲା ସେ ଯୁଦ୍ଧରେ ପ୍ରଧାନ ସେନାପତିଥିଲେ । ସେ ଯୁଦ୍ଧରେ ବିଟୋଳ ଗାଡିଆଠାରୁ ସୁନାମୁହିଁ ମଉଜା ପର୍ଯ୍ୟନ୍ତ ସମଗ୍ର ସୁନାମୁହିଁ ଜିଲ୍ଲା ରାଜା ଚନ୍ଦ୍ରଶେଖର ସିଂହ ମାନଧାତା ଜୟକରିଥିଲେ । ତ୍ରିବିକ୍ରମ ପାଏକରାଙ୍କ ଉପରେ ସନ୍ତୁଷ୍ଟ ହୋଇ ଉତ୍କୃଷ୍ଟ ରଜଦାୟ ଦଣ୍ଡୋର ମଉଜାକୁ ରକ୍ତପଟ୍ଟା ଯାଗ୍ରିରେ ଦେଇଥିଲେ ।

ଏହାଙ୍କ ସମୟ ପୂର୍ବରେ ପ୍ରତିଜିଲ୍ଲାର ଜଣେ ଲେଖାଏଁ ସରଦାର ନିଯୁକ୍ତ କରାଯାଇଥିଲା । ଏହାଙ୍କ ସମୟରେ ତ୍ରିବିକ୍ରମ ପାଏକରାଙ୍କୁ ସୁନାମୁହିଁ ଜିଲ୍ଲା ସର୍‌ଦାରରେ ନିଯୁକ୍ତ କରାଗଲା । ସେ ନିଜ ନାମାନୁସାରେ ଚନ୍ଦ୍ରଶେଖରପୁର ଓ ତାଙ୍କ ରାଣୀଙ୍କ ନାମାନୁସାରେ କୃଷ୍ଣାଦେଇପୁର ଶାସନ ବସାଇଥିଲେ । ଯୁଦ୍ଧ ବିରତି ପରେ ସୁନାମୁହିଁ ମଉଜାର ଗୋଟିଏ ଗଡ କରି ସୈନ୍ୟ ରଖାଇଥିଲେ । ଏହାଙ୍କ ସ୍ୱର୍ଗାରୋହଣ ପରେ ତାଙ୍କପୁତ୍ର ପୁରୁଷୋତ୍ତମ ସିଂ ମାନଧାତା ରାଜାହେଲେ ।

୯. ପୁରୁଷୋତ୍ତମ ସିଂହ ମାନଧାତା

ରାଜା ପୁରୁଷୋତ୍ତମ ସିଂହ ମାନଧାତା ଙ୍କର ତିନିପୁତ୍ର ଥିଲେ । ୧- ମୃତ୍ୟୁଞ୍ଜୟ ସିଂହ, ୨- ନିଳମଣି ଜଗଦେବ, ୩-ପଦ୍ମନାଭ ହରିଚନ୍ଦନ । ଏହାଙ୍କ ସମୟରେ କୌଣସି ବିଶେଷ ରାଜନୈତିକ ଘଟଣା ନଥିଲା । ଏହାଙ୍କ ସମୟରେ ଓଡଗାଁରେ ବିରାଜିତ ରଘୁନାଥଜିଉ ପ୍ରତିଷ୍ଠିତ ହୋଇଥିଲେ । ତାଙ୍କ ରାଜତ୍ୱ କାଳରେ ନିଯିଗଡ (ବର୍ତ୍ତମାନର ନୟାଗଡ ପୁରୁଣା ସହର) ବିଶ୍ୱନାଥ ବେବର୍ତ୍ତା ବଡଜେନା ମହାପାତ୍ରଙ୍କ ପୂର୍ବ ପୁରୁଷ ବୈରାଗୀ ବଡଯେନା ମହାପାତ୍ର ଦେବାନ ଥିଲେ । ସେ ରାମଭକ୍ତ ଥିଲେ । ଏହାଙ୍କୁ ରଘୁନାଥଙ୍କର ସ୍ୱପ୍ନାଦେଶ ହେବାରୁ (ନୟାଗଡପୁରୁଣା ସହରରେ) ସାଗର ପୋଖରୀ ତଳୁ ରାମେଶ୍ୱର ମନ୍ଦିର ଥିବା ସ୍ଥାନ ପାଖରୁ ଦାରୁ ଆଣି ନିଜେ ରାମ ଲକ୍ଷ୍ମଣ ସୀତା ବିଗ୍ରହ ନିର୍ମାଣ କରି ଓଡଗାଁରେ ମଣ୍ଡପ ତିଆରିକରି ପ୍ରତିଷ୍ଠିତ କରିଥିଲେ ।

ରଘୁନାଥଙ୍କ ପଦ୍ମପୃଷ୍ଠରେ ତଳ ଲିଖିତ ଶ୍ଲୋକଟି ଅଙ୍କିତ ଥିବା କିମ୍ବଦନ୍ତୀ ଅଛି ।

Digitized by PPRACHIN, SOA

ଶକାବ୍ଦେ ଶର ମାଙ୍ଗଲ୍ୟେ ରତୁଷ୍ଟ ରତୁନାୟକ
ରାମ ଲକ୍ଷଣ ସଂସ୍ଥାପ୍ୟ ବୈରାଗୀ ପଟ୍ଟନାୟକ ।
ଅଙ୍କନାଂ ବାମତୋ ଗତିଃ ।

ଅଙ୍କମାନଙ୍କର ବାମକୁ ଗତିହେଲେ ଶକାବ୍ଦ ୧୬୮୫ ହେଲା । ୧୬୮୫ ମୁଁ ସନ ୧୭୬୩ ଆଜକୁ ବ ୧୭୨ର୍ଷ ହେଉଅଛି । (ଏଥିରୁ ଜଣା ଯାଉଛିଯେ ଏହି ଇତିହାସ ୧୯୩୫ ମସିହାରେ ଲେଖା ଯାଇଥିଲା ।) ଏ ଦେବ ପୁରି ନରସିଂହପୁର ଶାସନର ବାସୁରଥ ବାଜପେଇ ନାମକ କର୍ମିଷ୍ଠ ବ୍ରାହ୍ମଣଙ୍କ ଦ୍ୱାରା ରଘୁନାଥଙ୍କର ପ୍ରାଣପ୍ରତିଷ୍ଠା କରାଯାଇଥିଲା । ସେହିଦିନଠାରୁ ଶ୍ରୀଯିଉଙ୍କର ମହିମା କ୍ରମାନ୍ୱୟରେ ବୃଦ୍ଧି ହେଉଅଛି ।

ରାଜା ଲଡୁକେଶ୍ୱର ସିଂହ ମାନଧାତାଙ୍କର ରାଜତ୍ୱ କାଳରେ କାନୁମାଳ ପ୍ରଗନା ଭିଖାରିପଡା ଶାସନ ସାଧୁ ରାୟଗୁରୁ କାର୍ଯି ଥାଇ ନିତ୍ୟାନନ୍ଦ କ୍ଷେତ୍ରିବର ସିଂହ ଦେବାନଙ୍କ ସାହାଯ୍ୟରେ ଠାକୁରଙ୍କର ଚାଷ ଜମି ବିସ୍ତାର କରି ଜମି ଭଙ୍ଗାଇ ଚାଷ କରିଥିଲେ । ଏ ରାଜ୍ୟର ପ୍ରତିଗ୍ରାମ ଓ ପ୍ରତିଘରେ ଆଟିକା ଭିକ୍ଷାକରି ପାଟ ପଡିବା ପର୍ଯ୍ୟନ୍ତ ଦେଉଳ ତିଆର କରାଇଥିଲେ । ଅବଶିଷ୍ଟ ଦେଉଳ କାମ କାର୍ଯି ଜଗନ୍ନାଥ ବକ୍ସି ପଟ୍ଟନାୟକଙ୍କ ସମୟରେ ଶେଷ ହୋଇ ସନ ୧୯୦୮ ମସିହାରେ ଠାକୁର ଦେଉଳେ ବିରାଜମାନ କରିଥିଲେ । ସେ ସମୟରେ ଜଣେ କାର୍ଯି ମାସିକ ଟ ୨୦ଙ୍କା, ଜଣେ କରଣ ମାସିକ ଟ୧୫ରେ ଚାଷ, ଯଜମାନି ଆଦାୟ ଦେଉଳ ତିଆରି, ନିତିସେବା ପୂଜା କାର୍ଯ୍ୟ ଦେଖିବା କାମ କରୁଥିଲେ ।

ଏହାଙ୍କର ସ୍ୱର୍ଗାରୋହଣ ହେବାରୁ ଏହାଙ୍କର ପ୍ରଥମ ପୁତ୍ର ମୃତ୍ୟୁଞ୍ଜୟ ସିଂହ ରାଜାହେଲେ । ଦ୍ୱିତୀୟପୁତ୍ର ନିଳମଣୀ ଜଗଦେବ ଙ୍କ ବିଷୟରେ ବର୍ଣ୍ଣନାହେବ । ତୃତୀୟପୁତ୍ର ପଦ୍ମନାଭ ହରିଚନ୍ଦନ, ତାଙ୍କ ପୁତ୍ର ଦାଶରଥି, ତାଙ୍କ ପୁତ୍ର ବ୍ରଜବନ୍ଧୁ ହରିଚନ୍ଦନ । ପ୍ରଥମ ହାତୀ ସାମନ୍ତ (ଗୋପୀନାଥ ସିଂହ), ଦ୍ୱିତୀୟ ବାୟା ସାମନ୍ତ (ରଘୁନାଥ ସିଂହ) ଶ୍ରୀଛାମୁ (ସେତେବେଳର ରାଜା ଓ ନୟାଗଡର ଶେଷରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା)ଙ୍କର ପିତା ମହ ।

Digitized by PPRACHIN, SOA

ମୃତ୍ୟୁଞ୍ଜୟ ସିଂହଙ୍କର ପ୍ରଥମ ସ୍ତ୍ରୀ (ଶ୍ରୀ ବିନାୟକ ସିଂହଙ୍କର ମାତା) ମରିଯାଇଥିବାରୁ ମୃତ୍ୟୁଞ୍ଜୟ ଘୁମୁସର ରାଜନନ୍ଦିନୀ ମଣ୍ଡାଦେଇ ମଣିମାଙ୍କୁ ବିବାହ ହୋଇ ଘୁମୁସର ରାଜ୍ୟରୁ ଅଳସୁ, କମସରା, ମହୁଲିଆ ତିନିଖଣ୍ଡ ଗ୍ରାମ ଜଉତୁକ ପାଇଥିଲେ । ଏହି ମଣିମା ମଣ୍ଡା ପୋଖରି (ନୟାଗଡ ପୁରୁଣା ସହରର ଗୋଟିଏ ପୋଖରିର ନାମ) କରିଥିଲେ ।

ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା ବିଶେଷ ଗୀତବାଦ୍ୟ ଓ ନୃତ୍ୟପ୍ରିୟ ଥିଲେ । ନିଜେ ଗୀତ ବାଦ୍ୟ ଜାଣୁଥିଲେ । ତାହାଙ୍କର ବ୍ୟବହୃତ ମେଘା ନାମକ ମର୍ଦ୍ଦଳ ଶ୍ରୀ ଦୁର୍ଗାଦେବୀଙ୍କ ମନ୍ଦିରରେ ରହିଅଛି । ଏ ମର୍ଦ୍ଦଳ ବଜାଇବା ସମୟରେ ଏହାଙ୍କ କରସ୍ଥିତ ସୁନାଖଡୁ କୋମଳତା ବଶତଃ ଓହଳି ପଡୁଥିବାରୁ ସେଥିରେ ଅନ୍ୟ ଟାଣ ସୁନା ମିଶାଇ ନିଜ ନାମାନୁସାରେ ଜୟମଙ୍ଗ ନାମରେ ପ୍ରତିମା ତିଆର କରାଇ ପୂଜା କରିଥିଲେ । ବର୍ତ୍ତମାନ ଏ ଠାକୁର ଟ୍ରେଜରୀରେ ଅଛନ୍ତି । ଏହାଙ୍କ ସମୟକୁ ଓଡ଼ିଶା ମରହଟ୍ଟାମାନଙ୍କ ଅଧିକାରରେ ଥିଲା । ଏ ରାଜ୍ୟର ପେସକସ ଟ ୨୨୨୨ ଥିଲା । ଦୁଇବର୍ଷର ପେସ୍‌କେସ ବାକି ରହିବାରୁ ମରହଟ୍ଟାମାନେ ଏ ଷ୍ଟେଟ ନିଜ ଦଖଲକୁ ନେଇଥିଲେ ।

ରାଜା ବହୁ ପରିଶ୍ରମ କରି ମରହଟ୍ଟାମାନଙ୍କୁ ହାତରୁ ଆଣିଲେ ମାତ୍ର ପେସ୍‌କେସ୍ ଟ ୫୫୫୫ ହେଲା । ଏହା ବର୍ତ୍ତମାନ ସୁଦ୍ଧା ରହିଅଛି । ରାଜା ମୃତ୍ୟୁଞ୍ଜୟ ସିଂହଙ୍କର ପୁତ୍ର ବିନାୟକ ସିଂହ ସାବାଳକ ହେବା ପୂର୍ବରୁ ସ୍ୱର୍ଗାରୋହଣ କରିଥିଲେ । ପୁରୀ ଶ୍ରୀ ପୁରୁଷୋତ୍ତମପୁର ବା ବୀର ପୁରୁଷୋତ୍ତମପୁର ନିବାସୀ ରାମକୃଷ୍ଣ ମିଶ୍ର ନାମକ ଜଣେ ଲୋକ ମରହଟ୍ଟାମାନଙ୍କୁ ଅନେକ ସାହାଯ୍ୟ କରିଥିବାରୁ ମରହଟ୍ଟାମାନଙ୍କର ନାଏବ ରାଜା ରାମ ପଣ୍ଡିତଙ୍କର ଆସିଷ୍ଟାଣ୍ଟ ସ୍ୱରୂପ ନୟାଗଡରେ ରହି କାର୍ଯ୍ୟ କରୁଥିଲେ । ମହାନଦୀର ଦକ୍ଷିଣରେ ଥିବା ଗଡଜାତର ରାଜାମାନେ ରାମକୃଷ୍ଣଙ୍କର ପାଖରେ ଖଜଣା (ପେସ୍‌କେସ୍) ଦାଖଲ କରୁଥିଲେ । ରାମକୃଷ୍ଣ ପରମାର୍ଥ ଥିଲେ । ମୃତ୍ୟୁଞ୍ଜୟ ସିଂହମାନଧାତା ତାଙ୍କଠାରୁ କୃଷ୍ଣମନ୍ତ୍ର ଗ୍ରହଣ କରି ଗୁରୁ କଲାରୁ ସେ ରାଜ୍ୟ ସମ୍ବନ୍ଧରେ ଚେଷ୍ଟା କରିଥିଲେ ।

ରାଜା ରାମକୃଷ୍ଣଙ୍କୁ ରାଜଗୁରୁ କରି ଅନେକ ଜମି ଓ ଘରବାରି ଦେଇ ରଖିଥିଲେ । ରାମକୃଷ୍ଣ ମରିଯିବାରୁ ତାଙ୍କର ପୁତ୍ର ସନାତନ ରାଜଗୁରୁଙ୍କୁ

Digitized by PPRACHIN, SOA

ଦେବାନ୍ କରିଥିଲେ । ରାଜା ରାଣୀଙ୍କ ନାମାନୁସାରେ ମୃତ୍ୟୁଞ୍ଜୟପୁର ହୀରାଦେଇପୁର ଶାସନ ବସାଇଥିଲେ ।

୧୦. ରାଜଭ୍ରାତା ନିଳମଣି ଜଗଦେବ

ରାଜା ମୃତ୍ୟୁଞ୍ଜୟ ସିଂହଙ୍କର ସ୍ୱର୍ଗାରୋହଣ ପରେ ରାଜଭ୍ରାତା ନିଳମଣି ଜଗଦେବ ଓ ପଦ୍ମନାଭ ହରିଚନ୍ଦନ ସାମନ୍ତ ଦେବାନ ପ୍ରଭୃତି ବିନାୟକ ସିଂହଙ୍କୁ ରାଜା କଲେ । କେତେକ ବର୍ଷ ଗଲା ପରେ ନିଳମଣି ଜଗଦେବ ମନ୍ଦଲୋକଙ୍କ କୁପରାମର୍ଶରେ ପଡି ରାଜା ବିନାୟକଙ୍କୁ ମାରି ନିଜେ ରାଜା ହେବାର ଚେଷ୍ଟାକଲେ । ସେ ସମୟରେ ଗଡ ଚତୁଃପାର୍ଶ୍ୱ ବିଶେଷ ଜଙ୍ଗଲ ଥିଲା । ଦେଉଳ ମୁଣ୍ଡିଆରେ ଗୁପ୍ତଭାବେ ମାରଣ କର୍ମ ହେଲା । ମାରଣ କର୍ମ ଆରମ୍ଭ ଦିନଠାରୁ ରାଜାଙ୍କର କ୍ରମାନ୍ୱୟରେ ରୋଗ ବଢ଼ିଲା । କର୍ମର ବାରଦିନ ସମୟକୁ ରାଜାଙ୍କର ଆସନ୍ନ ମୃତ୍ୟୁ ସମୟ ହୋଇଥିଲା ମାରଣକର୍ମ ୧୩ ଦିନରେ ସମାପ୍ତ ହୋଇଥିଲେ ରାଜା ସେହିଦିନ ମରିଯାଇଥାଆନ୍ତେ । ମାତ୍ର କର୍ମର ୧୨ଦିନ ରାତ୍ରକୁ ଗୋଟିଏ ଲୁହାର କଣ୍ଟା ଓ ମନ୍ଦାରଫୁଲ ଆବଶ୍ୟକ ହେଲା । କାରଣ କର୍ମ ସମାପ୍ତ ସମୟରେ ପିତୁଳା ମୁଣ୍ଡରେ ମନ୍ଦାର ଫୁଲ ଦେଇ ବୁକୁରେ କଣ୍ଟା ମାରିଦେଲେ ରାଜା ମରିଯିବେ । ଦେବାନଙ୍କର ଶଳା ଜଗନ୍ନାଥ ରଥ ସେମାନଙ୍କ ଭିତରୁ ଜଣେ । ଜଗନ୍ନାଥ କହିଲେ "ମୋ ସାଙ୍ଗରେ ମଣିଷ ଆସିଲେ ମୁଁ ଆଣିବି" କହି କେତେ ଲୋକଙ୍କ ସହିତ ଆସିଲେ । ଲୋକମାନଙ୍କୁ ଦେବାନଙ୍କ ବାରି କଇଁଆ ଗଛ ମୂଳେ ବସାଇ ଦେଇ ଜଗନ୍ନାଥ ଦେବାନଙ୍କ ବାରିଘରେ ଡାକିଲେ । କବାଟ ଫିଟିଲା, ଘରକୁ ଆସିଲେ । ଦେବାନଙ୍କ ସ୍ତ୍ରୀ ଜଗନ୍ନାଥଙ୍କ ଭଉଣୀ ପଚାରିଲେ ତୁ ଏତେ ରାତିରେ କୁଆଡେ ଆସିଲୁ । ଜଗନ୍ନାଥ କହିଲେ "ଗାଇଟା ହଜିଲା ତାକୁ ଖୋଜି ଖୋଜି ଏତେ ରାତି ହୋଇଗଲା", ମୁଁ ଆଜି ଦିନ ତମାମ ଖାଇନାହିଁ । ଭଉଣୀ କହିଲେ "ଭାତ ଖାଇପକା" ଜଗନ୍ନାଥ କହିଲେ, "ଭିଣୋଇଁ ଆସିବେ, ମୁଁ ପଳାଉଛି" ଭଉଣୀ ଅନେକ କହିବାରୁ ଅନବସ୍ଥିତ ଚିତ୍ତରେ ଖାଇ ବସିଲେ । ଜଗନ୍ନାଥ ଖାଉଛନ୍ତି ଏପରି ସମୟରେ ଦେବାନ ଆସିବା ସବାରି ବେହେରା ଡାକ ଶୁଭିଲା । ଡାକ ଶୁଣି ଜଗନ୍ନାଥ ବିଶେଷ ଚଞ୍ଚଳ ହେଲେ । ଏ ସମୟେ ଦେବାନ ଆସି

Digitized by PPRACHIN, SOA

ଘରେ ପାଇଗଲେ । ଦେବାନଙ୍କୁ ତାଙ୍କୁ ସ୍ତ୍ରୀ କହିଲେ ଜଗନ୍ନାଥ ଏତେ ରାତ୍ରିରେ ବାରିଆଡୁ ଆସିଲା । କାହିଁକି ଛନ ଛନ ହେଉଅଛି । ତୁମକୁ ଡରୁଛି । ଦେବାନ କହିଲେ "ଜଗନାଥ, କିଛି ଭୟ ନାହିଁ, ଖାଇପକା" ଜଗନ୍ନାଥ ଖାଇ ସାରିଲାରୁ ତାକୁ ଗୋଟିଏ ଘରକୁ ଡାକିନେଇ କହିଲେ, "ଘଟଣା ସବୁ ମୁଁ ଜାଣିଛି, ସବୁ ସତ କହିଦିଅ । ନଚେତ୍ ଏହି କୋରଡାରେ ମାରି ଠିକ୍ କରିଦେବି ।" ତହୁଁ ଜଗନ୍ନାଥ ସମସ୍ତ ବିଷୟ କହିଲେ । ଦେବାନ ତତ୍କ୍ଷଣାତ୍ ଜଗନ୍ନାଥକୁ ଘରେ ପୁରାଇ ଚାବି ବନ୍ଦକରି ରାଜାଙ୍କ ନିକଟରେ ଯାଇ ପହଞ୍ଚିଲେ । ନିଳମଣି ଜଗଦେବଙ୍କୁ କୌଶଳରେ "ରାଜାତ ମରିଯିବେ, ଦଦାଙ୍କୁ ଟିକିଏ ଦେଖିବେ ବୋଲି ଡାକି ପଠାଇଲେ ।

ନିଳମଣି ଜଗଦେବ ଆସିବାରୁ ତାଙ୍କୁ ଗୋଟଘରେ ବନ୍ଦକରି ଚାବି ପକାଇଦେଲେ । ଏଣେ ପାଏକ, ନଗଦିଆପାଏକ, ହଜୁରି ପାଏକ ମାନଙ୍କୁ ଦୁଇଦଳ କରି ଏକଦଳଙ୍କୁ ସିନ୍ଦୁରିଆ ପଟୁ ଅନ୍ୟଦଳଙ୍କୁ ଗଉଡସାହି ପଟୁ, ପଠାଇ ମାରଣ କର୍ମ କରିଥିବା ଓ ସାହାଯ୍ୟ କାରୀଙ୍କୁ ଧରିଆଣିଲେ ଓ ପିତୁଳା ପ୍ରଭୃତି ନଷ୍ଟ କରିଦେଇଥିଲେ । ମାରଣ କର୍ମ ବ୍ୟର୍ଥ ହେବାରୁ ରାଜାଙ୍କ ଶରୀର କ୍ରମେ ଆରୋଗ୍ୟ ହୋଇଗଲା । ବାର ବିସା ଲୁହାରେ ତାଙ୍ଗିଆ ସାଙ୍କୋଳି କରାଯାଇ ନିଳମଣି ଜଗଦେବଙ୍କ ଗୋଡରେ ଦିଆଯାଇ ଦାରୁ ଘରେ ବନ୍ଦକରାଗଲା । ତାଙ୍କୁ ପ୍ରତିଦିନ ବରଡା ଚାଉଳ ଏକ ଆଞ୍ଜୁଳା ଓ ଲୁଣ ଏକ ପୋଷ ଆହାର ସକାଶେ ଦିଆ ଯାଉଥିଲା । ସାମାନ୍ୟ ଦିନ ଯାପନ କରି ପ୍ରାଣତ୍ୟାଗ କଲେ । ତାଙ୍କର ଅନ୍ତର ବଂଶଧର ରାମଚନ୍ଦ୍ର ଦାସ ସୁନାମୁହିଁ ପ୍ରଗନା କଣମରାଇ ସାହିରେ ଅଦ୍ୟପି ଅଛନ୍ତି । ଅନ୍ୟମାନଙ୍କୁ ମଧ୍ୟ କଠୋର ଦଣ୍ଡ ଦିଆଯାଇଥିଲା । ଦେବାନଙ୍କୁ ପ୍ରଚୁର ପୁରସ୍କାର ଦିଆଯାଇଥିଲା ।

ଏ ରାଜା ଶୂର, ବୀର, ବୁଦ୍ଧିମାନ, ଶକ୍ତିଶାଳୀ, ଧର୍ମଭୀରୁ ଥିଲେ । ବିନାୟକ ସିଂହଙ୍କୁ ଥରେ ଶକ୍ତ ବସନ୍ତ ରୋଗ ହୋଇଥିଲା । ତାଙ୍କୁ ଗୋଟିଏ ଘରେ ଏକ ଚାଖଣ୍ଡ ବହଳ ଘଷି ପାଉଁଶରେ ଶୁଆଇ ଦିଆ ଯାଇଥାଏ । ଏହି ସମୟେ ଖଣ୍ଡପଡ଼ାର ରାଜା ନୃସିଂହ ଭ୍ରମରବର ରାଏ (ଯେ କି ବିନାୟକଙ୍କର ଜ୍ଞାତିୟ ଦାଦି ହେବେ) ଦେଖିବାକୁ ଆସି ଦ୍ରୌପଦୀ ଧାଇ ସହିତ ବିନାୟକ

Digitized by PPRACHIN, SOA

ସିଂହଙ୍କୁ ଦେଖିବାକୁ ଗଲେ । ପୁତୁରା ରାଜାଙ୍କର ଅବସ୍ଥା ଦେଖି ବଞ୍ଚିବାର ଆଶା ନଦେଖି ମନ ଖରାପ କରିଦେଲେ । ବିନାୟକ ସିଂହ ଖଣ୍ଡପଡା ରାଜାଙ୍କ ମୁହଁକୁ ଦେଖି ତାଙ୍କ ମନୋଗତ ଭାବକୁ ବୁଝିପାରି ହଠାତ୍ କାନ୍ଥକୁ ଆଉଜି ନିଶରେ ହାତ ପକାଇ କହିଲେ, ଦାଦା ମନେ କରିଛକି ବିନାୟକ ଆନ ହୋଇଯିବ, ତାହା ହେବନାହିଁ, କଣ୍ଟିଲୋ ନିଳମାଧବଯିଉଙ୍କ ଘାଟରେ ମହାନଦୀରେ ଆରୋଗ୍ୟ ସ୍ନାନ ହେବ । ଖଣ୍ଡପଡା ରାଜା ଏହା ଶୁଣି କିଛି ନକହି ଚାଲି ଗଲେ ।

କେତେଦିନ ପରେ ରାଜା ଲହୁଣି ନିମ ହଳଦୀ ଲଗାଇ ଅଶ୍ୱାରୋହଣ ପୂର୍ବକ ଯାଇ ଖଣ୍ଡପଡା ରାଜାଙ୍କ ଘରେ ଗୋଟିଏ ସାବେଳି (ଅସ୍ତ୍ରବିଶେଷ) ପୋତି ଦେଇ କଣ୍ଟିଲୋ ଚାଲିଗଲେ । ସ୍ନାନାନ୍ତେ ଫେରିଲା ବେଳକୁ ଖଣ୍ଡପଡା ରାଜା ବାଟ ଜଗି ସାଦର ପୂର୍ବକ ତାଙ୍କୁ ରାଜବାଟିକୁ ନେଇ ଭୋଜନାଦି କରାଇ କାଦୁଆ,ଘଣ୍ଟାସାହି ମଉଜା ଦୁଇଖଣ୍ଡି ହଳଦି ସହିତ ତଳେ ଦେଇ କ୍ରୋଧ ଶାନ୍ତ କରାଇ ବିଦାୟ ଦେଇଥିଲେ ।

ଏହାଙ୍କ ସମୟରେ ମରହଟ୍ଟାମାନେ ଇଂରେଜମାନଙ୍କୁ ଓଡ଼ିଶା ଛାଡିଦେବାରୁ ଗଡଜାତର ରାଜାମାନେ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ସହିତ କେତେ ସର୍ତ୍ତରେ ସନ୍ଧି କରିଥିଲେ । ତାହା ସର୍ବସାଧାରଣ ପୂର୍ଣ୍ଣଭାବରେ ଜାଣି ନଥିବାରୁ ଅଂଶିକ ପ୍ରକାଶ ପାଇଅଛି । ବଂଶ ସମ୍ବନ୍ଧରେ ସତର ସବାଲ ଓ ରାଜ୍ୟ ସମ୍ବନ୍ଧରେ ପଚିଶ ସବାଲ ତାହାର ଅଂଶ ।

୧୧. ସତର ସବାଲ

୧. ଆମ୍ଭପରେ ଆମ୍ଭପୁତ୍ର ରାଜା ହେବେ ।

୨. ପୁତ୍ର ନଥିଲେ ଆମ୍ଭେ କିମ୍ବା ଆମ୍ଭ ରାଣୀଙ୍କ ଅନୁମତିରେ ଆମ୍ଭଭାଇ ରାଜା ହେବେ ।

୩. ଭାଇ ନଥିଲେ ପୁତୁରା ରାଜା ହେବେ ।

୪. ପୁତୁରା ନଥିଲେ ଲଗ୍ନିକ ଜ୍ଞାତି ରାଜାହେବେ ।

୫. କେହି ନଥିଲେ ଫୁଲବାଇ (କୋଠଲୋକ ବା ରକ୍ଷିତା)ର ପୁଅ ରାଜାହେବ ।

Digitized by PPRACHIN, SOA

୬. ଫୁଲବାଇର ପୁତ୍ର ନଥିଲେ ଦାସୀପୁତ୍ର ରାଜା ହେବ ।

୭. କେହି ନଥିଲେ ଝିଅକୁ ରାଜ୍ୟ ଦେଇପାରିବୁ (ସେ ଯଦି ଅବିବାହିତା ଥାନ୍ତି)

୮. ଆମ୍ଭ ଅନୁମତି ଅନୁସାରେ ରାଣୀମଧ୍ୟ ଚାରିଗୋଟି ପର୍ଯ୍ୟନ୍ତ ପୋଷ୍ୟପୁତ୍ର କରିପାରିବେ ।

୯. ଆମ୍ଭେ ପୁତ୍ରାର୍ଥରେ ୪ ଗୋଟି ପର୍ଯ୍ୟନ୍ତ ରାଣୀ ବିବାହ କରି ପାରିବୁ ।

୧୦. ପୋଷ୍ୟପୁତ୍ର କରିବା ଅଧିକାର ବଡ ରାଣୀଙ୍କର ରହିବ ।

୧୧. ଆମ୍ଭ ରାଣୀମାନଙ୍କ ଗର୍ଭରୁ ଅନେକ ପୁତ୍ର ହେଲେ ମଧ୍ୟ ଯେଉଁ ରାଣୀଙ୍କର ପୁତ୍ର ଜ୍ୟେଷ୍ଠ ହେବ ସେ ରାଜା ହେବ ।

୧୨. ଆମ୍ଭର କେହିନଥିଲେ ଝିଅର ପୁତ୍ର ନାତିକୁ ମଧ୍ୟ ରାଜ୍ୟ ଦେଇ ପାରିବୁ ।

୧୩. ଆମ୍ଭେ ପୋଷ୍ୟପୁତ୍ର କଲାପରେ ଯଦି ଜନ୍ମିତ ପୁତ୍ର ହୁଏ, ତେବେ ଜନ୍ମିତ ପୁତ୍ର ରାଜା ହେବ, ପୋଷ୍ୟପୁତ୍ର ଜଗଦେବ ହେବ ।

୧୪. ଆମ୍ଭର ବାରସଦାର ଥିଲେ ମଧ୍ୟ ଆମ୍ଭେ ପୋଷ୍ୟପୁତ୍ର କରିପାରିବୁ ।

୧୫. ଆମ୍ଭର କେହି ପରପୁରୁଷ ଉତ୍ତରାଧିକାରୀ ଅବିବାହିତ ଅବସ୍ଥାରେ ମୃତ ହେଲେ ନିକଟ ଜ୍ଞାତି ହକଦାର ହେବେ ।

୧୬. କୋଠଲୋକର ପୁତ୍ର ନଥିଲେ ଦାସୀ ପୁତ୍ର ରାଜା ହେବ ।

୧୭. କେହି ନଥିଲେ ବେଶ୍ୟାପୁତ୍ର ରାଜା ହେବ ।

ଏହି ରାଜା ପରସ୍ତ୍ରୀ ହରଣ ନିବାରଣ ଓ ଜାତୀୟ ଉନ୍ନତି ପାଇଁ ବିଶେଷ ଦୃଷ୍ଟି ଦେଇଥିଲେ ।

୧୨. ପଚିଶ ସବାଲ

୧. ଆମ୍ଭେ ଗଭର୍ଣ୍ଣମେଣ୍ଟଙ୍କୁ ବାର୍ଷିକ କର ପେସ୍‌କେସ୍ ଟ ୫୫୫୫/- ଦେବୁ ।

୨. ଆମ୍ଭେ ଭାରତ ସମ୍ରାଟଙ୍କର ପାରିଦଣ୍ଡ ରାଜା (କରଦ ମିତ୍ର ରାଜା) ଆବଶ୍ୟକ କାର୍ଯ୍ୟରେ ସାହାଯ୍ୟ କରିବୁ ।

୩. ଆମ୍ଭ ରାଜ୍ୟମଧ୍ୟରେ ଭାରତ ସର୍କାରଙ୍କର ସୈନ୍ୟ କିମ୍ବା ଉଚ୍ଚପଦସ୍ଥ କର୍ମଚାରୀ ଗଲେ ରସେଦ (ସେବା) ଯୋଗାଇବୁ ।

Digitized by PPRACHIN, SOA

୪. ଆମ୍ଭ ରାଜ୍ୟରେ ଆମ୍ଭେ ମାଜିଷ୍ଟ୍ରେଟ କ୍ଷମତା ଯାହା କଲେକ୍ଟର ମାନେ ବ୍ୟବହାର କରନ୍ତି ତାହା ବ୍ୟବହାର କରିବୁ ।

୫. ଦେବାନି ମକଦମ୍ମାରେ ଆମ୍ଭେ ଜଜ୍‌ଙ୍କ କ୍ଷମତା ବ୍ୟବହାର କରିବୁ ।

୬. ପୁଲିସ୍, ଫରେଷ୍ଟ, ରେଭିନିଉ ପ୍ରଭୃତି ସବୁ ଡିପାର୍ଟମେଣ୍ଟର ପୁରା କ୍ଷମତା ବ୍ୟବହାର କରିବୁ ।

୭. ଆମ୍ଭ ରାଜ୍ୟରେ ସେଟ୍‌ଲମେଣ୍ଟ କରି ଖଜଣା ବୃଦ୍ଧି କରିପାରିବୁ ।

୮. ନାଉଲି, ବିବାହ ଓ ଶୁଦ୍ଧ କାର୍ଯ୍ୟରେ ପ୍ରଜାଙ୍କ ଉପରେ ମାଗଣା ଧାର୍ଯ୍ୟ କରି ଆଦାୟ କରିପାରବୁ ।

୯. ଆମ୍ଭ ରାଜ୍ୟର ସୀମା ସଂକ୍ରାନ୍ତ ଗୋଳମାଳହେଲେ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇବୁ । ଯୁଦ୍ଧ କରିବୁ ନାହିଁ ।

୧୦. ଆମ୍ଭେ ପଡୋଶୀ ରାଜା ବା କାହାସଙ୍ଗେ ଯୁଦ୍ଧ କରିବୁ ନାହିଁ ।

୧୧. ଆମ୍ଭ ରାଜ୍ୟରେ ମେଳି ହେଲେ ମେଳିଆ ମାନଙ୍କର ପ୍ରାଣ ନାଶ କରିବୁ ନାହିଁ । ଗଭର୍ଣ୍ଣମେଣ୍ଟକୁ ଜଣାଇବୁ ।

୧୨. କୌଣସି ରାଜବିଦ୍ରୋହି ଲୋକଙ୍କୁ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇ ରାଜ୍ୟରୁ ବାହାର କରିପାରିବୁ ବା ତାହା ସମ୍ପତ୍ତି ବାଜ୍ୟାପ୍ତି କରି ପାରିବୁ ।

୧୩. ଆମ୍ଭେ ଦାନ, ଦେବୋତ୍ତର, ଖଏରାତ, ସମସ୍ତ ପ୍ରକାର ଜାୟଗିରି ପ୍ରଭୃତି ସତ୍ତ୍ୱର ଜମି ଦେଇ ପାରିବୁ ।

୧୪. ଆମ୍ଭେ ଭାଇମାନଙ୍କୁ ରାଜ୍ୟରୁ ଭାଗ ନ ଦେଇ ଉପଯୁକ୍ତ ବୃତ୍ତି ଖଞ୍ଜିଦେବୁ ।

୧୫. ଆମ୍ଭେ ଜଙ୍ଗଲରେ ହାତୀ ଧରି ପାରିବୁ ଓ ତାହା ବିକ୍ରୀ କରିପାରିବୁ ।

୧୬. ଆମ୍ଭ ରାଜ୍ୟରେ କିଛି ଖଣିଜ ପଦାର୍ଥ ବାହାରିଲେ ସେଥିରେ ଆମ୍ଭେ ପୂର୍ଣ୍ଣ ଅଧିକାରୀ ହେବୁ ।

Digitized by PPRACHIN, SOA

୧୭. ପ୍ରଜାମାନେ ଯେପରି ସୁଖ ସ୍ୱଚ୍ଛନ୍ଦରେ ରହିବେ ସେଥିପ୍ରତି ଆମ୍ଭେ ସର୍ବଦା ତତ୍ପର ଥିବୁ ।

୧୮. ଆମ୍ଭ ରାଜ୍ୟରେ ଆମ୍ଭେ ଆବଶ୍ୟକମତେ ନୂଆ ନିୟମ ଚଳାଇ ପାରିବୁ ।

୧୯. ପୂର୍ବ ରାଜାମାନେ ଯେଉଁମାନଙ୍କୁ ଯେଉଁ ସତ୍ତ୍ୱ ଓ ସମ୍ମାନ ଦେଇଛନ୍ତି, ବିନା କାରଣରେ ତାହା ପରିବର୍ତ୍ତନ କରିବୁ ନାହିଁ ।

୨୦. ଆମ୍ଭେ ଦେବାନ ମୁକରିର କରି ଗଭର୍ଣ୍ଣମେଣ୍ଟ୍‌କୁ ଜଣାଇଦେବୁ ।

୨୧. ଆମ୍ଭେ କମାଣ (ତୋପ) ପ୍ରଭୃତି ଯାବତୀୟ ଅସ୍ତ୍ରଶସ୍ତ୍ର ରଖିପାରିବୁ ଓ ବ୍ୟବହାର କରିପାରିବୁ ।

୨୨. ଆମ୍ଭେ ସେଟଲମେଣ୍ଟ ପ୍ରଭୃତିରେ ଭୂକର ଆଦି ବୃଦ୍ଧି କଲେ ଗଭର୍ଣ୍ଣମେଣ୍ଟଙ୍କୁ ଅଧିକ ପେସ୍‌କେସ ଦେବୁ ନାହିଁ ।

୨୩. ଗଭର୍ଣ୍ଣମେଣ୍ଟଙ୍କର କେହି ବିଦ୍ରୋହୀ ଲୋକ ଆମ୍ଭ ରାଜ୍ୟକୁ ଆସିଲେ ତତ୍‌କ୍ଷଣାତ୍ ଗିରଫ କରି ଜଣାଇବୁ ।

୨୪. ଆମ୍ଭର ଜ୍ଞାତିମାନଙ୍କୁ ଉପଯୁକ୍ତ କରି ଉଚ୍ଚପଦ ଦେବୁ ଓ ତାଙ୍କର ଚଳିବା ମାଫକ ଭୂସମ୍ପତ୍ତି ଦେବୁ ।

(ପାଣ୍ଡୁଲିପିରେ ଲେଖକ ୧୧ ନମ୍ବର ସବାଲ ଟି ଛାଡି ଯାଇଥିବାରୁ ଏହା ଚବିଶ ସବାଲ ହୋଇ ରହିଲା)

୧୩.ରାଜା ବିନାୟକ ସିଂହ

ରାଜା ବିନାୟକ ସିଂହ ମାନଧାତା ଉପର ଲିଖିତ ଚୁକ୍ତିପରେ ବହୁତ ଭଲ ଭଲ ମଉଜା ତରଫକୁ ଘେନି ଆଣିଥିଲେ । ସେ ସରଘର ଖଞ୍ଜା ଓ ଖମାର ବନ୍ଦୋବସ୍ତ କରିଥିଲେ । ମେଲ ସର୍ଭେଣ୍ଟ ମାନଙ୍କ ସକାଶେ ଉତ୍କୃଷ୍ଟ ଶିଖରପୁର, ପୋଡା, ଶରଣକୁଳ, କାଳିକା ପ୍ରସାଦ, ଆର୍ଗିସିଙ୍ଗ ମଉଜା ଖଞ୍ଜିଥିଲେ । ଦେବୋତ୍ତର, ଦାନ, ଖଏରାତରେ ଭଲ ଭଲ ମଉଜା ଖଞ୍ଜିଥିଲେ । ଏହାଙ୍କର ରାଜତ୍ୱକାଳରେ ଧରାକୋଟର ଅନେକ ଜାତିଆ ଭାଇପୁଅ ବିଦ୍ରୋହୀ ହୋଇ ଆଶ୍ରୟପ୍ରାର୍ଥୀ ହେବାରୁ ତାଙ୍କୁ କିଛି କିଛି ଜମି ଦେଇ ସୁନାମୁହିଁ ପ୍ରଗନା ପାଏକ

Digitized by PPRACHIN, SOA

ବାଙ୍କତରା ମଉଜାରେ ରଖିଥିଲେ । ସେମାନଙ୍କ ମଧ୍ୟରୁ କେତେ ଜଣ ଧରାକୋଟ ଚାଲିଗଲେ । ବାକି ଯେଉଁମାନେ ରହିଲେ ତାଙ୍କର ବଂଶଧର ହରିହର ସିଂହ ଓ ମଦୁସୁଦନ ସିଂହ ପ୍ରଭୃତି ବର୍ତ୍ତମାନ ଅଛିନ୍ତି । (ଲେଖାସମୟ ୧୯୩୫ ମସିହା) ।

ଖଲିକୋଟ ରାଜଭ୍ରାତା ଦୟାନିଧି ସିଂହ, ହରିହର ସିଂହ ପଳାଇଆସି ଆଶ୍ରୟ ନେବାରୁ ଦୟାନିଧି ସିଂହଙ୍କୁ ବେରୁଆ ବାରି, ବନ୍ଧାଭୂଇଁ, ଚାକୁଣ୍ଡାପଲି, ଯଦୁପଲି, ମଧୁପଲ୍ଲି ପାଞ୍ଚଖଣ୍ଡ ଗ୍ରାମ ଦେଇ କୋରପିଠା ମଉଜାରେ ରଖିଥିଲେ । ହରିହର ସିଂହଙ୍କୁ ଏକତାଳ ଓ ଅନ୍ୟ କେତେ ଜମିଦେଇ ଏକତାଳରେ ରଖିଥିଲେ । ଦୟାନିଧି ସିଂହଙ୍କ ବଂଶରେ ଜଗନ୍ନାଥ ଦେଓଙ୍କ ଭଗ୍ନୀ ଘଷାମାଳି ଦେଇଙ୍କୁ ସ୍ୱର୍ଗୀୟ ରାଜା ଲଡୁକେଶ୍ୱର ସିଂହ ପରିଣୟ ହୋଇଥିବାରୁ କୋରପିଠା ଯାଗ୍ରିବାଡ ଓ କୁଶଢ଼ିପି ମଉଜା ଦେଇଥିଲେ । ପୂର୍ବେ ଯେଉଁ ପଞ୍ଚ ମଉଜା ପାଇଥିଲେ ତାହା ଖଲିକୋଟ କେତେକ ଭୋଗ କରିବା ତମ୍ବାପଟା ସନନ୍ଦ ସନ ୧୯୩୫ ମସିହା ସେଟଲମେଣ୍ଟ ସମୟରେ ଦେଖାଇଥିଲେ । ସେ ସମୟ ପର୍ଯ୍ୟନ୍ତ ଦୟାନିଧି ସିଂହ ଓ ତାଙ୍କ ବଂଶଧର ମାନେ ଉକ୍ତ ପାଞ୍ଚ ମଉଜାରୁ ନଡ଼ିଆ, ପଟାଫିସ, ଜାଗାପିଂସ, ଚମଡା ଓ ବନ୍ୟଜାତ ଦ୍ରବ୍ୟ ସବୁ ନେଉଥିଲେ । ସନ ୧୯୦୫ ମସିହା ସେଟଲମେଣ୍ଟରେ ସେ ସବୁ ଉଠାଇ ଦିଆଯାଇଅଛି । ସେ ବ୍ୟବସାୟୀଙ୍କ ଉପରୁ ଫିସ୍ ନେଉଥିଲେ ଓ ବଜାରରେ ଯେଉଁମାନେ ଅସ୍ଥାୟୀ ଭାବରେ ବିକ୍ରି କରିବେ ସେମାନଙ୍କଠାରୁ ଟଙ୍କାରେ ଦୁଇପଇସାର ଜିନିଷ ଆଦାୟ କରାଯାଉଥିଲା । ତାହାକୁ ଘଟ କହନ୍ତି । ଘଟ କାର୍ଯ୍ୟ ଅସୁଲ କରି ରାଜବାଟିରେ ଯୋଗାଉଥିଲେ । ତେଲିମାନଙ୍କ ଠାରୁ ପ୍ରତି ଘଣାରେ ତିନି ମାଳୀକା ଲେଖାଏଁ ତେଲ ଆଦାୟ ହେଉଥିଲା । ଯେଉଁମାନେ ଆଖୁ କରୁଥିଲେ ସେମାନେ ପ୍ରତି ଘଣାରେ ଏକ ପଣ କରି ଗୁଡ ଦେଉଥିଲେ । ପାଟକ ରୋଷଣ ଅର୍ଥାତ୍ ଗୁଡିଆ , ତେଲି, ଭଣ୍ଡାରି ପ୍ରଭୃତି କେତେକ ଜାତିର ବିବାହ ହେଲେ ସର୍କାରଙ୍କୁ ନିମନ୍ତ୍ରଣ ଗୁଆ ସ୍ୱରୂପ କିଛି ଟଙ୍କା ଦେଉଥିଲେ । ବର୍ତ୍ତମାନ ସେ ପଇସା ବେହେରା ମାନେ ନେଉଛନ୍ତି । କୌଣସି ସ୍ତ୍ରୀଲୋକ ବିଧବା ହେଲେ ରେକର୍ଡ ହୋଇ ଅନୁମତି ଫିସ୍ ନିଆଯାଇ ଅନୁମତି ଦିଆଯାଉଥିଲା । ଏବେ ବେହେରା ମାନେ ନେଉଛନ୍ତି । ବିଧବା କନ୍ୟା

Digitized by PPRACHIN, SOA

ଦ୍ୱିତୀୟ ରେଜିଷ୍ଟର (ବିବାହ) ସନ ୧୯୦୦ ମସିହା ପର୍ଯ୍ୟନ୍ତ ଥିଲା ।

ରାଜଘର ବ୍ୟବହାର ସକାଶେ ଶଗଡ ଭଡା, ଆଶ୍ୱିନ ପର୍ବ ସକାଶେ ପର୍ବ ବୋଦା, ସାହେବଙ୍କ ଗସ୍ତ ଖର୍ଚ୍ଚ ସକାଶେ ରସେଦ ଜମା ଆଦାୟ ହେଉଥିଲା । ରଜାଘର କର୍ମ କର୍ମାଣି ସକାଶେ ବ୍ରହ୍ମୋତ୍ତର ମଉଜାରୁ ବ୍ରାହ୍ମଣ କାର୍ଯ୍ୟ ନଡିଆ ଅସୁଲ କରି ଯୋଗାଉଥିଲେ । ଏହି ଖଣ୍ଡିତେଲ, ଖଣ୍ଡି ଗୁଡ, ପାଟକ ରୋଷମ୍, ଶଗଡ ଭଡା, ପର୍ବ ବୋଦା, ରସେଦ୍, କର୍ମାଙ୍ଗ ନଡିଆ, ପେଟିସଲାମି ଏହାକୁ ଖନଖଭଣ୍ଡି ଜମା କୁହାଯାଉଥିଲା । ଏହା ଡୋମେଷ୍ଟିକ୍ ଡିପାର୍ଟମେଣ୍ଟ ର ଆୟ ।

ବିନାୟକ ସିଂହଙ୍କର ବିମାତା ମଣ୍ଡାଦେଈ ମଣିମା ମରିଯିବାରୁ ତାହାଙ୍କର ପିତା ଘୁମୁସରରାଜା ମଣ୍ଡାଦେଈଙ୍କୁ ଯଉତୁକ ଦେଇଥିବା କମଶର ପ୍ରଭୃତି ୩ଖଣ୍ଡ ମଉଜା ଦଖଲକରି ନେବାରୁ ଉଭୟ ରାଜାଙ୍କର ଯୁଦ୍ଧ ହୋଇଥିଲା । ସେ ଯୁଦ୍ଧରେ ନୟାଗଡ ତରଫରୁ ସେନାପତି ବିକ୍ରମର ବଂଶଧର ବରଜ ପାଏକରାକୁ ଘୁମସର ରାଜା କରାୟତ କରିନେବାରୁ ସେ ତିନି ମଉଜା ଆସି ପାରିଲା ନାହିଁ । ଏହି କାରଣରୁ ରାଜା ବିନାୟକ ସିଂହ ବରଜ ପାଏକରାଙ୍କୁ ସୁନାମୁହିଁ କିଲ୍ଲା ସରଦାରରୁ ବରଜ (ବ୍ରଜ)କୁ ବାହାର କରି ଭୁତ ସୁବୁଧିରାଏଙ୍କୁ ସରଦାରିରେ ମୁକରିର କରିଥିଲେ ଓ ସୁନାମୁହିଁଠାରେ ଘୁମୁସର ସରହଦରେ ଥିବା ଗଡରେ ଅନ୍ୟ ସୈନ୍ୟ ଓ ସେନାପତି ରଖିଥିଲେ ।

ବିନାୟକ ସିଂହ ନିଯିଗଡ (ନୟାଗଡ)ର ସାଗର ଓ ବନ୍ଧ ପୋଖରା ବରଜ ପାଏକରାର ଜ୍ଞାତିୟ ଜଗୁ ରାଉତରା ଦ୍ୱାରା କରାଇଥିଲେ । କଟରାଝରିଠାରେ ବନ୍ଧର କିୟଦଂଶ କରାଇଥିଲେ । ଜଗୁ ରାଉତରା ଦ୍ୱାରା ହେଉଥିବାରୁ ଜଗୁସାଗାର ଓ ଜଗୁରାଉତରା ବନ୍ଧ କୁହାଯାଉଅଛି ।

ଏ ରାଜା ରାଜ୍ୟ ମଧ୍ୟରେ କୂପ, ପୋଖରୀ, ଅନେକ ଜଳାଶୟ କରିଥିଲେ ।

ନିଯିଗଡ ଜଗନ୍ନାଥଯିଉଙ୍କ ଦେଉଳ ନିର୍ମାଣ କରାଇ ମୋହନ ମନ୍ଦିର ସକାଶେ ଷାଠିଏ ହଜାର ଟଙ୍କା ରଖିଥିଲେ ଓ ଚୁନ, ଅସ୍ତ୍ର, ଶସ୍ତ୍ର ମନ୍ଦିର

Digitized by PPRACHIN, SOA

ବେଢ଼ାରେ ପୋତିଥିଲେ । ତାଙ୍କ ମୃତ୍ୟୁପରେ ବ୍ରଜବନ୍ଧୁ ସିଂହ ମାନଧାତାଙ୍କ ସମୟରେ ବଡମ୍ୟା ମହାଜନି ଦେଣା ସକାଶେ ନିଲାମ ହେଉଥିବାରୁ ରାଜା ମନ୍ଦିର ଟଙ୍କା ଦେଇ ଷ୍ଟେଟ ଉଦ୍ଧାର କରିଥିଲେ । ଏଠାରୁ ପୁରୁଷୋତ୍ତମ ଛୋଟରା ଯାଇ ବଡମ୍ୟା ଆୟରୁ ବଡମ୍ୟା ଷ୍ଟେଟ ଖର୍ଚ୍ଚ ଚଳାଇ ଅବଶିଷ୍ଟ ଟଙ୍କା ଆଣୁଥିଲେ । କେତେକ ବର୍ଷରେ ପାଉଣା ଆଦାୟହୋଇ ଯିବାରୁ ଷ୍ଟେଟ ଛାଡିଦେଲେ । ଯେଉଁଟଙ୍କା ଆଣୁଥିଲେ ତାହା ଖର୍ଚ୍ଚ ହୋଇ ଯାଉଥିଲା । ତେଣୁ ମୋହନ ମନ୍ଦିର ତୟାର ହୋଇ ପାରି ନଥିଲା ।

ଏ ରାଜା ଇଟାମାଟି ଦୁରୁଦୁରା ହାଟ ବସାଇଥିଲେ । ଦୁରୁଦୁରା ହାଟ ନିଲାମି ଜରସମନ ରାଣୀ ସାହେବଙ୍କ ଫଣ୍ଡକୁ ଓ ଇଟାମାଟି ହାଟ ନିଲାମି ଜରସମନ ସରଘର ଫଣ୍ଡକୁ ଯାଉଥିଲା । ନିଯିଗଡରେ ପ୍ରତିଦନି ଯେଉଁ ହାଟ ହୁଏ ତହିଁର ହାଟତୋଳା ନିଯିଗଡ ହାଟମଧ୍ୟରେ ବିରାଜିତ ଗୋପୀନାଥ ଯିଉଙ୍କ ଫଣ୍ଡକୁ ନିଆଯାଏ । ଏ ସବୁ ଆୟ ଖାଁ ସାହେବ ଉଠାଇ ଦେଇଅଛନ୍ତି ।

ବିନାୟକ ସିଂହ ବଡ ନ୍ୟାୟବାନ ରାଜା ଥିଲେ । ସେ ସମସ୍ତଙ୍କୁ ବିଶ୍ୱାସ କରୁଥିଲେ ମାତ୍ର ଅନ୍ତଃକରଣରେ କାହାକୁ କିଛି ବିଶ୍ୱାସ କରୁନଥିଲେ । ସେ ସବୁ ସମୟରେ ଷ୍ଟେଟର ସମସ୍ତ ବିଷୟ ଜାଣୁଥିଲେ । ସେ କର୍ମଚାରୀଙ୍କ କଥାକୁ ମଧ୍ୟ ଗୁପ୍ତ ଅନୁସନ୍ଧାନ ନକଲେ କିଛି କରୁ ନଥିଲେ । ସେ ଗୁପ୍ତ ଅନୁସନ୍ଧାନ ଦ୍ୱାରା ପ୍ରତ୍ୟେକ କଥାର ସତ୍ୟାସତ୍ୟ ବୁଝୁଥିଲେ । ପ୍ରକୃତ ଦୋଷୀ ବୋଲି ତାଙ୍କର ମନ ନ ମାନିବା ଯାଏ ସେ କାହାକୁ ଦଣ୍ଡ ଦେଉ ନଥିଲେ କି ପ୍ରକୃତ ଦୋଷୀ ବୋଲି ଜାଣିଲେ ସେ କ୍ଷମା ଦେଉ ନଥିଲେ । ପ୍ରଜା ସର୍ବସାଧାରଣଙ୍କର ସନ୍ତୋଷ ବା ଅସନ୍ତୋଷ ସେ ସର୍ବଦା ବୁଝୁଥିଲେ । ପ୍ରଜା କୌଣସି କାରଣ ନେଇ ଅସନ୍ତୋଷ ହେଲେ ସେ ତାହା ସମାଧାନ କରିଦେଉଥିଲେ ।

ବିନାୟକ ସିଂହ ଶ୍ରୀ ରାଧା ମୋହନ ଯିଉଙ୍କୁ ପ୍ରତିଷ୍ଠିତ କରାଇ ଥିଲେ । ନିଜ ନାମାନୁସାରେ ବିନାୟକପୁର ଓ ରାଣୀଙ୍କ ନାମାନୁସାରେ ସାବିଦେଈପୁର ଶାସନ ବସାଇଥିଲେ ଏବଂ ମାନ୍ଧାତାପୁର ଶାସନ ମଧ୍ୟ ବସାଇଥିଲେ । ପୁରୀ ଜଗନ୍ନାଥଜିଉଙ୍କ ସକାଶେ ମୌଜା ମାହାଲ ଓ ଫୁଟକର ଜମି ଖଞ୍ଜା ଦେଇଥିଲେ ।

Digitized by PPRACHIN, SOA

ବିନାୟକ ସିଂହଙ୍କ ଦୁଇପୁତ୍ର । ପ୍ରଥମ ବ୍ରଜବନ୍ଧୁ ସିଂହ ଓ ଦ୍ୱିତୀୟ ଦାଶରଥି ସିଂହ ଜଗଦେବ ସାମନ୍ତ । ବିନାୟକ ସିଂହ ଓ ତାଙ୍କର ଜ୍ୟେଷ୍ଠ ପୁତ୍ରଙ୍କ ସହିତ ସଦ୍‌ଭାବ ନଥିଲା । ବିନାୟକ ସିଂହ ଜୀବିତ ଥିବା ସମୟରୁ ଦାଶରଥି ସିଂହଙ୍କୁ ପୁରୁଣା ସ୍କୁଲ ଭାଇପୁଅ ସାହି ବର୍ତ୍ତମାନ କେଉଟ ସାହି ସାମନାରେ ଉଆସ କରି ରଖାଇ ଦେଇଥିଲେ ଓ ଜଦୁପୁର, ମାଛିପଡା ଖମାର ଦୁଇ ଓ ଟ ୩୦୦୦/ ର ଅସୁଲି ମଉଜମହଲ ଓ କେତେକ ଫୁଟକର ଜମି ଖଞ୍ଜିଦେଇଥିଲେ (ଯାହା ମାଛିପଡାରେ ଥିବା ବଡ ଯେଯେମା ମଣିମା ଭୋଗ କରିଥିଲେ) ଏବଂ ହରିଚନ୍ଦନ ସାମନ୍ତଙ୍କୁ ନୟାଗଡ ଦାଣ୍ଡସାହିରେ ରଖାଇଦେଇ ଅସୁରଢ଼ିପା ଓ ଶିଖରପୁର ଖମାର ଓ ଅନ୍ୟ କେତେକ ଫୁଟକର ଜମି ଖଞ୍ଜିଥିଲେ ।

ସ୍ୱର୍ଗୀୟ ରାଜା ଲଡୁକେଶ୍ୱର ସିଂହ ମାନଧାତା ସାହାଡାପଲି ମଉଜାକୁ ହରିଚନ୍ଦନ ସାମନ୍ତଙ୍କୁ ଦେଇଥିବାରୁ ସେହିଦିନ ଠାରୁ ସାହାଡାପଲି ପରିବର୍ତ୍ତେ ହରିଚନ୍ଦନପୁର ନାମ ହୋଇଥିଲା ।

ହରିଚନ୍ଦନ ସାମନ୍ତ ରଘୁନାଥ ସିଂହ ବାରସ ସୁତ୍ରେ ରାଜା ହେବାରୁ ଫୁଟକର ଜମି ସୂର୍ଯ୍ୟଗ୍ରହଣରେ ବ୍ରାହ୍ମଣଙ୍କୁ ଓ ହରିଚନ୍ଦନପୁର ମଉଜାକୁ ନିଜିଗଡ ବିରାଜିତ ଗୋପୀନାଥଯିଉଙ୍କ ଦେଇଥିଲେ । ସେହି ହରିଚନ୍ଦନପୁର ସ୍ମୃତିରେ ବର୍ତ୍ତମାନ ଶ୍ରୀଛାମୁଙ୍କର ନୂଆ ପାଲିସ ତିଆର ହେଉଛି । ହରିଚନ୍ଦନ ସାମନ୍ତଙ୍କୁ ବଜାର ଦାଣ୍ଡ ମଧ୍ୟରେ ଘର ଦେବାର କାରଣ ରଥଯାତ୍ରା ଓ ଚନ୍ଦନ ଯାତ୍ରା ପ୍ରଭୃତି ସାମନ୍ତଙ୍କ ଘରଦାଣ୍ଡ ମଝୀ ଯାତ୍ରାପଦାରେ ହୁଏ । ରାଜ ପରିବାରର ସ୍ତ୍ରୀମାନେ ସାମନ୍ତଙ୍କ ଘରକୁ ଆସି ଯାତ୍ରା ଦେଖନ୍ତି । ଯେଉଁଠାରେ ଜଗଦେବ ସାମନ୍ତ ଓ ହରିଚନ୍ଦନ ସାମନ୍ତଙ୍କ ଉଆସ ଥିଲା ସେ ଘର ସାମନାରେ ବର୍ତ୍ତମାନ ସୁଦ୍ଧା ଆଶ୍ୱିନପର୍ବରେ ଦୁର୍ଗାଦେବୀ ଠାକୁରାଣୀଙ୍କର ଭ୍ରମଣି ସମୟରେ ପଟୁଆର ହେଉଛି ।

ବିନାୟକ ସିଂହ ମାନଧାତା ସୁନିଆ ପାହାଡରେ ମୋତିରାମ ନାମକ ଜଣେ ସିଦ୍ଧ ଯୋଗୀଙ୍କୁ ଦେଖିଥିଲେ । ତାଙ୍କ ସହିତ କେତେକ କଥା ହେବାପରେ ମରିବା ଦିନ କିପରି ଜଣାଯିବ ରାଜା ପଚାରିଥିଲେ । ମୋତିରାମ କହିଥିଲେ ପ୍ରତିଦିନ ଦେବାର୍ଚ୍ଚନର ପରେ ଭୋଜନ ପୂର୍ବରୁ ନୂଆ ମାଠିଆରେ ଜଳରଖି ପଦ୍ମନାଳରେ ପାଣି ଶୋଷୁଥିବ, ଯେଉଁଦିନ ଜଳ ପାଟିକୁ ନଯିବ ସେହିକ୍ଷଣି ପୁରୀ ଚାଲିଯିବ । ରାଜା ସେହିପରି କରିଥିଲେ ।

Digitized by PPRACHIN, SOA

ସନ ୧୯୨୩ ମସିହା ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ପଦ୍ମନାଳରେ ଜଳ ନଯିବାରୁ ତତ୍‌କ୍ଷଣାତ୍ ଡାକ ସବାରିରେ ପୁରୀ ଚାଲିଗଲେ । ତହିଁ ପରଦିନ ଦେବସ୍ନାନ ପୂର୍ଣ୍ଣିମାରେ ଦେବଙ୍କସ୍ନାନ ପରେ ପୁରୀରେ ପହଞ୍ଚି ସ୍ନାନବେଦୀରେ 'ସ୍ୱାମୀ' କହି ଜଗନ୍ନାଥଙ୍କୁ କୁଣ୍ଢାଇବା ମାତ୍ରେ ଜ୍ଞାନଶୂନ୍ୟ ହେଲେ ।

ଜ୍ଞାନଶୂନ୍ୟ ଥିବା କହି ବସାକୁ ଟେକି ଆଣିଲେ । ମାତ୍ର ସ୍ନାନବେଦୀରେ ତାଙ୍କର ମୃତ୍ୟୁ ହୋଇଅଛି । ମୋତିରାମ ତୋତର ଦେଇଥିଲେ, ତାହା ବର୍ତ୍ତମାନ ଗନ୍ତାଘରେ ଅଛି ।

୧୪. ରାଜା ବ୍ରଜବନ୍ଧୁ ସିଂହ

ବିନାୟକ ସିଂହ ସ୍ୱର୍ଗାରୋହଣପରେ ତଦୀୟ ଜ୍ୟେଷ୍ଠପୁତ୍ର ବ୍ରଜବନ୍ଧୁସିଂହ ମାନଧାତା ରାଜା ହେଲେ । ସେ ପିତାଙ୍କ ଅନୁକରଣରେ ରାଜ୍ୟ ଶାସନ କରିଥିଲେ । ସେ ଗୀତ ନୃତ୍ୟ ପ୍ରିୟ ଥିଲେ ଏବଂ କବିତା ଲେଖି ପାରୁଥିଲେ । ଶରତରାସ ନାମକ ବହି ଏହାଙ୍କର ନିଜକୃତ ଅଟେ । ସେ ବସନ୍ତ ଓ ଶରତ ରାସ ପ୍ରିୟ ଥିଲେ । ନିଯିଗଡ ବିରାଜିତ ରାଧାନାଥ ଯିଉଙ୍କୁ ପ୍ରତିଷ୍ଠିତ କରାଇ ତାଙ୍କର ଯାତ୍ରାଦିନ ମାନଙ୍କରେ ରାସଯାତ୍ରା କରିଥିଲେ । ଏହାଙ୍କ ସମୟରେ ବିଖ୍ୟାତ କବି ଯଦୁମଣି ମହାପାତ୍ର ଚିତ୍ରକର ବଂଶରେ ଜନ୍ମ ଗ୍ରହଣ କରି ପ୍ରବନ୍ଧ ପୂର୍ଣଚନ୍ଦ୍ର, ରାଘବ ଲୀଳାମୃତ ଦୁଇଟି ଭକ୍ତିଗ୍ରନ୍ଥ ରଚନା କରିଥିଲେ ଏବଂ ଅନ୍ୟାନ୍ୟ ରହସ୍ୟାବଳି ମଧ୍ୟ କରିଥିଲେ । ତାଙ୍କର ଏପରି ପ୍ରତ୍ୟଉତ୍ପନ୍ନମତି ଥିଲାଯେ କେହିଲୋକ ଯାହାଇଚ୍ଛା ତାହା ପ୍ରଶ୍ନ କଲାମାତ୍ରେ ଉଚିତ ଉତ୍ତର କରୁଥିଲେ । ତାଙ୍କର ନାମ ଓଡ଼ିଶା ଓ ଗଞ୍ଜାମ ଜିଲାରେ ଅବଧି ବିଖାତ ଅଛି । ଘୁମୁସର ରାଜଭ୍ରାତା ବିଖ୍ୟାତ କବି ଉପେନ୍ଦ୍ର ଭଞ୍ଜ ବରାବର ନୟାଗଡ ଟାଉନରେ ରହୁଥିଲେ । ଧରାକୋଟ ଜିଲାର ପ୍ରଧାନ କବି ଚକ୍ରପାଣି ପଟ୍ଟନାୟକ ମଧ୍ୟ ବହୁତ ସମୟ ରହୁଥିଲେ । ସେ ସମୟରେ ବିଶେଷ ପରିମାଣରେ ସାହିତ୍ୟ ଆଲୋଚନା ହେଉଥିଲା ।

କୁରାଳ ମଉଜା ତ୍ରିବିକ୍ରମ ପାଏକାରାର ବଂଶଧର ବରଜ ପାଏକାରାଙ୍କୁ ତାହାର ପୁତ୍ର ୧- କମଳଲୋଚନ ରାଉତରା, ୨-ଉଦ୍ଧବ ପାଏକରା,

Digitized by PPRACHIN, SOA

୩-ଧନେଶ୍ୱର ବିଦ୍ୟାଧର ବକ୍‌ସି ବଡ ଉଗ୍ରଥାଇ ରାଜାଙ୍କର ବିପକ୍ଷ ଥିଲେ ଓ ସୁନାମୁହିଁ ଜିଲ୍ଲା ପ୍ରଜାମାନଙ୍କୁ ଆୟତ୍ତ କରିଥିଲେ ।

ଦିନେ ସୁନାମୁହିଁ ଜିଲ୍ଲାର ସରଦାର ଭୁତ ସୁବୁଧିରା ସୁନାମୁହିଁ ମଉଜାରୁ ଆସିବା ସମୟେ ଜଙ୍ଗଲ ମଧ୍ୟରେ ରାସ୍ତା ଜଗି ଭୁତ ସୁବୁଧିରାକୁ ହାଣି ପକାଇଲେ । କମଳ ଲୋଚନ ରାଉତରା ଓଗେର ତାଙ୍କର କବୁଲିୟତି ବାଦ୍ ଅନେକ ସର୍କାରି ଓ ନାବାରିସ ଜମି ପ୍ରଭୃତି ଦଖଲ କରି ଯାଇଥିଲେ । ରାଜା ରାମ ପ୍ରସାଦ ଡେପୋଟିଙ୍କ ଦ୍ୱାରା ଏ ଜିଲା ସେଟଲମେଣ୍ଟ କରାଇଲେ । କିଛିଦିନ କାମ କରି ରାମପ୍ରସାଦ ଚାଲିଯିବାରୁ ଗୁରୁପ୍ରସାଦ ଡେପୋଟି କାମ କଲେ । ସେ ଅଧିକା ଦଖଲ କରିଥିବା ଜମି ବାହାରିବାରୁ ରାଜାଙ୍କୁ ନେଇ ମେଳି କରିଥିଲେ । ନିଜେ ନିଜେ ଘର ଦ୍ୱାର ପୋଡି ପକାଇଲ । ପ୍ରଜାମାନଙ୍କୁ ମେଳାଇ ସାହେବଙ୍କ ପାଖରେ ରାଜାଙ୍କ ବିରୁଦ୍ଧରେ ଦରଖାସ୍ତ କଲେ । ସେ ଭାଇମାନଙ୍କ ମଧ୍ୟରେ ଉଦ୍ଧବ ପାଏକାରା ବେଶି ଲିଡର ଥିଲା । ରାଜାଙ୍କୁ ୫ ବର୍ଷ ସକାଶେ କଟକରେ ନଜରବନ୍ଦ ରେ ରଖାଗଲା । ଲାଲା ହରମୋହନ ରାଏ ଏ ଷ୍ଟେଟର କ୍ଷମତାପ୍ରାପ୍ତ ତହସିଲଦାର ଓ ସେଟଲମେଣ୍ଟ ଅଫିସର ହୋଇ ଆସିଲେ । ସନ ୧୮୫୨ରେ ସେଟଲମେଣ୍ଟ କାମସାରି ସନ ୧୮୫୫ ମସିହା ପର୍ଯ୍ୟନ୍ତ ରହିଲେ । ରାଜା ସନ ୧୮୫୮ ମସିହା ଭାଦ୍ରବ କୃଷ୍ଣ ଦ୍ୱାଦଶୀ ଦିନ କଟକ ମୁକାମରେ ସ୍ୱର୍ଗାରୋହଣ କଲେ ।

ସନ ୧୮୫୭ ପର୍ଯ୍ୟନ୍ତ ପ୍ରଭୁରାମ ସୋମ ଓ ସନ ୧୮୫୯ ପର୍ଯ୍ୟନ୍ତ ରୋସନ ମହମଦ ଏ କିଲାର କ୍ଷମତା ପ୍ରାପ୍ତ ତହସିଲଦାର ଥିଲେ । ଗଉରାଙ୍ଗ ଛୋଟରା ଷ୍ଟେଟର ବାକବ ଦାର ଥିଲେ । ତାଙ୍କଠାରୁ ହାକିମମାନେ ପୂର୍ବ କଥା ବୁଝି କାମ କରୁଥିଲେ । ସରଘର, ଦେବୋତ୍ତର, ଭିତର ତଳ , ଚାକରାନ ରାଜମାତା ନକ୍ଷତ୍ରମାଳି ଦେଈଙ୍କ ଅଧିନରେ ଥିଲା । ପଦ ଆଦି ସେ ଦେଉଥିଲେ । ରାଜାଙ୍କ ମୃତ୍ୟୁ ହେବାରୁ ପୁତୁରା ଲଡୁ କିଶୋର ସିଂହ ମାନଧାତା ରାଜାହେଲେ । ସେ ସମୟକୁ ତାଙ୍କର ବୟସ ୧୦ ବର୍ଷ ଓ ବୈଦନାଥ ସିଂହ ଜଗଦେବଙ୍କ ବୟସ ୮ ବର୍ଷଥିଲା । ମାଇନର ରାଜା ଓ ରାଜଭ୍ରାତା ମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯିବା ସକାଶେ କଟକ ପଠାଗଲା । ଷ୍ଟେଟ କୋର୍ଟ ଅଫ୍ ଓ୍ୟାର୍ଡସ ହେଲା ।

Digitized by PPRACHIN, SOA

ସେ ସମୟରେ ନାବାଳକ ବ ୧୮ର୍ଷ ଥିଲା । ବ୍ରଜବନ୍ଧୁ ସିଂହ ଓ ତାଙ୍କର ରାଣୀଙ୍କ ନାମାନୁସାରେ ବ୍ରଜବଲ୍ଲଭପୁର ଓ ନକ୍ଷତ୍ର ଦେଈପୁର ବ୍ରାହ୍ମଣ ଶାସନ ବସାଇଥିଲେ ।

୧୫. ରାଜା ଲଡୁକିଶୋର ସିଂହ

ରାଜା ଲଡୁକିଶୋର ସିଂହ ମାନଧାତା ସନ ୧୮୫୯ ମସିହାରେ ରୋସନ ମହମଦଙ୍କଠାରୁ ଷ୍ଟେଟ ଦାୟିତ୍ୱ (Charge) ନେଇଥିଲେ । ଏ ରାଜାଙ୍କ ନାବାଳକ ଶେଷହେବା ସମୟକୁ ଟ୍ରେନିଂ ପାଉଥିବା ସମୟରେ ଦିନେ ଗୋଟିଏ ମକଦ୍ଦମାର ସମସ୍ତ କାମ ଶେଷ ହୋଇ ରାୟ ଲେଖିବାକୁ ଥିଲା ସେ ନଥିଟିକୁ ଜଜ୍ ସାହେବ ରାଜାଙ୍କୁ ଦେଇ କହିଲେ "ଆପଣ ଏଥିରେ ରାୟ(Judgement) ଲେଖନ୍ତୁ ଯେପରି ଆମ୍ଭ ମତ ସହି ଏକମତ ହେବ" ରାଜା ଯେଉଁ ରାୟ ଲେଖିଲେ ଜଜ୍ ସାହେବଙ୍କ ମତ ସହିତ ଏକମତ ହେଲା । ଜଜ୍ ସାହେବ ରାଜାଙ୍କ ଯୋଗ୍ୟତାର ରିପୋର୍ଟ କଲେ । ଗଭର୍ଣ୍ଣମେଣ୍ଟରୁ ଅର୍ଡର ଆସିଲା କମିଶନର ଶୀତକାଳୀନ ଗସ୍ତ ସମୟରେ ନୟାଗଡ ରାଜାଙ୍କୁ ସଙ୍ଗରେ ନେଇ ସବୁ ଗଡଜାତ ବୁଲାଇ ତାଙ୍କ ରାଜ୍ୟରେ ପାଓ୍ୱାର୍ ଦିଅନ୍ତୁ । କମିଶନର ସାହେବ ରାଜାଙ୍କୁ ସବୁ ଗଡଜାତ ବୁଲାଇ କ୍ଷମତା ଦେଇଗଲେ ।

ଉଦ୍ଧବ ପାଏକରା ପିତା ଶତ୍ରୁ ଥିବାରୁ କ୍ଷମତା ପାଇବା ପରଦିନ ତା ନାମରେ ଓ୍ୱାରେଣ୍ଟ ବାହାରିଲା । ଉଦ୍ଧବକୁ ଧରି ଆଣି ବି ୧୨ସା ଲୁହାର ତାଙ୍ଗିଆ ସାକୋଳି ଦେଇ କିଛି ଦିନ ରଖିଲେ । ପରେ ରିପୋଟ କରି କଟକ ପଠାଇ ଦେଲେ । ସେଠାରେ ତାର ମୃତ୍ୟୁ ହେଲା । ରାଜା ଲଡୁକିଶୋର ସିଂହ କ୍ଷମତା ପାଇବା ଅଳ୍ପ ଦିନ ପୂର୍ବେ କଟକରୁ ଇଂଲଣ୍ଡ ଯିବାର ପ୍ରସ୍ତାବ ରାଜମାତା ଶୁଣିପାରି ରାଜମାତା ଶକ୍ତ ବେମାର ହୋଇଥିବା ଛଳନାରେ ରାଜାଙ୍କୁ ଡକାଇଆଣି ଏଣେ କୋରପିଠା ମଉଜା ଜଗନ୍ନାଥ ଦେଓଙ୍କ ଭଉଣୀ ଘଷାମାଳି ଦେଈଙ୍କୁ ସନ ୧୮୫୮ରେ ବିବାହ କରିଦେଇ ଥିଲେ । ଘଷାମାଳି ଦେଈ ରାଜାଙ୍କ ଠାରୁ ୨ବର୍ଷ ବୟୋଜ୍ୟେଷ୍ଠ ଥିଲେ । ସେ ବଡ ଉପଯୁକ୍ତ ରାଜଲକ୍ଷ୍ମୀ ଭଳି ରାଣୀ ଥିଲେ । ସେ ସମୟକୁ ରାଜାଙ୍କର ଧରାକୋଟ

Digitized by PPRACHIN, SOA

ରାଜନନ୍ଦିନୀଙ୍କ ସହିତ ବିବାହ ସ୍ଥିର ହୋଇଥିଲା ମାତ୍ର ବିବାହ ହୋଇଥିବାରୁ ତାହା ବନ୍ଦ ହୋଇଗଲା ।

ରାଜା ଲଡୁକିଶୋର ସିଂହଙ୍କ ସମୟରେ ଦଶପଲ୍ଲାର ରାଜା ଚୈତନ୍ୟଭଞ୍ଜ ଧନ, ବୁଦ୍ଧି, ଜାତିର ବଡ ଗର୍ବୀ ଥିଲ । ଆମ ରାଜା କାହାରି ଗର୍ବ ସହି ପାରନ୍ତି ନାହିଁ । ସେ ଚୈତନ୍ୟ ଭଞ୍ଜଙ୍କ ନିଜ ଦାଦି (ଗଙ୍ଗାଧର ବା ନିଳକଣ୍ଠ ଭଞ୍ଜ ଠିକ୍ ସ୍ମରଣ ହେଉନାହିଁ) ତାଙ୍କୁ ଆଶରାପୁର ପ୍ରଭୃତି ଦୁଇଗୋଟି ଗ୍ରାମ ଓ ଅନେକ ଟଙ୍କାଦେଇ କୌଶଳରେ ଦଶପଲା ରାଜା ରାତ୍ରରେ ଶୋଇବା ସମୟରେ ସବାରି ସଜାଇ ରାଜାଙ୍କର ଦାଦି ଝିଅ ଭଉଣୀ ଶ୍ରୀମତୀ ମାଳିଦେଇ ଓ ବାପଭାଇମାନଙ୍କ ସହିତ ଖୁଡାଖୁଡି ନୟାଗଡକୁ ଘେନାଇ ଆସି ସନ ୧୮୭୯ରେ ନରେନ୍ଦ୍ରଙ୍କ ଘରଠାରେ ବିବାହ ହୋଇଥିଲେ ।

ବଡ ରାଣୀଙ୍କ ଗର୍ଭରୁ ୩ପୁଅ ୪ଝିଅ ଓ ସାନଙ୍କ ଗର୍ଭରୁ ୨ ପୁଅ ଓ ୧ ଝିଅ ଜନ୍ମ ହୋଇଥିଲେ । ପୁଅମାନେ ମୃତ୍ୟୁ ଲଭିଥିଲେ । ଝିଅ ମାନଙ୍କ ମଧ୍ୟରୁ ତାଳଚେର ରାଜମାତା ଓ କନିକା ରାଣୀମାନେ ଅଛନ୍ତି ଏ ରାଜା ବଡ ବୁଦ୍ଧିମାନ ଓ ଲୋକପ୍ରିୟ ଥିଲେ । ତାଙ୍କ ପାଖକୁ ଯେତେବେଳେ ଯେଉଁ ସରବରାକାର ବା ପ୍ରଜା ପ୍ରଭୃତି ଯାଉଥିଲେ ସେ ତାଙ୍କ ସହିତ ସାଧାରଣ ଲୋକଙ୍କ ଭଳି କଥାବର୍ତ୍ତା ହେଉଥିଲେ ଓ ତାହାର କାମ କରିଦେଉଥିଲେ । ସେ ଜାଣିଥିଲେ ଯେ ପ୍ରଜାମାନେ ରାଜାଙ୍କ ସାଙ୍ଗରେ ଚାରିପଦ କଥାବାର୍ତ୍ତା ହେଲେ ସେମାନେ ସ୍ୱର୍ଗସୁଖ ଅନୁଭବ କରନ୍ତି । ଏହା ଜାଣି ଯାହାର ନକରିବାର କଥା ତାଙ୍କୁ କଥାରେ ଆନନ୍ଦ କରାଇ ଛାଡୁଥିଲେ । ସେ ପ୍ରତିନିତି ରାଜଧର୍ମ ଓ ମହାଭାରତ ଶୁଣୁଥିଲ ଏବଂ ସେହି ଅନୁସାରେ ପ୍ରଜାପାଳନ କରୁଥିଲେ ।

ସେ ସର୍ବଦା ପାଖରେ ଗୁଡିଏ ଲୋକ ଗୁପ୍ତଚର ବାଛି କରି ରଖିଥିଲେ । ସେମାନେ ମହାମୂର୍ଖ ମାତ୍ର ବଡ ହୁସିଆର ଓ ସତ୍ୟବକ୍ତା । ସେମାନଙ୍କୁ ରାଜ୍ୟର ଚାରିଆଡେ ପଠାଇ ବରାବର ଖବର ବୁଝୁଥିଲେ । ପ୍ରଜାମାନଙ୍କୁ ରାଜ କର୍ମଚାରୀ ବା ଧନୀଲୋକ କିମ୍ବା ଖଚୁଆ ଡଗରା ମାନେ କିପରି ପୀଡା ଦେଉଛନ୍ତି ଓ ପ୍ରଜାମାନଙ୍କର ମତାମତ ବୁଝନ୍ତି । ରାଜ୍ୟ ମଧ୍ୟରେ ମର୍ଡର, ଡକାୟତି ପ୍ରଭୃତି ବିଶେଷ ଘଟଣା ହେଲେ ପାଖଲୋକରୁ ପଠାଇ ଗୁପ୍ତ ଭାବେ ସବୁ ବୁଝିଥାନ୍ତି । କର୍ମଚାରୀଙ୍କ ରିପୋର୍ଟ ଆସିବାପରେ ସେ ମୋକଦ୍ଦମାର

Digitized by PPRACHIN, SOA

ପ୍ରକୃତ କଥା ପକ୍ଷମାନଙ୍କ ଠାରୁ ବାହାର କରିପକାନ୍ତି । କର୍ମଚାରୀମାନେ ମିଥ୍ୟା ଲେଖିଥିଲେ ଉପଯୁକ୍ତ ଦଣ୍ଡ ଓ ଟଙ୍କା ଖାଇଥିଲେ ଚତୁର୍ଗୁଣ ଆଦାୟକରନ୍ତି । କିନ୍ତୁ କାହାରିକ ଡିସ୍‌ମିସ୍ କରନ୍ତି ନାହିଁ । କୌଣସି ମକଦ୍ଦମାରେ ଯେ ପ୍ରକୃତ କଥା ସତ୍ୟ କହୁଥିଲା ତାହାର ଦଣ୍ଡକମାଇ ଦେଉଥିଲେ । ଯେ ମିଥ୍ୟା କହୁଥିଲା ତାହାର ଦଣ୍ଡ ବଢ଼ାଇ ଦେଉଥିଲେ । ସମୁଦାୟକଥା ସେ ଜାଣି ପ୍ରକୃତ ଦଣ୍ଡ ବା କ୍ଷମା ଦେଉଥିବାରୁ ତାଙ୍କୁ ଲୋକେ ଏ ପର୍ଯ୍ୟନ୍ତ ଭୁଲିନାହାନ୍ତି ।

ଯେବେ କେହି ପ୍ରଜା ବିଶେଷ ଧନୀ ହେଲା ତାହେଲେ ସେ ସମୟରେ ରାଜାଙ୍କୁ ଖାତର କରିବ ନାହିଁ । ଏଥିପାଇଁ କୌଶଳରେ ତାହାର ଧନ କମାଇ ଦେଉଥିଲେ କିମ୍ବା ତାହାର ଦୋଷ ଖୋଜି ଅର୍ଥ ଦଣ୍ଡ ଦେଉଥିଲେ । କେହି ପ୍ରଜା ବିଶେଷ ଗରୀବ ହୋଇଗଲେ ସେ ଯେପରି ଭଲରେ ରହିବ ତାର ଉପାୟ କରିଦେଉଥିଲେ । ସେ ସମସ୍ତଙ୍କୁ ବିଶେଷ ବିଶ୍ୱାସ କରୁଥିଲେ ମାତ୍ର ଅନ୍ତଃକରଣରେ କାହାରି ବିଶ୍ୱାସ କରୁନଥିଲେ । ଏହାଙ୍କ କ୍ଷମତା ପାଇବା କିଛି ଦିନ ପୂର୍ବରେ ଅନୁଗୁଳ ଓ ବାଙ୍କୀ ଖାସ୍ ହୋଇ ଯାଇଥିଲା । ତା ନେଇ ସେ ଅନେକ ଫୁଟକର ଓ ମୌଜମହଲ ଜମି ନିଜ ତରଫକୁ ଆଣିଥିଲେ ।

ତାଙ୍କର ପ୍ରଥମ ରାଜତ୍ୱ ବର୍ଷ ଦାମୋଦର ରାଏଗୁରୁ ଦେଓ୍ୱାନ ଥିଲେ । ସେ ବର୍ଷ ମଧ୍ୟରେ ଯେତେ ଘରୋଇ ଚାକର ସେମାନଙ୍କୁ ଚାକରାନ ଯାଗ୍ରୀ ଖଞ୍ଜି ଦେଇଥିଲେ । ପୂର୍ବେ ଚାକରମାନେ ଟଙ୍କା ପାଉଥିଲେ ଯଥା ପ୍ରଧାନି ଦୁଇପଇତା ଘେନାରେ ଟଙ୍କା ଲେଖାଏଁ ଟ ୯/- ପାଏ ସେ ଦଶ ଏକର ଜମି ପାଇଲା । ଏହି ଭଳି ସମସ୍ତେ ପାଇଥିଲେ ।

ଓଡ଼ିଶାରେ ରେଭେନ୍‌ସା ସାହେବ କମିଶନର ଥିବା ସମୟେ ବର୍ଷେ ଗସ୍ତରେ ଆସି ରାଜାଙ୍କୁ ଘରୋଇ ଭାବେ କହିଲେ "ରାଜା ସାହେବ ମୁଁ ସବୁ ଗଡ଼ଜାତ ବୁଲି ଯେଉଁ ରାଜଙ୍କର ଯାହା ସମ୍ପତ୍ତି ଅଛି ତାହା ଦେଖି ଆସିଲି । ଆପଣ କଅଣ ସମ୍ପତ୍ତି ରଖିଛନ୍ତି ତାହା ଦେଖିବାକୁ ବାକିଅଛି" । ରାଜା ଦେଖାଇବାକୁ ସ୍ୱୀକୃତ ଦେଲେ । ନିରୀକ୍ଷଣ ସରିଲା । କାଠିଘର ଅଗଣାରେ ଗୋଟେ ରଙ୍ଗମହଲ ଘର କରି ସେଥିରେ ବ୍ରାହ୍ମଣ କରଣ ଭାଇପୁଅ ମାନଙ୍କୁ ଦୁଇଧାଡି କରି ବସାଇ ଦେଲେ । ସାହେବଙ୍କୁ ଡାକିଆଣି କହିଲେ । ସାହେବ

Digitized by PPRACHIN, SOA

ମୋର ଛୋଟ ଷ୍ଟେଟ, ଆୟ ଖର୍ଚ୍ଚକୁ ପାଏ ନାହିଁ ଅଥଚ ଆପଣଙ୍କୁ ଦେଖାଇବାପାଇଁ ଉପଯୁକ୍ତ ସମ୍ପତ୍ତି ନାହିଁ । ମୋର ଏହି ଯେ ପ୍ରଜାମାନେ ଏମାନେ ମୋର ଉତ୍କୃଷ୍ଟ ସମ୍ପତ୍ତି । ମୋର ଦରକାର ବେଳେ ଏମାନଙ୍କଠାରୁ ଟଙ୍କା ଆଣେ, ଏମାନଙ୍କର ଅଭାବ ବେଳେ ମୁଁ ଦିଏ । ସାହେବ କହିଲେ ରାଜା ସାହେବ ଆପଣ ଯେଉଁ ସମ୍ପତ୍ତି ରଖିଛନ୍ତି ଏ ସମ୍ପତ୍ତି ଆଉ କୌଣସି ଷ୍ଟେଟରେ ମୁଁ ଦେଖିନାହିଁ । ବିଶେଷ ଖୁସି ହେଲେ ।

ଏକ ସମୟରେ ପ୍ରଜାମାନେ ମେଳିକରି ଚମ୍ପତିପୁର ନିକଟ ଖଣ୍ଡିଆ ତୋଟାରେ ଜମା ହୋଇଥିଲେ । କର୍ମଚାରୀମାନେ ମେଳି ବିଷୟ ପ୍ରତିନିତି କହନ୍ତି । ରାଜା କାହାକୁ କିଛି କହନ୍ତି ନାହିଁ । ଦିନେ ଦଶ ଘଟିକା ମଧ୍ୟରେ ସ୍ନାଭୋଜନାଦି ସାରି ସାଙ୍ଗରେ ଛାମୁଲୋକ ଓ ପାଣିଆଗତ ଦୁଇଜଣ ନେଇ ଅଶ୍ୱାରୋହଣ କରି ମେଳିଆ ମାନଙ୍କ ନିକଟକୁ ଗଲେ । ପ୍ରଥମେ ତାଙ୍କର କୁଶଳ ଓ ଖାଦ୍ୟ ବିଷୟ ଆଦି ଅନେକ କଥାବାର୍ତ୍ତା ପରେ ଜମା ହେବାର କାରଣ ପଚାରିଲେ । କର୍ମଚାରୀମାନଙ୍କ ଅତ୍ୟାଚାର ସହିନପାରିବାରୁ ଲୋକେ ମେଳି କରିଥିବା ବିସ୍ତାରିତ ଭାବେ କହିଥିଲେ । ରାଜା କହିଲେ ମୁଁ ଜାଣିପାରୁଛି ସେମାନେ ପ୍ରକୃତ ଅତ୍ୟାଚାର କରିଛନ୍ତି ମାତ୍ର କଣ କରାଯିବ ? ମୋର ପଚାଶ ହଜାରଟଙ୍କା କରଜ ହୋଇଅଛି । ଆୟରୁ ମୋ ଖର୍ଚ୍ଚ ଚଳୁନାହିଁ । ସେମାନେ ମୋତେ ଚଳାଉଛନ୍ତି । କରଜ ଆଦାୟ ହେଲେ ମୁଁ ସେମାନଙ୍କୁ ବାହାର କରନ୍ତି । ମେଳିଆମାନେ କହିଲେ "ଛାମୁ ସେମାନଙ୍କୁ ବାହାର କରିଦିଅନ୍ତୁ ଆମ୍ଭେ କରଜ ଶୁଝିଦେବୁ" । କିପରି ଶୁଝିବ ପଚାରିବାରେ କହିଲେ ଖଜଣା ଶେଷରେ ଗୋଟିଏ ମାଗଣ ହେଲେ ଆମ୍ଭେମାନେ ଦେଇଦେବୁ । ରାଜା ମେଳିଆମାନଙ୍କ ଠାରୁ ସେ ବିଷୟ ଲେଖାଇନେଲେ ଏବଂ ସେଦିନ ଗୋଟିଏ ଭୋଜିକରି ଯେ ଯାହା ଘରକୁ ଯିବା ସକାଶେ ଟ୩୦୦ ଦେଇ ଚାଲି ଆସିଲେ । ଏଣେ କର୍ମଚାରୀ (ମେଳିଆଙ୍କ ବିରୋଧୀ) ମାନଙ୍କୁ ଡକାଇ କହିଲେ "ତୁମ୍ଭେମାନେ କିଛିଦିନ ଘରେ ବସ, ତୁମ୍ଭ ଖର୍ଚ୍ଚ ସକାଶେ ମୁଁ ଟଙ୍କାଦେବି" । ନୂଆ କର୍ମଚାରୀ ନିଯୁକ୍ତ ହେଲେ । ମେଳିଆମାନେ ସନ୍ତୋଷ ହେଲେ । ରାଜାଙ୍କର ମନୋଗତ ଭାବ ବୁଝିନପାରି କେତେ ଲୋକ ମଧ୍ୟ

Digitized by PPRACHIN, SOA

ଅସନ୍ତୋଷ ହେଲେ । କେତେଦିନ ପରେ ସୁନିଆ ହେଲା, ସେ ସମୟରେ ସୁନିଆଠାରୁ ଖଜଣା ଅସୁଲ ହୁଏ ।

ଖଜଣା ଅସୁଲ ହେଲା । ଖଜଣା ପରେ ମାଗଣ ତାଲିକା ହେଲା ଓ ଅସୁଲରେ କେହି ଦେଲେ ନାହିଁ । ରାଜା ମେଳିର ଲିଡର ମାନଙ୍କୁ ଡକାଇ ପଚାରିବାରେ ସେମାନେ କହିଲେ ଆମେ ପ୍ରଜାଙ୍କୁ କହୁଛୁ, କେହି ଦେଉନାହାନ୍ତି, ଛାମୁଙ୍କ ମନକୁ ଯେପରି ହେଉଛି ଅସୁଲ କରାଯାଉ । ରାଜା ତତ୍‌କ୍ଷଣାତ୍ ମାଗଣ ଅସୁଲ କାର୍ଯ୍ୟରେ ବରଖାସ୍ତ କର୍ମଚାରୀ ମାନଙ୍କୁ ମୁକରିର କଲେ । ସେମାନେ ମେଳିଆମାନଙ୍କ ପ୍ରତି ଅତ୍ୟାଚାର କରି ଟ. ୫୦,୦୦୦ ଅସୁଲ କଲେ । କମିଶନର ସାହବ ଗସ୍ତରେ ଆସି ପଚାରିଲେ, "ରାଜାସାହବ ଆପଣଙ୍କ ଷ୍ଟେଟରେ ମେଳି ହୋଇଥିଲା, କିପରି ଶାନ୍ତ ହେଲା" । ରାଜା କହିଲେ ମେଳିଆ ମାନଙ୍କୁ ଟ୫୦,୦୦୦ ଜୋରିମାନା କରି ମେଳି ଶାନ୍ତ କରିବା ଘଟଣାର ବିଶେଷ ବିବରଣୀ କହିବାରୁ ସାହେବ ପ୍ରଶଂସା କଲେ ।

ଏ ରାଜାଙ୍କର ମନୋଗତ ଭାବ ଦେଓ୍ୟାନଙ୍କ ପର୍ଯ୍ୟନ୍ତ ଅଗୋଚର ହେଉଥିଲା । ସେ ଯଦି ଅଧିକ ସମୟ କଚେରିକୁ ଯାଉ ନଥିଲେ ତେବେ ସବୁ ସମୟରେ କଚେରି କରୁଥିଲେ ବୋଲି କୁହାଯିବ । କାରଣ ଦାନ୍ତ ଘଷିବା ଠାରୁ ରାତ୍ର ଘ ୧୨ ଷ୍ଟା ପର୍ଯ୍ୟନ୍ତ ସ୍ନାନ ଭୋଜନ ଶୟନ ସମୟ ଭିନ୍ନ କେତେବେଳେ ତାଙ୍କ ପାଖରେ ପଚାଶ ଜଣ ଲୋକରୁ କମ୍ ରହୁନଥିଲେ । ଭିନ୍ନ ଭିନ୍ନ ଲୋକଙ୍କଠାରୁ ନାନା ରକମର କଥା ଶୁଣି ତହିଁରୁ ସାରମର୍ମ ଓ ଷ୍ଟେଟର ଅନେକ କଥା ବୁଝି ପାରୁଥିଲେ ଓ ମୌଖିକ ଭାବରେ ଅନେକ ବିଷୟ ନିଷ୍ପତ୍ତି କରି ଦେଉଥିଲେ । ଏହି ହେତୁରୁ ମାଲି ମକଦ୍ଦମା ବେଶୀ ହେଉନଥିଲା ।

ତାଙ୍କ ସମୟରେ ଘୁମୁସର ନୟାଗଡ 'ବତର' ଯାଏ କରାଯାଇଥିଲା । ପ୍ରାୟ ଅର୍ଦ୍ଧମାଇଲ ଓସାରରେ ଘୁମୁସରରୁ ରାଜାଙ୍କ କୌଶଳରେ ନୟାଗଡକୁ ଆସିଥିଲା । ତହିଁ ମଧ୍ୟରେ ଲାଉଖାଲ ମଉଯା ଆସିଥିଲା । ନୟାଗଡ ତରଫରୁ ତାହାର ନାମ ନରସିଂହପ୍ରସାଦ ଦିଆଯାଇଅଛି ।

Digitized by PPRACHIN, SOA

ନୟାଗଡ ଖଣ୍ଡପଡାର ସୀମା କୃଷ୍ଣ ପ୍ରସାଦଠାରୁ ରାସୋଳ ମୁଣ୍ଡିଆ ଯାଏ ଠିକ୍ ହୋଇଥିଲା । ଏହା ନିଷ୍ପତ୍ତି କରିବାକୁ ଗଡଜାତର ଆଷିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ବାବୁ ନନ୍ଦ କିଶୋର ଦାସ ଆସିଥିଲେ । ନୟାଗଡ, ଖଣ୍ଡପଡା ଓ ଦଶପଲା ସୀମା କୃଷ୍ଣପ୍ରସାଦ ଠାରେ ଡେରା ପଡିଥିଲା । ତିନିରାଜା ଆସିଥିଲେ । ଆଠଦିନ ପର୍ଯ୍ୟନ୍ତ କିଛି ତୁଟିଲା ନାହିଁ । ତାପରେ ଉଭୟ ପକ୍ଷ ଦଶପଲା ରାଜାଙ୍କୁ ଭଦ୍ରଲୋକ ମାନି ସେ ଯାହା କରିଦେବେ ସେଥିରେ ଉଭୟପକ୍ଷ ରାଜିହୋଇ ଏଗ୍ରୀମେଣ୍ଟ କରିଦେଲେ । ଆମ୍ଭ ରାଜାଙ୍କ କୌଶଳରେ ଦଶପଲା ରାଜା ଯାହା କରିଦେଲେ ସେଥିରେ ଦଶମାଇଲ ଲମ୍ବ ଏକମାଇଲ ଓସାର (ଯାଗା) ନୟାଗଡକୁ ଆସିଲା । ସେଥିର କଉଡିଆ ଓ ଅନ୍ୟ ଏକ ଖଣ୍ଡ ପଲିଗ୍ରାମ ଆସିଥିଲା । ରଣପୁରର କେତେକ ଅଂଶ ଠିକି ରୂପେ ହୋଇଥିଲା ।

ଏ ରାଜା ପୁରା ପୂର୍ବଧରଣର ରାଜନୀତି କରିଥିଲେ ଓ ଧର୍ମ କାର୍ଯ୍ୟ କରିଥିଲେ । ଆବଶ୍ୟକ ସମୟରେ ପୁରା ଇଂରାଜି ଧରଣରେ ସାହେବମାନଙ୍କ ସହିତ ମିଶି ପାରୁଥିଲେ । ଯେତେବେଳେ ଯେପରି ବ୍ୟବହାର ଆବଶ୍ୟକ ସେତେବେଳେ ସେପରି ବ୍ୟବହାର କରୁଥିଲେ । ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ଜାତୀୟ ଉନ୍ନତି ସକାଶେ ସର୍ବଦା ଦୃଷ୍ଟି ରଖିଥିଲେ ଓ ପ୍ରଜାମାନଙ୍କୁ ଉତ୍ସାହ ଦେଉଥିଲେ । ଉନ୍ନତି ଦୃଷ୍ଟିରେ ପୁରସ୍କାର ଓ ଅବନତି ଦୃଷ୍ଟିରେ ତିରସ୍କାର କରିଥିଲେ । ସେ ଭର୍ଣ୍ଣାକୁଲାର ସ୍କୁଲ, ଡାକ୍ତର ଖାନା, ସଂସ୍କୃତ ଟୋଲ କରିଥିଲେ । ସେ ପ୍ରତି ଜିଲାରୁ ସରଦାର କାମ ଉଠାଇ ଦେଇ ଆଉଟ୍‌ପୋଷ୍ଟ କରି ହେଡ୍ କନେଷ୍ଟବଳ ରଖିଥିଲେ । ଅନେକ ଲୋକ କହିଲେ ସୁଦ୍ଧା ମାଇନର ସ୍କୁଲ କରିନଥିଲେ । ତାଙ୍କର ଆନ୍ତରିକ ଭାବ ଅନୁମାନ କରାଯାଉଥିଲା ଯେ ତାଙ୍କର ଉଚ୍ଚଶିକ୍ଷା ଦେବାର ଇଚ୍ଛା ନଥିଲା ।

ତାଙ୍କ ସମୟରେ କେହି ତାଙ୍କ ବିରୁଦ୍ଧରେ ଅପିଲ କରିବାକୁ ଯାଉ ନ ଥିଲେ-କାରଣ ଯାହାର ମୋକଦ୍ଦମା ଡିସ୍‌ମିସ୍ କରୁଥିଲେ ତାକୁ ବୁଝାଇ ଖୁସିକରି ଛାଡୁଥିଲେ । ଯଦି କେହି ଅପିଲ୍ କରୁଥିଲା ତେବେ ତାହାର ଭଲ ହେଉ ନଥିଲା ।

Digitized by PPRACHIN, SOA

ସେ ଅନେକ ସମୟରେ କଟକରେ ରହୁଥିଲେ । ସେଠାରେ ଯେତେକ ବଡଲୋକ ତାଙ୍କ ସଙ୍ଗରେ ବଡ ସଦ୍‌ଭାବ ଥିଲା । ଉପରିସ୍ଥ ସାହେବ ମାନଙ୍କୁ ସେ ବଡ ସନ୍ତୋଷ କରିପାରୁଥିଲେ । ଏପରିକି କଟକବାସୀ ତାଙ୍କୁ ଏ ପର୍ଯ୍ୟନ୍ତ ସ୍ମରଣ କରିଛନ୍ତି ।

ସେ ସନ ୧୮୭୮ରେ ଓ ସନ ୧୮୮୫ରେ ଦୁଇଥର ଭାରତବର୍ଷକୁ ପର୍ଯ୍ୟଟନ କରିଥିଲେ ଓ ତୀର୍ଥ ଯାତ୍ରା କରିଥିଲେ । ସେ ଦଶହରା ଦିନ ଅନୁକୂଳ କରି ଆଷାଢ଼ ମାସରେ ଆସୁଥିଲେ । ରାଜବାଟୀର ସମୁଦାୟ ଭାର ପାଟମହାଦେଈଙ୍କ ଉପରେ ନ୍ୟସ୍ତ ଥିଲା । ସେ ଯେତିକି ନିରଳସ ଥିଲେ ସେତିକି ବିଳାସୀ ମଧ୍ୟ ଥିଲେ । ସେ ପ୍ରତିଦିନ ପୂର୍ବକାଳର ରାଜନୀତି (ଦିନଚର୍ଯ୍ୟା) ଭାବରେ ମର୍ଦ୍ଦନ ସ୍ନାନ, ଦେବାର୍ଚ୍ଚନ, ପୁରାଣ ଶ୍ରବଣ, ଠାକୁର ମାନଙ୍କ ଦର୍ଶନ, ବ୍ରାହ୍ମଣମାନଙ୍କ ଆଶୀଷ ଗ୍ରହଣ ଓ ପ୍ରସାଦ ଗ୍ରହଣ ପରେ ଭିତର ଦେବତା ବାଉରି, ବିରଜାଈଙ୍କ ଦର୍ଶନ ପରେ ପାଟ ମହାଦେଈଙ୍କ ଘରେ ଭୋଜନ କରୁଥିଲେ । ଭୋଜନ ସମୟେ ରାଜମାତା, ରାଜରାଣୀ ରାଜକନ୍ୟାମାନେ ଉପସ୍ଥିତ ରହୁଥିଲେ । ଭିତର ସ୍ତ୍ରୀଲୋକମାନେ ଅଦୃଶ୍ୟ ଭାବରେ ରହୁଥିଲେ । ବଳଭଦ୍ର ସିଂହଙ୍କ ପରେ ରାଜାମାନେ ନିଜ ହାତରେ ଖାଉନଥିଲେ । କେଉଁଦିନ ରାଜମାତା କେଉଁଦିନ ପାଟମହାଦେଈ ଖୁଆଉ ଥିଲେ । ଭୋଜନ ପରେ ଶୟନ ତାପରେ କଚେରୀ କରୁଥିଲେ । ଅପରାହ୍ନ ଘ୪ଣ୍ଟା ସମୟେ ମର୍ଦ୍ଦନ ସ୍ନାନପରେ ସନ୍ଧ୍ୟା ସମୟରେ ଜଳଖିଆ ଭୋଜନ କରି ବୈଠକରେ ବିରାଜମାନ କରୁଥିଲେ ।

ସେ ସମୟେ ଦେବାନ ପ୍ରଭୃତି କର୍ମଚାରୀ ଓ ବ୍ରାହ୍ମଣ କରଣ ଭାଇପୁଅ ପ୍ରଭୃତି ଦେଖା କରୁଥିଲେ । ପକ୍ଷ ସମ୍ପର୍କ ଭିନ୍ନ ଅନ୍ୟ ରାଜକାର୍ଯ୍ୟମାନ ସେ ସମୟେ କରୁଥିଲେ । ସେ ସମୟେ ସେ ମଧ୍ୟରେ ବସିଥିବେ । ଏକ ପାର୍ଶ୍ୱରେ ରାଜଧର୍ମ ପଢ଼ାଯାଉଥିବ ଯେ ପୌରାଣିକ ସହିତ କଥାବାର୍ତ୍ତା କରୁଥିବେ । ଏଣେ ଅଫିସ୍ କାମ କିଛି କର୍ମଚାରୀଙ୍କ ଠାରୁ ଅଫିସ୍ ବିଷୟ ବୁଝୁଥିବେ । ଏକ ପାର୍ଶ୍ୱରେ ପଶାଖେଳ ହେଉଥିବ । ସେଥିରେ ସରବାହି ବା ଭୂଲ ହେଲେ ବତାଉଥିବେ ଏବଂ ଭଦ୍ରଲୋକଙ୍କ ସହିତ ଗପ ହେଉଥିବ । କେହି ଗୁହାରିଆ

Digitized by PPRACHIN, SOA

ଥିଲେ ତା କଥା ଶୁଣା ଯାଉଥିବ । ଏପରି ରାତ୍ର ଘ ୧୦ଣ୍ଟା ପର୍ଯ୍ୟନ୍ତ ହେବ । ତାପର ରାତ୍ର ଘ୧୨ଣ୍ଟା ପର୍ଯ୍ୟନ୍ତ ପଶାଖେଳ । ତାପରେ ତାଙ୍କର ଭୋଜନ ଓ ଶୟନ ହେଉଥିଲା ।

ତାଙ୍କ ସମୟରେ ଖଣ୍ଡପଡା ରାଜା କୁଞ୍ଜବିହାରୀ ଭ୍ରମରବର ରାଉତଙ୍କ ସହିତ ରାଜଭ୍ରାତା ନଟବର ସିଂହଙ୍କର ମନାନ୍ତର ହେବାରୁ ନଟବର ସିଂହ ଲଡୁକେଶ୍ୱର ସିଂହଙ୍କ ଆଶ୍ରୟରେ ବ୧୦ର୍ଷ ନୟାଗଡ ଖାଖି ମଠରେ ରହିଥିଲେ । ଖଣ୍ଡପଡା ରାଜା କୁଞ୍ଜବିହାରୀ ସିଂହଙ୍କ ମୃତ୍ୟୁ ସମୟେ ତାଙ୍କର ରାଣୀ ଅନ୍ତରପୁତ୍ର ରଘୁନାଥ ଦାସଙ୍କୁ ରାଜା କରିବାକୁ ଉଦ୍‌ଯୋଗ କରିଥିଲେ । ତାଙ୍କର ମନୋରଥ ବିଫଳ ହେବାରୁ ସେ ଅନ୍ତର ପୁତ୍ର ରଘୁନାଥ ଓ ଲକ୍ଷ୍ମଣଦାସଙ୍କୁ ସଙ୍ଗରେ ନେଇ ନୟାଗଡ ପଳାଇ ଆସିଥିଲେ ।

ଲଡୁକିଶୋର ସିଂହଙ୍କ ପ୍ରଥମ ରାଜତ୍ୱରେ ବ୪ର୍ଷ ଦାମୋଦର ରାଏଗୁରୁ ଦେବାନ ଥିଲେ । ତାପରେ ବୈଦ୍ୟନାଥ ସିଂହ ଜଗଦେବ ସାମନ୍ତ ମନେଜର ଓ ଗୌରାଙ୍ଗ ପୃଥ୍ୱୀ ସିଂହ ଦେବାନ ଥିଲେ । ସନ ୧୮୭୮ ମସିହା ତୀର୍ଥ ସମୟେ ଦେବାନ ବନାରସ ଠାରେ ମୃତ ହେବାରୁ ତାଙ୍କର କନିଷ୍ଠ ଭ୍ରାତା ନିତ୍ୟାନନ୍ଦ କ୍ଷେତ୍ରିବର ସିଂହ ଦେବାନ ହେଲେ । ଜଗଦେବ ସାମନ୍ତଙ୍କର ଲିଭର ବଢ଼ିଯିବାରୁ ସେ କାର୍ଯ୍ୟ କରିପାରିଲେ ନାହିଁ । ସନ ୧୮୮୪ ମସିହାରେ ଗୋପାଳ ଚନ୍ଦ୍ର ସାମନ୍ତରାଙ୍କୁ ତହସିଲଦାର କରି ଆଣିଥିଲେ । ଲଡୁକିଶୋର ସିଂହଙ୍କ ସମୟେ ବୋଲଗଡ ରୋଡ୍ ହୋଇ ଦଶପଲା ରୋଡ ରାସ୍ତା ଠିକ୍ କରାଯାଇଥିଲା । ଏଥିପୂର୍ବରୁ ଉତ୍ତର ପୂର୍ବ ସିନ୍ଦୁରିଆ ପାଟଚଣ୍ଡି ଠାକୁରାଣୀଙ୍କ ପର୍ଯ୍ୟନ୍ତ ଜଙ୍ଗଲଥାଇ ସେଠାରେ ପାଏକ ନିବାସ ଥିଲା । ସେଠାରେ ଢ଼ୋଲ ଆମ୍ବଗଛ ଥିବାରୁ ତାହାକୁ ଢ଼ୋଲ ଆମ୍ବଦାର କୁହାଯାଉଥିଲା । ଗଡର ପଶ୍ଚିମରେ ଜୟପୁର ଗ୍ରାମ ପର୍ଯ୍ୟନ୍ତ ଜଙ୍ଗଲ ଥିଲା । ସେଠାରେ ପାଏକ ବସତି ଥିଲା । ସେଠାରେ ଗଡ ପ୍ରଭୃତିର ଅନେକ ପାଣି ଜମା ହେଉଥିବାରୁ ତାହାର ନାମ ପାଣି ଛତ୍ରକାର କୁହା ଯାଉଥିଲା । କେହି ବିଦେଶୀ ବା ସନ୍ଦେହୀ ଲୋକ ଆସିଲେ ରାଜାଙ୍କୁ ଜଣାଇ ସେମାନଙ୍କୁ ଗଡକୁ ଛାଡି ଦିଆଯାଉଥିଲା ।

Digitized by PPRACHIN, SOA

ସନ ୧୮୮୬ ରେ ମାଘ କୃଷ୍ଣ ଏକାଦଶୀ ମକର ସଂକ୍ରାନ୍ତିଦିନ ଜଗଦେବ ସାମନ୍ତ ଓ ସନ ୧୮୮୭ ମସିହା ଭାଦ୍ରବ ଶୁକ୍ଳ ରାଧାଷ୍ଟମୀ ଦିନ ପାଟ ମହାଦେବୀଙ୍କର ବିୟୋଗ ହୋଇଥିଲା । ଏହାଙ୍କ ସମୟରେ ରୁପା ଚଉକି, ତାମଦାକିହାଉଦା, ଝାଡଗ୍ଲାସ ପ୍ରଭୃତି ବହୁତ ଖରିଦ କରିଥିଲେ । ବଡମ୍ୱା ଷ୍ଟେଟ କୋଟ ଅଫ୍ ଓ୍ୟାର୍ଡସ୍ ହେବା ସମୟେ ୫ ଘର ହାତୀ ଓ ଅନେକ ଘୋଡା ଖରିଦ କରିଥିଲେ । ଲଛମନ ବେର୍ତ୍ତା ପଟ୍ଟନାୟକଙ୍କ ଦ୍ୱାରା ନୟାବାଦି ବନ୍ଦୋବସ୍ତ କରାଯାଇ ମାଳରୁ ଘୋଡାମାନଙ୍କ ସକାଶେ କୋଳଥ ଓ ହାତିଆଳ ସଞ୍ଜା ଠିକ୍ କରିଥିଲେ । ତାଙ୍କ ନାମାନୁସାରେ ୩ ଗୋଟି ଲଡୁକେଶ୍ୱରପୁର ଓ ପାଟ ମହାଦେବୀଙ୍କ ନାମରେ ଘଷାଦେଇପୁର ବ୍ରାହ୍ମଣଶାସନ ଓ ଅନେକ ଶୁଦ୍ର ମୌଜା ବସାଇଥିଲେ । ପାଟ ମହାଦେବୀଙ୍କର ଅସୁରଢ଼ିପା, ଲାଠିପଡା, ଖମାରିସାହି, ଭାଟସାହି ୪ଗୋଟି ଖମାର ଓ ଅନେକ ଫୁଟକର ଜମି ବିଶେଷ ଆମ୍ବତେନ୍ତୁଳି ବଗାଏତ ଓ ଟ୪୦୦୦/- ଅସୁଲିର ମୌଜମହଲ ଖଞ୍ଜା ଦେଇଥିଲେ । ପାଟ ମହାଦେବୀଙ୍କ ବିୟୋଗ ପରେ ମହାଲ ଯେମା ସାମନ୍ତ ଭାଟସାହି ଖମାର ଖଏରବନ୍ଧ ଚକ ଆଦି ଉତ୍କୃଷ୍ଟ ଜମି ଚିନ୍ତା ମଲକୁ ରଏତିରେ ଦେଇ ପକାଇ ଖମାର ଭାଙ୍ଗିଦେଇଥିଲେ । ଆଉ କେତେକ ଖମାର ଯମି ଅଛି । ରାଜମାତାଙ୍କ ମୃତ୍ୟୁପରେ ତାଙ୍କର ଚଡୟାପଲି ଓ ଡମ୍ବସାହି ଖମାର ଦୁଇଗୋଟି ଓ ଟ ୩୦୦୦/- ର ମୌଜ ମହଲ ମଉଜା ସାନରାଣୀଙ୍କୁ ଖଞ୍ଜା ଦେଇଥିଲେ ।

ଏହାଙ୍କ ସମୟରେ ମାହାଲ ରାଜସ୍ୱ ଟ ୩୬୦୦୦/- ଥିଲା । ସେ ସେଟଲମେଣ୍ଟ କରି ଟ ୧ ରେ ଚାରିଅଣା ବସଣି କରି ଟ ୯୦୦୦/- ଅଧିକା କରିଥିଲେ । ଏହାକୁ ସରସରି ବସଣି କୁହାଯାଉଥିଲା । ବନକର ହଳପାସ ଟ.୧୦,୦୦୦/- ଓ କାଠ ବିକ୍ରି ଓଗେର ଟ ୧୫,୦୦୦/- ଏପରି ଟ ୨୫୦୦୦ ଥିଲା । ଅନ୍ୟାନ୍ୟ ଆୟ ମିଶି ଦୁଇ ଲକ୍ଷ ପର୍ଯ୍ୟନ୍ତ ଆଦାୟ ହେଉଥିଲା । ତାଙ୍କ ମୃତ୍ୟୁର ଅଳ୍ପ ଦିନ ପୂର୍ବରୁ ନିଯିଗଡ ରଘୁନାଥ ଯିଉ ଙ୍କୁ ପ୍ରତିଷ୍ଠିତ କରିଥିଲେ । ଜମି ଖଞ୍ଜା ପାରି ନଥିଲେ । ଏହାଙ୍କ ସମୟ ପର୍ଯ୍ୟନ୍ତ କର୍ମଚାରୀ ଅମିନ ଛଡା ବାକି ସମସ୍ତେ ସ୍ୱଦେଶୀ ଥିଲେ । ସେମାନେ ଜାୟଗିରି ଜମିନେଇ

Digitized by PPRACHIN, SOA

ସମସ୍ତ ରାଜକାର୍ଯ୍ୟ କରୁଥିଲେ । କେବଳ କର୍ମଚାରୀ ବୋଲି ନାମମାତ୍ର (Nominal) କିଛି କିଛି ବେତନ ଦିଆଯାଉ ଥିଲା । ତେବେ ପାଞ୍ଚଟଙ୍କାରୁ କେହି ଅଧିକ ପାଉନଥିଲେ । ଦେଓ୍ୱାନ ମାନେ ଜାୟଗିରି ମଉଜା ପାଇ କାର୍ଯ୍ୟ କରୁଥିଲେ । ସେମାନଙ୍କର ମୋଟେ ଦରମା ନଥିଲା ।

ଗୋପାଳ ବାବୁ ତହସିଲଦାର ହୋଇ ପ୍ରଥମେ ମାସିକ ଟ୫୦/- ଦରମାରେ ଆସିଯିବା ସମୟ ବ ୧୦ର୍ଷ ମଧ୍ୟରେ ଟ ୧୦୦ ହୋଇଥିଲା । ସେ ସମୟରୁ ଦରମା ସଂଖ୍ୟା କ୍ରମେ ବଢ଼ିଥିଲା । ମାତ୍ର କର୍ମଚାରୀ ସଂଖ୍ୟା ଖୁବ୍ କମ୍ ଥିଲା । କର୍ମଚାରୀ ମାନେ ଖାନ୍‌ଦାନ୍ ଥିଲେ । କର୍ମଚାରୀମାନେ ବରାବର ଉତ୍କୋଚ ଗ୍ରହଣ କରନ୍ତି, ଏହା ଭାବି ସେମାନଙ୍କୁ ଗୋଟିଏ ଗୋଟିଏ ଘୋଡା ଦିଆଯାଉଥାଏ । ଷ୍ଟେବଲ (Stable ବା ଘୋଡାଶାଳ) ରୁ ଦାନା ଓ ସାହାଣୀ ଘାସ ଖର୍ଚ୍ଚ କର୍ମଚାରୀ ଦିଅନ୍ତି ମାତ୍ର ଘୋଡା ସର୍କାରୀ ।

ରାଧାନାଥ ଯିଉ ଓ ଜଗନ୍ନାଥ ଯିଉଙ୍କ କର୍ମଚାରୀମାନେ ବର୍ଷରେ ପାଞ୍ଚଭରଣ ଧାନ ଓ ପଚାଶ କାହାଣ କଉଡି (ଟ) ଦରମା ପାଆନ୍ତି । ଅନ୍ୟ ମନ୍ଦିର ମାନ ଜଣକ ଅଧୀନରେ ଗୋଟିଏ ଲେଖାଏଁ କର୍ମଚାରୀଙ୍କୁ ଦେଇଥାନ୍ତି । ସମସ୍ତ ଆଦାୟ ପ୍ରଭୃତି ସେମାନେ କରନ୍ତି । ନାମମାତ୍ର କେଉଁ ମନ୍ଦିର ବର୍ଷକୁ ଟ୧୦/- ଓ କେଉଁମନ୍ଦିର ଟ୫/- ଏଲାଉନ୍‌ସ୍ ପାଆନ୍ତି । ସମସ୍ତଙ୍କ କାମ ଦେଖିବା ଦେଓ୍ୱାନ ଓ ନାଏବ ଦେଓ୍ୱାନ ମାନଙ୍କ ଉପରେ ନ୍ୟସ୍ତ ଥାଏ । ମାତ୍ର ରାଜା ସାହେବ ପ୍ରତିଦିନ ସବୁ ଖବର ବୁଝନ୍ତି । ଜଗଦେବ ସାମନ୍ତ ଓ ପାଟମହାଦେବୀଙ୍କ ବିୟୋଗ ହେବାରୁ ତାଙ୍କର ମନରେ ବିଶେଷ କଷ୍ଟ ହୋଇଥିଲା ।

ଏ ରାଜା ସନ ୧୮୪୧ ମସିହା ଭାଦ୍ରବ ଶୁକ୍ଳ ଚତୁର୍ଥୀ ଗଣେଶ ଚତୁର୍ଥୀ ଦିନ ଜନ୍ମ ଗ୍ରହଣ କରି ତା ୩୧.୩.୮୯ ଦିନ ବ ୪୮ର୍ଷ ବୟସରେ ପ୍ରାଣତ୍ୟାଗ କଲେ । ସେ ବଳଭଦ୍ର ସିଂହ ପୁତୁରାଙ୍କୁ ଲଡୁବାବାଙ୍କ ଠାରେ ନାଉଳି (ନିର୍ଣ୍ଣବନ୍ଧ) କରାଇଥିଲେ ।

Digitized by PPRACHIN, SOA

୧୬. ରାଜା ବଳଭଦ୍ର ସିଂହ

ରାଜାଙ୍କର ବିୟୋଗ ବାର୍ତ୍ତା ତା ୨-୪-୮୯ ରିଖରେ ପାଇ ଦେବାନ ନିତ୍ୟାନନ୍ଦ କ୍ଷେତ୍ରିବର ସିଂହ ବଳଭଦ୍ର ସିଂହଙ୍କୁ ରାଜା କଲେ । ବଳଭଦ୍ର ସିଂହ ବୁଦ୍ଧିମାନ ଥିଲେ । ଶୁଦ୍ଧ ପରେ କଟକ ଯାଇ କମିଶନରଙ୍କ ସହିତ ସାକ୍ଷାତ କରି ସାହେବଙ୍କୁ ଯଥାର୍ଥ ଭାବବୈଭାଗରେ ଆପ୍ୟାୟିତ କରି ଏକମାସ ମଧ୍ୟରେ ପୁରା କ୍ଷମତା ପାଇଥିଲେ । ତାଙ୍କର ମାର୍କ ଦଶା ସମସ୍ତଙ୍କୁ ଜଣାଥିଲା । ସେହି ହେତୁ ତାଙ୍କୁ ବିବାହ କରା ହୋଇ ନଥିଲା । ତାଙ୍କ ସମୟରେ ଖଣ୍ଡପଡାର ରାଜା ନଟବର ସିଂହ ତାଙ୍କ ସହିତ ସଦ୍‌ଭାବ ସ୍ଥାପନ କରି ଏଠାକୁ ଦୁଇଥର ଆସିଥିଲେ । ତାଙ୍କ ସମୟରେ ବିଶେଷ କିଛି ଘଟଣା ଘଟି ନଥିଲା । ସେ ତା ୧୦-୩-୧୮୮୦ରେ ବ୨୨ର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ ।

ରାଜା ବଳଭଦ୍ର ସିଂହଙ୍କ ବିୟୋଗ ହେବାରୁ ରାଜାମାତାଙ୍କ ଠାରେ କର୍ମଚାରୀ ଓ ପ୍ରଜା ସହିତ କ୍ଷେତ୍ରିବର ସିଂହଙ୍କୁ ରଜା କରିବା ସକାଶେ ପ୍ରସ୍ତାବ କରି କହିବାରୁ ସେ ଆପଣା ଘରକୁ ଯାଇ ତାଙ୍କର ପ୍ରଥମ ସ୍ତ୍ରୀ କଳନିଧି ଦେଈଙ୍କୁ ପ୍ରୋକ୍ତ ବିଷୟ କହି ପଚାରିଲେ "ତୁମ୍ଭେ ଯାହା କହିବ ମୁଁ ତାହା କରିବି" । ସେ ବଡ ଉପଯୁକ୍ତା ଥିଲେ । ସେ କହିଲେ ରାଜାଘର ଗାଦିଟାକୁ ଅନ୍ତର ଗାଦି କରିଦବା ମୁଁ ଭଲ ମନେ କରୁନାହିଁ । ବାୟା ସାନ୍ତଙ୍କୁ ଆଣି ରାଜା କରିଦିଅ । ଏ ବିଷୟ ମୁଁ (ଲେଖକ) ନିଜେ ଦେଖିଛି ଓ ଶୁଣିଅଛି । ଯେହେତୁ ରାଜବାଟି ଓ ଦେଓ୍ୱାଘର ଭିତର ମୋର (ଲେଖକ) ପ୍ରବେଶ ଥିଲା । ସେଠାରୁ ଦେଓ୍ୱାନ ଆସି ନିଜେ ରାଜା ହେବା ବିଷୟ ମନା କରି ବାୟା ସାମନ୍ତ (ରଘୁନାଥ ସିଂହ)ଙ୍କୁ ଅଣାଇ ରଜା କଲେ ।

ସେ ରାଜା ହେବା ପୂର୍ବଦିନ ତାଙ୍କର ହରିଚନ୍ଦନପୁର ମୌଜାରେ ଗୋଟିଏ କୁରୁମ ଗଛକୁ କନ୍ଧମଙ୍ଗରାଜ ସିରସ୍ତାଦାର ହଣାଇ ଦେଇଥିବା ଜାଣି ବାୟାସାମନ୍ତ କନ୍ଧ ମଙ୍ଗରାଜଙ୍କୁ ରାଜା ହେବାଦିନ ସକାଳେ ଯାଇ ଗଛହାଣିବା ବିଷୟ ପଚାରିବାରେ ଝଗଡା ଲାଗିଲ । କନ୍ଧ ମଙ୍ଗରାଜ କହିଲେ, ତୁମେ

Digitized by PPRACHIN, SOA

କଅଣ କରୁଛ କର ଯେଉଁଦିନ ରାଜା ହେବ ସେଦିନ ପ୍ରଜା ନକରିବ ।'' ସେ ଦିନ ସନ୍ଧ୍ୟାରେ ବାୟାସାମନ୍ତ ରାଜାହେବାରୁ ମଙ୍ଗରାଜ ଲଜ୍ଜା ଓ ଭୟରେ ଦେଖାଦେଲେ ନାହିଁ । ଦିନେ ଯାଇ ସାଷ୍ଟଙ୍ଗ ପ୍ରଣିପାତ ହୋଇ ଦୋଷ କ୍ଷମା ମାଗିବାରୁ ଦୟାଳୁ ରାଜା କହିଲେ ତୁମ୍ଭେ ସାମନ୍ତଙ୍କୁ କହିଥିଲ ବା ଅପମାନ ଦେଇଥିଲ । ରାଜାଙ୍କୁ ଦେଇନଥିଲ । ବର୍ତ୍ତମାନ ଆମ୍ଭେ ରାଜା କହି କ୍ଷମା ଦେଇଥିଲେ ।

୧୭. ରାଜା ରଘୁନାଥ ସିଂହ

ରଘୁନାଥ ସିଂହ ରାଜା ହେବାରୁ ତାଙ୍କର ରାଜିରି ବିରୁଦ୍ଧରେ ଖଣ୍ଡପଡା ରାଜା ନଟବର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ଓ୍ୱାରସ ସୂତ୍ରେ ନୟାଗଡ଼ ଷ୍ଟେଟ ପାଇବାକୁ ମକଦ୍ଦମା କରିଥିଲେ । ତାଙ୍କର ଆପତ୍ତିର ସାରମର୍ମ ଯେ ରଘୁନାଥ ସିଂହ ବାଣପୁରର ଜାତିଆ ଭାଇପୁଅ । ସେ ନୟାଗଡ ରାଜାଙ୍କର କିଛି ନୁହନ୍ତି । ନୟାଗଡରେ କେହି ଜାତିଆ ଭାଇପୁଅ ନଥିବାରୁ ନୟାଗଡ ରାଜା ଏହାଙ୍କ ପୂର୍ବ ପୁରୁଷଙ୍କୁ ଆଣି ଆଗପତରିଆ ଜ୍ଞାତି କରି ରଖିଥିଲେ । ସେ ଷ୍ଟେଟ୍ ପାଇବା ହକ୍‌ଦାର ନୁହନ୍ତି । ଏ ମକଦ୍ଦମା ଶେଷ ପର୍ଯ୍ୟନ୍ତ ରଘୁନାଥ ସିଂହଙ୍କର ଛତ୍ରକାହାଳ ବନ୍ଦ କରାଯାଇଥିଲା । ବଡ ଲାଟଙ୍କ ପର୍ଯ୍ୟନ୍ତ ମକଦମା ଲଢ଼ିଥିଲେ । ଦଶମାସ ପରେ ଖଣ୍ଡପଡା ରାଜାଙ୍କ ଆପତ୍ତି ନାମଞ୍ଜୁର ହୋଇ ରଘୁନାଥ ସିଂହଙ୍କର ରାଜିରି ମଞ୍ଜୁର ହୋଇ ପୁରା କ୍ଷମତା ଆସିଲା । ଏ ମୋକଦମାରେ ନିତ୍ୟାନନ୍ଦ କ୍ଷେତ୍ରିବର ସିଂହ ଦେଓ୍ୱାନ ଅନେକ ପରିଶ୍ରମ କରିଥିଲେ ଓ ରାଜାଙ୍କର ଅନେକ ଅର୍ଥ ଖର୍ଚ୍ଚ କରିଥିଲେ ।

ରାଜା ସାହେବ କ୍ଷମତା ପାଇବା ଠାରୁ ଛମାସ ପର୍ଯ୍ୟନ୍ତ ପ୍ରତିଦିନ ସକାଳୁ ଘଣ୍ଟା ଲେଖାଏଁ ମହାଫିସଖାନାକୁ ଯାଇ ରୁଲ୍ ଓ ରେକର୍ଡ ସମସ୍ତ ପ୍ରକାର ଦେଖାଦେଖି କରି ଅଫିସ୍ କାର୍ଯ୍ୟରେ ଯୋଗ୍ୟତା ଲାଭ କରିଥିଲେ । ସେ ପ୍ରତ୍ୟେକ ରେକର୍ଡରେ କାହାକୁ ଅପେକ୍ଷା ନକରି ଅର୍ଡର ଦେଉଥିଲେ ଓ ଜଜ୍‌ମେଣ୍ଟ ଲେଖୁଥିଲେ । ସେ ରୀତିମତ ଅଫିସକୁ ଆସୁଥିଲେ ଓ ପୂର୍ବ ଧରଣର ରାଜନୀତି କରୁଥିଲେ ।

Digitized by PPRACHIN, SOA

ସ୍ୱର୍ଗୀୟ ରାଜା ଲଡୁକିଶୋର ସିଂହଙ୍କ ଶେଷ ରାଜତ୍ୱ ପର୍ଯ୍ୟନ୍ତ ତିନିଗୋଟି ଜେଲଖାନା ଥିଲା । ୧ମ-ପ୍ରଧାନ ଭଦ୍ରଲୋକମାନେ ପର୍ବଘରେ ପାଏକ ପହରାରେ ରହୁଥିଲେ । ୨ୟ- ମଧ୍ୟମ କ୍ଲାସ ର ଲୋକମାନେ ଡେଙ୍ଗାଘର (ଟାଇଗର ଘର)ରେ ରହୁଥିଲେ । ୩ୟ- ନିକୃଷ୍ଟ କ୍ଲାସର ଲୋକମାନେ ପ୍ରକୃତ ଜେଲଖାନାରେ ରହୁଥିଲେ । ୧ମ ଓ ୨ୟ ଶ୍ରେଣୀର ଲୋକ ମାନଙ୍କର ଚୁଟି କଟାଯାଉ ନଥିଲା । ଯେ କୌଣସି ଲୋକଙ୍କୁ ଅର୍ଥ ଦଣ୍ଡ କରାଗଲେ ସେ ତତ୍‌କ୍ଷଣାତ୍ ଦାଖଲ କରି ନ ପାରି ସମୟ ଚାହିଲେ ଜାମିନ୍ ଦିଆଯାଇ ଛାଡି ଦିଆଯାଉଥିଲା । ମାତ୍ର ଏ ଯୁଗରେ ତାହାସବୁ ପରିବର୍ତ୍ତନ କରାଯାଇ ନିୟମାନୁସାରେ ସମସ୍ତେ ଏକ ଜେଲ୍‌ରେ ବାସ କରିବା ଓ ସମସ୍ତଙ୍କର ଚୁଟି କଟାହେବା ଓ ଜୋରିମାନା କରାଯିବା ସଙ୍ଗେ ସଙ୍ଗେ ଟଙ୍କା ଦାଖଲ ନକଲେ ଜେଲଖାନା ପଠା ଯାଉଛି । ଏ କାର୍ଯ୍ୟ ଗୋପାଳ ବାବୁଙ୍କ ପରାମର୍ଶ ଅନୁସାରେ ହେଉଥିବାରୁ ପ୍ରଜାମାନେ ଗୋପାଳ ବାବୁଙ୍କ ଉପରେ ବିରକ୍ତ ଥିଲେ ।

ରାଜା ଲଡୁକିଶୋର ସିଂହଙ୍କ ରାଜତ୍ୱ କାଳରେ ନୟାଗଡ-ଦଶପଲା ରୋଡଲାଇନ ଠିକ୍ କରାଯାଇଥିଲା । ମାତ୍ର ରୋଡକାମ ଲାଗି ନଥାଇ କେତେକ ବର୍ଷ ଗତ ହୋଇ ଯାଇଥିବାରୁ ଯେଉଁ ପ୍ରଜାମାନଙ୍କର ରୋଡରେ ଜମି ଯାଇଥିଲା ସେମାନେ କିଛି କିଛି ମିଶାଇ ଯାଇଥିଲେ । ଗୋପାଳବାବୁ ସେ ବିଷୟ ଜାଣିପାରି ଅମିନ ସହିତ ଯାଇ ତଦନ୍ତ କରି ଗଡଠାରୁ ଦଶପଲା ସରହଦ ପର୍ଯ୍ୟନ୍ତ ଯେ ପ୍ରଜା ଯାହା ମିଶାଇଥିଲେ ପ୍ରତ୍ୟେକଙ୍କୁ ମୌଖିକ ଜରିମାନା କରି ଦିଣାନ ମଧ୍ୟରେ ଟ୩୦୦୦/- ଜରିମାନା କରି ସଙ୍ଗେ ସଙ୍ଗେ ଅସୁଲ କରିଥିଲେ । ରୋଡରେ ଯାଇଥିବା ଜମିମାନଙ୍କର ଖଜଣା ଛାଡ ହୋଇ ନଥିବାରୁ ନିୟମିତ ବିଚାର କରିନଥିଲେ ।

ସେ ସମୟରେ ରାଜା ସାହେବ ରାଜ୍ୟରେ ନଥାଇ ତୀର୍ଥାଟନରେ ଯାଇ ଥିଲେ । ଏ ଘଟଣାରେ ପ୍ରଜାମାନେ ଗୋପାଳବାବୁଙ୍କ ଉପରେ ବିଶେଷ ବିରକ୍ତ ଥିଲେ । ଅନ୍ୟାନ୍ୟ କେତେକ କାରଣ ନେଇ ଦେଓ୍ୱାନ ଓ ମାନେଜରଙ୍କ ମଧ୍ୟରେ ମନାନ୍ତର ହେବାରୁ ପ୍ରଜାମାନେ ବିଶେଷତଃ କୁରୁଡା ଓ ମହିପୁର

Digitized by PPRACHIN, SOA

ପ୍ରଜା ମାନେ ଦେଓ୍ୱାନଙ୍କ ସପକ୍ଷରେ ଓ ମାନେଜରଙ୍କ ବିପକ୍ଷରେ ମାତି ଉଠିଲେ ଓ ମେଳି ହେଲା । ମେଳ ସନ ୧୮୯୨ ମସିହାରେ ଆରମ୍ଭ ହୋଇ ସନ ୧୮୯୪ରେ ଶେଷ ହେଲା, ସନ ୧୮୯୩ ରେ ଗୋପାଳବାବୁ ରାଜାଙ୍କ ଅଜ୍ଞାତରେ ରଣପୁର ରାସ୍ତାରେ ଚାଲିଯାଇଥିଲେ । ସନ ୧୮୯୪ ମସିହା ଜାନୁଆରୀ ମାସ ୧୬ ତାରିଖରେ ବାବୁ ଦର୍ପ ନାରାୟଣ ଦାସ ମାନେଜର ହେଲେ । ମେଳି ବିଷୟର ଇତି ହେଲା । ସନ ୧୯୨୩ ମସିହାରେ ରେକଡ ଅନୁସାରେ ଲେଖା ହୋଇ ଅଫିସ୍‌ରେ ରହିଅଛି ।

ରାଜା ରଘୁନାଥ ସିଂହ ତାଙ୍କର ମଝିଆ ଓ ସାନଭଉଣୀ ମାନଙ୍କୁ ଆଣି ରାଜବାଟିରେ ରଖିଥିଲେ । ସେମାନଙ୍କ ପାଇଁ ବର୍ଷକ ସକାଶେ ମାଇନର ସ୍କୁଲ କରିଥିଲେ । ସେମାନଙ୍କ ମାଇନର ପାସ୍ ପରେ ମାଇନର କ୍ଲାସ ଉଠାଇ ଦେଇଥିଲେ । ଉଚ୍ଚ ଶିକ୍ଷାପାଇଁ କଟକ ପଠାଇ ମାସିକ ଟ ୧୨୦/- ଖଞ୍ଜା ଦେଇଥିଲେ । ଗୋବିନ୍ଦଚନ୍ଦ୍ର ପୁର ନୂତନ ମଉଜମହଲ ମଉଜା ଓ କେତେକ ଫୁଟ କର ଜମି ମଧ୍ୟ ଖଞ୍ଜା ଦେଇଥିଲେ ।

ତାଙ୍କର ପ୍ରଥମ ରାଣୀ ପାଟ ମହାଦେବୀଙ୍କ ଗର୍ଭରୁ କିଛି ସନ୍ତାନ ନ ହେବାରୁ ସ ୧୮୯୫ ମସିହା ମାର୍ଗଶୀର ମାସରେ ବଡମ୍ବାରାଜା ବିଶ୍ୱମ୍ଭର ମଙ୍ଗରାଜଙ୍କର ବୈମାତ୍ରିକ ଭଗ୍ନୀ ପଦ୍ମମାଳି ଦେବୀଙ୍କୁ ବିବାହ ହୋଇଥିଲେ । ଏହାଙ୍କ ଗର୍ଭରୁ ଗୋଟିଏ କନ୍ୟା ଜନ୍ମ ହୋଇ ମୃତ୍ୟୁ ଲଭିଥିଲେ । ଅପର କନ୍ୟାଟି ଗର୍ଭରେ ଥିବା ସମୟରେ ରାଜା ରଘୁନାଥ ସିଂହଙ୍କର ସନ ୧୮୯୭ ମସିହା ସେପ୍‌ଟେମ୍ବର ମାସ ତା ୪ ରିଖରେ,ମୃତ୍ୟୁ ହେଲା ।

ଏହାଙ୍କ ସମୟରେ ସନ ୧୮୯୬ ମସିହାରେ ଗଡଜାତ ମାନଙ୍କରୁ ଦେଶୀ ଗଞ୍ଜାଇ ଉଠି ଯାଉଥିଲା । ଏଥି ପୂର୍ବରୁ ଲୋକମାନେ ପ୍ରଚୁର ପରିମାଣରେ ଦେଶୀ ଗଞ୍ଜାଇ ଗଛ ଲଗାଇ ଖାଉଥିଲେ । ସନ ୧୮୯୬ ମସିହାରେ ଏ ଷ୍ଟେଟରେ ତମାଦି ଆଇନ ଜାରି ହୋଇଥିଲା । ଦଣ୍ଡେର ମଉଜାରୁ ସନନ୍ଦରୁ ଅବଶିଷ୍ଟ ଜମିବାହାର କରି ଲିଙ୍ଗରାଜ ସୁବୁଦ୍ଧିକୁ ଦେଇଥିଲେ ।

Digitized by PPRACHIN, SOA

ଏହାଙ୍କ ସମୟରେ ରାଜବାଟିରେ ପ୍ରତିବର୍ଷ ହେଉଥିବା ଝୁଲଣ ଯାତ୍ରା ଅତି ସୁନ୍ଦର ଓ ଚମତ୍କାର ହେଉଥିଲା । ଏହାଙ୍କ ସମୟ ପର୍ଯ୍ୟନ୍ତ ଜାତୀୟ ଉନ୍ନତି ପୁରା ଭାବରେ ଥିଲା । ଅତି ପୂର୍ବରୁ ଏ ରାଜାଙ୍କର ରାଜିରି ପର୍ଯ୍ୟନ୍ତ ସମସ୍ତେ ଚରିତ୍ରବାନ ଥିଲେ ଏବଂ ପର ସ୍ତ୍ରୀ ହରଣ କଥା ଏକାବେଳକେ ନଥିଲା । ଯଦି କେଉଁଠାରେ ହେଉଥିଲା ତେବେ ପ୍ରକାଶ ପାଇଲେ ସେମାନେ ରାଜ ଭୟରେ ଷ୍ଟେଟରୁ ପଳାଉ ଥିଲେ । ନଗଲେ ମୌଖିକ ଖବରରେ ସେମାନଙ୍କୁ ଷ୍ଟେଟରୁ ବାହାର କରିଦିଆଯାଉଥିଲା ।

ରଘୁନାଥ ସିଂହଙ୍କ ବିୟୋଗ ସମୟକୁ ବାବୁ ଦର୍ପନାରାୟଣ ଦାସ ମାନେଜର ପଠା ବେମାରିରେ କଟକରେ ଥିଲେ । ରାଜାଙ୍କର ମୃତ୍ୟୁ ପୂର୍ବରୁ ତାଙ୍କର ପାଟ ମହାଦେବୀ ଚାରିଗୋଟି ପର୍ଯ୍ୟନ୍ତ ପୋଷ୍ୟପୁତ୍ର କରି ପାରିବେ ବୋଲି ଲେଖି ଦେଇଥିଲେ । ରାଜାଙ୍କ ବିୟୋଗରେ କର୍ମଚାରୀ ଓ ପ୍ରଧାନ ପ୍ରଜାମାନେ ରାଜା ରଘୁନାଥ ସିଂହଙ୍କର ନିଜମାମୁଁ ଦିନବନ୍ଧୁ ସିଂହ ଓ ପୀତବାସ ସିଂହଙ୍କର ପୁତ୍ରଥିବାରୁ ସେମାନଙ୍କର ଯୋଗ୍ୟତା ବିଚାର କଲେ ।

ପୀତବାସଙ୍କର ପୁତ୍ର କୁଞ୍ଜବିହାରୀ ଦେଓଙ୍କୁ ପ୍ରଥମେ ଅଣା ହେଲା । ତାଙ୍କର ଜନ୍ମ ପତ୍ରିକା ଦେଖାଯିବାରେ ସେ ଅଳ୍ପାୟୁ ଥିବାରୁ ତାଙ୍କ ଫେରି ପଠାଯାଇ ତୃତୀୟଦିନ ଦିନବନ୍ଧୁ ସିଂହଙ୍କର କନିଷ୍ଠ ପୁତ୍ର ମୁକୁନ୍ଦ ଦେଓଙ୍କୁ ଅଣାଯାଇ ନାରାୟଣ ସିଂହ ନାମ ଦେଇ ରାଜା କଲେ ।

୧୮. ରାଜା ନାରାୟଣ ସିଂହ

ନାରାୟଣ ସିଂହ ରାଜା ହେବାର ଦି୨ନ ପରେ ଗଡଜାତର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ବାବୁ ସୁଦାମ ଚରଣ ନାୟକ ଓ ଦର୍ପବାବୁ ମାନେଜର ମାନେ ରଘୁନାଥ ସିଂହଙ୍କର ମଧ୍ୟମ ଭଣଜା ଗୋବିନ୍ଦ ଚନ୍ଦ୍ର ସୁରଦେଓ ଙ୍କୁ ସଙ୍ଗେ ନେଇ ଆସିଗଲେ ଏବଂ କର୍ମଚାରୀ ଓ ପ୍ରଜାମାନଙ୍କୁ ଡାକି ସଭାକରି କହିଲେ । "ତୁମ୍ଭେମାନେ ଏକ ଦରଖାସ୍ତ ଦିଅ, ନାରାୟଣ ସିଂହଙ୍କୁ ଜଗଦେବ ସାମନ୍ତ କରି ଭଣଜା ସାମନ୍ତଙ୍କୁ ରାଜା କରିବା" । ସଭ୍ୟମାନେ ସେଥିରେ ସମ୍ମତ ନହୋଇ ନାରାଜ ହେଲେ । ତେଣୁ ଭଣଜା ସାମନ୍ତ ବିଫଳ ମନୋରଥ ହେଲେ । ସେ ସମୟକୁ ଯେମାଦେଈ ମଣିମାଙ୍କର ଦୁଇମାସ ଗର୍ଭାବସ୍ଥା ହେଲେ ।

Digitized by PPRACHIN, SOA

ସେ ସମୟକୁ ଯେମାଦେଈ ମଣିମାଙ୍କର ଦୁଇମାସ ଗର୍ଭାବସ୍ଥା ହୋଇଥିବାରୁ ତାଙ୍କର ପ୍ରସବ ପର୍ଯ୍ୟନ୍ତ ରାଜଗି ସ୍ଥଗିରେ ରହିଲା । ନିର୍ଦ୍ଦିଷ୍ଟ ସମୟରେ ତାଙ୍କ ଗର୍ଭରୁ କନ୍ୟା ଜନ୍ମ ହେବାରୁ ରାଜିରି ମଞ୍ଜୁର ହେଲା । ରାଜିରି ମଞ୍ଜୁର ସମୟକୁ ରାଜାଙ୍କର ବୟସ ବ୨୧ର୍ଷ ଥିଲା । ମାତ୍ର ନାଉଳି (କର୍ଣ୍ଣବିଦ୍ଧ) ସେ ପର୍ଯ୍ୟନ୍ତ ହୋଇ ନଥିଲା । ସନ ୧୮୯୯ ନାଉଳି ହେଲା । ସେହି ବର୍ଷ ସ୍ୱର୍ଗୀୟ ରାଜା ଲଡୁକିଶୋର ସିଂହ ଦ୍ୱିତୀୟ ରାଣୀଙ୍କ କନ୍ୟା ସୁବର୍ଣ୍ଣମାଳିଦେଈ କନିକାର ରାଜା ରାଜେନ୍ଦ୍ର ନାରାୟଣ ପଞ୍ଜଙ୍କ ସହିତ ବିବାହ ହୋଇଥିଲା । ଏହି ବିବାହ ମହାସମାରୋହରେ ହୋଇ ଟ୫୫,୦୦୦/- ଖର୍ଚ୍ଚ ହୋଇଥିଲା । କନିକାରାଜା ଯିଦ୍ କରିବାରୁ ବହୁମୂଲ୍ୟର ହାତୀଦାନ୍ତ ପାଲିଙ୍କି ତାଙ୍କୁ ଦିଆଯାଇଥିଲା ।

ସନ ୧୯୦୩ ମସିହା ମଇମାସ ଏକ ତାରିଖରେ ହିନ୍ଦୋଳ ପାଟଯେମା ଶ୍ରୀ ବ୍ରଜ କିଶୋରୀ ଦେବୀଙ୍କ ସହିତ ରାଜା (ନାରାୟଣ ସିଂହ)ଙ୍କର ଶୁଭ ପରିଣୟ ହୋଇଥିଲା ।

ବିବାହ ସମୟରେ ହଇଜା ଖୁବ୍ ପ୍ରବଳ ହୋଇଥିଲା । ଏତେ ପ୍ରବଳ ହଇଜାରେ ବହୁତ ଲୋକ ମରିଗଲେ । ଏହା ଶୁଣିଲେ ଲୋକମନରେ ଭୟ ଆସେ । ହଇଜାର କାରଣ ଅସୀମ ଖରା ଓ ଗରମ ସହ୍ୟ ନ କରିପାରିବା । ଏଠାରୁ (ନୟାଗଡରୁ) କଣ୍ଟିଲୋ, କଣ୍ଟିଲୋରୁ ବଡମ୍ବାଗଡ ସେଠାରୁ ଭାପୁର । ସେଠାରୁ ହିନ୍ଦୋଳରୁ ରାସୋଳ ଯେଉଁ ବନ୍ଧ ବନ୍ଧା ହୋଇଥିଲା ସେଥିରେ ଲୋକମାନେ ଖରାରେ ବ୍ୟତିବସ୍ତ ହୋଇ ଜଳ ନପାଇ ଆଉଟୁପାଉଟୁ ହୋଇ ମରିଗଲେ । ଏ ବନ୍ଧ ନିଜେ ଅଜୟବାବୁ କରିଥିଲେ ।

ରାଜା ରଘୁନାଥ ସିଂହ ତାଙ୍କ ବଡ ରାଣୀଙ୍କୁ ଓ ଜଗଦେବ ସାମନ୍ତଙ୍କୁ ଖଞ୍ଜା ଖମାର ପ୍ରଭୃତି ଦେଇଥିଲେ ଓ ଯେମାଦେଈ ମଣିମାଙ୍କୁ ଅସୁର ଢ଼ିପା ଓ ଶିଖରପୁର ଖମାର ଓ କେତେକ ମଉଜ ମହଲ ଓ ଫୁଟକର ଜମି ଖଞ୍ଜିଥିଲେ ତା ଉପରେ ଟ୍ରେଜରୀରୁ ଟ ୧୫୦୦/-ରୁ ଊର୍ଦ୍ଧ୍ୱ ପାଉଥିଲେ ।

Digitized by PPRACHIN, SOA

୧୯. ରାଜା କୃଷ୍ଣଚନ୍ଦ୍ର ସିଂହ

ରାଜା କୃଷ୍ଣଚନ୍ଦ୍ର ସିଂହ ୧୯୧୧ ମସିହା ଭାଦ୍ରବ କୃଷ୍ଣପକ୍ଷ ଷଷ୍ଠୀ ଦିନ ଜନ୍ମ ହୋଇଥିଲେ । (ଜନ୍ମାଷ୍ଟମୀକୁ ଦୁଇଦିନ ବାକି ଥିବାରୁ ବୋଧହୁଏ ତାଙ୍କର ଏହି ନାମକରଣ ହୋଇଥିଲା) । ତାଙ୍କର ଅନୁଜ ବୃନ୍ଦାବନ ସିଂହ ୧୯୧୪ ମସିହାରେ ଜନ୍ମ ହୋଇଥିଲେ । ତାଙ୍କୁ ସାତ ବର୍ଷ ବୟସରେ ପିତା ରାଜା ନାରାୟଣ ସିଂହଙ୍କର ୧୯୧୮ ମସିହାରେ ସ୍ୱର୍ଗବାସ ହେବାରୁ ରାଜକୁମାର ମାନଙ୍କର ଦାୟିତ୍ୱ ହିନ୍ଦୋଳ ରାଜା ସାହେବ (ମାମୁଁ) ତାଙ୍କୁ ହିନ୍ଦୋଳ ଷ୍ଟେଟକୁ ନେଇ ଯାଇଥିଲେ । ସେଠାରେ ଦୁଇଭାଇଙ୍କର ଲାଳନ ପାଳନ ହୋଇଥିଲା । ସେଠାରୁ ଦୁଇଭ୍ରାତା କୃଷ୍ଣଚନ୍ଦ୍ର ଓ ବୃନ୍ଦାବନ୍ଦ ଶିକ୍ଷାପାଇଁ ରାୟପୁର ରାଜକୁମାର କଲେଜକୁ ଗଲେ ।

୧୯୩୩ ମସିହାରେ ବାଇଶିବର୍ଷ ବୟସରେ ପୂର୍ଣ୍ଣ କ୍ଷମତା ସହିତ ରାଜାହୋଇ ଷ୍ଟେଟର ଚାର୍ଯନେଲେ । ୧୯୧୮ରୁ ୧୯୩୩ ପର୍ଯ୍ୟନ୍ତ ଗଭର୍ଣ୍ଣମେଣ୍ଟ ଏଜେଣ୍ଟ ବା ସୁପରିଟେଣ୍ଡେଣ୍ଟ ରାଜ୍ୟ ଶାସନ ଭାର ଦେଖୁଥିଲେ । ସେ ୧୯୩୦ ମସିହାରେ ନେପାଳର ପୂର୍ବରାଜାଙ୍କ ନାତୁଣୀଙ୍କୁ ବିବାହ କରିଥିଲେ । ପରେ ହିନ୍ଦୋଳ ରାଜକନ୍ୟାଙ୍କୁ ବିବାହହେଲେ ।

ସେ କ୍ଷମତା ପାଇବାର ଅଳ୍ପଦିନପରେ ରୋଗାକ୍ରାନ୍ତ ହୋଇ ଲଣ୍ଡନ ଯାଇ ସେଠାରୁ ଆରୋଗ୍ୟ ହୋଇ ଆସିଲେ । ତାଙ୍କର ସ୍ୱଭାବ ଅତି ଉତ୍ତମ । ଏହାଙ୍କ ସମୟରୁ ଡିଭଲପ୍‌ମେଣ୍ଟ ତଗାବୀ ଲୋନ୍ ଦିଆଯାଉଅଛି ।

୧୯୧୪ ମସିହାରେ ସୁଦୃଶ୍ୟ ଅଟ୍ଟାଳିକାରେ କଚେରୀ ସ୍ଥାପିତ ହୋଇଅଛି । ଏହାଙ୍କ ପୁଅଙ୍କ ନାମରେ ବ୍ରଜେନ୍ଦ୍ର ହାଇସ୍କୁଲ (ମାଇନର ସ୍କୁଲ ସହ) ଓ ତତ୍ ସନ୍ନିକଟ ମାତାଙ୍କ ନାମରେ ବ୍ରଜକିଶୋରୀ ହଷ୍ଟେଲ ସ୍ଥାପିତ ହୋଇଛି । ତାହା ନିକଟରେ ହସ୍‌ପିଟାଲ ସ୍ଥାପିତ ହୋଇଛି ଯେଉଁଠି ରୋଗୀ ମାନେ ବିନାଖର୍ଚ୍ଚରେ ଆରୋଗ୍ୟ ହେବାର ସୁବିଧା ପାଉଛନ୍ତି । ଏହା ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରୀୟ ସରକାରୀ ଚିକିତ୍ସାଳୟରେ ପରିଣତ ହୋଇଛି ।

Digitized by PPRACHIN, SOA

ଏକ ଅନାଥାଶ୍ରମ ସ୍ଥାପିତ ହୋଇ ଅନାଥ ମାତୃପିତୃହୀନ ବା ପରିତକ୍ତ ସନ୍ତାନ ମାନଙ୍କର ରହିବା ଓ ମାଟ୍ରିକ୍ ପର୍ଯ୍ୟନ୍ତ ଶିକ୍ଷା ପାଇବାର ବ୍ୟବସ୍ଥା ହୋଇଛି । ଏହା ୧୯୪୮ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲା ।

ନୟାଗଡରେ ଗୋଟିଏ ପାଓ୍ୱାରହାଉସ୍ ସ୍ଥାପିତ ହୋଇ ରାସ୍ତାରେ ବିଜୁଳି ଆଲୁଅର ବନ୍ଦୋବସ୍ତ ହୋଇଛି । ସରକାରୀ ଦପ୍ତର ଓ ହସ୍‌ପିଟାଲ ମାନଙ୍କରେ ବିଜୁଳୀ ଆଲୋକ ଦିଆଯାଇଛି । ନୟାଗଡ ଟାଉନରେ ଗୋଟିଏ ପାର୍କ (ଉଦ୍ୟାନ) ଓ କୃଷ୍ଣଚନ୍ଦ୍ର କ୍ଲବ ଓ ରାଣୀଙ୍କ ନାମରେ ସୌଭାଗ୍ୟ ମଞ୍ଜରୀ ଲାଇବ୍ରେରୀ ସ୍ଥାପିତ ହୋଇଛି ।

ଏ ରାଜା ପ୍ରଜାବତ୍ସଳ ଥିଲେ । ପ୍ରଜାମାନଙ୍କର ଅଭାବ ଅସୁବିଧା ବୁଝୁଥିଲେ । ଓଡ଼ିଶାର ଅନ୍ୟାନ୍ୟ ରାଜାମାନଙ୍କପରି ଅତ୍ୟାଚାରୀ ନଥିଲେ ।

ସନ ୧୯୪୫ ମସିହାରେ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ବ୍ୟାପିବାରୁ କଂଗ୍ରେସ ଦଳ ପକ୍ଷରୁ ପ୍ରଜାମଣ୍ଡଳ ଗଢ଼ା ଯାଇଥିଲା । ସେଥିରୁ ଦୁଇଜଣ ପ୍ରମୁଖ ନେତା ଶ୍ରୀଧର ଦାଶ ଓ ବାଞ୍ଛାନିଧି ସେନାପତିଙ୍କୁ ନେଇ ଜନପ୍ରିୟ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ । ସେମାନେ ୧୯୪୮ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ ।

୨୦. ସରଘର

ସରଘର ଏଲାକାରେ ବର୍ତ୍ତମାନ ଯେତେ ଜମିଅଛି, ସନ ୧୮୫୨ ମସିହା ସେଟଲମେଣ୍ଟରେ ଅନେକ କମ୍ ଥିଲା । ରାଜା ଲଡୁକିଶୋର ସିଂହଙ୍କ ସମୟରେ ସରଘର ସରାଣି ବଧୁଲି ସରାଣି ଥିଲେ । ସେ ଖୁଣ୍ଟବନ୍ଧ ଖମାର ଜମି ରବିଗାଡିଆ ଅମାର ଜମି ନିତ୍ୟାନନ୍ଦ ରାଜରାଜ ସିଂହଙ୍କଠାରୁ ଖରିଦ କରି ଥିଲେ । ଅନ୍ୟାନ୍ୟ କେତେକ ଜମି ଖରିଦ କରିଥିଲେ । ବଧୁଲିପୁର ପ୍ରଭୃତି ମଉଜା ବସାଇଥିଲେ । ସେ ସମୟରେ ସରଘର ଜଣେ ସରାଣିଙ୍କ ଅଧୀନରେ ଥିଲା । ବ୪୫ବର୍ଷରୁ ଉର୍ଦ୍ଧ୍ୱ ନ ହେଲେ ସରାଣି କାର୍ଯ୍ୟରେ ମୁକରିର ହେଉ ନଥିଲେ ।

Digitized by PPRACHIN, SOA

ରାଜବାଟି ମଧ୍ୟରେ ଯେଉଁ ସରଘର ଥିଲା ସେଥିରେ ରାଜବାଟିର ସବୁ ବ୍ୟବହାର ଜିନିଷ ଖାଦ୍ୟାଦିଠାରୁ ସୁନାରୁପା ପାଟଲୁଗା ପ୍ରଭୃତି ଯାବତୀୟ ଜିନିଷ ସବୁ ସମୟରେ ଜମା ରହୁଥିଲା । ରାତ୍ର ଅଧରେ କୌଣସି ଅପ୍ରାପ୍ତ ବା ମୂଲ୍ୟବାନ୍ ଜିନିଷ ଆବଶ୍ୟକ ହେଲେ ବଜାରରୁ ଖରିଦ କରିବାକୁ ପଡୁ ନଥିଲା । ରାଜାଙ୍କର ପ୍ରତିଦିନ ବ୍ୟବହାର୍ଯ୍ୟ ପ୍ରତ୍ୟେକ ଜିନିଷ ରାଣୀ ଯୋଗାଉଥିଲେ ଓ ସମୁଦାୟ ବିଷୟ ରାଣୀ ବୁଝୁଥିଲେ । କେବଳ ଏତିକି ନୁହେଁ, ଖମାର ଅମାର କଥା ନିଜେ ବୁଝୁଥିଲେ । ପ୍ରତି ଖମାର ଧାନ ବୁଣା, ବଛା ଖେଳୁଆ, କଟା, ମଳା କରଜ ଦେବା ଓ ଅସୁଲ ହେବା ରାଣୀଙ୍କ ଉପସ୍ଥିତିରେ ହେଉଥିଲା । ମନେ କର ଗୋଟେ ଖମାରର ଧାନ ବୁଣା ଏକା ଦିନକରେ ଖମାର ହଳ ଓ ବେଠି ହଳରେ ହେଲା । ହଳିଆ ଓ ବେଠିଆଙ୍କ ଦ୍ୱାରା ଏକା ଦିନରେ ବଛା ଏକ ଦିନରେ ଖେଳୁଆ, କଟା ମଳା ଦି୪ନ । ଋଣଦେବା ଏକ ଦିନରେ ହୁଏ । କଟା ମଳା ସମୟେ ଧାନ ଅସୁଲ ହୁଏ । କରଜ ଧାନ ପ୍ରତି ବର୍ଷ ଅସୁଲ ହୁଏ । ଏ ବରଷର ଧାନ ଆର ବରଷକୁ କିଛି ବାକି ରହେ ନାହିଁ ।

ଯଦି କାହାଠାରେ କିଛି ସାମାନ୍ୟ ରହିଯାଏ ତେବେ ଖାତକକୁ ହାତକାଠ ପକାନ୍ତି, ଖରାରେ ବସାନ୍ତି । ପାଣିରେ ଆଗୁଳନ୍ତି । ସେଥିରେ ଦେଇ ନପାରିଲେ ସଙ୍ଗେ ସଙ୍ଗେ ଛାଡ ହୁଏ । କରଜ ଦେବା ସମୟେ ଲୋକ ଦେଖି ଦିଆ ଯାଇଥାଏ । ସେ ସବୁ ଆଦାୟ ହୋଇଯାଏ ।

ଯେଉଁଠାରେ ଚାଷ କରାଯାଇଥାଏ ତାକୁ 'ଖମାର' କହନ୍ତି । କରଜ ଓ ସଞ୍ଜାଧାନ ଯେଉଁଠାରେ ଅସୁଲ ହୋଇ ଜମାରହେ ତାକୁ 'ଅମାର' କହନ୍ତି । ଅମାର ବର୍ତ୍ତମାନ ସଞ୍ଜା ଲଗାଯାଇଥାଏ । ଅମାର ମାନଙ୍କୁ ସରାଣି କରଜ ଦେବା ଓ ଅସୁଲ କରିବାକୁ ଯାଆନ୍ତି । ଖମାର ମାନଙ୍କୁ ବାଜେ ଫସଲ ଆଦାୟ ସମୟକୁ ମଧ୍ୟ କିଛି ଦିନ ଲେଖାଏଁ ଯାଆନ୍ତି । କାରଣ ଖମାର ମାନଙ୍କରୁ ସବୁ ପ୍ରକାର ବାଜେ ଫସଲ ଆଦାୟ ହୁଏ । ସବୁ ଖମାରରେ ବଗିଚା ଥାଏ । ସେଥିରେ ପ୍ରତିଦିନ ପରିବା ରାଜବାଟିକୁ ଆସେ, ଖମାର ଛଡା ସରଘର ଏଲାକା ଡମ୍ପୁଣି ମଉଜାରେ ବୃହଦ୍ କଦଳୀ ବଗିଚା ଥାଏ । ଲେମ୍ବୁ, ଟଭା,

Digitized by PPRACHIN, SOA

କାନ୍ଧିଆ, ମାତୁଳଙ୍ଗ ପ୍ରଭୃତି ଥାଏ ମାତ୍ର କଦଳି ପ୍ରତିଦିନ ସରଘରକୁ ଆସେ । ଆହୁରି ମଧ୍ୟ ଅନେକ ମଉଜାରେ ବଗିଚା ଥାଏ । ସେଥିରୁ ରାଜବାଟିକୁ ଫଳପରିବା ଆସେ ।

ସର୍କାରୀ ଜାଗାରେ ଥିବା ଆମ୍ବଗଛ ମାନଙ୍କ ଆୟ ଆମ୍ବ ପ୍ରଭୃତି ଫଳମାନ ସରଘର ଅଧୀନ ଥିଲା । ଖଣ୍ଡିଗୁଡ, ଖଣ୍ଡିତେଲ, ପାଟକରୋସମ, ପନ୍ଦାରିଆ ମାନେ ପିଆଜ ସରଘର ପ୍ରାପ୍ୟ । ମେଘମାଳ କହୁଣିଆଗଣ୍ଡ ଓ ଅନ୍ୟାନ୍ୟ ସର୍କାରୀ ପୋଖରୀ ସରଘରକୁ ମାଛ ଯୋଗାନ୍ତି । ରାଜ୍ୟ ମଧ୍ୟରେ କେହି ମିରିଗ, କୁଟୁରା ପ୍ରଭୃତି ମାରିଲେ ଦିଅ ଫଡିଆ ସରଘରକୁ ଆସେ । ଗାଈ ମହିଷ ଗୋଠ ଅନେକ ଥିଲେ ଗୋଠ ଆମଦାନି ଘିଅ, ଦୁଧ, ଦହି ଛେନାରେ ସରଘର କାମଚଳେ । ପ୍ରତିନିତି ଖାଇ ଲହୁଣି ମରାହୋଇ ରାଜାମାନଙ୍କ ଖାଇବା ଘିଅ ଚଳେ । ସରାଣି ମଫସଲ ଯିବା ସମୟରେ ତାଙ୍କର ଜଣେ ଆଷ୍ଟିଷ୍ଟାଣ୍ଟ ଦୁଲି ସରାଣିଙ୍କ ଦ୍ୱାରା ରାଜାଙ୍କ କାର୍ଯ୍ୟଚଳେ ।

ସରଘର କାର୍ଯ୍ଯ କରଣ ୨ ଜଣ ଥାନ୍ତି । ସେମାନେ ସରାଣିଙ୍କ ଅଧୀନରେ କାର୍ଯ୍ୟକରନ୍ତି । ବର୍ଷରେ ଧାନ ୧୦ ଭରଣ ଓ ଟ ୧୨୫ (ବାରଟଙ୍କା ଆଠଅଣା) ଦରମା ପାଆନ୍ତି । ଖମାର ମାନଙ୍କରେ ସିଂହ କରଣ ଦୁଇଜଣ ଲେଖାଏ ୨ ଭରଣଧାନ ଓ ଦରମା ପାଆନ୍ତି । ଅମାର ବାଉଁଶିଆ ପଡା, ହରିହରପୁର, ଖଞ୍ଜନି, ରବିଗାଡିଆ ପ୍ରଭୃତିରେ ଜ୧ଣ ଲେଖାଏ କରଣ ୨ଭରଣ ଲେଖାଏଁ ଧାନ ପାଆନ୍ତି । ଖମାର ଅମାର ଆୟରୁ ଖମାର ଅମାର ଓ ରାଜବାଟି ଖର୍ଚ୍ଚ ଚଳି ସହସ୍ରାଧିକ ଶଗଡ ଧାନ ଓ ଅନ୍ୟ ଶସ୍ୟ ସବୁ ଜମା ଥାଏ ଓ ପ୍ରଜାଙ୍କର ଅସମୟରେ ବହୁତ ସାହାଯ୍ୟକରେ । ନଡିଆଳି, ଖୁଣ୍ଡବନ୍ଧ, ମାଳିସାହି, ରାଏପୁର ଓ ଚଣ୍ଡିବସ୍ତ ୫ ଗୋଟି ଖମାର । ଖମାର ଅମାର ଧାନ ଓଗେର ଜିନିଷରେ ଚାବି ସରାଣିଙ୍କ ଯିମାଥାଏ ।

ଦିଗ ଭାଗ ମାନଙ୍କ ପ୍ରଭୃତିରୁ ଭଦ୍ରଲୋକ ଆସିଲେ ସେମାନଙ୍କର ଖାଇବା ସକାଶେ ସଞ୍ଚା ଓଗେର ସରାଣି ପଠାନ୍ତି । ବଧୁଲି ସରାଣି ଓ ଦୁଲି ସରାଣି ମରିଯିବାରୁ ସଶି ସରଣି ସେହିପରି କାର୍ଯ୍ୟ କରୁଥିଲେ । ସନ ୧୯୦୬

Digitized by PPRACHIN, SOA

ମସିହାରେ ହିନ୍ଦୋଳରୁ ଆସିଥିବା ମାଳତି ସରାଣିଙ୍କୁ ସରାଣ କାର୍ଯ୍ୟରେ ମୁକରିର କରାଯାଇଥିଲା ।

ନିଜର ସ୍ୱାର୍ଥ ଆଶାରେ ଟିଉଟର କମ୍ପାନିୟନ ପୂର୍ବ ପ୍ରଥା ଉଠାଇ ଦେଇଥିଲେ । ଦିନେ ରାଜା ସାହେବଙ୍କ ସକାଶେ ତିଆର ହୋଇଥିବା ଜଳଖିଆ ସରାଣ ବୁଧିଆ ପାଣିଆ ଗଉଡ ଦ୍ୱାରା ଟିଉଟରଙ୍କ ବସାକୁ ପଠାଉଥିବାର ରାଜାସାହେବ ଜାଣିପାରି ବାଟରୁ ଜଳଖିଆ ଇତ୍ୟାଦି ଧରିଆଣି ସଙ୍ଗେ ସଙ୍ଗେ ସରାଣିକୁ ବାହାର କରାଯାଇ ବାହାର ସରଘର ହେଲା ।

ପ୍ରଜାମାନେ ବର୍ଷ ମଧ୍ୟରେ ଚାରିଗୋଟି ଭାର ଦିଅନ୍ତି । ଯଥା, ଦ୍ୱିତୀୟା ଓଷା ଛାଡଖାଇ, ସ୍ୱନକ୍ଷତ୍ର, ପିତୃଶ୍ରାଦ୍ଧ । ଅଙ୍କ (ସୁନିଆ) କୁ କର୍ମଚାରୀମାନେ ଭେଟି କରନ୍ତି । ସରବରକାରମାନେ ଭେଟି କିମ୍ବା ଭାର ଦିଅନ୍ତି ନାହିଁ । ରଜାଘର ବ୍ୟବହାର ସକାଶେ କେତେକ ମଉଜା ବେଠି ଗାଡି ଦିଅନ୍ତି । ପର୍ବ ପର୍ବାଣୀ ପ୍ରଭୃତିରେ ମଠ ଓ ମନ୍ଦିର ମାନଙ୍କରୁ ଯେଉଁ ପ୍ରସାଦ ପ୍ରଭୃତି ଆସେ ତାହା ସରଘରକୁ ଆସେ । ରାଜାଘର ଶ୍ରାଦ୍ଧ, ସ୍ୱନକ୍ଷତ୍ର, କାର୍ତ୍ତିକ ପୂର୍ଣ୍ଣିମା ପ୍ରଭୃତି ମାନଙ୍କରେ ଚାଉଳ, ମୁଗ ସରଘର ଦିଏ ଓ ଅନ୍ୟାନ୍ୟ ଖର୍ଚ୍ଚ ସମୁଦାୟ ଡୋମେଷ୍ଟିକ ଫଣ୍ଡ ରୁ ହୁଏ । ସରଘର ଏଲାକାରେ କି ରାଜାଙ୍କ ନିଜ ବ୍ୟବହାରରେ ତୁଳସୀପୁର, ଜୟପୁର, ଭାଟସାହି, ନବଘନପୁର, ପ୍ରଜା ବାହାର ବେଠି କରନ୍ତି ।

୨୧. ଭିତର ତଳ

ଭିତର ତଳ ଏଲାକାରେ ପୋଡାଶରଣକୁଳ, କାଳିକା ପ୍ରସାଦ, ଶିଖରପୁର, ଆଙ୍ଗିସିଙ୍ଗୀ ଏହି ଚାରି ମଉଜା ଅଛି । ଏପରି ଅନେକ ମଉଜା ପ୍ରଜା କିରଣ ଧାନ ଦିଅନ୍ତି । ସନ ୧୮୫୨ ମସିହା ସେଟଲମେଣ୍ଟରେ ପ୍ରଜା ଏକ ଶଗଡ ଧାନ ଦେଇ ଟ୪/- ମଯୁରା ପାଉଥିଲେ । ସନ ୧୯୦୬ ମସିହା ସେଟଲମେଣ୍ଟକୁ ଧାନ ଦର ବୃଦ୍ଧି ହୋଇଥିବାରୁ ଭରଣକୁ ଟ୮/- କରାଯାଇ ଥିଲା । ପ୍ରାୟ ଦୁଇଶତ ଭରଣରୁ ଊର୍ଦ୍ଧ୍ୱ ଧାନ ଅସୁଲ ହୁଏ । ଉକ୍ତ ଚାରି ମଉଜାର ଖଜଣା ପ୍ରାୟ ଟ୧୦୦୦/- ପର୍ଯ୍ୟନ୍ତ ଅସୁଲ ହୁଏ । ଉକ୍ତ ଚାରି ମଉଜାରେ

Digitized by PPRACHIN, SOA

ବିଶେଷ ଆଖୁ ହୁଏ । ଏଣୁ ସ୍ତ୍ରୀ ଚାକର ମାନଙ୍କ ବ୍ୟବହାର ସକାଶେ ପଚିଶ ପଣ ଗୁଡ ଦିଅନ୍ତି । ଏହି ଚାରି ମଉଜାର ପ୍ରଜା ରାଜବାଟି ଭିତରେ ଲୋକ ମାନଙ୍କର ଓ ବାହାର ବାଡିଘର ଓ ବିଭାମଣ୍ଡପ ପ୍ରଭୃତି ଯେତେ ଘର ସବୁ ଛପର, ମରାମତ ଓ ରାଜବାଟି ଚାରିପଟ କାନ୍ଥ ଆଦି ଯାବତୀୟ ବେଠି କରନ୍ତି । ଶିଖରପୁର ବଡ ମଉଜା । ସେମାନେ ଅଧିକ ସମୟ ବେଠି କରନ୍ତି ।

ବର୍ତ୍ତମାନ ଲୋକେ କଥାରେ ଉପମା ଦେଇ କହୁଛନ୍ତି "ତୁ କ'ଣ ମତେ ଶିଖରପୁରିଆ ବେଠିଆ ଦେଖିଲୁ କି" ? ଏ ଷ୍ଟେଟରେ ଶିଖରପୁର ମଉଜା ଭଳି ରସଦାୟକ (Fertile) ମଉଜା ନାହିଁ । ଏ ମଉଜାରେ ସମସ୍ତ ପ୍ରକାର ଫସଲ ବହୁ ପରିମାଣରେ ଆଦାୟ ହୁଏ । ପୁରୁଣା ରାଜବାଟି ଚାରିପାଖ ପାଚେରୀ ତିଆରିରେ ସମୁଦାୟ ଖର୍ଚ୍ଚ ଏହି ଚାରି ମଉଜା ଦେଇ ଥିଲେ । ଗୌରିଶ୍ୟାମ ବାବୁ ରାଜବାଟି ଛପର ପ୍ରଭୃତିରୁ ସେମାନଙ୍କୁ ଅବ୍ୟାହତ ଦେଇଛନ୍ତି । ଏହି ଧାନ ଟଙ୍କା ରାଜବାଟିର ସମସ୍ତ ସ୍ତ୍ରୀଲୋକ ଓ ଜଗଦେବ ସାମନ୍ତଙ୍କର ସମସ୍ତ ସ୍ତ୍ରୀ ଚାକର ଦରମା ପାନ୍ତି । ରାଣୀ ମାନଙ୍କର ଭିନ୍ନ ଇଲାକା ଥିଲେ ମଧ୍ୟ ତାଙ୍କ ସ୍ତ୍ରୀ ଚାକର ମାନେ ଭିତରତଲୁ ଧାନ ଟଙ୍କା ଦରମା ପାନ୍ତି । ଏହିପରି ପ୍ରଜା ନଡା, ବାଉଁଶ, ଲଇ ଗୋଜି ସବୁ ଯୋଗାନ୍ତି । କେବଳ ବାଉରି ଓ ବିରିଜାଇ ଠାକୁରାଣୀ ମନ୍ଦିର ଏମାନେ ଛପର କରନ୍ତି ନାହିଁ କି ଦୁର୍ଗାଦେବୀ ଠାକୁରାଣୀଙ୍କ ରୋଷଘର ଛପର କରନ୍ତି ନାହିଁ । କାରଣ ଏ ଘର ମାନ ଶୁଦ୍ର ଛପର କରିବା ନିୟମ ନାହିଁ । ଏ ମଉଜା ମାନ ନଡା ବାଉଁଶ ଆଦି ଯୋଗାନ୍ତି । ଖଣ୍ଡୁଗାଁ, କ୍ରୀଦାସପୁର, ତୋଟା ସାହିଁ ସ୍ୱାର ବ୍ରାହ୍ମଣ ପ୍ରଜାମାନେ ଏ ଘରମାନ ଛପର କରନ୍ତି । ଏହି ପ୍ରଜାମାନେ ରାଜା ଘରେ ହୋମ ଆଦି ହେଲେ ନବ ସମୀଧ ଯୋଗାନ୍ତି । ସନ ୧୯୨୪ ମସିହାରେ ମୁଁ (ଲେଖକ) ଦୁର୍ଗାଦେବୀ ମନ୍ଦିରରେ ମେମ୍ବର ଥିବାବେଳେ ଏ ବିଷୟ ଭିଜିଟ୍ ବହିରେ ଲେଖିଥିଲି । ସେ ଅନୁସାରେ ପରୀକ୍ଷା ରିପୋର୍ଟ କରିଥିଲେ ।

ଗୋଟିଏ ଦେବୋତ୍ତର ବାଜେ ନଥି ହୋଇ ରିପୋର୍ଟ ଅନୁସାରେ କରିବାକୁ ସୁପରିଟେଣ୍ଡେଣ୍ଟ ସାହେବ ହୁକୁମ ଦେଇଥିଲେ । ଉକ୍ତ ହୁକୁମ ବିରୁଦ୍ଧରେ

Digitized by PPRACHIN, SOA

ପ୍ରଜାମାନେ ଡିପୁଟିମିଶନର ଓ କମିଶନର ମାନଙ୍କ ପାଖରେ ଅପିଲ କରିଥିଲେ । ତାହା ନାମଞ୍ଜୁର ହୋଇଅଛି ।

୨୨. ଜାତିଆ ଭାଇପୁଅ

ସ୍ୱର୍ଗୀୟ ରାଜା ବିନାୟକ ସିଂହଙ୍କ ସମୟରେ ଗଞ୍ଜାମ ଖଲିକୋଟ ରାଜାଙ୍କର ନିଜଭ୍ରାତା ଦୟାନିଧି ସିଂହ ଓ ଜ୍ଞାତୀୟ ଭ୍ରାତା ହରିହର ସିଂହ ଖଲିକୋଟ ରାଜାଙ୍କ ସହିତ ମନାନ୍ତର ହୋଇ ପଳାଇ ଆସିଥିବାରୁ ଦୟାନିଧି ସିଂହଙ୍କୁ କୋରପିଠା ମଉଜାରେ ରଖାଯାଇ ବେରୁଆବାରି, ବନ୍ଧାଭୂଇଁ, ଯଦୁପଲି, ମଧୁପଲି, ଚାକୁଣ୍ଡା ପଲି ୫ଟି ମୌଜା ଦିଆଯାଇଥିଲା । ସ୍ୱର୍ଗୀୟ ରାଜା ଲଡୁ କିଶୋର ସିଂହ ଦୟାନିଧିଙ୍କ ପ୍ରପୌତ୍ରୀ ଘଷାମାଳି ଦେଇଙ୍କୁ ବିବାହ ହୋଇ କୋରପିଠା ଜାଗିରବାଡ ଓ କୁଶଢ଼ିପି ମଉଜା ଦେଇଥିଲେ ।

ସନ ୧୯୦୬ ମସିହା ସେଟଲମେଣ୍ଟରେ ପ୍ରଥମୋକ୍ତ ୫ ମୌଜା ଖଲିକୋଟ ତଳେ ଭୋଗ କରିବା ତାମ୍ବାପଟା ସନନ୍ଦ ଦେଖାଇଥିଲେ । ସେ ପର୍ଯ୍ୟନ୍ତ ଉକ୍ତ ୫ ମୌଜାର ପଡିଆପଟା ଫିସ, ଦାଖଲ ଖାରଜ ଫିସ୍, ଚମଡା ବନ୍ୟଜାତ ଦ୍ରବ୍ୟ ସେ ନେଉଥିଲେ ଉକ୍ତ ବନ୍ଦୋବସ୍ତରୁ ତାହା ଉଠାଇ ଦିଆଯାଇଅଛି । ମଦନମୋହନ ଦେଓ ତାଙ୍କର ବଂଶଧର ।

ହରିହର ସିଂହଙ୍କୁ ଏକତାଳ ଜାଗିରବାଡ ଓ କେତେକ ଫୁଟକର ଜମି ଦିଆ ଯାଇଥିଲା । ତାଙ୍କର ବଂଶଧର କୃଷ୍ଣଚନ୍ଦ୍ର ସିଂହ ଅଛନ୍ତି । ଏହାଙ୍କ ପିତାମହ କୃପାସିନ୍ଧୁ ସିଂହ ପ୍ରଧାନ ପହଲିମାନ ଥିଲେ ।

ସ୍ୱର୍ଗୀୟ ରାଜା ବିନାୟକ ସିଂହ ମାନଧାତାଙ୍କ ସମୟରେ ଧରାକୋଟ ରାଜାଙ୍କ ଜ୍ଞାତୀୟ ସାମନ୍ତ ମାନେ ମନାନ୍ତର ହୋଇ ପଳାଇ ଆସିଥିବାରୁ ସେମାନଙ୍କୁ ସୁନାମୁହିଁ ପ୍ରଗନା ପାଏକ ବାଙ୍କତରା ମଉଜାରେ ରଖାଯାଇ ଫୁଟକର ଜମିମାନ ଦିଆଯାଇଥିଲା । କିଛିଦିନ ପରେ କେତେଜଣ ଧରାକୋଟ ଚାଲିଗଲେ । ବାକି କେତେଜଣଙ୍କର ବଂଶଧର ହରିହର ସିଂହ, ମଧୁସୁଦନ ସିଂହ ପ୍ରଭୃତି ଅଛନ୍ତି । ସେମାନେ ଅଦ୍ୟାବଧି ଧରାକୋଟରୁ ବାର୍ଷିକ ଖଞ୍ଜାଟଙ୍କା ପାଉଛନ୍ତି । କେବଳ ବାସୁଦେବ ସିଂହ ନିଃସନ୍ତାନରେ ମରିଯିବାରୁ ତାଙ୍କ

Digitized by PPRACHIN, SOA

ଚଣ୍ଡିଝର ମୌଜା କୋର୍ଟ ଅଫ୍ ୱାର୍ଡସ୍ ସମୟେ ମାହାଲ ମଉଜା ସାମିଲ ହୋଇଅଛି ।

ଭଗବାନ ଦେଓ ନାମକ ଜଣେ ଜାତିଆ ସାମନ୍ତ ଅନୁଗୁଳରୁ ଚାଲି ଆସିଥିବାରୁ ତାଙ୍କୁ ନନ୍ଦପୁର ମଉଜାର କେତେକ ଫୁଟକର ଜମି ଦିଆଯାଇ ଲଡୁକିଶୋର ସିଂହଙ୍କ ସମୟରେ ରଖାଯାଇଥିଲା । ସେ ସ୍ୱର୍ଗୀୟ ରାଜା ରଘୁନାଥ ସିଂହଙ୍କ ବଡ ରାଣୀଙ୍କ ସାନ ଭଉଣୀଙ୍କୁ ବିବାହ ହୋଇଥିଲେ । ତାଙ୍କର ବଂଶଧର ରାମକୃଷ୍ଣ ଦେଓ ଅଛନ୍ତି ।

୨୩. ଅନ୍ତର ବିରାଦର

ସ୍ୱର୍ଗୀୟ ରାଜା ବିନାୟକ ସିଂହଙ୍କ ଦାଦା ନିଳମଣି ଜଗଦେବଙ୍କର ଅନ୍ତର ବଂଶଧର ଜଗନାଥ ଶ୍ରୀଚକରା ଆଜୀବନ ରାଜବାଟୀ ସରଦାର ଥିଲେ । ତାଙ୍କର କଣମରାଇ ସାହିରେ ଅଛନ୍ତି । ଏହାଙ୍କର କଣମରାଇ ସାହି ଖଞ୍ଜା ମଉଜା ଥିଲା । ବିଗତ ସନ ୧୯୧୬ ମସିହା ସେଟଲମେଣ୍ଟରେ ସମୁଦାୟ ଖଜଣା ମାହାଲ ସାମିଲ କରାଯାଇ ମଉଜାରୁ ଅସୁଲ ହେଉଥିବା ଧାନ ୧୩ ଭରଣ ଖଞ୍ଜାଦାର ପାଉଥିଲେ । ବିନାୟକ ସିଂହଙ୍କର ଅନ୍ତର ଦୁଇପୁଅ ୧- ନାରାୟଣ, ୨-ନରେନ୍ଦ୍ର । ସେ ଓସ୍ତପଡା, ଗବଡିହି ଓ କେଳି ବାରିପଲି ମଉଜମହଲ ଓ ବରସାହି, ବୁଢ଼ାସୁଣୀ ପ୍ରଭୃତି ଫୁଟକର ଜମି ପାଇଥିଲେ ।

ଏ ଅପୁତ୍ରିକ ଥିଲେ, ବ୍ରଜବନ୍ଧୁ ସିଂହ ରାଜାଙ୍କ ଅନ୍ତରପୁତ୍ର ପଦ୍ମଲାଭ ନରେନ୍ଦ୍ରଙ୍କୁ ପୋଷ୍ୟପୁତ୍ର କରିଥିଲେ । ଏ ଅପୁତ୍ରିକ ହେଲେ । ରାଜା ଲଡୁକିଶୋର ସିଂହଙ୍କର ଅନ୍ତର ପୁତ୍ର ଚିନ୍ତାମଣି ରାଜେନ୍ଦ୍ର ସିଂହଙ୍କୁ ପୋଷ୍ୟପୁତ୍ର ପ୍ରଥମେ କରିଥିଲେ । ସେ ଅଳ୍ପ ଦିନ ରହି ବସନ୍ତ ରୋଗରେ ମରିଯିବାରୁ ଚିନ୍ତାମଣିଙ୍କର ଅନ୍ୟଭାଇ ଜନାର୍ଦ୍ଦନ ବିଧରଙ୍କୁ ପୋଷ୍ୟପୁତ୍ର କରି ଥିଲେ । ଜନାର୍ଦ୍ଦନ ଅପୁତ୍ରିକ ହେଲେ । ସେ ନାରାୟଣ ସିଂହଙ୍କ ଅନ୍ତରପୁତ୍ର ଶତ୍ରୁଘ୍ନ ନରେନ୍ଦ୍ରଙ୍କୁ ପୋଷ୍ୟପୁତ୍ର କରିଥିଲେ ।

୨ୟ - ମାଗୁଣି ଭ୍ରମରବର । ଏ ମାଳିସର, ସରଖାଇ ଓ ରାମ ଜେନାପଲି ମଉଜମହଲ ମଉଜା ଓ ଖମାରସାହି ପ୍ରଭୃତି ଫୁଟକର ଜମି ପାଇଥିଲେ ।

Digitized by PPRACHIN, SOA

ମାଗୁଣିଙ୍କର ତିନିପୁଅ । ୧ମ ଦିନବନ୍ଧୁ ଭ୍ରମରବର ୨ୟ - ଭୀମ ରାଏସିଂହ, ୩ୟ - ବାଳକୃଷ୍ଣ ବିଧାର ।

ଭୀମ ରାଏ ସିଂହ ବିରୁଡା ମଉଜା ପାଇଥିଲେ । ତାଙ୍କର ବଂଶଧର ବଳଭଦ୍ର ଦାସ ସେ ମଉଜା ଭୋଗ କରୁଅଛନ୍ତି । ବାଳକୃଷ୍ଣ ବିଧାର ସାନକୁଟୁଣ ମଉଜା ପାଇଥିଲେ । ସେ ନିଃସନ୍ତାନରେ ମରିଯିବାରୁ ସାନକୁଟୁଣି ମଉଜା ମାହାଲ ସାମିଲ ହୋଇଅଛି । ୧ମ ପୁତ୍ର ଦିନବନ୍ଧୁଙ୍କର ଜନ୍ମିତ ପୁତ୍ର ରାମଚନ୍ଦ୍ର । ସେ ଅପୁତ୍ରିକ ଥାଇ ରାଜା ନାରାୟଣ ସିଂହ ମାନଧାତାଙ୍କର ଅନ୍ତର ପୁତ୍ର ଲକ୍ଷ୍ମଣ ରାଜେନ୍ଦ୍ର ସିଂହଙ୍କୁ ପୋଷ୍ଯପୁତ୍ର କରିଅଛନ୍ତି ।

ସ୍ୱର୍ଗୀୟ ରାଜା ବ୍ରଜବନ୍ଧୁଙ୍କର ଛଅପୁଅ ଓ ପାଞ୍ଚଝିଅ ।

୧. ପଦ୍ମନାଭ ନରେନ୍ଦ୍ର ନାରାଣ ନରେନ୍ଦ୍ରଙ୍କର ପୋଷ୍ୟପୁତ୍ର ଥିଲେ ।

୨. ଲକ୍ଷ୍ମଣ ଚମ୍ପତି ସିଂହ ଲାଉସେଣା ମଉଜା ପାଇଥିଲେ । ଲକ୍ଷ୍ମଣ ନିଃସନ୍ତାନ ମୃତ ହେବରୁ ଲାଉସେଣା ମାହାଲ ସାମଲ ହୋଇଅଛି ।

୩. ଗୌରାଙ୍ଗ ପୃଥ୍ୱୀସିଂହ । ଏ ଉପଯୁକ୍ତ ଦେବାନ ଥିଲେ । ଦର୍ଶନ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ । ସନ ୧୮୭୯ ମସିହା ଲଡୁକିଶୋର ସିଂହଙ୍କ ତୀର୍ଥସମୟେ କାଶୀ କ୍ଷେତ୍ରରେ ମରିଗଲେ । ଏହାଙ୍କ ଖଞ୍ଜା ଗୋଳଗୋଳା ମଉଜା ତାଙ୍କର ଏକୋଦରୀ ଭାଇ ନିତ୍ୟାନନ୍ଦ କ୍ଷେତ୍ରିବର ସିଂହ ପାଇଥିଲେ ।

୪. ହରେକୃଷ୍ଣ ରତନ ସିଂହ । ଏ ପାରାଡ଼ିପି ମଉଜା ପାଇଥିଲେ । ଏହାଙ୍କ ଜୀବିତା ବସ୍ଥାରେ ତାଙ୍କର ପୁତ୍ର ଫକିର ଦାସ ମରି ଯାଇଥିଲେ । ବୋହୁ କୋରିମାଳି ଦେଇ ଅଛନ୍ତି । ହରେକୃଷ୍ଣ ମରିଯିବା ସମୟେ ତାଙ୍କର ଅନେକ ସମ୍ପତ୍ତି ଥିଲା । ସେ ମରିଯିବାରୁ କୋରିମାଳି ସହିତ ଲୋକନାଥ ଶ୍ରୀଚନ୍ଦନ ପଟ୍ଟନାୟକ ପାପ ଓ କପଟ ପ୍ରୀତି କେତେଦିନ କଲାପରେ ଦିନେ ରାତିରେ ଅନ୍ୟଲୋକ ଦ୍ୱାରା ତା ଘରକୁ ଗୋଟାକେତେ ଟେକାପକାଇ

Digitized by PPRACHIN, SOA

ତାକୁ କହିଲା ରାଜା ନାରାୟଣ ସିଂହ ମାନଧାତା ତାଙ୍କ ପାଖ ଲୋକଦ୍ୱାରା ଟେକା ପକାଉ ଅଛନ୍ତି । ସେ ସମ୍ପତ୍ତି ଲୁଟି କରିନେବେ । ପୁଲିସରେ ଗୋଟାଏ ଡାଏରୀ କରିଦେଲା । ରାତା ରାତି ପୁଲିସ ମଧ୍ୟ ତଦାରଖ କଲେ । ତହୁଁ କୋରି ମାଳିକୁ କହିଲା "ରାଜା ତୋ ଜିନିଷ ନେଇଯିବେ ମୋ ଘରେ ସବୁ ରଖାଇଦେ" । ଏହା କହି ଚଳିବା ମାଫକ ଜିନିଷ ରଖି ସବୁ ନେଇଗଲା ।

କୋରି ଦେଈର ଆଚରଣ ସମ୍ବନ୍ଧେ ରାଜା ସାହେବଙ୍କ ନିକଟରେ ସୁପରିଟେଣ୍ଡଣ୍ଟ ରିପୋର୍ଟ କରିଥିଲେ । ସେଥିରେ ଅର୍ଡର ଆସିଲା ଖଞ୍ଜାଦାର ମାନେ ମରିଗଲେ ତାଙ୍କର ୱାରସଦାର ମାନଙ୍କୁ ଚଳିବା ମାଫକ ଚାଷ ଜମି ଦିଆଯାଇ ମଉଜା ମହାଲକୁ ଅଣାଯିବ । ପାରାଢ଼ିପି ମଉଜା ଷ୍ଟେଟକୁ ଅଣାଯାଇ ଚାଷଜମିରୁ କୋରିମାଳି ଦେଈଙ୍କୁ ଦଶ ଏକର ଜମି ଜୀବନ ସତ୍ତ୍ୱରେ ଦିଆଯାଇଅଛି ।

୫. ନିତ୍ୟାନନ୍ଦ କ୍ଷେତ୍ରିବର ସିଂହ । ସେ ସନ ୧୮୭୯ ଠାରୁ ସନ ୧୮୯୨ ପର୍ଯ୍ୟନ୍ତ ଦେବାନ୍ ଥିଲେ । ସେ ନନ୍ଦିଘୋଷପୁର, ଗୋଳଗୋଳା, କ୍ଷେତ୍ରିବର ପୁର, ଫାସିପଲି, ମହେନ୍ଦ୍ରପୁର ମଉଜମହଲ ପାଇଥିଲେ । ଏ ପର ମୁଥା ଗାଡ଼ିଆ ଷ୍ଟେଟ୍ ଦଖଲି ଜମି ପ୍ରଭୃତି ଶହେ ଏକର ପର୍ଯ୍ୟନ୍ତ ଫୁଟକର ଜମି ଖରିଦ କରିଥିଲେ । ସେ ସମୟେ ଜାଗିରି ମୌଜା ଭୋଗ କରୁଥିବାରୁ ଦେଓ୍ୱାନ୍‌ମାନେ ଦରମା ପାଉନଥିଲେ । ସେ ମେଳିରେ ଲିପ୍ତଥିବା ଅପରାଧରେ ସମୁଦାୟ ମୌଜମହଲ ଓ ଫୁଟକର ଜମି ବାଯ୍ୟାପ୍ତ କରାଯାଇ ତାଙ୍କ ଖୋରାକ ପୋଷାକ ସକାଶେ ବର୍ଷକୁ ଟ୩୬୦/- ଧାନ ୩୨ ଭରଣ, ଘର ଛପରକୁ ଟ୩୦/- ଦିଆଯାଉଥିଲା । ସନ ୧୯୨୧ କିମ୍ବା ୧୯୨୨ରେ ସେ ମରିଯିବାରୁ ତାଙ୍କର ପୋଷ୍ୟପୁତ୍ର ସୋମନାଥ ଦାଶଙ୍କୁ ଉକ୍ତ ଖଞ୍ଜାର ଚାରିପଣ କଟିଯାଇ ବାକି ଧାନ ୨୪ ଭରଣ ଟ୨୭୦/- ଘର ଛପରକୁ ଟ୨୨/- ଦିଆ ଯାଉଅଛି ।

୬. ଶ୍ୟାମସୁନ୍ଦର ସୁରେନ୍ଦ୍ର ସିଂହ ବାଲଣ୍ଡା ଓ ଭୂଇଁରଗଡି ମଉଜା ପାଇଥିଲେ ।

Digitized by PPRACHIN, SOA

ସେ ମରିଯିବାରୁ ତାଙ୍କର ପୁତ୍ର ରାଧାମୋହନ ଦାସକୁ କେତେ ଫୁଟକର ଜମି ଦିଆଯାଇ ମଉଜା ଦୁଇଟି ମାହାଲ ସାମିଲ କରାଯାଇଛି ।

୫ ଝିଅଙ୍କୁ ବିବାହ କରାଇ ମୌଜାଦେଇ ଏହିଠାରେ ରଖିଥିଲେ

୧. ଚମ୍ପାଦେଇ - ସେ ଦେଉଳି ମଉଜା ପାଇଥିଲେ । ତାଙ୍କର କେହି ନାହାନ୍ତି । ମଉଜା ମାହାଲ ସାମିଲ ହୋଇଅଛି ।

୨. ପାର୍ବତୀ ଦେଈ । ସେ ଅନୁଗୁଳର ମଦନ ସିଂହଙ୍କୁ ବିବାହ ହୋଇଥିଲେ । ଏକ ପଲି ଓ ଏକତାଳ ଆଠପଣ ପାଇଥିଲେ । ସ୍ତ୍ରୀ ପୁରୁଷ ମରିଛନ୍ତି । ବୈଦ୍ୟନାଥ ସିଂହ ଜଗଦେବ ସେମାନଙ୍କ ଅନ୍ତର ପୁତ୍ର ପଠାଣି ମର୍ଜରାଜ ସିଂହଙ୍କୁ ପୋଷ୍ୟପୁତ୍ର କରିଥିଲେ । ତାଙ୍କର ପୋଷ୍ୟପୁତ୍ର ଅଛନ୍ତି ।

୩. ହାଡ଼ି-ଦେଈ । ସେ ବିରୁଳିରୁ ଜଣେ ଅନ୍ତରଙ୍କୁ ବିବାହ ହୋଇଥିଲେ । ସୁନାମୁହିଁ ଜିଲା ଭାଲିଆଡିହି ମଉଜା ଓ କେତେକ ଫୁଟୁକର ଜମି ରୟତିରେ ପାଇଥିଲେ । ତାଙ୍କର ବଂଶଧର ବୈଦ୍ୟନାଥ ଦାସ ଥିଲେ ମଧ୍ୟ ମଉଜା ହାଡିଦେଈଙ୍କ ନାମରେ ଥିବାରୁ ତାଂକର ମୃତ ହେବାରେ ମାହାଲକୁ ଯାଇଅଛି । ରୟତି ଜମି ବଂଶଧର ଖାଉଛନ୍ତି ।

୪. ଖଡକୁଢ଼ ଦେଈ । ଏ ଅତି ଅସୁନ୍ଦରୀ । ଏହାଙ୍କୁ ଗୋରାଦାସଙ୍କୁ ବାହା କରା ଯାଇ ହଂସମଡ଼ା ମଉଜାର ଆଂଶିକ ଦିଆଯାଇଥିଲା । ଏହାଙ୍କ ବଂଶଧର ମାନେ ଭୋଗ କରୁଥିଲେ ।

୫. ଫକିରୀ ଦେଈ । ଏହାଙ୍କୁ ବାଙ୍କି ନିତ୍ୟାନନ୍ଦ ରାଜରାଜସିଂହଙ୍କୁ ବିବାହ କରାଯାଇ ରବିଗାଡିଆ ଓ ଖୁଣ୍ଟୁବନ୍ଧର ଅନେକ ଫୁଟକର ଜମିଦିଆଯାଇଥିଲା ସେ ସବୁ ଜମି ସରଘରକୁ ବିକ୍ରୀ କରିଥିଲେ । ତାଙ୍କର ବଂଶଧର ଟ୍ରେଜରୀରୁ କେତେ ଟଙ୍କା ପାଉଛନ୍ତି ।

ଦାଶରଥି ସିଂହ ଜଗଦେବ ସାମନ୍ତଙ୍କ ଅନ୍ତରପୁତ୍ର ରାଘବ ମଙ୍ଗରାଜ ଅଶିକ୍ଷିତ ଥିଲେ ହେଁ ପୁଲିସ କାର୍ଯ୍ୟରେ ତାଙ୍କର ଦକ୍ଷତା ଥିବାରୁ ପୋଲିସ୍ ଇନ୍‌ସ୍‌ପେକ୍ଟର ଥିଲେ । ଗୁଣ୍ଠୁଚାବାରି, ପଥରକଟା ମଉଜା ପାଇଥିଲେ ।

Digitized by PPRACHIN, SOA

ସେ ମରିଯିବାରୁ ତାଙ୍କ ବଂଶଧରଙ୍କୁ କେତେକ ଫୁଟକର ଜମି ଦିଆଯାଇ ମଉଜା ଦୁଇଟି ଷ୍ଟେଟକୁ ନିଆ ଯାଇଅଛି ।

ଜଣେ ବାଙ୍କିର ଅନ୍ତର ନିମାଇ ଚରଣ ମାନସିଂହ ଆସି ବଧିସାହି ମଉଜା ପାଇଥିଲେ । ସେ ମରିଯିବାରୁ ତାଙ୍କ ପୁତ୍ର ଅନାମ ଶ୍ରୀ ଚନ୍ଦନ ଭଲ ଆଚରଣର ଲୋକ ଥିବାରୁ ଲଡୁକିଶୋର ସିଂହଙ୍କ ଅନ୍ତର ଝିଅ ଲକ୍ଷ୍ମୀ ଦେଈଙ୍କୁ ବିବାହ ହୋଇଥିଲେ । ରିପୋର୍ଟମତେ ଖଞ୍ଜାଦାର ମରିଗଲେ ତାହାର ତ୍ୟକ୍ତ ଭୂସମ୍ପତ୍ତିରୁ ଚାରିପଣ ତାହାର ଓ୍ୱାରସକୁ ରୟତିରେ ଦିଆଯିବା ଓ ବାକୀ ବାରପଣ ଖଞ୍ଜା ଖୋରାକପୋଷାକ ଜାଗିରୀରେ ଦିଆଯିବା ସାହବ ଅର୍ଡର ଦେଇଥିବାରୁ ସେହି ଦିନଠାରୁ ଚଳିଆସୁଅଛି ।

ରାଜା ଲଡୁକିଶୋର ସିଂହଙ୍କର ଅନେକ ଅନ୍ତର ଝିଅ ପୁଅ ହୋଇଥିଲେ । ସମସ୍ତେ ମରି ଯାଇଅଛନ୍ତି । କେହି ଜମି ପାଇନଥିଲେ ।

ଖଣ୍ଡପଡା ରାଜା କୁଞ୍ଜବିହାରୀ ଭ୍ରମବର ସିଂହଙ୍କର ଅନ୍ତର ପୁଅ ରଘୁନାଥ ଦାସ ଓ ଲକ୍ଷ୍ମଣ ଦାସ ଆସିଥିଲେ । ରଘୁନାଥ ଦାସ ଟ୍ରେଜରୀରୁ ମାସରେ ଟ୧୦/- ପାଉଥିଲେ । ତାଙ୍କ ପୁଅ ବିରୁଡାରେ ଅଛନ୍ତି । ଲକ୍ଷ୍ମଣ ଦାସ କଦଳୀବନ୍ଧ ମୌଜା ଓ ହସମଡା ମୌଜାରୁ ଆଂଶିକ ପାଇଥିଲେ । କଦଳୀ ବନ୍ଧ ନୀଳା କୋଠଲୋକଙ୍କୁ ବିକ୍ରୀ କରିଥିଲେ । ତାଙ୍କ ପୁତ୍ର ରାମଚନ୍ଦ୍ର ଦାସ ହଂସମଡ଼ାରୁ ଆଂଶିକ ଭୋଗ କରୁଥିଲେ ।

ରାଜା ରଘୁନାଥ ସିଂହଙ୍କର ଅନ୍ତର ପୁତ୍ର ମଦନମୋହନ ପୃଥ୍ୱୀ ସିଂହ । ତାଙ୍କ ମାତା ଖଣ୍ଡେଇ କୋଠଲୋକଙ୍କ ନାମେ ଥିବା ଦର୍ପନାରାୟଣପୁର ଓ ବାଣୁଆ ସାହି ପାଇଥିଲେ । ଏହା ସହିତ ଟ୍ରେଜରୀରୁ ମାସିକ ଦଶଟଙ୍କା ମାସିକ ପାଉଥିଲେ । ଏ ଧରାକୋଟରେ ଅଛନ୍ତି ।

୨୪ ବନ୍ଧୁବାନ୍ଧବ

ସ୍ୱର୍ଗୀୟ ରାଜା ବ୍ରଜବନ୍ଧୁ ସିଂହ ସୁରଙ୍ଗି ରାଜକନ୍ୟାଙ୍କୁ ବିବାହ ହୋଇଥିଲେ ଏବଂ ଲଡୁକିଶୋର ସିଂହଙ୍କ ଜ୍ୟେଷ୍ଠ ଜେମା ସୁରିଙ୍ଗି ନାତି ରାଜାଙ୍କୁ ବିବାହ ହୋଇଥିଲେ । ଉପସ୍ଥିତ ସୁରଙ୍ଗିରାଜା ଲଡୁକିଶୋର ସିଂହଙ୍କ ବଡଜେମାଙ୍କ

Digitized by PPRACHIN, SOA

ପୋଷ୍ୟପୁତ୍ର ଲଡୁକିଶୋର ସିଂହଙ୍କ ୨ୟ ଜେମା ଉପସ୍ଥିତ ତିଗିରିଆ ରାଜାଙ୍କ ପୋଷ୍ୟମାତା । ୩ୟ ଜେମା ଉପସ୍ଥିତ ତାଳଚେର ରାଜାଙ୍କ ପୋଷ୍ୟମାତା ଜୀବିତ ଅଛନ୍ତି । ୪ର୍ଥ ଜେମା ଅସୁରଢ଼ିପା ପାଇଥିଲେ । ୫ ମ ଜେମା ଉପସ୍ଥିତ କନିକାର ରାଣୀ ।

ବୈଦ୍ୟନାଥ ସିଂହ ଜଗଦେବ ସାମନ୍ତ ଖଲିକୋଟ ରାଜ କନ୍ୟାଙ୍କୁ ବିବାହ ହୋଇଥିଲେ । ଲଡୁକିଶୋର ସିଂହ ଦଶପଲା ରାଜାଙ୍କ ଝିଆରିଙ୍କୁ ବିବାହ ହୋଇଥିଲେ । ରଘୁନାଥ ସିଂହ ବଡମ୍ବା ରାଜକନ୍ୟାଙ୍କୁ ଓ ନାରାୟଣ ସିଂହ ହିନ୍ଦୋଳ ପାଟଜେମାଙ୍କୁ ବିବାହ ହୋଇଥିଲେ ।

ଏପର ନେପାଳ ନିକଟ ବନ୍ଧୁ । ଲଡୁକିଶୋର ସିଂହଙ୍କର ଢେଙ୍କାନାଳ ଓ ମଞ୍ଜୁଷା ରାଜାଙ୍କ ସହିତ ସ୍ନେହବନ୍ଧ ଥାଇ ବେଭାର ଚଳୁଥିଲା । ରଘୁନାଥ ସିଂହ ସନ ୧୮୯୨ ମସିହାରେ ତୀର୍ଥରୁ ଫେରିବା ସମୟେ ଆଳିରାଜାଙ୍କ ସହିତ ସଙ୍ଗୀତ ବସିବାରୁ ବେଭାର ଚଳୁଥିଲା । ନରସିଂହପୁର ରାଜାଙ୍କର ପିତାମହୀ ହିନ୍ଦୋଳ ଅଜା ରାଜାଙ୍କ ଭଉଣୀ ଥିବାରୁ ନରସିଂହପୁର ସହିତ ବେଭାର ଚଳୁଥିଲା ।

ନାରାୟଣ ସିଂହ ମାନଧାତାଙ୍କର ଧରାକୋଟ ରାଜା ଏକୋଦର ଭାଇ ଥିବାରୁ ବର୍ତ୍ତମାନ ବେଭାର ଚଳୁଅଛି । ଅତି ପୂର୍ବରୁ ରଣପୁର ରାଜାଙ୍କ ସହିତ ସ୍ନେହଥିବାରୁ ବେଭାର ଚଳୁଥିଲା । ଏପରିକି ଏ ଜଗନ୍ନାଥ ଯିଉଙ୍କର ମକର ଓ ଗୁଣ୍ଡିଚା ଯାତ୍ରାରେ ମିଷ୍ଟାନ୍ନ ପ୍ରସାଦ ଓ ଅଧରଖଜା ଏଠାରୁ ରଣପୁର ଯାଏ ରଣପୁରରୁ ଛାଡଖାଇକୁ ବହୁତ ଲୁଣିମାଛ ଆସେ । ନାରୟଣ ସିଂହ ଙ୍କ ସମୟରେ ବର୍ଷେ ରଣପୁର ରାଜା ସାମାନ୍ୟ ମାଛ (ଯାହାକି ପୋକ ହୋଇ ଯାଇଥିଲା) ତାହା ପଠାଇଥିବାରୁ ଆମର ରାଜା ତାକୁ ଫେରାଇ ଦେବାରୁ ସେହି ଦିନଠାରୁ ବନ୍ଧୁ ପଡିଯାଇଅଛି ।

ଖଣ୍ଡପଡା ଆମର ଜ୍ଞାତି । ତାଙ୍କ ସହିତ ଏହି ସମ୍ପର୍କ ଅଛି । ହୁଳ ହୁଳିରେ ବେଭାର ଯିବ । କାନ୍ଦ ବୋବାଳିରେ ସାଙ୍ଗେ ସାଙ୍ଗେ ବାର୍ତ୍ତା ଓ ପରେ ବେଭାର ଯିବ । ଆଠଗଡ (ଗଞ୍ଜାମ) ଜ୍ଞାତିଥିଲେ । ଆଠଗଡ ଖଲିକୋଟ ରାଜା

Digitized by PPRACHIN, SOA

ନେବାରୁ ତାଙ୍କର ବଂଶଧର ତାଙ୍କ ମାମୁଁଘର ଟିକିଲି ରଘୁନାଥପୁରରେ ଥିବାରୁ ସେଠାକୁ ବେଭାର ଯାଉଥିଲା । ବାଣପୁର ଓ ଘୁମୁସର ପୂର୍ବେ ବନ୍ଧୁଥିଲେ । ବୌଦ ରାଜାଙ୍କ ସହିତ ପୂର୍ବରୁ କିଛି ସମ୍ପର୍କ ନଥିଲା । ମାତ୍ର ବୌଦର ଉପସ୍ଥିତ ରାଜାସାହେବଙ୍କ ବିବାହ ସମୟେ ନିମନ୍ତ୍ରଣ ଆସିଥିବାରୁ ଏ ଷ୍ଟେଟରୁ ବେଭାର ଯାଇଥିଲା । ଏପର ରଘୁନାଥ ସିଂହ ପ୍ରଥମ ସ୍ତ୍ରୀ ଖଣ୍ଡପଡା ଅନ୍ତର୍ଗତ ଖୁଣ୍ଟପଡା ସାମନ୍ତଙ୍କ ଘରେ ଓ ଲଡୁକିଶୋର ସିଂହ ଏ କିଲା କୋରପିଠା ସାମନ୍ତଙ୍କ ଘରେ ବିବାହ ହୋଇଥିଲେ ।

୨୫. ଖଏରାତ

ବୈଷ୍ଣବ ମାନେ ଚାରି ସମ୍ପ୍ରଦାୟରେ ବିଭକ୍ତ ଯଥା ନିର୍ବାସୀ, ନିର୍ମୋହୀ, ଖାଖି, ଦିଗମ୍ବର । ଛାରି ସମ୍ପ୍ରଦାୟକୁ ଚାରିଆଖଡା କହନ୍ତି । ସେହି ଅନୁସାରେ ପୂର୍ବ ରାଜା ରାମଚନ୍ଦ୍ର ସିଂହ ମାନଧାତା ଚାରି ପ୍ରଧାନ ମଠକରି କେତେକ ଖଞ୍ଜା କରିଥିଲେ ଓ ବିନାୟକ ସିଂହ ରାଜା ବଢ଼ାଇ ଦେଇଥିଲେ ।

୧- ନିର୍ବାସୀ - ବଡଛାଉଣୀ ମଠ, ୨- ନିର୍ମୋହୀ - ବଡମଠ, ୩- ଖାଖି -ଖାଂଖିମଠ. ୪- ଦିଗମ୍ବର - ଗୁଣ୍ଡିଚାବାରୀ ମଠ । ଏହି ଚାରି ମଠରେ ଜଣେ ଲେଖାଏଁ ଶୁଦ୍ଧ ଆଚରଣ ବିଶିଷ୍ଟ ମହନ୍ତ ଅଧିକାରୀ ମଠ ଚଳାନ୍ତି । ସର୍ବଦା ଅନେକ ଭଲ ବୈଷ୍ଣବ ଥାଆନ୍ତି । ଏ ମଠ ଅଧିନରେ ଆଉ ଗୁଡିଏ ମଠ ଥାଏ । ସେଥିରେ ଜଣେ ଲେଖାଏଁ ଅଧିକାରୀ ଦ୍ୱାରା ଚାଳିତ ହୁଏ । ସେଥିରେ ଜଣେ ଦୁଇଜଣ ଅଧିକ ବୈଷ୍ଣବ ଥାଆନ୍ତି । ବଡଛାଉଣୀ ଅଧିନରେ ଢ଼େଙ୍କେଣା, ନିଯିଗଡ ହରିଦ୍ୱାର ମଠ ବିରୁଡା, ବଡ ମଠ ଅଧିନରେ ବାଉଁଶିଆ ପଡ଼ା ଓ ଗୌଡ଼ପୁଟ ମଠ, ଖାଖି ଅଧୀନରେ ଜୟପୁର, କୁରୁଡା ମଠ ଛୋଟ ଛାଉଣୀ ମଠ ଓ ସାମଦାସପୁର ପାଟଣା ମଠ ଜଗଦେବ ସାମନ୍ତଙ୍କ ମଠ ।

ମହନ୍ତ ମାନେ ଅଧୀନସ୍ଥ ମଠରେ ଆୟବ୍ୟୟ ବୁଝିବା ଛଡା ଆଉ କିଛି କରନ୍ତି ନାହିଁ । ମହନ୍ତ ଓ ଅଧିକାରୀ ବୈଷ୍ଣବମାନେ ପ୍ରତିଦିନ ସକାଳ ଓ ସନ୍ଧ୍ୟାବେଳେ ଠାକୁରଙ୍କ ଆରତି ଶେଷରେ ନାମ ସଂକୀର୍ତ୍ତନ କରି ରାଜା ରାଣୀ ପ୍ରଭୃତି ଓ ରାଜ୍ୟର ମଙ୍ଗଳ କାମନା କରନ୍ତି । ଠାକୁରଙ୍କ ଥାଳ (ଭୋଗ)

Digitized by PPRACHIN, SOA

ପ୍ରସାଦ ସେବା କରନ୍ତି । ହନୁମାନଙ୍କ ନିକଟରେ ଏକ ଧଂସା (ବାଦ୍ୟ ବିଶେଷ) ଉଙ୍କୁଚା ହୋଇଥାଏ । ତାକୁ ପିଟିଲେ ଶବ୍ଦ ହୁଏ । ସେ ଶବ୍ଦ ଶୁଣି ଅତିଥି ଓ ଅଭ୍ୟାଗତ ମାନେ ଆସି ମଠ ବାହାର ଅଗଣାରେ ଧାଡ଼ି ଧରି ବସନ୍ତି । ମଠରେ ଯେତେ ଅଧିକ ପଦାର୍ଥ ଠାକୁର ଭୋଗ ହେଲେ ସୁଦ୍ଧା ସେମାନଙ୍କୁ ଅନ୍ନ, ଡାଲି, ଗୋଟିଏ ତର୍କାରି ଭରି ଦିଆଯାଏ । ସବୁ ମଠ ଅପେକ୍ଷା ବଡ ଛାଉଣୀରେ ବେଶୀ ଖଏରାତ ଦିଆଯାଏ ।

ଚତୁର୍ମାସ୍ୟା ଜମାୟତ ମାନେ ଯେତେ ଆସନ୍ତି ମଠ ଆୟ ଅନୁପାତରେ ପ୍ରତି ମଠରେ ଚର୍ତୁମାସ ରହି କାର୍ତ୍ତିକ ଶେଷରେ ଚାଲିଯାଆନ୍ତି । ଅନ୍ୟ ସମୟରେ ଜମାୟତ (ବୈଷ୍ଣବ ଦଳ) ଆସିଲେ ସେମାନଙ୍କ ଖର୍ଚ୍ଚ ମଠମାନେ ଚଳାନ୍ତି । ଅଙ୍କ, ସ୍ୱନକ୍ଷତ୍ର, ଦଶହରା ପ୍ରଭୃତିରେ ଅନ୍ନ ଓ ମିଷ୍ଟାନ୍ନ ପ୍ରସାଦ ରାଜବାଟିକୁ ପଠାନ୍ତି । ରାଜା କିମ୍ବା ରାଣୀ ଏକାଦଶୀ ବ୍ରତ କଲେ ଦଶମୀ ଦ୍ୱାଦଶୀରେ ଅନ୍ନପ୍ରସାଦ ରାଜବାଟିକୁ ପଠାନ୍ତି ।

ଏହାଛଡା ବିନାୟକ ସିଂହ ମାନଧାତାଙ୍କ ଭାଇ ଗୋଷାଇ ସନାତନ ରାଜଗୁରୁଙ୍କ ମହିପୁର ଦୁରୁଦୁରା ଓ ସୁନାମୁହିଁ ପ୍ରଗନା ସରଦେଇପୁର ମଉଜା ଦୁଇଟି ଦେଇଥିଲେ ଯେ ପ୍ରତିଦିନ ଦିନ ଘ ୧୨ଣ୍ଟା ଓ ରାତି ଘ୧୨ଣ୍ଟା ମଧ୍ୟରେ ଯେତେ ଅତିଥି ବ୍ରାହ୍ମଣ ଆସିବେ ସେମାନଙ୍କୁ ସେ ଅନ୍ନ, ଡାଲି, ତର୍କାରୀ ଖାଇବାକୁ ଦେବେ । ଏପରି ପୁଷ ପଇତା ଓ ବ୍ରହ୍ମା ପଇତା ରାଜାଙ୍କୁ ଦେବା ସକାଶେ ମଫସଲ ଶାସନ ମାନଙ୍କରୁ ଯେତେ ବ୍ରାହ୍ମଣ ଆସନ୍ତି ସେହିଦିନ ମାନଙ୍କରେ ରାତିରେ ରାଜଗୁରୁଙ୍କ ଘରେ ଖାଆନ୍ତି । ସନ ୧୮୫୨ ମସିହା ସେଟଲମେଣ୍ଟଠାରୁ ଉକ୍ତ ମୌଜା ଦାନରେ କରାଇ ଦେଇଥିଲେ ସୁଦ୍ଧା ଅବଧି ସେ ମଉଜା ମାନଙ୍କରୁ ଭାଇମାନେ ଉପରୋକ୍ତ କାରଣରୁ ଭାଗ ପାଉନାହାନ୍ତି ।

ପୂର୍ବରାଜା ଲଡୁକିଶୋର ସିଂହଙ୍କ ସମୟରେ ରାଜଗୁରୁଙ୍କ ଅଂଶୀଦାର ବଳଭଦ୍ର ବାହିନୀପତି ମୋକଦମା କରିଥିବାରୁ ମୌଜାରୁ ଭାଗ ଦିଆ ନଯିବା ହୁକୁମ ହୋଇଅଛି । ଏ ମଉଜା ସନାତନ ରାଜଗୁରୁଙ୍କୁ ଦିଆଯାଇଥିଲା ।

Digitized by PPRACHIN, SOA

ତାଙ୍କର ପୁତ୍ର ଦୀନବନ୍ଧୁ ରାଜଗୁରୁ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁତ୍ର ଜଗବନ୍ଧୁ ରାଜଗୁରୁ, ଦ୍ୱିତୀୟ ସ୍ତ୍ରୀଙ୍କ ପୁତ୍ର ନିଳକଣ୍ଠ ରାଏଗୁରୁ, ଲୋକନାଥ ପାଟଜୋଷୀ । ସାନ ଦୁଇପୁଅ ଫୁଟକର ଜମିରୁ ଭାଗ ପାଇଥିଲେ ।

ଜଗବନ୍ଧୁ ରାଜଗୁରୁଙ୍କ ଚାରିପୁତ୍ର । ପ୍ରଥମ ଗଙ୍ଗାଧର, ୩ୟ ଗୋବିନ୍ଦ ମୃତ, ୨ୟ- ଗୋପୀନାଥ ୪ର୍ଥ ପୋଷ୍ୟପୁତ୍ର ହୋଇ ରାଜଗୁରୁ ହୋଇ ଅଛନ୍ତି । ୪ର୍ଥ- ଗଦାଧର ବର୍ତ୍ତମାନ ଭିକ୍ଷୁକ, ୫ମ- ଉକ୍ତ ମଉଜା ଭୋଗ କରୁଅଛନ୍ତି । ରାଜା ନାରାୟଣ ସିଂହଙ୍କ ବିୟୋଗଠାରୁ ଖଏରାତ ବନ୍ଦ । ଜଗନ୍ନାଥ ମନ୍ଦିରରେ ଖଞ୍ଜା ଥିଲା ଯେ ରାଜାଙ୍କ ଭୋଜନ ପୂର୍ବରୁ ଷାଠିଏପଇତା ବ୍ରାହ୍ମଣଙ୍କ ମଧ୍ୟରୁ ଦଶଜଣ ପ୍ରତିଦନି ଖାଇବେ । ଏହାକୁ ଦଶଜଣିଆ କହନ୍ତି । ଦାଣ୍ଡସାହି ବ୍ରାହ୍ମଣ କୃଷ୍ଣପକ୍ଷ ପନ୍ଦରଦିନ ଓ ବ୍ରାହ୍ମଣ ସାହିବାଲା ଶୁକ୍ଳପକ୍ଷ ପନ୍ଦରଦିନ ଯାଆନ୍ତି । ସନ୍ଧ୍ୟା ସମୟରେ ଅନ୍ୟାନ୍ୟ ମନ୍ଦିରରେ ଜଣେ ଲେଖାଏଁ ଖାଆନ୍ତି । ତାହା ଖାଁ ସାହେବ ଉଠାଇ ଦେଇଛନ୍ତି ।

୨୬. ଦେବୋତ୍ତର

ବାଘାସିଂହ ରାଜା ପ୍ରଥମେ କିଲା ବସାଇ ଜଗନ୍ନାଥ ଯିଉଙ୍କୁ ପ୍ରତିଷ୍ଠିତ କରିଥିଲେ ଏବଂ ବିଶ୍ୱନାଥ ମହାଦେବଙ୍କୁ ପ୍ରତିଷ୍ଠିତ କରିଥିଲେ । ଏହା ଜଙ୍ଗଲରାଜ୍ୟ ଥିବାରୁ ଏଠାରେ ସେ ସମୟରେ ଲୋକେ କାଠଖୁଣ୍ଟ ଦେବତାଙ୍କୁ ପୂଜା କରୁଥିବାରୁ ପୂର୍ବ ଦିଗରେ କାଠି ଶୁଳିଆଙ୍କୁ ଗ୍ରାମ ଦେବତୀ ବସାଇଥିଲେ । ପଶ୍ଚିମ ଦିଗରେ ତର୍କାଇ ଏବଂ ବିଶ୍ୱନାଥ ଙ୍କ ମନ୍ଦିର ନିକଟ ଶିବଶକ୍ତି କରି ବ୍ରାହ୍ମଣୀ ଦେବୀଙ୍କୁ ବସାଇଥିଲେ ।

ଜଗନ୍ନାଥଯିଉଙ୍କୁ ମନ୍ଦିର ନୈଋତ କୋଣରେ ମଣ୍ଡପରେ ଥିଲେ । ଗୋକୁଳେଶ୍ୱର ସିଂହଙ୍କ ସମୟରେ ବଡ ବଡ ମୂର୍ତ୍ତି ତୟାର କରାଇ ପ୍ରତିଷ୍ଠା କରାଯାଇ ପୂର୍ବ ମୂର୍ତ୍ତିମାନଙ୍କୁ ସିନ୍ଦୁରିଆ ମଉଜାରେ ରଖାଯାଇଥିଲା । ରାମଚନ୍ଦ୍ର ସିଂହଙ୍କ ସମୟରେ ଉପସ୍ଥିତ ମୂର୍ତ୍ତିମାନଙ୍କୁ ପ୍ରତିଷ୍ଠା କରାଯାଇ ପୂର୍ବ ଠାକୁରଙ୍କୁ ଲଡ୍ଡୁବାବାଙ୍କ ମନ୍ଦିରରେ ରଖାଗଲା । ଭୋଗ ଖଞ୍ଜାର ବିସ୍ତାର କରାଗଲା ।

Digitized by PPRACHIN, SOA

ବିନାୟକ ସିଂହ ମାନଧାତାଙ୍କ ସମୟରେ ମନ୍ଦିର ତୟାର ହୋଇ ପ୍ରତିଷ୍ଠା କରାଗଲା । ସନ ୧୮୯୦ ମସିହାରେ ଜଗନ୍ନାଥଯିଉଙ୍କ ପୁରୁଣା ମଣ୍ଡପ ମନ୍ଦିର ତରଫରୁ ରାଜବାଟି ରହଣି ନିଳ କୋଠଲୋକଙ୍କୁ ଟ୨୫୦/- ରେ ବିକ୍ରୀ କରାଯାଇଥିଲା । ତାପରେ ଉକ୍ତ ମଣ୍ଡପ ଭଙ୍ଗାଯାଇ ସେଥିରେ ଗୋପୀନାଥ ଯିଉଙ୍କ ଦେଉଳର ତଳଭାଗ ତୟାର ହୋଇଅଛି ।

ବିନାୟକ ସିଂହ ଜଗନ୍ନାଥଯିଉଙ୍କର ବିଶେଷ ଖଞ୍ଜା କରିଥିଲେ । ଏ ରାଜ୍ୟରେ ସାକିରି ମଉଜା ଚାଉଳ ଓ ଇକିରି ମଉଜା ମୁଗ ପ୍ରଧାନ । ସାକିରି ମଉଜା ସଞ୍ଜାଧାନ ପ୍ରଜାମାନେ ଚାଉଳ କରି ବର୍ଷକ ପାଇଁ ଦୈନିକ ନୀତି ଭୋଗ ସକାଶେ ଯୋଗାଉଥିଲେ । ପ୍ରଧାନ ପ୍ରଧାନ ଗଉଡ ମଉଜା ଖଞ୍ଜିଥିଲେ । କାଠ ବାଦ୍ ଘିଅ, ଗୁଡ, ମୁଗ, ବିରି ପ୍ରଭୃତି ଖଞ୍ଜିଥିଲେ । ସମୁଦାୟ ନୀତି ଓ ପର୍ବପର୍ବାଣୀରେ ବନ୍ଦୋବସ୍ତ କରିଥିଲେ ।

ମୋହନ ମନ୍ଦିର ସକାଶେ ଟ ୬୦,୦୦୦/- ଜମା ଓ ଅସ୍ତ୍ର ଶସ୍ତ୍ର ଚୁନ ଜମା କରି ଯାଇଥିଲେ । କେବଳ ରଥ ତୟାରି ଓ ଅଧର ଭୋଗ ଟ୍ରେଜରୀରୁ ଖଞ୍ଜା ଥିଲା । ସନ ୧୮୮୫ ମସିହାରେ କ୍ଷେତ୍ରିବର ସିଂହ ଦେଓ୍ୱାନ ଠାକୁରଙ୍କ ଏଲାକା ବନ୍ଦୋବସ୍ତ କରି ରଥ ତିୟାରି ଖର୍ଚ୍ଚ ଟ୍ରେଜରୀରୁ ଉଠାଇ ମନ୍ଦିରରେ ଖଞ୍ଜିଥିଲେ । ଏ ମନ୍ଦିରର ରୋଷଘର ଛପର ଓଗେର ସମସ୍ତ ବେଠି ସାକିରି ମଉଜା ପ୍ରଜା କରନ୍ତି । ମନ୍ଦିର ଭିତରେ ବାଲିପାଟଣା ପ୍ରଜା ପହରା କରନ୍ତି । ସିଂହଦ୍ୱାରା ବାଟାହି ଆକାରରେ କନ୍ଧ ପାଏକ ପହରା କରନ୍ତି । ଗୁଣ୍ଡିଚା ମଣ୍ଡପ ଓ ରୋଷଘର ଆଦି ଇଟାମାଟି ମଉଜା ପ୍ରଜା ଛପର କରନ୍ତି । ଖାଁ ସାହେବଙ୍କ ସମୟରେ ଇଟାମାଟି ପ୍ରଜାଟିଣ ଚାଦର ଖର୍ଚ୍ଚା ଦେଇ ଅଛନ୍ତି । ଏ ମନ୍ଦିରର କାର୍ଯ୍ୟ କରଣ ୨ ଜଣ ବାର୍ଷିକ ୧୦ ଭରଣ ଧାନ ଓ ନଗଦ ଟ ୧୨ ଙ୍କା ଦରମା ପାଆନ୍ତି । ଆଦାୟ (Collection) ପ୍ରଭୃତି ସବୁ କାର୍ଯ୍ୟ କରନ୍ତି ଏହାଙ୍କର ଦୋଳ, ଚନ୍ଦନ, ସ୍ନାନ, ରଥ, ମକର ଯାତ୍ରା ପ୍ରଧାନ ଅଟେ ।

Digitized by PPRACHIN, SOA

ପ୍ରଥମ ଭାଗ (ପୁରୁଷାନୁକ୍ରମିକ)

ସୂଚୀପତ୍ର

କ୍ରମିକ.	ବିଷୟ	ପୃଷ୍ଠା
୧.	ନୟାଗଡ଼ ରାଜବଂଶର ବଂଶାବଳୀ	୬୦
୨.	ଖଣ୍ଡପଡ଼ା ରାଜବଂଶର ବଂଶାବଳୀ	୬୨
୩.	ବାଉରୀ ଠାକୁରାଣୀ ଓ ରାଜ୍ୟସ୍ଥାପନ (ପ୍ରଥମ ରାଜା ସୂର୍ଯ୍ୟମଣି ସିଂହ)	୬୪
୪.	ନବମ ରାଜା ବାଘା ସିଂହ	୬୭
୫.	ଦ୍ୱାଦଶ ରାଜା ରଘୁନାଥ ସିଂହ	୬୯
୬.	ତ୍ରୟୋଦଶ ରାଜା ହରିହର ସିଂହ	୭୦
୭.	ଚତୁର୍ଦ୍ଦଶ ରାଜା ଗୋକୁଳେଶ୍ୱର ସିଂହ ମାନଧାତା	୭୧
୮.	ପଞ୍ଚଦଶ ରାଜା ଗଦାଧର ସିଂହ ମାନଧାତା	୭୨
୯.	ଷୋଡ଼ଶ ରାଜା ରାମଚନ୍ଦ୍ର ସିଂହ ମାନଧାତା	୭୪
୧୦.	ସପ୍ତଦଶ ରାଜା ଚନ୍ଦ୍ର ଶେଖର ସିଂହ ମାନଧାତା	୭୬
୧୧.	ଅଷ୍ଟାଦଶ ରାଜା ପୁରୁଷୋତ୍ତମ ସିଂହ ମାନଧାତା	୭୭
୧୨.	ଊନବିଂଶ ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା	୭୭
୧୩.	ବିଂଶ ରାଜା ବିନାୟକ ସିଂହ ମାନଧାତା	୮୦
୧୪.	ସତର ସୱାଲ (ରାଜବଂଶ ସମ୍ପର୍କରେ)	୮୨
୧୫.	ପଚିଶ ସୱାଲ (ରାଜକାର୍ଯ୍ୟ ସମ୍ପର୍କରେ)	୮୩
୧୬.	୨୧ଶ ରାଜା ବ୍ରଜବନ୍ଧୁ ସିଂହ ମାନଧାତା	୮୯
୧୭.	୨୨ଶ ରାଜା ଲଡୁକିଶୋର ସିଂହ ମାନଧାତା	୯୧
୧୮.	ପାର୍ଶ୍ୱବର୍ତ୍ତୀ ରାଜ୍ୟ ସହିତ ସରହଦ ନିଷ୍ପତ୍ତି	୯୪
୧୯.	ଖଣ୍ଡପଡା ସହିତ ସମ୍ପର୍କ	୯୫
୨୦.	ଦଶପଲ୍ଲା ସହିତ ସମ୍ପର୍କ	୯୬
୨୧.	ରାଜ୍ୟ ଶାସନ	୯୭
୨୨.	୨୩ଶ ରାଜା ବଳଭଦ୍ର ସିଂହ ମାନଧାତା	୯୭
୨୩.	୨୪ଶ ରାଜା ରଘୁନାଥ ସିଂହ ମାନଧାତା	୯୯
୨୪.	୨୫ଶ ରାଜା ନାରାୟଣ ସିଂହ ମାନଧାତା	୧୦୦
୨୫.	୨୬ଶ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା	୧୦୪
୨୬.	ରାଜାଙ୍କ ଦିନଚର୍ଯ୍ୟା- ବ୍ୟକ୍ତିଗତ ଜୀବନ	୧୦୯
୨୭.	ଭଦ୍ର (ଗାଦି) ଓ ବନ୍ଦାପନା	୧୧୦
୨୮.	ଦରବାର	୧୧୧
୨୯.	ପର୍ବ ଓ ଉତ୍ସବ	୧୧୧
୩୦.	ଗଡ଼ଜାତ ମିଶ୍ରଣ ପୂର୍ବରୁ ରାଜ୍ୟ ଶାସନର ଶେଷ କେତେ ବର୍ଷ	୧୧୨

Digitized by PPRACHIN, SOA

୧. ନୟାଗଡ଼ ରାଜବଂଶର ବଂଶାବଳୀ

୧. ରାଜା ସୂର୍ଯ୍ୟମଣୀ ସିଂହ ୨.ରାଜା ଗୋବିନ୍ଦ ସିଂହ,୩. ରାଜା ଧନୁକ ସିଂହ

୪. ରାଜା ସିଙ୍ଗଲା ସିଂହ ୫. ରାଜା ହରିହର ସିଂହ ୬. ରାଜା ଭଦ୍ର ସିଂହ

୭. ରାଜା ଗନ୍ଧ ସିଂହ ୮. ରାଜା ଘନଶ୍ୟାମ ସିଂହ ୯. ରାଜା ବାଘା ସିଂହ

୧୦.ରାଜା କୃତଜନ ସିଂହ ୧୧. ରାଜା ଟାଙ୍କୁଲ ସିଂହ

୧୨. ରାଜା ରଘୁନାଥ ସିଂହ

୧୩. ରାଜା ହରିହର ସିଂହ ଯଧୁନାଥ ମଙ୍ଗରାଜ (ଖଣ୍ଡପଡ଼ାର ପ୍ରଥମ ରାଜା)

୧୪. ରାଜା ଗୋକୁଳେଶ୍ୱର ସିଂହ ମାନଧାତା ୧୫. ରାଜା ଗଦାଧର ସିଂହ

୧୬. ରାଜା ରାମଚନ୍ଦ୍ର ସିଂହ ୧୭. ରାଜା ଚନ୍ଦ୍ରଶେଖର ସିଂହ

୧୮. ରାଜା ପୁରୁଷୋତ୍ତମ ସିଂହ ମାନଧାତା

୧୯. ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା, ନିଳମଣି ଜଗଦେବ, ପଦ୍ମନାଭ ହରିଚନ୍ଦନ

୨୦. ରାଜା ବିନାୟକ ସିଂହ ମାନଧାତା ଦାଶରଥି ହରିଚନ୍ଦନ

୨୧. ରାଜା ବ୍ରଜବନ୍ଧୁ ସିଂହ ମାନଧାତା ବ୍ରଜବନ୍ଧୁ ହରିଚନ୍ଦନ
(ନିଃସନ୍ତାନ)

ଦାଶରଥି ସିଂହ ଜଗଦେବ ଗୋପୀନାଥସିଂହ (ହାତି ସାମନ୍ତ) ରଘୁନାଥ ସିଂହ (ବାୟା ସାମନ୍ତ)

୨୨. ରାଜା ଲଡୁକିଶୋର ସିଂହ ମାନ୍ଧାତା ବୈଦ୍ୟନାଥ
(ପୋଷ୍ୟପୁତ୍ର ସୂତ୍ରେ ରାଜା) ବଳଭଦ୍ର

୨୩. ରାଜା ବଳଭଦ୍ର ସିଂହ ମାନ୍ଧାତା (ଅବିବାହିତ ମୃତ)
(ପୋଷ୍ୟପୁତ୍ର ସୂତ୍ରେ ରାଜା)

୨୪. ରାଜା ରଘୁନାଥ ସିଂହ ମାନ୍ଧାତା (ନିଃସନ୍ତାନ) ଔରସ ସୂତ୍ରେ

Digitized by PPRACHIN, SOA

୨୫. ନାରାୟଣ ସିଂହ ମାନଧାତା (ପୋଷ୍ୟପୁତ୍ର ସୂତ୍ରେ ରାଜା)

୨୬. କୃଷ୍ଣଚନ୍ଦ୍ର ସିଂହ ମାନଧାତା, ବୃନ୍ଦାବନ ସିଂହ ଜଗଦେବ

ବ୍ରଜେନ୍ଦ୍ର ଅମରେନ୍ଦ୍ର

ଶେଷରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ସମୟରେ ଭାରତ ୧୯୪୮ରେ ଇଂରେଜ ଶାସନରୁ ପୂର୍ଣ୍ଣ ସ୍ୱାଧୀନ ହେଲା । ତାପରେ ଗୃହମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପଦକ୍ଷେପରେ ଓଡ଼ିଶାର ସମସ୍ତ (ମୟୁରଭଞ୍ଜ ଛଡ଼ା) ଗଡଜାତ ରାଜ୍ୟ ଓଡ଼ିଶାରେ ମିଶିଗଲେ ।



Digitized by PPRACHIN, SOA

୨. ଖଣ୍ଡପଡ଼ା ରାଜବଂଶର ବଂଶାବଳୀ

ନୟାଗଡର ଦ୍ୱାଦଶ ରାଜା ରଘୁନାଥ ସିଂହଙ୍କର ଦ୍ୱିତୀୟ ପୁତ୍ର ଯଦୁନାଥ ମଙ୍ଗରାଜ ଖଣ୍ଡପଡାର ପ୍ରଥମରାଜା ହେଲେ ।

୧. ରାଜା ଯଦୁନାଥ ମଙ୍ଗରାଜ

୨. ରାଜା ପୀତବାସ ମଙ୍ଗରାଜ

୩. ରାଜା ନାରାୟଣ ମଙ୍ଗରାଜ — ଗୋପୀନାଥ ସିଂହ

୪. ରାଜା ବାଲୁଙ୍କେଶ୍ୱର ମଙ୍ଗରାଜ — ଦୟାନିଧି ଚମ୍ପତି

୫. ରାଜା ବନମାଳୀ ମର୍ଦ୍ଦରାଜ (ନିଃସନ୍ତାନ) — ବୈରାଗୀ ଚମ୍ପତି

୬. ରାଜା ବୈରାଗୀ ଭ୍ରମରବର ରାୟ

ଔରସ ସୁତ୍ରେ

୭. ରାଜା ନିଳାଦ୍ରି ଭ୍ରମରବର — ବାସୁଦେବ (ନିଃସନ୍ତାନ) — ତ୍ରିବିକ୍ରମ (ନିଃସନ୍ତାନ)

୮. ରାଜା ବସନ୍ତ ସିଂହ ଭ୍ରମରବର — ବ୍ରଜବିହାରୀ

Digitized by PPRACHIN, SOA

୯. ରାଜା ପୁରୁଷୋତ୍ତମ ଗୋପୀନାଥ (ନିଃସନ୍ତାନ) ହରିହର (ନିଃସନ୍ତାନ) ଶ୍ୟାମସୁନ୍ଦର କମଳଲୋଚନ (ନିଃସନ୍ତାନ)

ଚନ୍ଦ୍ର ଶେଖର (ପଠାଣି ସାମନ୍ତ)

ପୀତବାସ ଗଦାଧର ଚନ୍ଦ୍ରଧର

୧୦. କୃଷ୍ଣଚନ୍ଦ୍ର ଭ୍ରମରବର ଯୋଗୀନାଥ (ନିଃସନ୍ତାନ) ଅରକ୍ଷିତ (ନିଃସନ୍ତାନ) ଗୋପୀନାଥ ମୃଖୁଳୟ (ନିଃସନ୍ତାନ) ବଳଭଦ୍ର

ନାରାୟଣ କମଳଲୋଚନ (ନିଃସନ୍ତାନ)

ରାମଚନ୍ଦ୍ର

୧୧. କୁଞ୍ଜ ବିହାରୀ (ନିଃସନ୍ତାନ) ଭ୍ରମରବର ନଟବର

୧୨. ନଟବର ମର୍ଦ୍ଦରାଜ ଭ୍ରମରବର (ନିଃସନ୍ତାନ)

୧୩. ରାମଚନ୍ଦ୍ର ମର୍ଦ୍ଦରାଜ ଭ୍ରମରବର (ନିଃସନ୍ତାନ)

୧୪. ହରିହର ସିଂହ (ରାମଚନ୍ଦ୍ରଙ୍କ ଶଳାଙ୍କ ପୁତ୍ର)

Digitized by PPRACHIN, SOA

୩. ବାଉରୀ ଠାକୁରାଣୀ ଓ ରାଜ୍ୟ ସ୍ଥାପନ

ପ୍ରଥମ ରାଜା - ସୂର୍ଯ୍ୟମଣି ସିଂହ

ସନ ୧୨୫୫ ଖ୍ରୀଷ୍ଟାବ୍ଦ ପୂର୍ବରୁ ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଷ୍ଟେଟମାନ ନଥିଲା । ଏହା ବାଙ୍କୀ ବାଣପୁର, ବୌଦ, ରଣପୁର, ଘୁମୁସର ରାଜ୍ୟରେ ଥିଲା । ସମୁଦାୟ ଦଶପଲ୍ଲା ଏବଂ ନୟାଗଡ଼ର କୁରୁଡା, ଗୋଡିପଲ୍ଲୀ, ମହିପୁର ଓ ଗଣ୍ଡିବେତ ର ବାଲୁଗାଁ ଠାରୁ ପଶ୍ଚିମାଞ୍ଚଳ ଖୋର୍ଦ୍ଧା ରାଜ୍ୟର ଥିଲା । ଖଣ୍ଡପଡାର ପୂର୍ବାର୍ଦ୍ଧ ବାଙ୍କାର ଥିଲା । ବାଲୁଗାଁଠାରୁ ପୂର୍ବ ଉତ୍ତର ବାଙ୍କୀର ଥିଲା । ଲାଠିପଡ଼ାର ଅବଶିଷ୍ଟ ଗଣ୍ଡିବେଡ ଜିଲା ବଡ଼ଦେଶ ଓ ବାରପଲି ଜିଲା ରଣପୁରର ଥିଲା ।

ସଜନା ପଡାଠାରୁ ପତାପ ପ୍ରସାଦ, ବିରୁଡା ପୂର୍ବରେ ଖୋରଧାର ଥିଲା । କାନ୍ଥମାଳ ଜିଲା ବାଣପୁରର ଥିଲା । ସନ ୧୨୫୫ ମସିହାରେ ଯେଉଁ ସମୟରେ ଲାଙ୍ଗୁଳା ନରସିଂହଦେବ ଓଡିଶାରେ ମହାରାଜା ଥିଲେ, ସେହି ସମୟରେ ମଧ୍ୟପ୍ରଦେଶ ଅନ୍ତର୍ଗତ ରେବାର କ୍ଷତ୍ରୀୟ ବଘେଲ ବଂଶ ଜାତ । ରାଜ ଭ୍ରାତୃଦ୍ୱୟ ସୂର୍ଯ୍ୟମଣି ସିଂହ ଓ ଚ଼ନ୍ଦ୍ରମଣି ସିଂହ ବୌଦଷ୍ଟେଟ ତରଫରୁ ଆସି ବେତନଟି ମାଳ ସଂଲଗ୍ନ ଗୁନାମାଟି ମଉଜାରେ ରହିଲେ ।

ସେ ସମୟରେ ଗୁନାମାଟିରେ ଗୋଟିଏ ଗଡ଼ତିଆ ଥାଇ କୁରୁଡ଼ା ଜିଲା, କୁରୁଡ଼ା, ବେତନଟି, ଗୁମି ମାଳ ଭୋଗ କରୁଥିଲା । ଭ୍ରାତୃଦ୍ୱୟ ଗୁନାମାଟିଠାକୁ ଆସିବା ସମୟକୁ ସେ ଚକଡାରେ ବିଶେଷ ବ୍ୟାଘ୍ର ଭୟ ହୋଇଥିଲା । ଭ୍ରାତୃଦ୍ୱୟ ତାଙ୍କ ବାହୁବଳରେ ବ୍ୟାଘ୍ରମାନଙ୍କୁ ମାରି ଭୟଦୂର କରିବାରୁ ସେ ଚ଼କଡ଼ାର ଲୋକେ ବିଶେଷ ସନ୍ତୁଷ୍ଟ ହୋଇ ତାଙ୍କୁ ରଖିଲେ । ସେଠାର ଲୋକମାନଙ୍କୁ ଅକତିୟାର କରି ଗୁନାମାଟି ଗଡ଼ତିଆକୁ ମାରି କୁରୁଡା ଜିଲା ତିନିମାଳରେ ପ୍ରଥମେ ସୂର୍ଯ୍ୟମଣି ସିଂହ ରାଜା ହେଲେ । ଗୁନାମାଟି ହେଉଛି ପ୍ରଥମ ରାଜଧାନୀ ।

ସେଠାରେ କେତେ ବରଷ ରହି ଦେଶ ଜିଣିବା ଅଭିଳାଷରେ ଗୋଡିପଲି ଜିଲା ହରିପୁର ମୌଜାକୁ ଗଲେ । ସେଠାରେ ଏକ ଗଡ଼ତିଆ

Digitized by PPRACHIN, SOA

ଥାଇ ଗୋଡିପଲି କିଲାରୁ ଅଧିକାଂଶ ଭୋଗ କରିଥିଲା । ସେ ଗଡ଼ତିଆ ଖଟୁଆ ଜାତି ସାତଭାଇ ପରାକ୍ରମୀ । ସର୍ବଦା ଦେହରେ ଅସ୍ତ୍ରଶସ୍ତ୍ର ରଖୁଥିଲେ । ତାକୁ ପରାସ୍ତ କରିନପାରି ସେ ମୌଜାରେ ଗୋଟେ ମାଳିବଂଶର ସାହାଯ୍ୟ ନେଲେ । ଗଉନ୍ତିଆ ବଂଶ ଦଶହରା ଦିନ ଦେହରୁ ଅସ୍ତ୍ର ଶସ୍ତ୍ର ବାହାର କରି ପୂଜା କରିବା ସମୟରେ ଗଡ଼ତିଆ ଘରେ ପଶି ଗଡ଼ତିଆ ବଂଶ ହାଣି ପକାଇ ହରିପୁର ଗଡ଼ ଜୟକରି ଦ୍ୱିତୀୟ ରାଜଧାନୀ କଲେ । ସେହିଠାରୁ ଆଠ ଗୋଟି ଗଡ଼ତିଆକୁ ମାରି ଆଠଗଡ଼ ନାମଦେଇ ସେଠାରେ ରାଜା ହେଲେ ।

ସେ ସମୟେ ରଳବ ମୌଜାରେ ଏକ ଗଡ଼ତିଆ ଗିରିଦୂର୍ଗ କରି ଗୋଡିପଲୀ କିଲାରୁ କେତେ ମଉଜା ଓ ମହିପୁର କିଲାରୁ କେତେ ମଉଜା ଭୋଗ କରୁଥିଲା । ସୂର୍ଯ୍ୟମଣି ସିଂହ ଦିନେ ଛଦ୍ମବେଶରେ ରଳବ ଗଡ଼ ଦେଖିବାକୁ ଯାଇ ରାତିରେ ଅନିଦ୍ରାବସ୍ଥାରେ ଜଗନ୍ନାଥଯିଉଙ୍କ ମନ୍ଦିରରେ ବସିଥିଲେ । ଗୋଟିଏ ମହାବଳ ବାଘ ଆସିଲା । ସୂର୍ଯ୍ୟମଣି ସିଂହ ଦଉଡି ଯାଇ ବାଘର ବେକରୁ ହାଣିଦେଲେ ।

ବାଘକୁ ହାଣିସାରି ମଣ୍ଡପରେ ବସିଛନ୍ତି । ଏହି ସମୟରେ ଅଧିକ ରାତ୍ରରେ ଏକ ଗର୍ଭବତୀ ସ୍ତ୍ରୀ କାଠରେ ଓ ମୁଣ୍ଡରେ ଦୁଇଗୋଟି ମାଠିଆ ଧରି ଜଳ ଆଣିବାକୁ ଗଲା । କିଛିକ୍ଷଣ ପରେ ଫେରିବା ବେଳକୁ କାଖ ଓ ମୁଣ୍ଡରେ ପୂର୍ଣ୍ଣ ମାଠିଆ ଅଛି ମାତ୍ର ଗର୍ଭ ଖଲାସ ହୋଇ ପୁଅଟି ଆଗରେ ଚାଲୁଅଛି । ରାଜା ଏହା ଦେଖି ଅତୀବ ଆଶ୍ଚର୍ଯ୍ୟ ହୋଇ ସେ ସ୍ତ୍ରୀ ଆଗକୁ ଯାଇ ପଚାରିଲେ "ତୁ କିଏ ? ଗର୍ଭ ଅବସ୍ଥାରେ ଗଲୁ, ଫେରିଲା ବେଳକୁ ପିଲାଜନ୍ମ ହୋଇ ଚାଲୁଛି ।" ସେ ସ୍ତ୍ରୀ କହିଲା "ମୁଁ କହିବି ନାହିଁ ।" ରାଜା କହିଲେ "ନ କହିଲେ ହାଣିଦେବି । ସେ ସ୍ତ୍ରୀ କହିଲା, "ହାଣିଲେ କହିବି ।" ରାଜା ସେ ସ୍ତ୍ରୀର ଅଣ୍ଟାରୁ ହାଣିଦେଲେ ।

ସେଠାରୁ ସେ ସ୍ତ୍ରୀ, ବାଳକ, ବାଘ ଅନ୍ତର୍ହିତ ହୋଇ ଏକଦେବୀ ଆବିର୍ଭୂତ ହେଲେ ଏବଂ କହିଲେ, "ମୁଁ ବାଉରୀ ଠାକୁରାଣୀ । ଏଠାକାର ଅଧିଷ୍ଠାତ୍ରୀ ଦେବୀ ।

Digitized by PPRACHIN, SOA

ମୁଁ ତୋ ଉପରେ ସନ୍ତୁଷ୍ଟ ହେଲି । ତୋର ବଂଶଧର ମାନେ ରାଜ୍ୟ ବିସ୍ତାର କରି ପୁରୁଷାନୁକ୍ରମେ ରାଜା ହେବେ । ତୁ ମୋତେ ଇଷ୍ଟଦେବତା କରି ରଖିବୁ । ଏ ଯେଉଁ ବାଘକୁ ହାଣିଛୁ ସେ ମୋର ବାହନ । ଆଜିଠାରୁ ତୋର ବଂଶ ପରମ୍ପରା କ୍ରମେ ବାଘମୁଣ୍ଡ ସନ୍ତକ ହେବ” । ରାଜା ସେଥିରେ ପ୍ରତିଶ୍ରୁତି ଦେବାରୁ ଦେବୀ ଅନ୍ତର୍ହିତ ହେଲେ ।

ତହିଁ ପରଦିନ ସକାଳୁ ରାଜା ହରିପୁର ଫେରିଯାଇ ରଳବ ଗଡ଼ତିଆକୁ ପରାସ୍ତ କରିବାକୁ ଆସିଲେ । ରଳବ ଗଡ଼ତିଆ ଆତ୍ମ ସମର୍ପଣ ପୂର୍ବକ ତାହା ଅଧିକୃତ ରାଜ୍ୟ ଛାଡିଦେଲା । ମାତ୍ର କହିଲା, ମୁଁ ଏତିକି ମାଗୁଛି “ଆପଣ କିମ୍ୱା ଆପଣଙ୍କର ପରପୁରୁଷ ଯେ କି ପ୍ରଥମେ ରାଜା ହେବେ ସେ ମୁଁ କିମ୍ୱା ମୋହର ପରପୁରୁଷଙ୍କ ଜଙ୍ଘରେ ବସି ରାଜା ହେବେ ।

ଏଠାରୁ ଯାଇ ଅନ୍ୟଠାରେ ରାଜଧାନୀ କଲେ ଯେଉଁଦିନ ଆପଣଙ୍କର ପରପୁରୁଷ ରାଜା ରଳବ ଆସିବେ ସେଦିନ ମୋର ପରପରୁଷଙ୍କ ଜଙ୍ଘରେ ବସି ଏହି ଜଗନ୍ନାଥଜିଉଙ୍କ ମନ୍ଦିରରେ ବନ୍ଦାପନା ହେବେ । ରାଜା ସୂର୍ଯ୍ୟମଣି ସିଂହ ଏଥିରେ ରାଜି ହୋଇ ରଳବ ଗଡ଼ ଜୟ କରି ତୃତୀୟ ରାଜଧାନୀ କଲେ । ଯେଉଁଠାରେ ଦେବୀ ବର ଦେଇଥିଲେ ସେଠାରେ ଘର ହୋଇ ବାଉରୀ ଠାକୁରାଣୀ ଇଷ୍ଟ ଦେବତା (ଇଷାଣ) ପୂଜା ପାଇଲେ । ଯେଉଁ ଖଣ୍ଡାରେ ବାଘକୁ ହାଣିଥିଲେ ସେ ଖଣ୍ଡା ବର୍ତ୍ତମାନ ରାଜବାଟି ଦୁର୍ଗାଦେବୀଙ୍କ ମନ୍ଦିରରେ ଅଛି ।

ସେଠାରେ ଯେଉଁ ଗଡ଼ତିଆ ଥିଲା ସେ ଜାତିରେ ସୋଧ । ଏଠାରେ ନବମ ରାଜା ବାଘାସିଂହ ରଳବ ଛାଡିବା ଦିନଠାରୁ କୌଣସି ରାଜା ଦିନକ ସକାଶେ ରଳବ ଯାଇ ନାହାନ୍ତି । କାରଣ ରଳବ ଗଲେ ପୂର୍ବ ପ୍ରତିଶ୍ରୁତି ଅନୁସାରେ ସୋଧ ଜଙ୍ଘରେ ବସି ବନ୍ଦାପନା ଦେବାକୁ ହେବ । ସୂର୍ଯ୍ୟମଣି ଓ ଚ଼ନ୍ଦ୍ରମଣି ସିଂହଙ୍କ ସହିତ ଦୁଇଜଣ ବାହ୍ମଣ ଆସି ଥିଲେ । ଜଣେ ଚ଼ନ୍ଦ୍ରମଣି ସିଂହଙ୍କ ସହିତ ଗଲେ । ଘନଶ୍ୟାମ ଆଚାର୍ଯ୍ୟ ନାମକ ଜଣେ ବାହ୍ମଣ ସୂର୍ଯ୍ୟମଣି ସିଂହଙ୍କ ପୁରୋହିତ ଥିଲେ । ତାଙ୍କର ବଂଶଧର କଣ୍ଟାବଣିଆ

Digitized by PPRACHIN, SOA

ବାହ୍ମଣ ଶାସନ ଆଚାର୍ଯ୍ୟ ବଂଶ ଅଟନ୍ତି । ସେ ପିତ୍ତଳର ଦୁଇ ମୂର୍ତ୍ତି ଦୁର୍ଗାଦେବୀ ଆଣିଥିଲେ । ପିତଳ ମୂର୍ତ୍ତି ରଳବରେ ସ୍ଥାପନ କରିଥିଲେ । ଅନ୍ୟ ମୂର୍ତ୍ତି ନିଯିଗଡ଼ ଜଗନ୍ନାଥ ମନ୍ଦିରରେ ଅଛନ୍ତି । ଏହି ମୂର୍ତ୍ତିଙ୍କରେ ଦାନ୍ତ ବାହାରକୁ ଦିଶୁଥିବାରୁ ଏହାଙ୍କୁ ଦାନ୍ତି ଦୁର୍ଗା କହନ୍ତି ।

୧. ସୂର୍ଯ୍ୟମଣି ସିଂହ ଏଠାର ପ୍ରଥମ ରାଜା, ତାଙ୍କ ପରେ
୨. ଗୋବିନ୍ଦ ସିଂହ
୩. ଧନୁକ ସିଂହ
୪. ସିଙ୍ଗଲା ସିଂହ
୫. ହରିହର ସିଂହ
୬. ଭଦ୍ର ସିଂହ
୭. ଗନ୍ଧ ସିଂହ
୮. ଘନଶ୍ୟାମ ସିଂହ

ଏମାନେ ରଳବ ରାଜଧାନୀରେ ସୂର୍ଯ୍ୟମଣି ସିଂହଙ୍କ ବିଜିତ ରାଜ୍ୟ ଭୋଗ କରିଥିଲେ । ଏମାନଙ୍କ ସମୟରେ କିଛି ପ୍ରଧାନ ଘଟଣା ନାହିଁ ।

୪. ୯ମ ରାଜା ବାଘା ସିଂହ

ଏ ଶୂରବୀର ପରାକ୍ରମଶାଳୀ ଥିଲେ । ସେ ରଳବର ପୂର୍ବ ଉତ୍ତର ଦିଗରେ ରାଜ୍ୟ ବିସ୍ତାର କରିବାକୁ ବାହାରି ମହିପୁରରେ ଗଡ଼ କରି କେତେ ବରଷ ରହିଲେ ।

ସେଠାରୁ ଦିନେ ଉପସ୍ଥିତ ଟାଉନ ଦେଖିବାକୁ ଆସି ରୁଖି ପାହାଡ଼ ପାଦ ଦେଶରେ ଏକ ଝରଣା ନିକଟରେ ବସିଛନ୍ତି । ଏ ସମୟରେ ଗୋଟେ ଖରିଆ ବାହାରିଲା । ତାକୁ କୁକୁର ଲଗାଇ ଦେଲେ । ପ୍ରଥମେ ଖରିଆ କୁକୁରକୁ ମାଡ଼ି ବସିଲା । ପରେ କୁକୁର ଖରିଆକୁ ମାରିଦେଲା । ରାଜା ସେହି ଟାସରା ନାମ "କୁକୁର ଟାସରା" ରଖିଲେ । ଖରିଆ କୁକୁରକୁ ମାଡ଼ି ବସିବାରୁ 'ଏ ଭୂମି ବଳିଷ୍ଠ ଭୂମି' କହି ଏଠାରେ ସ୍ଥାୟୀ ରାଜଧାନୀ କରିବାକୁ ସଂକଳ୍ପ କଲେ । ଏଠାରେ ଏକ ଡମ୍ବ ଗଡ଼ତିଆ ଥିଲା । ତାକୁ ପରାସ୍ତ କରି ଏଠାରେ ୫ମ ସ୍ଥାୟୀ ରାଜଧାନୀ କଲେ ।

Digitized by PPRACHIN, SOA

ରାଜା ବାଘାସିଂହ ଏ ଗଡ଼କୁ ବସାଇଥିବାରୁ ଏ ଗଡ଼ର ନାମ ରାଜାଙ୍କ ନାମାନୁସାରେ ବାଘା ନୂଆଗଡ଼ ଦିଆ ଯାଇଥିଲା । କେତେ ଦିନ ପରେ ବାଘା ନୂଆଗଡ଼ ପରିବର୍ତ୍ତେ ବାଘୁଆ ନୂଆଗଡ଼ ହୋଇଛି । ଏବେ କେବଳ ନୂଆଗଡ ସମସ୍ତେ କହୁଛନ୍ତି । ରାଜା ବାଘାସିଂହ ଶୈବ ଧର୍ମାବଲମ୍ବୀ ଥିଲେ । ସେ ପ୍ରଥମେ ବିଶ୍ୱନାଥ ଦେବ, ତାଙ୍କ ନିକଟ ବ୍ରାହ୍ମଣ ଦେବୀ ଠାକୁରାଣୀଙ୍କୁ ସ୍ଥାପନ କରିଥିଲେ । ଚ଼ାଳ ମଣ୍ଡପ କରି ଜଗନ୍ନାଥ ଜିଉଙ୍କୁ ସ୍ଥାପନା କରିଥିଲେ । ପୂର୍ବ ଦିଗରେ ଶୁଳିଆ, ପଶ୍ଚିମ ଦିଗରେ ତର୍କାଇ ଗ୍ରାମଦେବତୀ ସ୍ଥାପନା କରିଥିଲେ ।

ବାଘା ସିଂହ ରାଜା ରଳବରୁ ହରିପୁର ମଉଜାରୁ ଏକ ମାଳିର କନ୍ୟା ବେଲକୁ "ଫୁଲ ବାଇ" କୋଠଲୋକ (ରକ୍ଷିତା) କରି ଆଣିଥିଲେ । ସେ ଏଠାରେ ବସନ୍ତ ରୋଗରେ ମରିଗଲା । ତାର ଶବକୁ କନିଷ୍ଠ ବ୍ରାହ୍ମଣ ଦ୍ୱାରା ସଂସ୍କାର କରାଇବାରେ ତା ଦେହରେ ଦେବୀ ଆବିର୍ଭୁତା ହେଲେ । ତାଙ୍କୁ ପୂଜା ଦେବା ପରେ ଦେବୀ ପ୍ରସନ୍ନ ହୋଇ ବର ଦେଇଥିଲେ, "ଏ ରାଜବାଟିରେ ଚ଼ବିଶ ପୁରୁଷ ପର୍ଯ୍ୟନ୍ତ ହଇଯା ଓ ବସନ୍ତ ରୋଗ ହେବ ନାହିଁ ।"

ଦେବୀଙ୍କୁ ବିସର୍ଜନ କରି ସେହିଠାରେ ସେ ଶବକୁ ପୋତି ତା ଉପରେ ଶିବଲିଙ୍ଗ ସ୍ଥାପନା କରାଯାଇଥିଲା । ସେ ବିଲ୍ୱଶ୍ୱର ନାମରେ ଅଦ୍ୟାପି ସେବା ପୂଜା ପାଉଛନ୍ତି । ବେଲ 'ଫୁଲ ବାଇ' ହୋଇ ଆସିଥିବାରୁ କେହିକେହି ନୟାଗଡ଼ ରାଜବଂଶକୁ "ମାଳି" ବୋଲି କହନ୍ତି, ମାତ୍ର ତାହା ନୁହେଁ ।

ତାପରେ ବାଙ୍କି ରାଜାଙ୍କ ସହିତ ଯୁଦ୍ଧକରି ଯୋଗିଆପଲୀ ଠାରୁ ଖଣ୍ଡପଡ଼ା ଗଡ଼ ପର୍ଯ୍ୟନ୍ତ ଜୟ କରିଥିଲେ । ମାତ୍ର ଖଣ୍ଡପଡ଼ା ଗଡ଼ର ଉତ୍ତର ପଶ୍ଚିମରେ କିଛି ଜୟ କରି ନଥିଲେ । ସେ ସମୟରେ ଓଡିଶା ରାଜାଙ୍କ ଅଧୀନରେ ବାଙ୍କି, ଅନଗୁଳ ସହିତ ଗୋ୧୬ଟି ଗଡ଼ଜାତ ଥିଲା । ମାତ୍ର ଗଡ଼ଜାତ ଓ ମୋଗଲ ବନ୍ଧି ଭିନ୍ନ ନଥିଲା ।

ବାଘା ସିଂହଙ୍କ ପରେ ଦଶମ ରାଜା କୃତଜନ ସିଂହ ଓ ୧୧ଶ ରାଜା ଟାଙ୍କୁଲ ସିଂହ ମାନଙ୍କ ସମୟରେ କିଛି ବିଶେଷ ଘଟଣା ନାହିଁ ।

Digitized by PPRACHIN, SOA

୫. ୧୨ଶ ରାଜା ରଘୁନାଥ ସିଂହ

ଏହାଙ୍କର ଦୁଇପୁତ୍ର, ପ୍ରଥମ ହରିହର ସିଂହ, ଦ୍ୱିତୀୟ ଯଦୁନାଥ ମଙ୍ଗରାଜ । ବାଘା ସିଂହ ବାଙ୍କି ରାଜାଙ୍କଠାରୁ ଜୟ କରିଥିବା ମଉଜା ଯୋଗିଆପଲୀ ଠାରୁ ଖଣ୍ଡପଡ଼ା ଗଡ଼ ଗୁଣ୍ଡୁଣି, ବନମାଳିପୁର ସହିତ ସାନପୁଅ ଯଦୁନାଥ ମଙ୍ଗରାଜଙ୍କୁ ଦେଇ ତହିଁରେ ରାଜା କଲେ । ଖଣ୍ଡକେତେ ପଡ଼ା ବା ଗ୍ରାମରେ ରାଜା ହୋଇଥିବାରୁ ରାଜ୍ୟର ନାମ 'ଖଣ୍ଡପଡ଼ା' ହୋଇଅଛି ।

ଖଣ୍ଡପଡ଼ା ରାଜା ଯଦୁନାଥ ମଙ୍ଗରାଜ ତାଙ୍କ ବାହୁ ବଳରେ ବାଙ୍କି ଓ ବଉଦ ରାଜାଙ୍କୁ ଜିଣି ରାଜ୍ୟବିସ୍ତାର କଲେ । ଏ ବଂଶର ଉପସ୍ଥିତ ରାଜା ହରିହର ସିଂହଙ୍କ ସହିତ ଚଉଦ ପୁରୁଷ ହେଲା । ଦ୍ୱାଦଶ ରାଜା ରଘୁନାଥ ସିଂହଙ୍କ ମୃତ୍ୟୁପରେ ତାଙ୍କର ପ୍ରଥମ ପୁତ୍ର ହରିହର ସିଂହ ରାଜା ହେଲେ । ସେ ବାଣପୁର ରାଜନନ୍ଦିନୀ ମଣ୍ଡା ଦେଈଙ୍କୁ ବିବାହ ହୋଇଥିଲେ । ସେ ସମୟରେ କାନ୍ତମାଳ ଜିଲା ମାଛିପଡ଼ା ପର୍ଯ୍ୟନ୍ତ ବାଣପୁରର ଥିଲା । ବରସାହି ମଉଜା ନିକଟରେ କଇନ୍ତେଇ ନାମକ ଗଡ଼ରେ ଏକ ଗଡ଼ତିଆ ଥାଇ କାନ୍ତମାଳ ଜିଲା ଭୋଗ କରୁଥିଲା ।

ରାଜା ହରିହର ସିଂହ କଇନ୍ତେଇ ଗଡ଼ତିଆ ସହିତ ଯୁଦ୍ଧ କରିବାରେ ସେ ଯୁଦ୍ଧରେ ବାଣପୁର ରାଜା ଯୋଗ ଦେଇଥିଲେ । ମାତ୍ର ରାଜା ହରିହର ସିଂହ ବାଣପୁର ରାଜାଙ୍କୁ ପରାସ୍ତ କରି କଇନ୍ତେଇ ଗଡ଼ତିଆକୁ ମାରି ନୟାଗଡ଼ ବାଣପୁର ସରହଦ ଧାଡ଼ି ମୁଣ୍ଡିଆ, ଚମ୍ପା, ଚକା ଆମ୍ବ, ଡ଼ାମଣା, ସାହାଡ଼ା, ସାକରା, ଗୋଲାଟ ଗିରି ପର୍ଯ୍ୟନ୍ତ ଜୟ କରିଥିଲେ । କଇନ୍ତେଇ ଗଡ଼ ବର୍ତ୍ତମାନ ଅରଣ୍ୟରେ ପରିଣତ ହୋଇଅଛି । କଇନ୍ତେଇ ଠାକୁରାଣୀ ଅଛନ୍ତି ।

ସେହି ସମୟରୁ ଲଡୁବାବା (ଲଡୁକେଶ ମହେଶ) ନୟାଗଡ଼ର ପ୍ରଧାନ ଦେବତା ରୂପରେ ପୂଜା ପାଇଛନ୍ତି । ପ୍ରବାଦ ଅଛି - ଲଡୁବାବାଙ୍କ ନିକଟ ଅସୁର ଢ଼ିପା ମଉଜାରେ ଅତି ପୂର୍ବକାଳରେ ଲୋହାସୁର ନାମରେ ଏକ ଅସୁର ଥାଇ ଅତ୍ୟାଚାର କରୁଥିଲା । ସେ ଯୁଦ୍ଧରେ ପରାସ୍ତ ହେଲେ ଖଣ୍ଡେ ଲୁହା ହୋଇ ପଡ଼ି ରହୁଥିଲା । ସେହି ହେତୁ ଶିବ ସେହି ସ୍ଥାନରେ ଲୟାହି ହେଲେ ଓ

Digitized by PPRACHIN, SOA

ବ୍ରହ୍ମା ହାତୁରା ହେଲେ, ବିଷ୍ଣୁ ସେ ଲୁହାକୁ ଲ୍ୟାହି ଉପରେ ରଖି ହାତୁରାରେ ବାଡ଼େଇ ଟିକିଏ (ଛୋଟ) କରିଥିଲେ । ଅର୍ଥାତ୍ ଲୋହାସୁରକୁ ମାରି ପକାଇଲେ । ସେହି ଲ୍ୟାହି ଲଡୁବାବାଙ୍କ ଲିଙ୍ଗ ବିଗ୍ରହ ।

ଅସୁର ଢ଼ିପା ମଉଜା ନିକଟ ଭୂଗର୍ଭରୁ ଅଦ୍ୟାପି ଇଟା ପ୍ରଭୃତି ବାହାରୁ ଅଛି । ବହୁଦିନ ପୂର୍ବେ ଏଠାରେ ଅସୁର ନିବାସ ଥିବାର ଅନୁମାନ ହୁଏ । ଲଡୁବାବା ପୂର୍ବେ ରଣପୁରର ଥିବା କେହି କେହି କହନ୍ତି ଯେହେତୁ ବାବାଙ୍କ ନିକଟ ନରେନ୍ଦ୍ରପୁର ଅଛି । ମାତ୍ର ତାହା ନୁହେଁ । ଏ ରାଜ୍ୟରେ ରାବରା ନରେନ୍ଦ୍ର ପୁର, ପନ୍ତିଖାରି ନରେନ୍ଦ୍ରପୁର ପ୍ରଭୃତି ଅନେକ ନରେନ୍ଦ୍ରପୁର ଅଛି ।

୬. ୧୩ଶ ରାଜା ହରିହର ସିଂହ

ସେ ସମୟରେ ଗୟଳ ସିଂ ପାହାଡ଼ ନୈରୁତ କୋଣରେ କୋତରପଲି ମଉଜା ନିକଟରେ କାଙ୍ଗୁଲକଟା ଗଡ଼ରେ ଏକ ପ୍ରବଳ ପରାକ୍ରମୀ ଗଡ଼ତିଆ ଥାଇ ପଞ୍ଚୁପଲି ଜିଲା ଭୋଗ କରୁଥିଲା । ହରିହର ସିଂହ କାଙ୍ଗୁଲକଟା ଗଡ଼ତିଆ ସହିତ ପ୍ରଥମେ ଯୁଦ୍ଧକରି ଜୟ କରିପାରିଲେ ନାହିଁ । ପରେ ଉଭୟଙ୍କ ମଧ୍ୟରେ ପ୍ରଗାଢ଼ ମିତ୍ରତା ହେଲା । ଏପରି ମିତ୍ରତା ହେଲା - ରାଜବାଟିରୁ ସ୍ତ୍ରୀ ଲୋକ ପର୍ଯ୍ୟନ୍ତ ଯିବା ଆସିବା ହେଲା ।

ଥରେ ରାଜବାଟିରୁ ସ୍ତ୍ରୀ ଲୋକମାନେ ଯିବା ଛଳନାରେ ସମସ୍ତ ସୈନିକ ଜଣ କୋଡିଏ କୋଡିଏ ଖଣ୍ଡ ସବାରିରେ ଗଲେ । ସବାରି ଯେପରି ଗଡ଼ତିଆ ଗଡ଼ଭିତରକୁ ଗଲା ହଠାତ୍ ସୈନିକ ତହିଁ ମଧ୍ୟରୁ ବାହାରି ଗଡ଼ତିଆ ସହିତ ତାହାର ବଂଶ ହାଣି ପକାଇଲେ ଏବଂ ପଞ୍ଚୁପଲି ଜିଲା ଜୟ କଲେ । କାଙ୍ଗୁଲକଟା ଗଡ଼ ବର୍ତ୍ତମାନ ମହାରଣ୍ୟରେ ପରିଣତ ହୋଇଅଛି ।

ପଞ୍ଚୁପଲି ଜିଲା ଲୋକଙ୍କ କଥାବାର୍ତ୍ତାରୁ ଜଣାଯାଏ - ସେ ଜିଲା ପୂର୍ବେ ଘୁମୁସରର ଥିଲା । ପୋଡାଗଡ଼ରେ ଏକ ଗଡ଼ତିଆ ଥାଇ ସେ ଗଡ଼ଠାରୁ ମଗର ବନ୍ଧ ପର୍ଯ୍ୟନ୍ତ କେତେ ମଉଜା ଭୋଗ କରୁଥିଲା । ରାଜା ହରିହର ସିଂହ ପୋଡାଗଡ଼ ଗଡ଼ତିଆକୁ ମାରି ସେ ଗଡ଼ ପୋଡି ଦେଇଥିଲେ । ସେ ସମୟରେ ବାଲୁଗାଁ ମଉଜାରେ ଏକ ଗଡ଼ତିଆ ଥାଇ ଗଣ୍ଡିବେଢ଼ ଜିଲାର

Digitized by PPRACHIN, SOA

ଅଧିକାଂଶ ଭୋଗ କରୁଥିଲା । ରାଜା ହରିହର ସିଂହ ତାକୁ ମାରି ସେ ଭୋଗ କରୁ ଥିବା ସ୍ଥାନମାନ ଜୟକଲେ ।

୧-ଗୁନାମାଟି, ୨-ହରିପୁର, ୩-ରଳବ, ୪-ହାଟସାହି, ୫-ନିଯିଗଡ଼, ୬-କଇନ୍ତେଇ,୭.କାଙ୍ଗୁଲକଟା, ୮-ପୋଡାଗଡ଼, ୯-ବାଲୁଗାଁ ଏହି ନଅଟି ଗଡ଼ତିଆଙ୍କୁ ପରାସ୍ତ କରି ଏବଂ ମାରିଥିବାରୁ ଏ ରାଜ୍ୟର ଅନ୍ୟନାମ ନବଦୁର୍ଗ ହୋଇ ଅଛି ।

ଏ ରାଜା ୧୫୨୯ ମସିହାରେ ଓଡିଶାର ମହାରାଜା ପ୍ରତାପରୁଦ୍ର ଦେବଙ୍କର କରଦ ମିତ୍ର ରାଜା ହୋଇ ବାର୍ଷିକ ପେସ୍‌କେସ୍ ହଜାରେ ଟଙ୍କା ଲେଖାଏଁ ଦେଲେ ।

ସେ ପିତାଙ୍କ ନାମାନୁସାରେ କରଡା ରଘୁନାଥପୁର ଓ ବାଉଁଶିଆ ରଘୁନାଥପୁର ବ୍ରାହ୍ମଣ ଶାସନ ବସାଇଥିଲେ । ନିଜ ନାମାନୁସାରେ ଭିଖାରୀପଡ଼ା ହରିହରପୁର ବାହ୍ମଣ ଶାସନ ବସାଇଥିଲେ । ରାଜା ହରିହର ସିଂହଙ୍କ ବିୟୋଗ ସମୟକୁ ତାଙ୍କର ପୁତ୍ର ୧୪ଶ-ରାଜା ଗୋକୁଳେଶ୍ୱର ସିଂହ ନାବାଳକ ଥିଲେ । ରାଜମାତା ବୁଦ୍ଧିମତୀ ମଣ୍ଡା ଦେଇ ମଣିମା ରାଜ୍ୟଭାର ରଖିଥିଲେ । ଏହି ସମୟରେ କୁରୁଡା ଜିଲାରେ ମେଳି ହୋଇଥିଲା । ରାଜମାତା ନିଜେ କୁରୁଡା ଜିଲାକୁ ଯାଇ ମେଳିଶାନ୍ତ କରିଥିଲେ ।

୭. ୧୪ଶ ରାଜା ଗୋକୁଳେଶ୍ୱର ସିଂହ ମାନଧାତା

ରାଜା ଗୋକୁଳେଶ୍ୱର ସିଂହ ସାବାଳକ ହେବାରୁ ରାଜ୍ୟ ଭାର ଗ୍ରହଣ କଲେ । କିଛିଦିନ ପରେ ଓଡିଶାର ମହାରାଜା ମୁକୁନ୍ଦଦେବ ଗଙ୍ଗାନଦୀରେ ଘାଟ ବନ୍ଧାଇବା ଓ ତୀର୍ଥାଟନ କରିବାକୁ ଯାଇଥିଲେ । ଗଡ଼ଜାତ ରାଜାମାନଙ୍କ ମଧ୍ୟରେ ଗୋକୁଳେଶ୍ୱର ସିଂହଙ୍କୁ ବିଶେଷ ଉପଯୁକ୍ତ ଦେଖି ସମୁଦାୟ ଓଡିଶାର ଚାର୍ଯ୍ୟ ଏକ ବର୍ଷ ସକାଶେ ଦେଇଥିଲେ । ମହାରାଜା ମୁକୁନ୍ଦଦେବ ବର୍ଷେପରେ ତୀର୍ଥାଟନରୁ ଫେରିବା ସମୟକୁ ଗୋକୁଳେଶ୍ୱଙ୍କ ଶାସନରେ ଓଡିଶାରେ ପୂର୍ଣଶାନ୍ତି ବିରାଜୁ ଥିଲା । ମହାରାଜା ମୁକୁନ୍ଦଦେବ ଗୋକୁଳେଶ୍ୱର ସିଂହଙ୍କ ଉପରେ ବିଶେଷ ସନ୍ତୁଷ୍ଟ ହୋଇ ସବୁ ରାଜସଯ ଇତ୍ୟାଦି ଦେଇଥିଲେ ଏବଂ

Digitized by PPRACHIN, SOA

ସଜନାପଡ଼ା ଠାରୁ ପ୍ରତାପ ପ୍ରସାଦ ଓ ବିରୁଡ଼ା ପୂର୍ବରେ ଖୋରଧା ସୀମା ମଧ୍ୟର ଥିବା ମଉଜାମାନ ପୁରସ୍କାର ଦେଇଥିଲେ ଓ ମାନ୍ଧାତା ଉପାଧି ଦେଇଥିଲେ ।

ଏହି ମଉଜା ମାନଙ୍କରେ ବିଶେଷ ଓଡଚଷା ଅଛନ୍ତି । ଏମାନଙ୍କର ଖୋରଧା ପ୍ରଜାଙ୍କ ସହିତ ଅବଧି ପାର୍ଥକ୍ୟ ନାହିଁ । ସନ ୧୫୫୧ ମସିହା ଠାରୁ ୧୫୬୮ ମସିହା ପର୍ଯ୍ୟନ୍ତ ମହାରାଜା ମୁକୁନ୍ଦ ଦେବ ରାଜିରି କରିଥିଲେ । କେଉଁ ସନରେ ତୀର୍ଥାଟନ କରିଥିଲେ ଜଣା ପଡୁନାହିଁ । ଯେଉଁ ସମୟରେ ରାଜା ଗୋକୁଳେଶ୍ୱର ସିଂହ ଓଡ଼ିଶାର ଚାର୍ଯ୍ୟ ରଖିଥିଲେ, ସେ ସମୟରେ ଓଡିଶା ରାଜାଙ୍କର ଜଣେ କର୍ମଚାରୀ ଜଳପାଣି ସାନ୍ତରା ନୟାଗଡ଼ର ଚାର୍ଯ ରଖିଥିଲେ । ତାଙ୍କର ବଂଶଧର ବୈଦ୍ୟନାଥ ପଟ୍ଟନାୟକ ପ୍ରଭୃତି ଅଛନ୍ତି । ରାଜା ଗୋକୁଳେଶ୍ୱର ସିଂହ ମାନଧାତା "ମାନଧାତାପୁର" ବ୍ରାହ୍ମଣ ଶାସନ ବସାଇ ଥିଲେ ।

୮. ୧୫୫୫ ରାଜା ଗଦାଧର ସିଂହ ମାନଧାତା

ଗୋକୁଳେଶ୍ୱର ସିଂହଙ୍କ ବିୟୋଗ ପରେ ତଦୀୟ ପୁତ୍ର ଗଦାଧର ସିଂହ ମାନଧାତା ରାଜା ହେଲେ । ଏ ଜଣେ ପରାକ୍ରମୀ ରାଜା ଥିଲେ । ପିତା ଗୋକୁଳେଶ୍ୱର ସିଂହ ମାନଧାତା ଜଣେ ପ୍ରଧାନ ରାଜା ଥିବାରୁ ତାଙ୍କର ଶବ ଦାହ ସ୍ଥାନରେ ଶିବ ଲିଙ୍ଗ ସ୍ଥାପନ କରିଥିଲେ । ତାଙ୍କର ସେବାପୂଜା ଅବଧି ହେଉଅଛି । ଗଦାଧର ସିଂହଙ୍କ ରାଜତ୍ୱ ସମୟକୁ ଲାଠିପଡା ପର୍ଯ୍ୟନ୍ତ ରଣପୁରର ଥିଲା । ଲାଠିପଡାରେ ରଣପୁର ରାଜାଙ୍କର ଗୋଟିଏ ସୁଦୃଢ଼ ଦୁର୍ଗଥିଲା । ତାହାର ଭଗ୍ନାବଶେଷ ଅଦ୍ୟାପି ରହିଅଛି ।

ରାଜା ଗଦାଧର ସିଂହ ରଣପୁର ରାଜାଙ୍କ ସହିତ ଯୁଦ୍ଧକରି ଲାଠିପଡା ଦୁର୍ଗ ଜୟ କରିଥିଲେ ଏବଂ ତାହା ଧ୍ୱଂସ କରିଥିଲେ । ଗଣ୍ଡିବେଢ ଜିଲାର ଦକ୍ଷିଣାଂଶ ଓ ବଡ଼ ଦେଶ ଜିଲାର ଗୋଡିପଡା ପର୍ଯ୍ୟନ୍ତ ପ୍ରଥମ ଯୁଦ୍ଧରେ ଜୟ କରିଥିଲେ । କେତେ ବର୍ଷପରେ ଦ୍ୱିତୀୟ ଯୁଦ୍ଧରେ ଅବଶିଷ୍ଟ ବଡ଼ଦେଶ ଓ ବରପାଲି ଜିଲା ସମଗ୍ର ଜୟ କରିଥିଲେ । ରଣପୁର ଯୁଦ୍ଧ ବହୁଦିନ ପର୍ଯ୍ୟନ୍ତ ହୋଇଥିଲା ।

Digitized by PPRACHIN, SOA

ଏ ଯୁଦ୍ଧରେ ନିଯିଗଡ଼ ବିଶ୍ୱନାଥ ଦେବର୍ତ୍ତାଙ୍କ ପୂର୍ବ ପୁରୁଷ ଓ ଗଣ୍ଡିବେଢ଼ କିଲା ନୁଆଗାଁ ମଉଜା ପଟ୍ଟସେନାନୀଙ୍କ ପୂର୍ବପୁରୁଷ ଓ ଜାଗ୍ରି ଖଏରପଟି କମଳଲୋଚ଼ନ ରାଉତରାଙ୍କ ପୂର୍ବପୁରୁଷ ମାନେ ସେନାପତି ଥିଲେ । ଯୁଦ୍ଧ ଶେଷରେ ତୁଲୁବି ଓ କାକଲମା ମଉଜା ମାନଙ୍କରେ ଗଡ଼ କରାଯାଇ ପାଏକ ନିବାସ କରାଯାଇଥିଲା ।

ବିଶ୍ୱନାଥ ବେବର୍ତ୍ତାଙ୍କ ପୂର୍ବପୁରୁଷ ଯୁଦ୍ଧରେ ମରିଯାଇଥିବାରୁ ତାଙ୍କ ସ୍ତ୍ରୀଙ୍କ ଦ୍ୱାରା ଗୋପୀନାଥ ମହାପ୍ରଭୁଙ୍କୁ ପ୍ରତିଷ୍ଠିତ କରି ଭୋଗଖଞ୍ଜା କରିଥିଲେ । ଏହି ସମୟରେ ଟାଉନ ଗୋପୀନାଥ ଯିଉଙ୍କ ପର୍ଯ୍ୟନ୍ତ ଥିଲା । ଯେଉଁଠାରେ ସ୍ୱପ୍ନେଶ୍ୱର ଦେବ ଅଛନ୍ତି ସେଠାରେ ଶ୍ମଶାନ ଥିଲା । ସେ ସ୍ଥାନକୁ ରଗଡି ମୁଣ୍ଡିଆ କହନ୍ତି । ସେହି ଶ୍ମଶାନରେ ସ୍ୱପ୍ନେଶ୍ୱର ମହେଶଙ୍କୁ ସ୍ଥାପନ କରାଇଥିଲେ । ସ୍ୱପ୍ନେଶ୍ୱରଙ୍କୁ ରଗଡି ମହାଦେବ କହନ୍ତି ।

ଏ ରାଜା ପିତା ମାତାଙ୍କ ନାମରେ ବରପଲି ପୁରୁଷୋତ୍ତମପୁର ଓ କୋଶୀଦେଇପୁର ଓ ନିଜ ନାମରେ ମୃତ୍ୟୁଞ୍ଜୟପୁର, ପଞ୍ଚୁମୁ ମୃତ୍ୟୁଞ୍ଜୟପୁର ଓ ରାଣୀଙ୍କ ନାମରେ ହୀରାଦେଇପୁର ବ୍ରାହ୍ମଣଶାସନ ବସାଇଥିଲେ । ଏରାଜା ପ୍ରଥମେ ପାରିକୁଦ ରାଜନନ୍ଦିନୀ ହୀରାଦେଇ ମଣିମାଙ୍କୁ ବିବାହ ହୋଇଥିଲେ । ସେ ବିନାୟକ ସିଂହଙ୍କୁ ଜନ୍ମ କରି ବିୟୋଗ ହେବାରୁ ଦ୍ୱିତୀୟରେ ଘୁମୁସରର ରାଜା ଶ୍ରୀକର ଭଞ୍ଜଙ୍କ ଭଗ୍ନୀ ମଣ୍ଡାଦେଇ ମଣିମାଙ୍କୁ ବିବାହ ହେଲେ ।

ଘୁମୁସର ରାଜା ଘୁମୁସର ରାଜ୍ୟରୁ ନୟାଗଡ଼ ସୀମାନିକଟରେ ଅଳସୁ, କରଶର, ମହୁଲିଆ ମଉଜା ମାନ ଯଉତୁକରେ ଦେଇଥିଲେ । ରାଣୀ ମଣ୍ଡାଦେଇଙ୍କ ଗର୍ଭରୁ ସନ୍ତାନ ଜନ୍ମ ହୋଇନଥିଲେ କିମ୍ବା ବିନାୟକ ସାବାଳକ ହୋଇନଥିଲେ, ଏହି ସମୟରେ ରାଜାଙ୍କର ବିୟୋଗ ହୋଇଥିଲା । ରାଜାଙ୍କ ବିୟୋଗ ପରେ ରାଣୀ ନିଜନାମରେ "ମଣ୍ଡା ପୋଖରୀ" ଖୋଳାଇଥିଲେ । ସେ ସମୟରେ ପୋଖରୀ ଚାରିପଟେ ଲୋକ ବସତି ନଥିବାରୁ ଜଳ ସ୍ନାନ ପାନର ଉପଯୁକ୍ତ ଥିଲା । ମୃତ୍ୟୁଞ୍ଜୟ ସିଂହ ରାଜଙ୍କ ସମୟରେ ବିଖ୍ୟାତ କବି ଉପେନ୍ଦ୍ର ଭଞ୍ଜ ଅଧିକାଂଶ ସମୟ ଏ ରାଜ୍ୟରେ ବୃଦ୍ଧଭାବରେ ରହି କବିତା ରଚ଼ନା କରିଥିଲେ । ଲୋଥ ବର୍ଦ୍ଧନ ଜାଗ୍ରି ଓ ଅନ୍ୟ ସେନାପତି ମାନଙ୍କୁ ପ୍ରଚୁର ଜାଗ୍ରି ଜମି ଦିଆ ଯାଇଥିଲା ।

Digitized by PPRACHIN, SOA

ଏହି ଯୁଦ୍ଧ ଶେଷରେ ରକ୍ତପଟ୍ଟା, ଲୋଥବର୍ତ୍ତନ, ମୁଣ୍ଡମରା, ଗଡ଼ତିଆ ଓ ପାଏକାନ ପ୍ରଭୃତି ଅନେକ ସତ୍ୱରେ ଜମି ଦିଆ ଯାଇଥିଲା । ଯେଉଁ ଲୋକ ଶତୃପକ୍ଷ ସେନାପତିର ମୁଣ୍ଡ ହାଣୁଥିଲା ତାକୁ ଦିଆ ଯାଉଥିବା ଜାଗିର ଜମିର ସନନ୍ଦରେ ରକ୍ତ ଲଗାହୋଇ ଦିଆଯାଉଥିଲା । ତେଣୁ ତାକୁ ରକ୍ତପଟ୍ଟା ଜାଗିର ବୋଲି କହନ୍ତି । ଯେଉଁମାନେ ଯୁଦ୍ଧରେ ପ୍ରଧାନ ଲୋକ ମରୁଥିଲେ ତାଙ୍କ ସ୍ତ୍ରୀକୁ ଦିଆ ଯାଉଥିବା ଜାଗିରକୁ ଲୋଥବର୍ତ୍ତନ ଜାଗିର କହନ୍ତି । ଯେଉଁମାନେ ଅନେକ ଲୋକଙ୍କ ମୁଣ୍ଡ ହାଣୁଥିଲେ ତାଙ୍କୁ ଦିଆଯାଉଥିବା ଜାଗିରକୁ ମୁଣ୍ଡମରା ଜାଗିର କୁହାଯାଏ । ଯେଉଁମାନେ ସାହାସରେ ଶତୃଦୁର୍ଗ ଭେଦ କରୁଥିଲେ ସେମାନଙ୍କ ଗଡ଼ତିଆ ଜାଗିର ଦିଆ ଯାଉଥିଲା । ଯେଉଁମାନେ ଯୁଦ୍ଧରେ ସୈନ୍ୟର କାର୍ଯ୍ୟ କରୁଥିଲେ ସେମାନଙ୍କୁ ଦିଆଯିବା ଜମିର ନାମ ପାଏକାନ ଜାଗିର । ଯେଉଁ ସରବରାକାରୀ ମାନେ ଯୁଦ୍ଧକୁ ସୈନ୍ୟ ଓ ଖାଦ୍ୟ ଯୋଗାଉଥିଲେ ସେମାନଙ୍କୁ ବିଶେଷ ସରକରାକାରୀ ଜାଗିର ଦିଆ ଯାଉଥିଲା । ଏହି ଜାଗିର ମାନ ପୁରୁଷାନୁକ୍ରମେ ଭୋଗ କରୁଥିଲେ ।

ଅନେକ ଲୋକଙ୍କୁ ପଦ ମଧ୍ୟ ଦେଉଥିଲେ । ଯଥା ପଟ୍ଟସେନାନୀ (ପାଟସାଣି), ପ୍ରଧାନ (ପଧାନ), ଦଳବେହେରା, ଉଦୟଭାନୁ ବଦଳବେହେରା, ଉତ୍ତରକବାଟ (ଉତ୍ତରଦିଗର କବାଟ ତୁଲାଇଥିବାରୁ), ଦକ୍ଷିଣ କବାଟ, ପଶ୍ଚିମ କବାଟ, ଧପଟ ସିଂହ, ଯୁଝାର ସିଂହ, ସଂଗ୍ରାମ ସିଂହ, ରଣ ହାନ୍ଦୋଳ, ଶାର୍ଦ୍ଦୁଳ ସିଂହ, ରଣସିଂହ, ପବନ ସିଂହ, ଖୁଣ୍ଟିଆଣ ସିଂହ ।

ଏହି ରାଜାଙ୍କ ସମୟରେ ରାମ, ଲକ୍ଷ୍ମଣ ପ୍ରଭୃତି ଅନେକ ତୋପ ତୟାର ହୋଇଥିଲା । ଯେଉଁ ବାରୁଘର ବା ବାରୁଦଘର କାନ୍ଥ ଓ ଛାତ କେବଳ ଗୋଟିଏ ପଥର ଓ ଚୁନରେ ତିଆର ହୋଇଥିଲା ସେ ଅଦ୍ୟାପି ରହିଅଛି ।

୯. ୧୬ଶ ରାଜା ରାମଚନ୍ଦ୍ର ସିଂହ ମାନଧାତା

ରାଜା ଗଦାଧର ସିଂହ ମାନଧାତାଙ୍କ ବିୟୋଗ ପରେ ତାଙ୍କର ପୁତ୍ର ରାମଚନ୍ଦ୍ର ସିଂହ ରାଜା ହେଲେ । ସେ ବଡ଼ ଧାର୍ମିକ ଥିଲେ । ରାଜା ବାଘା ସିଂହ

Digitized by PPRACHIN, SOA

ଯେଉଁ ଜଗନ୍ନାଥଙ୍କୁ ସ୍ଥାପନ କରିଥିଲେ ତାଙ୍କୁ ସିନ୍ଦୁରିଆରେ ସ୍ଥାପନ କରି ନିଜେ କରାଇଥିବା ବିଗ୍ରହଙ୍କୁ ପଥର ମଣ୍ଡପ କରି ସ୍ଥାପନ କଲେ । ଏକହଜାର ଆଠ ଟଙ୍କାରେ ରୁପା ଦୁର୍ଗା ମୂର୍ତ୍ତି ନିର୍ମାଣ କରାଇ ତାଙ୍କ ନିକଟରେ ଆଶ୍ୱିନ ଓ ଚୈତ୍ର ପର୍ବ କଲେ । ଖଏରାତ ମଠମାନ ସ୍ଥାପନ କଲେ । ପୁରୀ ଜଗନ୍ନାଥଯିଉ ଓ ମଠ ମାନଙ୍କ ଅନୁକରଣରେ ଖଞ୍ଜାବାଡି କରିଥିଲେ ।

ରାଜା ସୂର୍ଯ୍ୟମଣି ସିଂହ ଯେଉଁ ଦୁର୍ଗାମୂର୍ତ୍ତି ଆଣିଥିଲେ, ତାଙ୍କ ନିକଟ ପର୍ବପୂଜାଦି ହେଉଥିଲା । ସେ ବର୍ତ୍ତମାନ ଜଗନ୍ନାଥ ମନ୍ଦିରରେ ଅଛନ୍ତି । ରାଜା ରାମଚନ୍ଦ୍ର ସିଂହ ପୁରୀରୁ ଅନେକ ବ୍ରାହ୍ମଣ ଓ କରଣ ଆଣି ସେମାନଙ୍କୁ ଅନେକ ଦାନ ଓ ଜାଗ୍ରି ଜମି ଦେଇ ସେମାନଙ୍କ ଦ୍ୱାରା ରାଜକାର୍ଯ୍ୟ ପରିଚାଳନା କରାଉଥିଲେ । ଏହାଙ୍କ ସମୟରେ ଛତିଶାନିଯୋଗ ରଖାଯାଇ ପୁରୀ ମହାରାଜାଙ୍କ ଅନୁକରଣରେ ରାଜନୀତି (ରାଜକାର୍ଯ୍ୟ) କରୁଥିଲେ ।

ତାଙ୍କ ମନରେ ଧାରଣା ଥିଲା ଯେ ନିଯିଗଡ଼କୁ ମଫସଲ କି ବିଦେଶ ରୁପେ କେହି ଲୋକ ଆସିବେ ରାଜା ଜାଣିବେ ନାହିଁ (ଅସୁବିଧା ହେବ ନାହିଁ) କିମ୍ୱା କେହି ଉପବାସ ରହିବେ ନାହିଁ । ଯେତେ ଗରୀବ ଆସିବେ ସେମାନେ ମଠ ମାନଙ୍କରେ ଖଏରାତ ଖାଇବେ, ଯଦି ଗରୀବ ବ୍ରାହ୍ମଣ ଆସିବେ ତେବେ ସେମାନେ ମନ୍ଦିରରେ ମିଷ୍ଟାନ୍ନ ଖଏରାତ ଖାଇବେ । ଯେଉଁମାନେ ଖଏରାତ ନଖାଇବେ ସେମାନେ ଗୋଟିଏ ପଇସା (ଟଙ୍କାରେ ଷୋଳ ଅଣା ଓ ଅଣାକ ଚ଼ାରି ପଇସା ଥିଲା) ଅନ୍ନ ଓ ଚାରିତରକାରୀ ଖାଇବେ । ଏଥି ସକାଶେ ପ୍ରଚୁର ଦେବୋତ୍ତର ଓ ଖଏରାତ ଖଞ୍ଜିଥିଲେ । ପିତରୋତ୍ତର ମଧ୍ୟ ଖଞ୍ଜୁଥିଲେ । ଯେଉଁ ଭୋଗ ଖଞ୍ଜା କରିଥିଲେ ତାହା ଟଙ୍କା ଉପରେ ନୁହେଁ, ଜିନିଷ ଉପରେ ଥିଲା ।

ସିନ୍ଦୁରିଆ ରାମଚ଼ନ୍ଦ୍ରପୁର ଓ ଗୋଠବଣ ରାମଚ଼ନ୍ଦ୍ରପୁର ବ୍ରାହ୍ମଣ ଶାସନ ବସାଇଥିଲେ । କୁଲେଇ ପଦକ ତିଆର କରାଇଥିଲେ । ସେ କୁଲେଇ ପଦକ ଟ ୫୦,୦୦୦ ଙ୍କା ମୂଲ୍ୟର ଅଟେ । ସେ ପଦକ ମଧ୍ୟରେ ଯେଉଁ ପୁଷ୍ପରାଗ ରତ୍ନ ତିନିଖଣ୍ଡ ଅଛି, ତହିଁରେ ହିନ୍ଦି ଭାଷାରେ ବୋରିଗିଣି ହୋଇ ରାମତାରକ

Digitized by PPRACHIN, SOA

ମନ୍ତ୍ର, ତ୍ର୍ୟମ୍ବକ ମନ୍ତ୍ର, ନୃସିଂହ ମନ୍ତ୍ର ବୀଜ ସମ୍ପୁଟ ହୋଇ ଲେଖା ଅଛି । ଏ ଯୁଗକୁ ତାହା ପ୍ରଧାନ ଦର୍ଶନୀୟ ।

ରୁପାଦୁର୍ଗା, କୁଲେଇ ପଦକ, ଜଗନ୍ନାଥ ମନ୍ଦିରରେ ଯେଉଁ ଅପ୍ରତିଷ୍ଠିତ ଅନନ୍ତ ଶୟନ ମୂର୍ତ୍ତି ଦେଖିଲେ ଏଠାରେ କିପରି କାରୀଗର ଥିଲେ ଜଣାଯିବ । ଏପରି ଅନେକ ହାତୀ ଦାନ୍ତର କାମ କରାଇଥିଲେ । ତହିଁ ମଧ୍ୟରେ କଚ୍ଛପ ଓ କୃଷ୍ଣମୂର୍ତ୍ତି ଅତି ଉତ୍କୃଷ୍ଟ । ସନ ୧୯୨୩ କିମ୍ବା ୧୯୨୪ ମସିହାରେ ଉକ୍ତ କଚ୍ଛପ ଓ କୃଷ୍ଣ ମୂର୍ତ୍ତି ଲଣ୍ଡନ ପ୍ରଦର୍ଶନୀ କୁ ପଠାଯାଇଥିଲେ, ଫେରିନାହିଁ ।

୧୦. ୧୭ଶ ରାଜା ଚନ୍ଦ୍ରଶେଖର ସିଂହ ମାନଧାତା

ରାମଚନ୍ଦ୍ର ସିଂହଙ୍କ ବିୟୋଗ ପରେ ତାଙ୍କର ପୁତ୍ର ଚନ୍ଦ୍ରଶେଖର ସିଂହ ମାନଧାତା ରାଜାହେଲେ । ସେ ରାଜା ହେବା କିଛି ଦିନ ପରେ ଘୁମୁସର ରାଜାଙ୍କ ସହିତ ଯୁଦ୍ଧ ହୋଇଥିଲା । ସେ ଯୁଦ୍ଧରେ କୁରାଳ ମଉଜା ଦୀନମଣୀ ପାଏକରା ଙ୍କର ପୂର୍ବପୁରୁଷ ବରଜ ପାଏକରା (ଯାହାଙ୍କ ଘର ସେ ସମୟରେ ଖୋରଧା ଇଲାକାରେ ଥିଲା) ସେନାପତି ଥିଲେ । ସେହି ଯୁଦ୍ଧରେ ସମଗ୍ର ସୁନାମୁହିଁ ଜିଲା ଜୟ ହୋଇଥିଲା । ରାଜା ବରଜ ପାଏକରା ଉପରେ ବିଶେଷ ସନ୍ତୁଷ୍ଟ ହୋଇ କୁରାଳ ମଉଜାରେ ବାସଗୃହ ଓ ଦଣ୍ଡୋର ରସଦାୟକ (ଉର୍ବର, Fertile) ମଉଜା ରକ୍ତପଙ୍ଗା ଜାଗିରେ ପୁରସ୍କାର ଦେଇଥିଲେ ସେ ସମୟରେ ପ୍ରତି ଜିଲାରେ ଜଣେ ଲେଖାଏଁ ସରଦାର ଥିଲେ । ପୁଲିସ ଷ୍ଟେସନ ନଥିଲା । ରାଜା ବରଜ ପାଏକରାକୁ ସୁନାମୁହିଁ ଜିଲା ସରଦାରରେ ମୁକରିର କରିଥିଲେ । ରାଜା ରାଣୀଙ୍କ ନାମାନୁସାରେ ଚନ୍ଦ୍ରଶେଖର ପୁର ଓ କୃଷ୍ଣା ଦେଈପୁର ବ୍ରାହ୍ମଣ ଶାସନ ବସାଇଥିଲେ । ଏ ସମୟରେ ଓଡିଶା ମୋଗଲ ଶାସନ ସମ୍ରାଟ ଆକବରଙ୍କ ଅଧୀନ ଥିଲା ।

ଆକବରଙ୍କ ସେନାପତି ଟୋଡ଼ରମଲଙ୍କ ଦ୍ୱାରା ଓଡଶାର ରାଜସ୍ୱ ବନ୍ଦୋବସ୍ତ ହୋଇଥିଲା ଏବଂ ଗଡ଼ଜାତ ଓ ମୋଗଲ ବନ୍ଦି ପୃଥକ କରାଯାଇଥିଲା, ନୟାଗଡ଼ର ଜମି ମାନ ବେଶୀ ଉର୍ବର ଦେଖାଯାଇଥିଲା । ନୟାଗଡ଼ର ପେସ୍‌କେସ୍ ପୂର୍ବପରି ଏକ ହଜାର ଟଙ୍କା ରହିଥିଲା । ରାଜା ଚନ୍ଦ୍ରଶେଖର ସିଂହଙ୍କ ପରେ ଯୁଦ୍ଧଦ୍ୱାରା ଆଉ ରାଜ୍ୟ ବିସ୍ତାର ହୋଇନାହିଁ ।

Digitized by PPRACHIN, SOA

୧୧. ୧୮ଶ ରାଜା ପୁରୁଷୋତ୍ତମ ସିଂହ ମାନଧାତା

ରାଜା ଚନ୍ଦ୍ରଶେଖର ସିଂହଙ୍କ ବିୟୋଗ ପରେ ତାଙ୍କ ପୁତ୍ର ପୁରୁଷୋତ୍ତମ ସିଂହ ମାନଧାତା ରାଜା ହେଲେ । ପୁରୁଷୋତ୍ତମ ସିଂହଙ୍କର ତିନି ପୁତ୍ର । ୧- ମୃତ୍ୟୁଞ୍ଜୟ ସିଂହ, ୨-ନିଳମଣି ଜଗଦେବ, ୩-ପଦ୍ମନାଭ ହରିଚନ୍ଦନ । ଏହାଙ୍କ ସମୟରେ ବିଶେଷ କିଛି ଘଟଣା ଘଟି ନଥିଲା ।

୧୨. ୧୯ଶ ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା

ରାଜା ପୁରୁଷୋତ୍ତମ ସିଂହଙ୍କ ବିୟୋଗ ପରେ ତାଙ୍କର ପୁତ୍ର ମୃତ୍ୟୁଞ୍ଜୟ ସିଂହ ମାନଧାତା ରାଜା ହେଲେ । ଏହାଙ୍କ ସମୟରେ ଓଡ଼ଗାଁ ମଉଜାରେ ରଘୁନାଥ ଯିଉ ପ୍ରତିଷ୍ଠିତ ହୋଇଥିଲେ । ନିଯିଗଡ଼ ବିଶ୍ୱନାଥ ବେବର୍ତ୍ତାଙ୍କ ପୂର୍ବପୁରୁଷ ବୈରାଗୀ ବେବର୍ତ୍ତା ବଡ଼ଜେନା ମହାପାତ୍ର ସେ ସମୟରେ ନୟାଗଡ଼ର ଦେବାନ ଥିଲେ ଏବଂ ରାମ ଭକ୍ତ ଥିଲେ ।

ତାଙ୍କୁ ରଘୁନାଥ ଙ୍କର ସ୍ୱପ୍ନାଦେଶ ହେବାରୁ ନିଯିଗଡ଼ ସାଗର ପୋଖରୀ ପୁର୍ବ ହୁଡାତଳୁ ଦାରୁ ଆଣି ସେ ନିଜେ ମୂର୍ତ୍ତି ନିର୍ମାଣ କରିଥିଲେ । ସ୍ୱପ୍ନାଦେଶ ଅନୁସାରେ ଓଡ଼ଗାଁ ମଉଜାରେ ଚାଳ ମଣ୍ଡପ କରି ସ୍ଥାପନ କରିଥିଲେ । ରଘୁନାଥ ଯିଉଙ୍କ ପଦ୍ମପୃଷ୍ଠରେ ନିମ୍ନଲିଖିତ ଶ୍ଳୋକଟି ଲେଖାଥିବା କିମ୍ବଦନ୍ତି ଅଛି ।

ଶକାଦେ ଶରମାଙ୍ଗଲେ ରୁତୁଷ୍ଟ ରୁତୁନାୟକ
ରାମ ଲକ୍ଷ୍ମଣ ସଂସ୍ଥାସ୍ୟ ବୈରାଗୀ ପଟ୍ଟନାୟକ
ଅଙ୍କାନଂ ବାମତୋ ଗତିଃ

ଅଙ୍କମାନଙ୍କର ବାମକୁ ଗତି ହେଲେ ଶକାବ୍ଦ ୧୬୮୫ । ଖ୍ରୀଷ୍ଟାବ୍ଦ ୧୭୬୩ ମସିହା ହେଉଅଛି । ସନ ୧୭୫୫ ମସିହା ଠାରୁ ନାଗପୁରର ଭୋନ୍‌ସଲା ବଂଶର ମରହଟ୍ଟା ମାନେ ଓଡିଶା ଅଧିକାର କରିଥିଲେ ।

ରାଜା ରଘୁଜିଙ୍କର ରାଜାରାମ ପଣ୍ଡିତ ନାଏବ ଥାଇ ଓଡିଶାରେ ରାଜସ୍ୱ ଅସୁଲି କରୁଥିଲେ । ପୁରୀର ରାମକୃଷ୍ଣ ମିଶ୍ର ନାମକ ଜଣେ ବ୍ରାହ୍ମଣ ରାଜାରାମ ପଣ୍ଡିତଙ୍କ ସଙ୍ଗାତ ଥାଇ ତାଙ୍କ ତରଫରୁ ନୟାଗଡ଼ରେ ରହି ମହାନଦୀର ଦକ୍ଷିଣ ତରଫ ଗଡ଼ଜାତ ମାନଙ୍କରୁ ରାଜସ୍ୱ ଅସୁଲ କରୁଥିଲେ ।

Digitized by PPRACHIN, SOA

ଏହି ସମୟରେ ମରହଟ୍ଟା ମାନେ ଘୋର ଅତ୍ୟାଚାର କରୁଥିଲେ । ରାଜା ମୃତ୍ୟୁଞ୍ଜୟ ସିଂହ ଦୁଇବର୍ଷର ପେସ୍ କେସ ନଦେଇ ବାକି ରଖି ଥିବାରୁ ମରହଟ୍ଟାମାନେ ନୟାଗଡ଼କୁ ଖାସ୍ କରି ନେଇଥିଲେ । ରାଜା ମୃତ୍ୟୁଜୟ ସିଂହ ରାମକୃଷ୍ଣ ମିଶ୍ରଙ୍କ ଠାରୁ କୃଷ୍ଣ ମନ୍ତ୍ର ଗ୍ରହଣ କରି ତାଙ୍କୁ ଗୁରୁ କରି ତାଙ୍କ ସାହାର୍ଯ୍ୟରେ ନୟାଗଡ଼କୁ ଫେରି ପାଇଥିଲେ ଏବଂ ପେସ୍‌କେସ ସବୁ ଗଡ଼ଜାତ ଠାରୁ ଅଧିକ ହୋଇ ବାର୍ଷିକ ଟ୫୫୨୫ଙ୍କା ହୋଇଥିଲା ।

ରାଜା ମୃତ୍ୟୁଞ୍ଜୟ ସିଂହ ରାମକୃଷ୍ଣ ରାଜଗୁରୁଙ୍କ ଉପରେ ବିଶେଷ ସନ୍ତୁଷ୍ଟ ହୋଇ ପ୍ରଚୁର ଫୁଟକର ସମ୍ପତ୍ତି ଦେଇଥିଲେ । ମୃତ୍ୟୁଞ୍ଜୟ ସିଂହ ବଡ଼ ସଂଗୀତ ପ୍ରିୟ ଥିଲେ ଓ ମର୍ଦ୍ଦଳ ବଜାଇ ପାରୁଥିଲେ । ତାଙ୍କ ବଜାଇବା 'ମେଘା' ନାମକ ମାର୍ଦ୍ଦଳ ବର୍ତ୍ତମାନ ଶ୍ରୀ ଦୁର୍ଗାଦେବୀଙ୍କ ମନ୍ଦିରରେ ଅଛି । ସେ ମର୍ଦ୍ଦଳ ବଜାଇବା ସମୟରେ ତାଙ୍କ ହାତର ସୁନାଖଡୁ କୋମଳତା ବଶରୁ ବଙ୍କା ହେଉଥିବାରୁ ସେଥିରେ ଟାଣ ସୁନା ମିଶାଇ କୃଷ୍ଣମୂର୍ତ୍ତି ତିଆର କରାଇଥିଲେ ।

ସେ ସମୟରେ ରାଜାଙ୍କୁ ସମସ୍ତେ ମୃତ୍ୟୁଞ୍ଜୟ ସିଂହ ନକହି ଜୟ ସିଂହ ମାନଧାତା କହୁଥିଲେ ! ତା ନେଇ କୃଷ୍ଣମୂର୍ତ୍ତିଙ୍କ ନାମ 'ଜୟମଙ୍ଗଳ' ଦିଆ ଯାଇଥିଲା । ତାହା ରାଜବାଟିକାରେ ଅଛି ।

ରାଜା ମୃତ୍ୟୁଞ୍ଜୟ ସିଂହ ନିଯିଗଡ଼ ବିରାଜିତ ଗୋପୀନାଥ ମହାପ୍ରଭୁଙ୍କୁ ପ୍ରତିଷ୍ଠିତ କରି ଭୋଗ ଖଞ୍ଜା କରିଥିଲେ । ଏହି ସମୟରେ ଟାଉନ୍ ଗୋପୀନାଥଙ୍କ ମନ୍ଦିର ପର୍ଯ୍ୟନ୍ତ ଥିଲା । ଯେଉଁଠାରେ ସ୍ୱପ୍ନେଶ୍ୱର ଦେବ ଅଛନ୍ତି, ସେଠାରେ ଶ୍ମଶାନ ଥିଲା । ସେ ସ୍ଥାନକୁ ରଗଡ଼ ମୁଣ୍ଡିଆ କହନ୍ତି । ସେ ସେହି ଶ୍ମଶାନରେ ସ୍ୱପ୍ନେଶ୍ୱର ମହାଦେବଙ୍କୁ ସ୍ଥାପନ କରାଇଥିଲେ । ସ୍ୱପ୍ନେଶ୍ୱରଙ୍କୁ ରଗଡି ମହାଦେବ କହନ୍ତି ।

ଏ ରାଜା ପିତା ମାତାଙ୍କ ନାମରେ ବରପାଲି ପୁରୁଷୋତ୍ତମପୁରୁ ଓ ଯେମାଦେଇପୁର ଓ ନିଜନାମରେ ମୃତ୍ୟୁଞ୍ଜୟ ପୁର । ପଞ୍ଚୁମୁ ମୃତ୍ୟୁଞ୍ଜୟ ପୁର ଓ ରାଣୀଙ୍କ ନାମରେ ହୀରାଦେଇପୁର ବ୍ରାହ୍ମଣ ଶାସନ ବସାଇଥିଲେ ।

ଏ ରାଜା ପ୍ରଥମେ ପାରିକୁଦ ରଜନନ୍ଦିନୀ ହୀରାଦେଇ ମଣିମାଙ୍କୁ ବିବାହ ହୋଇଥିଲେ । ସେ ବିନାୟକ ସିଂହଙ୍କୁ ଜନ୍ମ କରି ବିୟୋଗ ହେବାରୁ ଦ୍ୱିତୀୟରେ

Digitized by PPRACHIN, SOA

ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ଭଗ୍ନୀ ମଣ୍ଡା ଦେଇ ମଣିମାଙ୍କୁ ବିବାହ ହେଲେ । ଘୁମୁସର ରାଜ୍ୟରେ ନୟାଗଡ଼ ସୀମା ନିକଟରୁ ଅଳସୁ, କମରିର ମହୁଲିଆ ମଉଜାମାନ ଯଉତୁକରେ ଦେଇଥିଲେ । ରାଣୀ ମଣ୍ଡାଦେଇଙ୍କ ଗର୍ଭରୁ ସନ୍ତାନ ଜନ୍ମ ହୋଇ ନଥିଲେ କିମ୍ବା ବିନାୟକ ସାବାଳକ ହୋଇନଥିଲେ । ଏହି ସମୟରେ ରାଜାଙ୍କର ବିୟୋଗ ହୋଇଥିଲା । ରାଜାଙ୍କ ବିୟୋଗ ପରେ ରାଣୀ ନିଜ ନାମରେ ମଣ୍ଡା ପୋଖରୀ ଖୋଳାଇ ଥିଲେ । ସେ ସମୟରେ ପୋଖରୀ ଚାରିପଟେ ଲୋକ ବସତି ନଥିବାରୁ ଜଳ ସ୍ନାନ ପାନରେ ଉପଯୁକ୍ତ ଥିଲା । ମୃତ୍ୟୁଞ୍ଜୟ ସିଂହଙ୍କ ସମୟରେ ବିଖ୍ୟାତ କବି ଉପେନ୍ଦ୍ର ଭଞ୍ଜ ଅଧିକାଂଶ ସମୟ ଏ ରାଜ୍ୟରେ ବନ୍ଧୁ ଭାବରେ ରହି କବିତା ରଚନା କରିଥିଲେ । ଉପେନ୍ଦ୍ର ଭଞ୍ଜ ଘୁମୁସର ରାଜବଂଶର ଅଟନ୍ତି ।

୧୩. ୨୦ଶ ରାଜା ବିନାୟକ ସିଂହ ମାନଧାତା

ସନ ୧୭୯୩ ମସିହାରେ ମୃତ୍ୟୁଞ୍ଜୟ ସିଂହ ରାଜାଙ୍କ ବିୟୋଗ ହେବାରୁ ବିନାୟକ ସିଂହ ରାଜା ହେଲେ । ରାଜା ବିନାୟକ ସିଂହ ନାବାଳକ ଥିଲେ ମଧ ଦାଦା ନିଳମଣି ଜଗଦେବ ପ୍ରଭୃତି ତାଙ୍କୁ ରାଜା କଲେ । କେତେକ ବର୍ଷଗଲା, ରାଜା ସାବାଳକ ହେଲେ ।

ରାଜା ବିନାୟକ ସିଂହ ଗଞ୍ଜାମ ଜିଲା ସୁରୁଙ୍ଗି ରାଜକନ୍ୟା ସାବିତ୍ରି ଦେବୀଙ୍କୁ ବିବାହ ହୋଇଥିଲେ । ଏହାଙ୍କ ରାଜିରି ସମୟକୁ ରାଜଗୁରୁ ରାମକୃଷ୍ଣ ମିଶ୍ରଙ୍କ ପୁତ୍ର ସନାତନ ରାଜଗୁରୁ ଦେଓ୍ୟାନ୍ ଥିଲେ ।

ରାଜାଙ୍କ ଦାଦା ନିଳମଣି ଜଗଦେବ କେତେକ ମନ୍ଦ ଲୋକ ମାନଙ୍କ କୁ ପରାମର୍ଶରେ ପଡ଼ି ରାଜାଙ୍କୁ ମାରି ନିଜେ ରାଜା ହେବା ସକାଶେ ଟାଉନ୍ ର ଉତ୍ତର ପାର୍ଶ୍ୱରେ ଦେଉଳ ମୁଣ୍ଡିଆରେ ମାରଣ କର୍ମ କରାଇଲେ । ଯେପରି ମାରଣ କର୍ମ ହେଲା ସେପରି ରାଜା ବେମାର ହେଲେ । ବେମାର ଦିନୁ ଦିନ ବେଶୀ ହେଲା । କର୍ମ ବାରଦିନକୁ ରାଜାଙ୍କର ସକ୍ତ ବେମାର । ରାଜା ବେମାର ହୋଇ ସର୍ବଦା ଦୁର୍ଗା ଦୁର୍ଗା ହେଉ ଥାଆନ୍ତି । ବାର ଦିନ ସନ୍ଧ୍ୟା ସମୟରେ ରାଜାଙ୍କ ଦୁର୍ଗାଦେବୀଙ୍କର ସ୍ୱପ୍ନାଦେଶ ହେଲା, "ତୋର କିଛି ହେବ ନାହିଁ । ତୋର ଶତ୍ରୁ ଆଜି ଧରା ପଡିବେ" ।

Digitized by PPRACHIN, SOA

ତେଣେ କର୍ମ ହେଉଥିବା ଯାଗାରେ ଦର୍କାର ହେଲା "ରାତିରେ ଗୋଟେ ମନ୍ଦାର ଫୁଲ ଓ ଗୋଟେ ଲୁହା କଣ୍ଟା" । ଆସିଲେ ତେରଦିନ ସକାଳୁ ପିତୁଳାକୁ ପୂଜା କରି ତା ମୁଣ୍ଡରେ ମନ୍ଦାର ଫୁଲ ଦେଇ ବୁକୁରେ ଲୁହାକଣ୍ଟା ବାଡେଇ ଦେଲେ ରାଜା ମରିଯିବେ । ମାରଣକର୍ମ ଯାଗାରେ ଦେବାନଙ୍କ ସଳା ଜଗନ୍ନାଥ ରଥ ସାହାଯ୍ୟ କରିଥିଲେ ।

ସେ କେତେକ ଲୋକଙ୍କୁ ସାଙ୍ଗରେ ଧରି ଆସି ରାଜଗୁରୁ ବାରି କୟାଁ ମୂଳେ ବସାଇ ବାରିବାଟେ ରାଜଗୁରୁଙ୍କ ଘରକୁ ଆସିଲେ । ରାଜଗୁରୁଙ୍କର ସ୍ତ୍ରୀ ଯେନି ଜଗନ୍ନାଥଙ୍କ ଭଉଣୀ ସେ ପଚାରିବାରୁ କହିଲେ ଗାଈ ହଜିଲା, ଖୋଜି ଖୋଜି ଏତେ ରାତି ହେଲା, ପାଇଲି ନାହିଁ । ଦିନଯାକ ଖାଇନାହିଁ । ଭଉଣୀ ଭାତ ବାଢ଼ିଲେ । ଜଗନ୍ନାଥ ଖାଉଛନ୍ତି । ଦେଓ୍ୱାନ ଆସିଲେ । ଦେଓ୍ୱାନ ଯେପରି ପଚାରିଲେ, କିରେ ଜଗନ୍ନାଥ ତୁ କୁଆଡେ ଥିଲୁ, ତୋତେ ଦେଖାନାହିଁ, ତହୁଁ ଜଗନ୍ନାଥ ଭୟରେ ଥରିଲେ । ଜଗନ୍ନାଥ ଖାଇ ସାରିଲେ । ଦେଓ୍ୱାନ ତାଙ୍କୁ ଏକ ଘରକୁ ଡାକିନେଇ ପଚାରିଲେ, "ମୁଁ ସବୁ ଜାଣିଛି - ସତ କହ ନ କହିଲେ ଏ କ୍ଷଣି କଅଣ ହେବ କହି ପାରୁନାହିଁ । ଜଗନ୍ନାଥ ଭୟରେ ସତକଥା କହିଦେଲେ । ଜଗନ୍ନାଥଙ୍କୁ ସେ ଘରେ ବନ୍ଦ କରି ଚାବି ପକାଇ ଦେଓ୍ୱାନ ସେହିକ୍ଷଣି ରାଜବାଟିକୁ ଗଲେ ଏବଂ ନିଳମଣି ଜଗଦେବଙ୍କୁ ଡକାଇଲେ, "ରାଜା ତ ମରିଯିବେ, ଆପଣଙ୍କୁ ଦେଖିବାକୁ ଡାକୁଛନ୍ତି ।" ସେ ଯେପରି ଆସିଲେ ତାଙ୍କୁ ଏକାଘରେ ପୁରାଇ ଚାବି ବନ୍ଦ କଲେ ।

ଏଣେ ହଯୁରି ପାଏକ, ନଗଦିଆ ପାଏକ, ଚଉକି ବେତୁ ପାଏକ ମାନଙ୍କୁ ଦୁଇ ଭାଗ କରି ଅଧେ ଗଉଡ଼ ସାହି ତରଫରୁ ଓ ଅନ୍ୟ ଅଧେ ସିନ୍ଦୁରିଆ ତରଫରୁ ପଠାଇଲେ । ସେମାନେ ମାରଣ କର୍ମ ଯାଗାରୁ ପିତୁଳା ଭଗ୍ନ କରାଇ ସେଠାରେ ଥିବା ଲୋକମାନଙ୍କୁ ଧରି ଏବଂ ରାଜଗୁରୁଙ୍କ ବାରିରେ ଥିବା ଲୋକମାନଙ୍କୁ ଧରି ଦେଓ୍ୱାନଙ୍କ ନିଜ ପାଖରେ ଦେଲେ । ରାଜା କ୍ରମାନ୍ୱୟରେ ଆରୋଗ୍ୟ ଲାଭ କଲେ ।

ବାର ବିସା ଲୁହାରେ ତାଙ୍ଗିଆ ସାଙ୍କୋଳି ନିଳମଣି ଜଗଦେବଙ୍କ ଗୋଡରେ ଦିଆଯାଇ ତାଙ୍କୁ ବାରୁ ଘରେ ବନ୍ଦ କରାଗଲା । ସେ ଅଳ୍ପ ଦିନରେ

Digitized by PPRACHIN, SOA

ମରିଗଲେ । ବାକୀ ଅପରାଧୀ ମାନଙ୍କୁ ଯଥାଯୋଗ୍ୟ ଦଣ୍ଡ ଦିଆଗଲା । ଅନୁଗ୍ରହ କରି ଜଗନ୍ନାଥ ରଥକୁ (ରାଜସାକ୍ଷୀ ଭାବେ) ଖଲାସ ଦିଆଗଲା । ଦେଓ୍ୱାନଙ୍କୁ ବହୁତ ସ୍ଥାବର ଅସ୍ଥାବର ସମ୍ପତ୍ତି ପୁରସ୍କାର ଦିଆଗଲା । ଦୁର୍ଗାଦେବୀ ଠାକୁରାଣୀଙ୍କ ଭୋଗ ଖଞ୍ଜା ବଢ଼ାଇ ଦିଆଗଲା । ମହା ସମାରୋହରେ ଆଶ୍ୱିନ ଓ ଚୈତ୍ର ପର୍ବହେଲା ।

ନିଳମଣି ଜଗଦେବଙ୍କ ଅନ୍ତର ବଂଶଧର ରାମଚନ୍ଦ୍ର ଦାସ ସୁନାମହିଁ ଜିଲା କରିମରାଇ ସାହି ଜାଗ୍ରିଦାର ଅଛନ୍ତି । ରାଜା ବିନାୟକ ସିଂହଙ୍କର ବିମାତା ମଣ୍ଡାଦେଇ ମଣିମା ମରିଯିବାରୁ ଘୁମୁସର ରାଜା ଜଉତୁକ ଦେଇଥିବା ମଉଜା ତିନିଖଣ୍ଡି ବେଦଖଲ କରିବାରୁ ତାଙ୍କ ସହିତ ଯୁଦ୍ଧ ହୋଇଥିଲା ।

ବରଜ ପାଏକରାର ବଂଶଧର କମଳଲୋଚନ ପାଏକରାକୁ ଘୁମୁସର ରାଜା ଆୟତ୍ତ କରି ନେଇଥିବାରୁ ନୟାଗଡ ପରାଜୟ ଲଭିଥିଲା ।

ସେହି କାରଣରୁ ରାଜା ବିନାୟକ ସିଂହ ମାନଧାତା କମଳଲୋଚନ ପାଏକରାକୁ ସୁନାମୁହିଁ ଜିଲା ସରଦାରକୁ ବରଖାସ୍ତ କରି ଭୁତ ସୁବିଦ୍ଧିରାକୁ ମୁକରିର କରିଥିଲେ । ସେହିଦିନଠାରୁ ପାଏକରା ବଂଶ ରାଜବଂଶ ଓ ଭୁତ ସୁବୁଦ୍ଧରା ବିପକ୍ଷରେ ଥିଲେ । ରାଜା ବିନାୟକ ସିଂହ ପ୍ରତାପୀ ଥିବାରୁ କିଛି କରି ପାରି ନଥିଲେ ।

ଏ ରାଜାଙ୍କ ସମୟରେ ପାଏକରା ବଂଶର ଜଗୁ ରାଉତରା ନାମକ ଜଣେ ଲୋକ ଦ୍ୱାରା ନିଯିଗଡ଼ ବନ୍ଧ ପୋଖରି ଓ ସାଗର ପୋଖରି କରାଇ ଥିଲେ ଏବଂ କଟରାଝରି ବନ୍ଧୁର କେତେକାଂଶ କରାଇଥିଲେ । ତେଣୁ ଜଗୁସାଗର, ଜଗୁରାଉତରା ବନ୍ଧ କୁହାଯାଉଅଛି ।

ଏ ରାଜାଙ୍କ ସମୟରେ ସରଘର, ଭିତର ତଳ ବନ୍ଦୋବସ୍ତ ହୋଇଥିଲା । ଦେବୋତ୍ତର ଓ ଖଏରାତ ମଠରେ ଅନେକ ଭଲ ମଉଜା ଖଞ୍ଜିଥିଲେ ଏବଂ ଧାନ, ମୁଗ, ବିରି, ଘିଅ, ଗୁଡ଼ ପ୍ରଭୃତି କାଟବାଡି କରିଥିଲେ । ବ୍ରହ୍ମୋତ୍ତର ଦାନ ଓ ଜାଗ୍ରୀ ଦେଇ ଅନେକ ବ୍ରାହ୍ମଣ କରଣ ଆଣି ରଖିଥିଲେ ।

Digitized by PPRACHIN, SOA

ପୁରୀ ଅନୁକରଣରେ ରାଜନୀତି ଓ ଦେବୋତ୍ତର, ଖଏରାତ ଚଳାଇ ଥିଲେ । ଏହାଙ୍କ ରାଜତ୍ୱ କାଳରେ ଖଲ୍ଲିକୋଟ ଓ ଧରାକୋଟରେ ଅନେକ ଜାତିଆ ସାମନ୍ତ ପଳାଇ ଆସିଥିବାରୁ ତାଙ୍କୁ ପ୍ରଚୁର ଖଞ୍ଜା ଖୋରାକ ପୋଷାକ ଦେଇ ରଖିଥିଲେ । ସନ ୧୮୦୩ ମସିହାରେ ମରହଟ୍ଟା ମାନେ ଇଂରେଜମାନଙ୍କୁ ଓଡିଶା ଛାଡିଦେବାରୁ ଇଂରେଜ ମାନଙ୍କ ସହିତ ରାଜବଂଶ ସକାଶେ ସତର ସଓ୍ୱାଲ ଓ ରାଜ୍ୟ ସକାଶେ ପଚିଶ ସବାଲ ସନ୍ଧି କରିଥିଲେ ।

୧୪. ସତର ସଓ୍ୟାଲ (ରାଜବଂଶ ସମ୍ବନ୍ଧରେ)

୧. ଆମ୍ଭପରେ ଆମ୍ଭର ଜନ୍ମିତ ପୁତ୍ର ରାଜା ହେବ ।

୨. ଜନ୍ମିତ ପୁତ୍ର ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ଚିର ରୋଗୀ ଥିଲେ ଅନ୍ୟପୁତ୍ର ରାଜା ହେବ ।

୩. ଜ୍ୟେଷ୍ଠ ପୁତ୍ର ରାଜା ନହେଲେ ଉପଯୁକ୍ତ ଖଞ୍ଜା ପାଇବେ ।

୪. ଜନ୍ମିତ ପୁତ୍ର ନଥିଲେ ଆମ୍ଭେ କିମ୍ବା ରାଣୀଙ୍କ ଅନୁମତିକ୍ରମେ ଭାଇ ରାଜା ହେବେ ।

୫. ଭାଇ ନଥିଲେ ଭାଇର ପୁତ୍ର ରାଜାହେବେ ।

୬. ଆମ୍ଭେ ପୋଷ୍ୟପୁତ୍ର କଲାପରେ ଜନ୍ମିତ ପୁତ୍ର ହେଲେ ଜନ୍ମିତ ପୁତ୍ର ରାଜା ଓ ପୋଷ୍ୟପୁତ୍ର ଜଗଦେବ ହେବେ ।

୭. ଆମ୍ଭେ ପୁତ୍ର ଜାତ କରିବା ସକାଶେ ଚାରି ଗୋଟି ରାଣୀ ବିବାହ ହୋଇ ପାରିବୁ ।

୮. ଆମ୍ଭେ ଅପୁତ୍ରିକ ଅବସ୍ଥାରେ ମୃତ ହେଲେ ଆମ୍ଭର ରାଣୀ ଚାରିଗୋଟି ପର୍ଯ୍ୟନ୍ତ ପୋଷ୍ୟପୁତ୍ର କରିପାରିବେ ।

୯. ପୋଷ୍ୟପୁତ୍ର କରିବା ଭାର ବଡ଼ରାଣୀଙ୍କ ଉପରେ ରହିବ ।

୧୦. ଆମ୍ଭ ରାଣୀ ମାନଙ୍କ ଗର୍ଭରୁ ପୁତ୍ର ଜାତ ହେଲେ ଯେଉଁ ରାଣୀଙ୍କ ପୁତ୍ର ଜ୍ୟେଷ୍ଠ ହେବ, ସେ ରାଜାହେବ ।

୧୧. ଆମ୍ଭେ ବିଦ୍ୟମାନ ଅବସ୍ଥାରେ ପୋଷ୍ୟପୁତ୍ର କଲେ ଜ୍ଞାତି ମାନଙ୍କର ଆପତ୍ତି ବଳବାନ ହେବ ନାହିଁ ।

Digitized by PPRACHIN, SOA

୧୨. ଆମ୍ଭର କେହି ପରପୁରୁଷ ରାଜା ଅବିବାହିତ ଅବସ୍ଥାରେ ମୃତହେଲେ ନିକଟ ଜ୍ଞାତି ରାଜା ହେବେ ।

୧୩. ଆମ୍ଭର ପୁତ୍ର ନଥାଇ ଅବିବାହିତା କନ୍ୟା ଥିଲେ ତାକୁ ରାଜ୍ୟ ଦେଇ ପାରିବୁ ।

୧୪. ଆମ୍ଭର ପୁତ୍ର ନଥିଲେ ବିବାହିତା କନ୍ୟାର ପୁତ୍ର ନାତିକୁ ରାଜ୍ୟ ଦେଇ ପାରିବୁ ।

୧୫. କେହି ନଥିଲେ ଫୁଲ ବାଈ (କୋଠଲୋକ) ର ପୁତ୍ର ରାଜାହେବ ।

୧୬. କୋଠଲୋକର ପୁତ୍ର ନଥିଲେ । ଦାସୀ ପୁତ୍ର ରାଜା ହେବ

୧୭. କେହି ନଥିଲେ ବେଶ୍ୟା ପୁତ୍ର ରାଜା ହେବ ।

୧୫. ପଚିଶ ସଓ୍ୟାଲ (ରାଜ କାର୍ଯ୍ୟ ସମ୍ପର୍କରେ)

୧. ଆମ୍ଭେ ଭାରତ ସର୍କାରଙ୍କର ପାରିଦଣ୍ଡ ରାଜା ବା କରଦ ମିତ୍ର ରାଜା ହୋଇ ରହିବୁ ।

୨. ଭାରତ ସରକାରଙ୍କୁ ବାର୍ଷିକ ପେସ୍‌କେସ ବା ଖଜଣା ଟ୫୫୨୫ଙ୍କା ଦେବୁ ।

୩. ଆମ୍ଭ ରାଜ୍ୟମଧ୍ୟରେ ଭାରତ ସରକାରଙ୍କ ସୈନ୍ୟ କିମ୍ବା ଉଚ୍ଚପଦସ୍ଥ କର୍ମଚାରୀ ଗଲେ ସେବା ଯୋଗାଇବୁ ।

୪. ଆମ୍ଭେ ଆମ୍ଭ ରାଜ୍ୟ ମଧ୍ୟରେ କଲେକ୍ଟର ମାନଙ୍କ ତୁଲ୍ୟ ମାଜିଷ୍ଟ୍ରେଟ କ୍ଷମତା ବ୍ୟବହାର କରିପାରିବୁ ।

୫. ଆମ୍ଭେ କିମ୍ବା ଆମ୍ଭର ପରପୁରୁଷ ରାଜା ବିଶେଷ ଉପଯୁକ୍ତ ହେଲେ ସେସନ (Session) କ୍ଷମତା ବ୍ୟବହାର କରିପାରିବୁ ।

୬. ଆମ୍ଭେ ଦେବାନି ମକଦମାରେ ଜଜ୍ କ୍ଷମତା ବ୍ୟବହାର କରିପାରିବୁ ।

୭. ପୁଲିସ, ଫରେଷ୍ଟ, ରେଭିନିଉ(Revenue) ପ୍ରଭୃତି ସମସ୍ତ ଡିପାର୍ଟମେଣ୍ଟରେ ପୁରା କ୍ଷମତା ବ୍ୟବହାର କରିବୁ ।

Digitized by PPRACHIN, SOA

୮. ଆମ୍ଭ ରାଜ୍ୟରେ ଆମ୍ଭେ ସେଟଲମେଣ୍ଟ କରି ଖଜଣା ବୃଦ୍ଧି କରିପାରିବୁ ।

୯. ଆମ୍ଭେ ସେଟଲମେଣ୍ଟ କରି ଖଜଣା ବୃଦ୍ଧି କଲେ ସରକାରଙ୍କୁ ଅଧିକା ପେସ୍‌କେଶ ଦେବୁ ନାହିଁ ।

୧୦. ବିବାହ, ନାଉଳି (କର୍ଣ୍ଣବିଦ୍ଧ), ଶୁଦ୍ଧ କାର୍ଯ୍ୟରେ ପ୍ରଜାଙ୍କ ଠାରୁ ମାଗଣା ଆଦାୟ କରିପାରିବୁ ।

୧୧. ଆମ୍ଭେ ଦାନ, ଦେବୋତ୍ତର, ଖଏରାତ, ଜାଗ୍ରୀ ପ୍ରଭୃତି ସମସ୍ତ ସତ୍ୱର ଜମି ଦେଇ ପାରିବୁ ।

୧୨. ଆମ୍ଭେ ରାଜ୍ୟରେ ଆବଶ୍ୟକ ମତେ ନୂଆ ନିୟମ ଚଳାଇ ପାରିବୁ ।

୧୩. ପୂର୍ବ ରାଜାମାନେ ଯେଉଁମାନଙ୍କୁ ଯେଉଁ ସତ୍ୱ ଓ ସମ୍ମାନ ଦେଇ ଅଛନ୍ତି ବିନା କାରଣରେ ସେଥିରେ ହସ୍ତକ୍ଷେପ କରିବୁ ନାହିଁ ।

୧୪. ପ୍ରଜାମାନେ ଯେପରି ସୁଖ ଓ ସ୍ୱାଛନ୍ଦ୍ୟରେ ରହିବେ ସେଥିପ୍ରତି ସର୍ବଦା ତତ୍ପର ରହିବୁ ।

୧୫. ଆମ୍ଭେ ଜଙ୍ଗଲରୁ ହାତୀ ଧରି ପାରିବୁ ଓ ବିକ୍ରି କରିପାରିବୁ ।

୧୬. ଆମ୍ଭ ରାଜ୍ୟ ମଧରେ କିଛି ଖଣିଜ ପଦାର୍ଥ ବାହାରିଲେ ଆମ୍ଭେ ତହିଁରେ ପୂର୍ଣ୍ଣ ଅଧକାରୀ ହେବୁ ।

୧୭. ଆମ୍ଭେ ପଡ଼ୋଶୀ ରାଜା ବା କାହା ସହିତ ଯୁଦ୍ଧ କରିବୁ ନାହିଁ ।

୧୮. ଆମ୍ଭ ରାଜ୍ୟର ସୀମା ସଂକ୍ରାନ୍ତ ନେଇ ଗୋଳମାଳ ହେଲେ ଗଭର୍ଣ୍ଣମେଣ୍ଟକୁ ଜଣାଇବୁ ।

୧୯. ଆମ୍ଭ ରାଜ୍ୟରେ ମେଳିହେଲେ ମେଳିଆ ମାନଙ୍କର ପ୍ରାଣନାଶ କରିବୁ ନାହିଁ । ଗଭର୍ଣ୍ଣମେଣ୍ଟକୁ ଜଣାଇବୁ ।

୨୦. କୌଣସି ରାଜ ବିଦ୍ରୋହୀ ଲୋକକୁ ରାଜ୍ୟରୁ ବାହାର କରିବାକୁ ହେଲେ କି ତାହାର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ହେଲେ ଗଭର୍ଣ୍ଣମେଣ୍ଟକୁ ଜଣାଇ କରିପାରିବୁ ।

Digitized by PPRACHIN, SOA

୨୧. ଗଭର୍ଣ୍ଣମେଣ୍ଟଙ୍କର କେହି ବିଦ୍ରୋହୀ ଲୋକ ଆମ୍ଭ ରାଜ୍ୟକୁ ଆସିଲେ ଆମ୍ଭେ ତାକୁ ଗିରଫ କରି ଜଣାଇବୁ ।

୨୨. ଆମ୍ଭେ କମାଣ (ତୋପ) ପ୍ରଭୃତି ଯାବତୀୟ ଅସ୍ତ୍ର ଶସ୍ତ୍ର ରଖି ପାରିବୁ ଓ ବ୍ୟବହାର କରିପାରିବୁ ।

୨୩. ଆମ୍ଭେ ଦେଓ୍ୱାନ ମୁକରିର କରି ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇବୁ ।

୨୪. ଆମ୍ଭର ଭାଇଙ୍କୁ ଉପଯୁକ୍ତ ବୃତ୍ତି ଓ ଖମାର ଦେବୁ ଓ ଉପଯୁକ୍ତ କରି ଉଚ୍ଚପଦ ଦେବୁ ।

୨୫. ଆମ୍ଭର ଜ୍ଞାତିମାନଙ୍କୁ ଚଳିବା ମାଫକ ଭୂସମ୍ପତ୍ତି ଦେବୁ । ସେମାନେ ଉପଯୁକ୍ତ ହେଲେ ଉଚ୍ଚ ପଦ ଦେବୁ ।

ରାଜା ବିନାୟକ ସିଂହ ନ୍ୟାୟବାନ, ବୁଦ୍ଧିବାନ, ବଳବାନ ଓ ଲୋକପ୍ରିୟ ଥିଲେ । ସେ ସମସ୍ତଙ୍କୁ ବାହାରେ ବିଶ୍ୱାସ କରୁଥିଲେ । ଅନ୍ତଃକରଣରେ କାହାରିକୁ ବିଶ୍ୱାସ କରୁନଥିଲେ । ଯାହା କିଛି ହେଉ ଗୁପ୍ତ ପରୀକ୍ଷା ଦ୍ୱାରା ତାଙ୍କର ମନ ନମାନିବା ପର୍ଯ୍ୟନ୍ତ ସେ ଦଣ୍ଡ ବା କ୍ଷମା ଦେଉ ନଥିଲେ । ଦେଓ୍ୱାନ ଓ ପ୍ରାଧାନ ସର୍ଦ୍ଦାର ସହିତ କପଟ (ଗୁପ୍ତ) ବେଶରେ ରାତ୍ରରେ ବୁଲି ପ୍ରଜାମାନଙ୍କର ମତାମତ ବୁଝୁଥିଲେ । ପ୍ରଜାମାନେ କୌଣସି ବିଷୟରେ ଅସନ୍ତୁଷ୍ଟ ହେବାର ଜାଣୁଥିଲେ ଯେପରି ସର୍ବସାଧାରଣ ପ୍ରଜା ସନ୍ତୁଷ୍ଟ ହେବେ ସେପରି କାର୍ଯ୍ୟ କରୁଥିଲେ ।

କୌଣସି ଲୋକ ଦୋଷୀ ବୋଲି ତାଙ୍କ ମନ ନମାନିବା ଯାଏଁ ସେ ଦଣ୍ଡ ଦେଉନଥିଲେ । ଯେତେବେଳେ ଦେଖାକରିବାକୁ ଗଲେ ସେତେବେଳେ (ଲୋକ) ଦେଖା ପାଉଥିଲେ ଓ ତାହାର ଆପତ୍ତି ତତ୍କ୍ଷଣାତ୍ ବୁଝିଦେଉଥିଲେ । ତାଙ୍କ ରାଜତ୍ୱ କାଳରେ ରାଜ୍ୟରେ ପୂର୍ଣ୍ଣ ଶାନ୍ତି ବିରାଜୁଥିଲା ।

ଏ ରାଜାଙ୍କ ରାଜତ୍ୱ କାଳରେ ଖଣ୍ଡପଡ଼ାରେ ନୃସିଂହ ଭ୍ରମରବର ରାୟ ରାଜା ଥିଲେ । ସେ ଖଣ୍ଡପଡ଼ାର ଜଣେ ପ୍ରଧାନ ରାଜା । ଏକ ସମୟରେ ରାଜା ବିନାୟକ ସିଂହଙ୍କର ଶକ୍ତ ବେମାର ହୋଇଥିଲା । ଖଣ୍ଡପଡା ରାଜା

Digitized by PPRACHIN, SOA

ଦେଖିବାକୁ ଆସିଥିଲେ । ଖଣ୍ଡପଡ଼ା ରାଜା ଦ୍ରୌପତୀ ଧାଈ ସହିତ ବିନାୟକ ସିଂହଙ୍କୁ ଦେଖିଥିଲେ । ରାଜା ବିନାୟକ ସିଂହ ଖଣ୍ଡପଡ଼ା ରାଜାଙ୍କର ମୁଖ ଭଙ୍ଗୀ ଦେଖି ହଠାତ୍ ଉଠି କହିଲେ, "ଦାଦା ମନେ କରିଛ କି ବିନାୟକ ଆନ ହୋଇଯିବ । ମହାନଦୀ ନୀଳମାଧବଙ୍କ ଘାଟରେ ଆରୋଗ୍ୟ ସାନହେବ ।" ଖଣ୍ଡପଡ଼ ରାଜା ଏହା ଶୁଣି ଶୀଘ୍ର ଚାଲିଗଲେ । ଗଲାବେଳେ କହିଗଲେ," ଆମଘରେ ଏ ମନୁଷ୍ୟ ଜନ୍ମ ହୋଇନାହିଁ । ଗୋଟେ ବାଘ ଜନ୍ମ ହୋଇଅଛି ।"

ରାଜା ବିନାୟକ ସିଂହ ଯେପରି କେତେକ ପରିମାଣରେ ଭଲ ହେଲେ, ଅଶ୍ୱପୃଷ୍ଠରେ ଯାଇ ଖଣ୍ଡପଡ଼ା ରାଜାଙ୍କ ଘରେ ଗୋଟେ ସାବେଳି (ଅସ୍ତ୍ର ବିଶେଷ) ପୋତିଦେଇ ମହାନଦୀରେ ସ୍ନାନକରି ଫେରିଲା ବେଳକୁ ଖଣ୍ଡପଡ଼ା ରାଜା ଓ ତାଙ୍କ କର୍ମଚାରୀ ମାନେ ବାଟ ଜଗି ରାଜା ବିନାୟକ ସିଂହଙ୍କୁ ନେଇଯାଇ ଭୋଜନାଦି କରାଇ ନୟାଗଡ଼ ଖଣ୍ଡପଡା ସରହଦ ନିକଟ ଖଣ୍ଡପଡାରେ କାଦୁଆ, ଘଣ୍ଟାସାହି ମଉଜା ଦୁଇଖଣ୍ଡି ହଲଦି ଯଥା ଦହି ସକାଶେ ଲେଖିଦେଇ ବିଦାୟ ଦେଇଥିଲେ ।

ରାଜା ବିନାୟକ ସିଂହ ବିନାୟକ ପୁର, ଘଡୁଆଳ ବିନାୟକପୁର, ଜାରିଙ୍ଗି ବିନାୟକପୁର ଓ ରାଣୀଙ୍କ ନାମରେ ସାବିତ୍ରୀ ଦେଇପୁର ବା ସାବିଦେଇପୁର ବ୍ରାହ୍ମଣ ଶାସନ ବସାଇଥିଲେ । ଅନେକ ଶୁଦ୍ର ମଉଜା ବସାଇଥିଲେ । ଅନେକ କୁପ, ପୋଖରୀ କରାଇଥିଲେ । ଶ୍ରୀ ରାଧାମୋହନ ଦେବଙ୍କୁ ପ୍ରତିଷ୍ଠିତ କରି ଭୋଗ ଖଞ୍ଜା କରିଥିଲେ । ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ତଳେ ମଉଜମହଲ, ଫୁଟକର ଅନେକ ଜମି ଖଞ୍ଜି ମହା ଗଙ୍ଗାମାତା ମଠ ଓ ଦକ୍ଷିଣପାର୍ଶ୍ୱ ମଠ ମହନ୍ତ ମାନଙ୍କୁ ଦେଇଥିଲେ । ପଣ୍ଡା ପଢ଼ିଆରୀ ପ୍ରଭୃତି ନିଯୋଗୀ ମାନଙ୍କ ଜମି ଖଞ୍ଜି ଥିଲେ । କାରଣ ନୟାଗଡ଼ରୁ ପୁରୀ ଦର୍ଶନ ସକାଶେ ଯେ କେହି ପ୍ରଜା ଗଲେ ବିନା ପଇସାରେ ସେବକ ମାନେ ଦର୍ଶନ କରାଇବେ । ଦକ୍ଷିଣ ପାର୍ଶ୍ୱମଠ ରହିବାକୁ ଘର ଦେବ ଓ ଖାଇବାକୁ ଅନ୍ନ ତର୍କାରୀ ଦେବ । ପ୍ରତି ଏକାଦଶୀ ରାଜବାଟିକୁ ଅନ୍ନ ତର୍କାରି ଓ ଶୁଖିଲି ପ୍ରସାଦ ପଠାଇବ । ଏବେ କେତେ ବର୍ଷ ହେଲା ଏହା ଉଠାଇ ଦିଆ ଯାଇଥିବାରେ ପ୍ରଜାମାନଙ୍କର ଅସୁବିଧା ହେଉଅଛି ।

Digitized by PPRACHIN, SOA

ଏହାଛଡା ପ୍ରତିନିତି ଠାକୁର ଭୋଗ ହୋଇ ସାଧୁମାନେ ପ୍ରସାଦ ପାଉଥିଲେ । ଏହା କରିବାଦ୍ୱାରା ଧର୍ମ ହାନୀ ହୋଇଅଛି । ରାଜା ବିନାୟକ ସିଂହ ଇଟାମାଟି, ଦୁରୁଦୁରା ମଉଜାରେ ହାଟ ବସାଇଥିଲେ । ନିଯିଗଡ଼ ମଉଜାରୁ ନିଜିଗଡ଼ ବିରାଜିତ ଶ୍ରୀ ଗୋପୀନାଥ ଜୀଉଙ୍କ ସକାଶେ ତୋଳା ଖଞ୍ଜିଥିଲେ । ଇଟାମାଟି ହାଟ ନିଲାମି ଜରସମନ ସରଘରକୁ ଓ ଦୁରଦୁରା ହାଟ ନିଲାମି ଜରସମନ ପାଟ ମହାଦେଇଙ୍କୁ ଖଞ୍ଜିଥିଲେ ।

ଦାଦା ନିଳମଣି ଜଗଦେବ ନିଃସନ୍ତାନରେ ମରିଯାଇଥିଲେ । କନିଷ୍ଠ ଦାଦା ପଦ୍ମନାଭ ହରିଚନ୍ଦନ ଙ୍କୁ ଅସୁର ଢ଼ିପା, ଶିଖରପୁର ଖମାର ଓ ହାଟିଦ୍ୱାର ପ୍ରଭୁତି ମଉଜା ମାନଙ୍କରେ ଫୁଟକର ଜମି ଦେଇଥିଲେ । ଏବଂ ତାଙ୍କ ପାଇଁ ଦାଣ୍ଡ ସାହିରେ ଘର କରି ରଖାଇଥିଲେ ।

ରାଜା ବିନାୟକ ସିଂହଙ୍କର ଦୁଇପୁତ୍ର । ପ୍ରଥମ ବ୍ରଜବନ୍ଧୁ ସିଂହ । ଦ୍ୱିତୀୟ ଦାଶରଥି ସିଂହ । ସାନପୁଅ ମାଛିପଡ଼ା ଯଦୁପୁର ଖମାର । ଟ୩୦୦୦ଙ୍କା ର ମଉଜ ମହଲ ମଉଜା ଓ ଅନେକ ଫୁଟକର ଜମି ଓ ବାଗ୍ ବଗାଏତ ଦେଇଥିଲେ । ପୁରୁଷ ଚ଼ାକର ମାନଙ୍କୁ ଜମି ଓ ସ୍ତ୍ରୀ (ଚାକରାଣୀ) ମାନଙ୍କୁ ଭିତରତଳ ଇଲାକାରୁ ପଡ଼ି ଦେଉଥିଲେ । ଏହାଙ୍କ ସମୟରେ ପୁଅ ବ୍ରାହ୍ମଣ ସୃଷ୍ଟି ହୋଇଥିଲା ।

ରାଜା ବିନାୟକ ସିଂହ ଜଗନ୍ନାଥଙ୍କର ଦେଉଳ ତୟାର କରାଇଥିଲେ ଏବଂ ଉପସ୍ଥିତ ଦାରୁ ବିଗ୍ରହ ମାନଙ୍କୁ ନିର୍ମାଣ କରାଇ ପ୍ରତିଷ୍ଠିତ କରାଇଥିଲେ, ସେମାନଙ୍କ ଲଡୁବାବାଙ୍କ ମନ୍ଦିରରେ ରଖାଇଥିଲେ । ଜଗନ୍ନାଥ ଜିଉଙ୍କ ମୋହନମନ୍ଦିର ତୟାର ସକାଶେ ଷାଠିଏ ହଜାର ଟଙ୍କା, ଚୁନ ଓ ଅସ୍ତ୍ର ଶସ୍ତ୍ର ମାନ ରଖାଇଥିଲେ । ଏ ପାଟ ମହାଦେଈଙ୍କୁ ଲାଠିପଡା, ଅସୁର ଢ଼ିପା, ଭାଟସାଖି, ଖମାରି ସାହି । ଚାରିଗୋଟି ଖମାର ଓ ଟ୪୦୦୦/- ର ମଉଜମହଲ ମଉଜା ଓ ଫୁଟକର ଜମି ବାଗ ବଗାଏତ ଖଞ୍ଜିଥିଲେ । ପାଟ ମହାଦେଇଙ୍କର ଚାକର ମାନେ ଭିତରତଳ ଏଲାକାରୁ ଖର୍ଚ୍ଚ ପାଉଥିଲେ ଓ ତାଙ୍କର ପର୍ବପର୍ବାଣି ରାଜକୋଷରୁ ଦିଆ ଯାଉଥିଲା ।

Digitized by PPRACHIN, SOA

ବିଦେଶରୁ କି ମୋଫସଲରୁ ଭଦ୍ରଲୋକ ପ୍ରଭୃତି ଆସିଲେ ରହିବା ସକାଶେ ମଠଖର୍ଚ୍ଚରେ ଅନେକ ଖାଲିଘରେ କରାଇଥିଲେ । ଏହାକୁ ଧର୍ମଶାଳା କହିଲେ ଅତ୍ୟୁକ୍ତି ହେବନାହିଁ । ସ୍ୱର୍ଗୀୟ ରାଜା ନାରାୟଣ ସିଂହଙ୍କ ବିୟୋଗ ପର୍ଯ୍ୟନ୍ତ ଏହାଥିଲା । ଭାଇ ଗୋସାଇଁ ସନାତନ ରାଜଗୁରୁଙ୍କୁ ମହିପୁର କିଲା ଦୁରୁଦୁରା ଓ ସୁନାମୁହିଁ କିଲା ସରଦେଇପୁର ମଉଜା ଖଞ୍ଜିଥିଲେ ।

ପୈତାଘେନା (ପଇତା ଗ୍ରହଣ କରିବା) କୁ ବ୍ରାହ୍ମଣମାନଙ୍କୁ ଖାଇବାକୁ ଦେବେ ଓ ପ୍ରତିନିତି ଗରୀବ ନମସ୍କରଣୀୟ ବ୍ରାହ୍ମଣ ଯେ ଯିବ ତାକୁ ଖାଇବାକୁ ଦେବେ । ବ୍ରାହ୍ମଣମାନଙ୍କୁ ରାଜା ଯେପରି ଜମି ଦିଅନ୍ତୁ 'ଦାନ' ବୋଲି ସନନ୍ଦ ଦେଉଥିଲେ । ମାତ୍ର ପୂର୍ବୋକ୍ତ କାରଣରୁ ଅଦ୍ୟାପି ସେ ମଉଜା ମାନଙ୍କରୁ ଭାଇମାନେ ଭାଗ ପାଇନାହାନ୍ତି ।

ଏହାଙ୍କ ସମୟରେ ଖଣ୍ଡିଗୁଡ଼, ଖଣ୍ଡିତେଲ, ଫାଟକ ରୋସମ, ବିଧବା କନ୍ୟା ଦ୍ୱିତୀୟ ଅନୁମତି ପିଂସ, ସୁଆଳି ପ୍ରଭୃତି ସରଘର ଆୟଥିଲା । ଯେଉଁମାନେ ଗୁଡ଼ପେଡୁଥିଲେ ସେମାନେ ଘଣା ଗୋଟିକେ ଏକ ପଣଗୁଡ ଦେଉଥିଲେ । ତେଲିମାନେ ଘଣା ଗୋଟିକେ ତେଲ ଦୁଇ ମାଣିକା ଦେଉଥିଲେ । ପାଟକଜାତି ବିବାହ ହେଲେ ଷାଢ଼େ ଗରିଅଣା ସର୍କାରି ଗୁଆ ଦେଉଥିଲେ ।

ସୁଆଳି - କେହି ଲୋକ ପୁତ୍ର କନ୍ୟା ହୀନ ହୋଇ ମଲେ ତାହାର ସ୍ତ୍ରୀ ଚଳିବା ଅନୁସାରେ ଜମି ଦେଇ ବାକୀ ଜମି ସରଘରକୁ ଆସୁଥିଲା । ପନ୍ଧାରିଆମାନେ ପ୍ରତ୍ୟେକ ସରଘରକୁ ଦୁଇ ବିଶା ଲେଖାଏଁ ପିଆଜ ଦେଉଥିଲେ । ଯେଉଁମାନେ ମୃଗ ପ୍ରଭୃତି ଜନ୍ତୁ ମାରୁଥିଲେ ସେମାନେ ପ୍ରତ୍ୟେକ ଜନ୍ତୁର ଷିଂଅ, ଫଡିଆ ସରଘରକୁ ଦେଉଥିଲେ । ରାଜ୍ୟ ମଧ୍ୟକୁ ଯାହା ପଦାର୍ଥ ବିକା ଆସୁଥିଲା, ଏକ ଟଙ୍କାରେ ଦୁଇ ପଇସା ହିସାବରେ ଜିନିଷ ଦେଉଥିଲେ । ଏହାକୁ ଘଟ କହନ୍ତି । ଜଣେ ଘଟ କାର୍ଯ୍ୟଥାଇ ଜିନିଷମାନ ରଖେ । ରାଜାଘର ଦର୍କାର ବେଳେ ଯୋଗାଏ । ଏହା ସନ ୧୮୫୨ ମସିହାରୁ ଉଠିଯାଇଛି । ଖଣ୍ଡିଗୁଡ଼ ଓଗେର ସନ ୧୯୦୭ ମସିହାରୁ ସେଟଲମେଣ୍ଟରେ ଉଠିଯାଇଛି ।

ଏ ରାଜାଙ୍କ ସମୟରେ କେହି ଧନୀ ଲୋକ ଅପରାଧ କଲେ ଜେଲ

Digitized by PPRACHIN, SOA

ନଦେଇ ଜରିମାନା ଦେଉଥିଲେ ଓ ଗରୀବ ଲୋକ ଅପରାଧ କଲେ ଜେଲ୍ ଦେଉଥିଲେ । ତାଙ୍କ ସମୟରେ ଲୋକେ ମିଥ୍ୟା କହୁନଥିଲେ । ଦସ୍ତାବିଜ ପ୍ରଭୃତିରେ ଅଷ୍ଟଦିଗପାଳ ସାକ୍ଷୀ ପଡୁଥିଲେ । ରୁଖି ପାହାଡ଼ରେ ଗୋପାଳ ଦାସ ଥିଲେ । ତାଙ୍କ ଆସ୍ଥାନ ବର୍ତ୍ତମାନ ରହିଅଛି ।

ବଡ଼ ରୁଖିରେ ସାଗର ଦାସ (ଯୋଗୀ) ଥିଲେ । ସୁଳିଆ ପାହାଡରେ ମୋତିରାମ (ଯୋଗୀ) ଥିଲେ । ଦିନେ ମୋତିରାମଙ୍କ ସହିତ ରାଜା ବିନାୟକ ସିଂହଙ୍କର ଦେଖା ହୋଇଥିଲା । କେତେକ ବିଷୟ କଥୋପକଥନ ପରେ ରାଜା ପଚାରିଲେ, "ମୃତ୍ୟୁ ସମୟ ପୂର୍ବରୁ କିପରି ଜାଣିବି । ମୋତିରାମ କହିଲେ । ପ୍ରତିନିତି ଦେବର୍ଚ୍ଚନ ପରେ ଭୋଜନ ପୂର୍ବରୁ ନୂଆ ମାଠିଆରେ ଜଳ ରଖି ପଦ୍ମନାଡରେ ଜଳ ଶୋଷୁଥିବେ, ଯେଉଁଦିନ ପଦ୍ମନାଡରେ ଜଳ ନଯିବ, ସେହି ସମୟରେ ପୁରୀ ଚାଲିଯିବେ । ରାଜା ଏହିପରି ପ୍ରତିନିତି କରୁଥିଲେ । ସନ ୧୮୬୩ ମସିହା ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଚ଼ତୁର୍ଦ୍ଦଶୀ ଦିନ ପଦ୍ମନାଡରେ ଜଳ ନଯିବାରୁ ସେହିକ୍ଷଣି ତାଙ୍କ ସବାରିରେ ପୁରୀ ଗଲେ । ଦେବସ୍ନାନ ପୂର୍ଣ୍ଣମୀ ଦିନ ସ୍ନାନବେଦୀରେ ଜଗନ୍ନଥଙ୍କ ସ୍ନାନପରେ ଯାଇ ସ୍ୱାମୀ ବୋଲି ଶ୍ରୀ ଜିଉଙ୍କୁ କୁଣ୍ଢାଇ ପକାଇବା ମାତ୍ରେ ପ୍ରାଣବାୟୁ ଚାଲିଗଲା ବସାକୁ ଟେକି ଆଣିଲେ । ରାଜା ବିନାୟକ ସିଂହଙ୍କ ବିୟୋଗ ପରେ ତଦୀୟ ପୁତ୍ର ବ୍ରଜବନ୍ଧୁ ସିଂହ ରାଜା ହେଲେ ।

୧୬. ୨୧ଶ ରାଜା ବ୍ରଜବନ୍ଧୁ ସିଂହ ମାନଧାତା

ରାଜା ବ୍ରଜବନ୍ଧୁ ସିଂହ ପିତାଙ୍କ ଅନୁକରଣରେ ରାଜ୍ୟ ଶାସନ କରୁଥିଲେ । ଏହାଙ୍କ ସମୟରେ ବିହାରି ପ୍ରହରାଜ ଦେଓ୍ୱାନ୍ ଥିଲେ । ରାଜା ବିନାୟକ ସିଂହ ଜଗନ୍ନାଥ ଜିଉଙ୍କ ମୋହନ ମନ୍ଦିର ସକାଶେ ଯେଉଁ ଷାଠିଏ ହଜାର ଟଙ୍କା ରଖି ଯାଇଥିଲେ ତାହା ଦେଇ ବଡ଼ମ୍ବା ରାଜ୍ୟ ବନ୍ଧକ ରଖିଥିଲେ ।

ଏଠାରୁ ପୁରୁଷୋତ୍ତମ ଛୋଟରା ଯାଇ ବଡ଼ମ୍ବା ରାଜ୍ୟର ଖର୍ଚ୍ଚ ଚ଼ଳାଇ ବାକୀ ଟଙ୍କା ଆଣୁଥିଲେ । ସମୁଦାୟ ଟଙ୍କା ପରିଶୋଧ ହେବାରୁ ରାଜ୍ୟ ଛାଡିଦେଲେ । ଯେଉଁ ଟଙ୍କା ଆଣୁଥିଲେ ତାହା ରାଜଧାନୀ ରେ ଖର୍ଚ୍ଚ କରୁଥିବାରୁ ମୋହନ ମନ୍ଦିର ହୋଇ ପାରିନଥିଲା ।

Digitized by PPRACHIN, SOA

ଏ ରାଜା ସଂଗୀତ ଓ ସାହିତ୍ୟର ପ୍ରିୟ ଥିଲେ । କବିତା ରଚ଼ନା କରିପାରୁଥିଲେ । ଏହି ସମୟରେ ପ୍ରଧାନ କବି ଯଦୁମଣି ମହାପାତ୍ର ଥିଲେ । ସେ ଜାତିରେ ଚିତ୍ରକର ଥିଲେ । ସେ ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର ଓ ରାଘବ ଲୀଳାମୃତ ଓ ଅନେକ ରହସ୍ୟ ବାକ୍ୟାବଳି ପର୍ଣ୍ଣଚ଼ନ୍ଦ୍ର ଓ ରାଘବ ଲୀଳାମୃତ ଓ ଅନେକ ରହସ୍ୟ ବାକ୍ୟାବଳି ରଚ଼ନା କରିଥିଲେ ।

ସ୍ୱର୍ଗୀୟ ରାଜା ରଘୁନାଥ ସିଂହ ମାନଧାତା "ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର" ଓ "ରହସ୍ୟ ବାକ୍ୟାବଳି" ର ପ୍ରଥମ ସଂସ୍କରଣ ଛପାଇଥିଲେ । 'ରାଘବ ଲୀଳାମୃତ' ର ସମସ୍ତ ଅଂଶ ମିଳୁ ନଥିବାରୁ ଛପାଇ ପାରିନଥିଲେ ।

ରାଜା ବ୍ରଜବନ୍ଧୁ ସିଂହଙ୍କ ସମୟରେ ଧରାକୋଟର ପ୍ରଧାନ କବି ଓ ସଂସ୍କୃତଜ୍ଞ ପଣ୍ଡିତ ଚ଼କ୍ରପାଣି ପଟ୍ଟନାୟକ, ଅଧିକାଂଶ ସମୟ ନୟାଗଡରେ ରହୁଥିଲେ । ସାହିତ୍ୟ ଓ ସଂସ୍କୃତର ଚର୍ଚ୍ଚା ହେଉଥିଲା । ଯଦୁମଣିଙ୍କ ଉଚିତ ରହସ୍ୟ ବାକ୍ୟାବଳି ପ୍ରଭୃତି ଆଜିକାଲି ବିଖ୍ୟାତ ଅଛି ।

ଏ ରାଜା ଖଲ୍ଲିକୋଟ ରାଜ କନ୍ୟା ନକ୍ଷତ୍ରମାଳି ଦେବୀଙ୍କୁ ବିବାହ ହୋଇଥିଲେ । ରାଜା ରାଣୀଙ୍କ ନାମନୁସାରେ ବ୍ରଜବଲ୍ଲଭପୁର, ନକ୍ଷତ୍ରଦେଇପୁର ବ୍ରାହ୍ମଣ ଶାସନ ବସାଇଥିଲେ । ରାଧାନାଥ ମହାପ୍ରଭୂଙ୍କୁ ସ୍ଥାପନ କରି ଭୋଗ ଖଞ୍ଜା କରିଥିଲେ । ଏ ମହାପ୍ରଭୂଙ୍କ ନିକଟରେ କାର୍ତ୍ତିକ ମାସରେ ଶରତରାସ ଓ ଚୈତ୍ରମାସରେ ବସନ୍ତ ରାସ ହେଉଥିଲା । ଉତ୍ସବ ଦିନ ମାନଙ୍କରେ ମହା ସମାରୋହରେ ଯାତ୍ରା ହେଉଥିଲା ।

କୁରାଳ ମଉଜା ବରଜ ପାଏକରା ବଂଶଧର କମଳଲୋଚ଼ନ ପାଏକରାଙ୍କୁ ରାଜା ବିନାୟକ ସିଂହ ସୁନାମୁହିଁ ଜିଲା ସର୍ଦ୍ଦାରରୁ ବାହାର କରିଥିବାରୁ ତାଙ୍କର ଓ୍ୟାରସ ସର୍ବଦା ବିପକ୍ଷ ଥିଲେ ଏବଂ ଦଣ୍ଡୋର ମଉଜା ସହିତ ଅନେକ ସର୍କାର ଜମି ଦଖଲ କରିଥିଲେ । ସନ ୧୮୪୮ ମସିହାରେ ରାମପ୍ରସାଦ ଡ଼େପୋଟି ମାଜିଷ୍ଟ୍ରେଟଙ୍କ ଦ୍ୱାରା ସେଟଲମେଲଣ୍ଟ ଆରମ୍ଭ ହୋଇଥିଲା । ସେ ଚାଲିଯିବାରୁ ସନ ୧୮୪୯ ମସିହାରେ ଗୁରୁପ୍ରସାଦ ସେଟଲ୍‌ମେଣ୍ଟ କର୍ତ୍ତା ହୋଇଆସିଲେ ।

Digitized by PPRACHIN, SOA

ପାଏକରା ବଂଶ ଦଣ୍ଡୋର ମଉଜା ସାମିଲ ଭୋଗ କରୁଥିବା ସର୍କାରୀ ଜମି ବାହାର କରି ନିଆଯିବାର କଥା ହେବାରୁ ପାଏକରା ବଂଶର ଉଦ୍ଧବ ପାଏକରା ପ୍ରଜାମାନଙ୍କୁ ମେଳାଇ ମେଳିକରି ଗ୍ରାମ ମାନ ପୋଡି ଏହା ସବୁ ରାଜା ଅତ୍ୟାଚାର କରୁଛନ୍ତି ବୋଲି କମିଶନର ସାହେବଙ୍କ ହଯୁରରେ ଦରଖାସ୍ତ ଦେଇଥିବାରୁ ସେ ମୋକଦମାରେ ରାଜା ୫ବର୍ଷ କଟକରେ ରହିବାର ହୁକୁମ ହେଲା । ରାଜା ୧୮୫୦ ମସିହାରେ କଟକ ଗଲେ ।

ଲାଲା ହରମୋହନ ରାଏ କ୍ଷମତାପ୍ରାପ୍ତ ତହସିଲଦାର ଓ ସେଟଲମେଣ୍ଟ କର୍ତ୍ତା ହୋଇ ଆସିଲେ । ସନ ୧୮୫୨ ମସିହାରେ ସେଟଲମେଣ୍ଟ ଶେଷ କଲେ । ରାଜା ବ୍ରଜବନ୍ଧୁ ସିଂହ ୧୮୫୧ ମସିହା ଭ୍ରାଦବ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ଦିନ କଟକ ମୁକାମରେ ବିୟୋଗ ହେଲେ । ସେ ଜୀବିତ ଥିବା ସମୟରୁ ସାନ ଭାଇ ଦାଶରଥି ସିଂହଙ୍କ ଜ୍ୟେଷ୍ଠପୁତ୍ର ଲଡୁକେଶ୍ୱର ସିଂହଙ୍କୁ ପୋଷ୍ୟପୁତ୍ର କରି ଥିଲେ ।

୧୭. ୨୨ଶ ରାଜା ଲଡୁକିଶୋର ସିଂହ ମାନଧାତା

ରାଜା ବ୍ରଜବନ୍ଧୁ ସିଂହଙ୍କ ବିୟୋଗ ପରେ ଲଡୁକିଶୋର ସିଂହ ରାଜା ହେଲେ । ସେ ସମୟରେ ତାଙ୍କୁ ଦଶ ବର୍ଷ ବୟସ ହୋଇଥିଲା । ଉଚ୍ଚଶିକ୍ଷା ପାଇବା ପାଇଁ ସେ ଓ ତାଙ୍କର ଜନ୍ମିତ କୁନିଭାଇ ବୈଦ୍ୟନାଥ ସିଂହ କଟକ ଗଲେ । ସେ ସମୟରେ ନାବାଳକ (Minor) ୧୮ବର୍ଷ ପର୍ଯ୍ୟନ୍ତ ଥିଲା । ଲଡୁକିଶୋର ସିଂହ ସନ ୧୮୪୧ ମସିହା ଭାଦ୍ରବ ଶୁକ୍ଳ ପକ୍ଷ ଚ଼ତୁର୍ଥୀ ଦିନ ଜନ୍ମ ଗ୍ରହଣ କରିଥିଲେ । ସନ ୧୮୫୯ ମସିହାରେ ସେ ରୋସନ୍ ମହମଦ୍‌ଙ୍କଠାରୁ ଚାର୍ଯ ନେଲେ ।

ରାଜା ଓ ରାଜଭ୍ରାତା ମାନେ ଏନଟ୍ରାନ୍ସ ପାଶ୍ କରିଥିଲେ । ରାଜା କଟକରେ ଟ୍ରେନିଂ ପାଉଥିବା ସମୟରେ ଜଜ୍ ସାହେବ ଗୋଟିଏ ମକଦମା ବିଚାର କରିବାକୁ ଦେଇ କହିଲେ, "ରାଜା ସାହେବ ଏ ମକଦମାକୁ ବିଚାର କରିବେ ଯେପରି ଆମ୍ଭର ମତ (ବିଚାର) ସହିତ ଏକମତ ହେବ ।" ରାଜା ଯେଉଁ ଜଜ୍‌ମେଣ୍ଟ ଲେଖିଲେ ତାହା ସାହେବ ବାହାଦୁରଙ୍କ ମତ ସହିତ ଏକମତ ହୋଇଥିଲା । ରାଜାଙ୍କ ଯୋଗ୍ୟତା ସମ୍ବନ୍ଧେ ଜଜ୍‌ସାହେବ ଗଭର୍ଣ୍ଣମେଣ୍ଟଙ୍କୁ

Digitized by PPRACHIN, SOA

ରିପୋର୍ଟ କରିଥିଲେ । ଅର୍ଡର ଆସିଲା, "କମିଶନର ସାହେବ ଶୀତକାଳିନ ଗସ୍ତ ସମୟରେ ନୟାଗଡ଼ ରାଜାଙ୍କୁ ସଙ୍ଗରେ ନେଇ ସବୁ ଗଡ଼ଜାତ ବୁଲାଇ ସବୁ ରାଜାମାନଙ୍କୁ ନୟାଗଡ଼ ରାଜାଙ୍କ ଆଦର୍ଶ ଦେଖାଇ ଷ୍ଟେଟର ଚାର୍ଯ ଦିଅନ୍ତୁ । ନୟାଗଡ଼ ଷ୍ଟେଟ୍ କୋଟ୍ ଅଫ୍ ଓ୍ୟାର୍ଡସ୍ ଥିବା ସମୟରେ ସନ ୧୮୫୫ ମସିହା ପର୍ଯ୍ୟନ୍ତ ଲାଲା ହରମୋହନ ରାଏ ଓ ୧୮୫୫ ରୁ ୧୮୫୭ ପର୍ଯ୍ୟନ୍ତ ପ୍ରଭୂରାମ ସୋମ ଓ ୧୮୫୭ ରୁ ୧୮୫୯ ପର୍ଯ୍ୟନ୍ତ ରୋସନ ମହମ୍ମଦ କ୍ଷମତା ପ୍ରାପ୍ତ ତହସିଲଦାର ଥିଲେ । କମିଶନର ସାହେବ ସେହିପରି ରାଜାଙ୍କ ସବୁ ଗଡ଼ଜାତ ସାଙ୍ଗରେ ବୁଲାଇ ଷ୍ଟେଟ ଚାର୍ଯ ଦେଇଗଲେ ।

ଏ ରାଜା ନ୍ୟାୟବାନ୍, ବୁଦ୍ଧିମାନ, କୌଶଳୀ ଓ ଲୋକପ୍ରିୟ ଥିଲେ । ତାଙ୍କ ପାଖକୁ ସରବରାକାର, ପ୍ରଜା, ଧନୀ, ଗରିବ ଯେ ଯେଉଁ ସମୟରେ ଦୁଃଖ ଜଣାଇବାକୁ, ଦେଖା କରିବାକୁ ବା କିଛି ଆପତ୍ତି କରିବାକୁ ଆସୁଥିଲେ, ସେ ତତ୍‌କ୍ଷଣାତ୍ ତାହାର କାମ କରି ଦେଉଥିଲେ । ସେ ମନେ କରୁଥିଲେ ପ୍ରଜା ରାଜାଙ୍କ ସହିତ କଥୋପକଥନ କଲେ ସ୍ୱର୍ଗସୁଖ ଅନୁଭବ କରନ୍ତି, କାରଣ ଏଦେଶର ଲୋକେ ଅଶିକ୍ଷିତ । ଏମାନେ ରାଜାଙ୍କୁ ଦେବତା ପରି ମନେ କରନ୍ତି ।

ସେ ପ୍ରତିଦିନ ପୁରାତନ ହିନ୍ଦୁଶାସ୍ତ୍ର ମହାଭାରତ ଶୁଣୁଥିଲେ ଓ ସେହି ଅନୁସାରେ ରାଜ୍ୟ ଶାସନ କରୁଥିଲେ । ସେ ପ୍ରତିଦିନ ରାଜ୍ୟର ସବୁ ବିଷୟ ଜାଣୁଥିଲେ ଏବଂ ପ୍ରଜାଙ୍କ ଅବସ୍ଥା ଶୁଣୁଥିଲେ । ସେ କର୍ମଚାରୀ ପ୍ରଭୃତି ସମସ୍ତଙ୍କୁ ବିଶ୍ୱାସ କରୁଥିଲେ । ସର୍ବସାଧାରଣଙ୍କ ସହିତ ସାଧାରଣ ଭାବରେ ଚଳୁଥିଲେ । ମାତ୍ର ଅନ୍ତଃକରଣରେ କାହାରିକୁ ବିଶ୍ୱାସ କରୁନଥିଲେ । ସେ ପାଖରେ ଅନେକ ବୁଦ୍ଧବାନ୍, କାର୍ଯ୍ୟଦକ୍ଷ, ସତ୍ୟ ବକ୍ତା ଲୋକ ରଖୁଥିଲେ । ସେମାନଙ୍କୁ ଗୁପ୍ତଚର କାର୍ଯ୍ୟରେ ଲଗାଉଥିଲେ । ସେମାନଙ୍କୁ ଗୁପ୍ତଭାବେ ରାଜ୍ୟ ମଧ୍ୟକୁ ପଠାଇ କର୍ମଚାରୀ ବା ଧନୀଲୋକ କି ଖଟୁଆ ପ୍ରଭୃତିଙ୍କ ଦ୍ୱରା ପ୍ରଜା କିପରି ପୀଡା ପାଉଛନ୍ତି ଜାଣୁଥିଲେ ଏବଂ ତହିଁରେ ପ୍ରତିକାର ଅବିଳମ୍ବେ କରାଉଥିଲେ । ବଡ ବଡ ମୋକଦମାରେ କର୍ମଚାରୀ ପ୍ରଭୃତିଙ୍କ ତଦାରଖ ରିପୋର୍ଟ ଦେବା ପୂର୍ବରୁ ଗୁପ୍ତଚର ପଠାଇ ମୋକଦମାର ସମୁଦାୟ

Digitized by PPRACHIN, SOA

ହାଲ ଜାଣୁଥିଲେ । ମୋକଦମା ବିଚାରବେଳେ ପ୍ରକୃତ ବିଷୟର ଉଚିତ ଅର୍ଡର ଦେଉଥିଲେ ।

କେହି କିଛି ଟଙ୍କା ରିସବତ୍ ଖାଇଥିଲେ ଶାସନ କାର୍ଯ୍ୟ ଦୁର୍ଗମ ହେବ ବୋଲି କାଗଜରେ କିଛି କରୁ ନଥିଲେ । ମାତ୍ର ଏପରି କୌଶଳ କରୁଥିଲେ କିଛିଦିନ ପରେ ରିସବତ୍ ଦ୍ୱିଗୁଣ ଆଦାୟ ହେଉଥିଲା । ରାଜା ନିୟମିତ ଭାବେ କଚେରୀ କରୁଥିଲେ । ତାଙ୍କ ପାଖରେ ଯେ ସରଳ ଭାବରେ ସତ କହୁଥିଲା ତାହାର ଦଣ୍ଡ କମାଇ ଦେଉଥିଲେ । ଯେ ମିଥ୍ୟା କହୁଥିଲା ତାହାର ଦଣ୍ଡ ବଢ଼ାଇ ଦେଉଥିଲେ । ପ୍ରକୃତ ବିଷୟ ନ ଜାଣିବା ପର୍ଯ୍ୟନ୍ତ ସେ ଦଣ୍ଡ ବା କ୍ଷମା ଦେଉ ନଥିଲେ ।

କୌଣସି ଲୋକ ବିଶେଷ ଧନୀ ହେଲେ କାଳେ ସେ ରାଜାଙ୍କୁ ଧନବଳରେ ଖାତିର ନକରିବ ଏଥି ସକାଶେ ତାର ଧନବଳ କମାଇ ଦେଉଥିଲେ । କେହି ଲୋକ ଦରିଦ୍ର ହେଲେ ତାର ଦରିଦ୍ରାବସ୍ଥା ଦୂର କରୁଥିଲେ । କେହି ଶରଣାର୍ଥୀ ଆସିଲେ ତାଙ୍କୁ ଆଶ୍ରୟ ଦେଇ ରଖୁଥିଲେ । ତାଙ୍କର ଏହି ସବୁ ଭଲ ଗୁଣ ନେଇ ତାଙ୍କୁ ଦେଖିଥିବା ଓ ତାଙ୍କ ବିଷୟ ଶୁଣିଥିବା ପ୍ରଜାମାନେ ତାଙ୍କୁ ଭୁଲି ନାହାନ୍ତି ।

ସେ ରାଜ୍ୟ ପାଇବା କେତେ ଦିନ ପୁର୍ବରୁ ବାଙ୍କୀ ଓ ଅନୁଗୁଳ ଖାସ୍ ହୋଇଥିଲା । ସେ ସମୟରେ ଛତିଶାନିଯୋଗଙ୍କର ଟଙ୍କା ଦରମା ଥିଲା । ସେ ସବୁ ଚାକର ମାନଙ୍କର ଦରମା ପାଇଁ ଦାମୋଦର ରାଏଗୁରୁ ଦେଓ୍ୟାନଙ୍କ ଦ୍ୱରା ଜମି ଖଞ୍ଜିଥିଲେ । ତାଙ୍କ ମନରେ ଧାରଣା ଥିଲା କୌଣସି ସମୟରେ ଷ୍ଟେଟ ଚାଲିଗଲେ ରାଜା ତରଫ ଦେବୋତ୍ତର ଖଏରାତ, ଭିତରତଳ, ଚାକରାନରେ ରାଜା ସ୍ୱଛଳରେ ଚଳି ପାରିବେ ।

ତାଙ୍କ ରାଜତ୍ୱ କାଳରେ ପ୍ରଥମେ ଦାମୋଦର ରାଏଗୁରୁ, ଦ୍ୱିତୀୟରେ ଗୌରାଙ୍ଗ ପୃଥ୍ୱୀ ସିଂହ, ତାପରେ ନିତ୍ୟାନନ୍ଦ କ୍ଷତ୍ରିବର ସିଂହ ଦେଓ୍ୟାନ ଥିଲେ । ଏମାନେ ରାଜକାର୍ଯ୍ୟ ଭଲଭାବରେ ଚଳାଇ ପାରୁଥିଲେ । ଏହାଙ୍କ ରାଜତ୍ୱ କାଳରେ ରେଭେନ୍‌ସା ସାହେବ ଅନେକ ବର୍ଷ କଟକରେ କମିଶନର ଥିଲେ । ସେ ବର୍ଷେ ଶୀତକାଳିନ ଗସ୍ତରେ ଆସିଥିଲେ । ରାଜାଙ୍କୁ କହିଲେ, "ରାଜା

Digitized by PPRACHIN, SOA

ସାହେବ ! ମୁଁ ଅନେକ ଗଡ଼ଜାତ ବୁଲି ଯେଉଁ ରାଜାଙ୍କର ଯାହା ଉତ୍କୃଷ୍ଟ ସମ୍ପତ୍ତି ରଖିଛନ୍ତି ଦେଖି ଆସିଲି । ଆପଣ କଅଣ ଉତ୍କୃଷ୍ଟ ସମ୍ପତ୍ତି ରଖିଛନ୍ତି ଦେଖିବାକୁ ଚାହେ ।" ରାଜା ଦେଖାଇବାକୁ କହିଲେ ।

ଇନ୍‌ସ୍‌ପେକ୍‌ସନ୍ ସରିଲା । ବାଡିଘର ଅଗଣାରେ ଏକ ରଙ୍ଗମହଲ ଘର ସଜାଇ ନାଚ ଖାନା କରାଇଲେ । ବ୍ରାହ୍ମଣ, କରଣ, ଭଦ୍ରଲୋକ, ସରବରାକାର ମାନଙ୍କୁ ବସାଇଦେଲେ । ସାହେବ ଆସି ନାଚଖାନା ଦେଖିଲେ । ରାଜା କହିଲେ, "ସାହେବ, ମୋହର ରାଜ୍ୟ ସାନ ଓ ଖର୍ଚ୍ଚ ବେଶୀ । ଆପଣଙ୍କୁ ଦେଖାଇବା ଭଳି ମୋର କିଛି ନାହିଁ । ମୋର ଏହି ପ୍ରଜାମାନେ ଉତ୍କୃଷ୍ଟ ସମ୍ପତ୍ତି । ମୋର ଅଭାବ ହେଲେ ମୁଁ ଏମାନଙ୍କ ଠାରୁ ଆଣେ ଓ ଏମାନଙ୍କର ଅଭାବ ହେଲେ ମୁଁ ଦିଏ ।" ସାହେବ ଭାରି ଖୁସି ହୋଇ କହିଲେ "ମୁଁ ଏ ସମ୍ପତ୍ତି ଅନ୍ୟ କେଉଁଠାରେ ଦେଖିନାହିଁ" ।

ଏହାଙ୍କ ରାଜତ୍ୱକାଳରେ ଭର୍ଣ୍ଣାକୁଲାର ସ୍କୁଲ, ସଦରଥାନା, ସଂସ୍କୃତ ଟୋଲ, ବୋଲଗଡ଼ ରୋଡ, ଡାକ୍ତରଖାନା, ସ୍ୱପ୍ନେଶ୍ୱର ଦେବଙ୍କ ପଡିଶା କୋଠି ଗୁଣ୍ଡିଚାମଣ୍ଡପ ହୋଇଥିଲା । ଦଶପଲା ରୋଡ଼ ଲାଇନ ହୋଇଥିଲା । ଏ ରାଜା ଇଉରୋପୀୟ ମାନଙ୍କ ସହିତ ୟୁରୋପୀୟ ପରି କଟକ ପ୍ରଭୃତିରେ ପ୍ରଧାନ ଲୋକ ମାନଙ୍କ ସହିତ ବନ୍ଧୁ ପରି ଚଳୁଥିଲେ । ଗର୍ବ ତାଙ୍କୁ ସ୍ପର୍ଶ କରିନଥିଲା । ସେ ହିନ୍ଦୁ ଧର୍ମରେ ନୈଷ୍ଠିକ ଓ ରାଜଭୋଗରେ ବିଳାସୀ ଥିଲେ । ଭୋଜନ, ଶୟନ, ବାହ୍ୟ କ୍ରିୟା ଛଡା ସବୁ ସମୟ ତାଙ୍କର ରାଜକାର୍ଯ୍ୟରେ ଯାଉଥିଲା । ସେ ଅନେକ ମୋକଦମା ମୌଖିକରେ ନିଷ୍ପତ୍ତି କରୁଥିଲେ ।

୧୮. ପାର୍ଶ୍ୱବର୍ତ୍ତୀ ରାଜ୍ୟ ସହିତ ସରହଦ ନିଷ୍ପତ୍ତି

ପ୍ରତ୍ୟେକ ଜାତିର ଲୋକଙ୍କୁ ସେମାନଙ୍କ ଜାତିର କୌଳିକ ବିଦ୍ୟାରେ ଉନ୍ନତ କରାଇଥିଲେ । ରାଜା ଲଡୁକିଶୋର ସିହଙ୍କ ସମୟରେ ନୟାଗଡର ରଣପୁର ସରହଦ ଉତ୍ତରାର୍ଦ୍ଧ ନିଷ୍ପତ୍ତି ହୋଇ ମିଳିଗାଡ ହୋଇଥିଲା । ଘୁମୁସର ନୟାଗଡ ସରହଦ ଠିକ୍ ହେବା ସମୟରେ ନୟାଗଡକୁ ଅନେକ ଆବାଦି ଅନାବାଦି ଜମି ଓ ଜଙ୍ଗଲ ଆସିଥିଲା । ଲାଉଖାନା ନାମକ ଏକ ମଉଜା

Digitized by PPRACHIN, SOA

ଆସିଥିଲା । ତାକୁ ନୟାଗଡ ତରଫରୁ ନରସିଂହ ପ୍ରସାଦ ନାମ ଦିଆ ଯାଇଅଛି । ଯେଉଁ ଅନାବାଦି ଜମି ଆସିଥିଲା ସେଥିରେ "ମହେଶ୍ୱର ପୁର" "ଭଗବତୀ ପ୍ରସାଦ" ମଉଜା ବସତି ହୋଇଥିଲା । ନୟାଗଡ ଖଣ୍ଡପଡା ସରହଦ ପଶ୍ଚିମରେ କୃଷ୍ଣ ପ୍ରସାଦ ଠାରୁ ପୂର୍ବର ରାସୋଳ ମୁଣ୍ଡିଆ ପର୍ଯ୍ୟନ୍ତ ସରହଦ ଠିକ୍ ହେବା ସମୟରେ ଗୋଳମାଳ ହେବାରୁ ସେ ଗୋଳମାଳ ନିଷ୍ପତ୍ତି କରିବାକୁ ଗଡଜାତର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ବାବୁ ନନ୍ଦ କିଶୋର ଦାଶ ଆସିଥିଲେ । ନୟାଗଡ, ଖଣ୍ଡପଡା, ଦଶପଲା ତିସିମାଳି ଜାଗାରେ କ୍ୟାମ୍ପ ହୋଇଥିଲା । ନୟାଗଡ଼, ଖଣ୍ଡପଡା, ଦଶପଲା ରାଜାମାନେ ଥିଲେ । ନୟାଗଡ, ଖଣ୍ଡପଡା ରାଜାମାନେ ଦଶପଲା ରାଜାଙ୍କୁ ଭଦ୍ରଲୋକ (Arbitrator) ମାନି ସେ ଯାହା କରିଦେବେ ସେଥିରେ ଉଭୟ ରାଜା ରାଜି ହୋଇ ଏଗ୍ରୀମେଣ୍ଟ ଲେଖି ଦେଇଥିଲେ । ସେଥିରେ ଖଣ୍ଡପଡା ତରଫରୁ ଏକ ମାଇଲ ଓସାର ପନ୍ଦରମାଇଲ ଲମ୍ବ ଜଙ୍ଗଲ ପାହାଡ ଓ କରଡିଆ ନାମକ ଏକ କନ୍ଧପଲ୍ଲୀ ନୟାଗଡ ତରଫକୁ ଆସିଥିଲା । ରାଜଗିରି ପାହାଡ଼ର ଚକୁଳିଖାଇ ଶୃଙ୍ଗ ପର୍ଯ୍ୟନ୍ତ ନୟାଗଡରେ ହୋଇଥିଲା । ଦଶପଲ୍ଲା ରାଜା ଯାହା କରିଦେଲେ ସେଥିରେ ଉଭୟ ରାଜା ମଞ୍ଜୁର କଲେ ସୁଦ୍ଧା ଖଣ୍ଡପଡା ରାଜା ଅସନ୍ତୋଷ ହୋଇଥିଲେ ।

୧୯. ଖଣ୍ଡପଡ଼ା ସହିତ ସମ୍ପର୍କ

ରାଜା ଲଡୁକିଶୋର ସିଂହ ରାଜିରି ସମୟକୁ ଖଣ୍ଡପଡାରେ କୁଞ୍ଜବିହାରୀ ସିଂହ ରାଜା ଥିଲେ । ରାଜଭ୍ରାତା ନଟବର ସିଂହ ରାଜାଙ୍କ ସହିତ ମନାନ୍ତର ହୋଇ ନୟାଗଡକୁ ପଳାଇଆସିଲେ । ତାଙ୍କୁ ଖାଖି ମଠରେ ରଖାଯାଇ ତାଙ୍କ ଚଳିବା ମତେ ସବୁ ଦିଆ ଯାଇଥିଲା । ସେ ଆଠ ବର୍ଷ ରହିଥିଲେ । ଆଠବର୍ଷ ପରେ ରାଜା କୁଞ୍ଜ ବିହାରୀ ସିଂହ ମରିଯିବାରୁ ତାଙ୍କର ରାଣୀ ଅନ୍ତର ପୁତ୍ର ରଘୁନାଥ ଦାସଙ୍କୁ ରାଜା କରିବାକୁ ଚେଷ୍ଟା କରୁଥିଲେ । ଦେଓ୍ୟାନ କୃପାସିନ୍ଧୁ ଛୋଟରାୟ ତାହା ବନ୍ଦ କରି ନଟବର ସିଂହଙ୍କୁ ଏଠାରୁ (ନୟାଗଡ)ରୁ ନେଇ ରାଜା କଲେ । ନଟବର ସିଂହ ରାଜା ହେବାରୁ ରାଜା କୁଞ୍ଜବିହାରୀ

Digitized by PPRACHIN, SOA

ସିଂହଙ୍କ ରାଣୀ ଅନ୍ତର ପୁତ୍ର ରଘୁନାଥ ଦାସ ଓ ଲକ୍ଷ୍ମଣ ଦାସଙ୍କୁ ନେଇ ନୟାଗଡ ରାଜାବାଟୀକୁ ପଳାଇ ଆସିଥିଲେ । ସେ ଚଳିବା ପାଇଁ ତାଙ୍କୁ ସବୁ ଦିଆ ଯାଇଥିଲା । ବୃଦ୍ଧା ସମୟକୁ ପୁରୀ ଚାଲିଯାଇ ସେଠାରେ ମରିଗଲେ । ସେ ଖଣ୍ଡପଡାରୁ ଖଞ୍ଜା ପାଇବା ସକାଶେ କମିଶନର ସାହେବଙ୍କ ପାଖରେ ଦରଖାସ୍ତ ଦେଇଥିଲେ ।

ସେଥିରେ ରାଜା ନଟବର ସିଂହ କହିଲେ, "ରାଣୀ ଖଣ୍ଡପଡା ରାଜବାଟୀରେ ରହିଲେ ପୁରା ଖଞ୍ଜା ଦେବେ, ପୁରୀରେ ରହିଲେ ଅଧା ଖଞ୍ଜାଦେବେ । ନୟାଗଡରେ ରହିଲେ କିଛି ଦେବେ ନାହିଁ" । ଖଣ୍ଡପଡାରୁ କିଛି ପାଇଲେ ନାହିଁ । ଅନ୍ତର ପୁତ୍ର ରଘୁନାଥ ଦାସଙ୍କ ପୁତ୍ର ବାଞ୍ଛାନିଧି ଦାସ ମହିପୁର ପ୍ରଗନା ଭିରୁଡା ମଉଜାରେ ରହି ଟ୍ରେଜରୀରୁ ଖୋରାକ ସକାଶେ କେତେ ଟଙ୍କା ପାଉଛନ୍ତି । ଲକ୍ଷ୍ମଣ ଦାସ ସୁନାମୁହିଁ ଜିଲା ହଂସପଡା ମଉଜାରୁ ଆଠପଣ ଓ କଦଳୀବନ୍ଧ ମଉଜା ପାଇଥିଲେ । ସେହିଦିନଠାରୁ ରାଜା ନଟବର ସିଂହ ନୟାଗଡ ରାଜାଙ୍କ ଉପରେ ବିରକ୍ତ ଥିଲେ ।

୨୦ ଦଶପଲା ସହିତ ସମ୍ପର୍କ

ରାଜା ଲଡୁକିଶୋର ସିଂହଙ୍କ ସମୟରେ ଦଶପଲାରେ ଚୈତନ୍ୟ ଭଞ୍ଜ ରାଜାଥିଲେ । ସେ ଭଲ ବଂଶ ଭଞ୍ଜ ବୋଲି ଜାତିଗର୍ବ କରୁଥିଲେ । ରାଜା ଲଡୁକିଶୋର ସିଂହ କାହାରି ଗର୍ବ ସହିପାରନ୍ତି ନାହିଁ । ସେ ଦଶପଲା ରାଜାଙ୍କ ନାତି ନିଳକଣ୍ଠ ଭଞ୍ଜଙ୍କୁ କୌଶଳରେ ଆୟତ୍ତ କରି ତାଙ୍କର ଝିଅ ଶ୍ରୀମତୀ ମାଳି ଦେଇଙ୍କ ଆଣି ନରେନ୍ଦ୍ରଙ୍କ ଘର ଠାରେ ରଖି ବିବାହ ହୋଇଥିଲେ । ଏଠାରୁ (ନୟାଗଡରୁ) ଗୁପ୍ତ ଭାବରେ ସବାରି ଗଲା । ଦଶପଲା ରାଜା ଶୟନ କଲା ପରେ ରାତି ଅଧରେ ସବାରି ରାଜବାଟୀ ବାରିତରଫ ବାଟରେ କନ୍ୟାକୁ ନେଇ ଆସିଲା । ରାତ୍ରି ଶେଷ ସମୟକୁ ସବାରି ନୟାଗଡ ସୀମା ଭିତରକୁ ଆସିଗଲା ।

ସାଙ୍ଗେ ସାଙ୍ଗେ କନ୍ୟାପିତା ନିଳକଣ୍ଠ ଭଞ୍ଜ ଓ ଭାଇ ବୈଷ୍ଣବ ଦେଓ ବାହାରି ଆସିଲେ । ଦଶପଲା ରାଜା ବଡ଼ ଲଜ୍ଜିତ ହେଲେ । ଏଠାରେ ଶ୍ୱଶୁର

Digitized by PPRACHIN, SOA

ଓ ଶଳାଙ୍କୁ ଦୁଇଖଣ୍ଡ ମଉଜା ଦିଆଯାଇ ରଖାଗଲା । ତିନିବର୍ଷ ପରେ ରାଜା ଚିଠି ଲେଖି ସେମାନଙ୍କୁ ପଠାଇଦେଲେ ।

୨୧. ରାଜ୍ୟ ଶାସନ

ରାଜା ଲଡୁକିଶୋର ସିଂହଙ୍କ ରାଜିରି ସମୟକୁ ମାହାଲ ଜମା ଟ୩୬୦୦୦ଙ୍କା ଥିଲା । ସେ ସରସରି ବସଣି ଟ୧ରେ ଚାରିଅଣା ବୃଦ୍ଧି କରି ଟ ୪୫୦୦୦ଙ୍କା କରିଥିଲେ । ଜଙ୍ଗଲ କର ବା କାଠ ପାସ ଖଜଣା ଉପରେ ନିଆ ଯାଉଥିଲା । ପ୍ରତି ହଳକୁ ଆଠ ଅଣା, ଅଧ ହଳକୁ ଚାରିଅଣା, ଯାହାର ହଳ ନାହିଁ ପ୍ରତି ଘରକୁ ଚାରିଅଣା ଝୁରି ଆଦାୟ ଦେଇଥିଲା । କାଠ ବିକ୍ରୀ ସହିତ ଜଙ୍ଗଲ ଆୟ ଟ ୨୫୦୦୦/- ଙ୍କା ଓ ଅନ୍ୟାନ୍ୟ ଆୟ ସହିତ ଟ୧୦୦,୦୦୦/- ଆଦାୟ ହେଉଥିଲା । ନୟାଗଡ ବନ୍ଦୋବସ୍ତ କରି ହାତିଧାନ ସଞ୍ଜା ପ୍ରଭୃତି ଖଞ୍ଜା ଯାଇଥିଲା । ଘୋଡା ଦାନା ମାଳ କନ୍ଧମାନେ ଦେଉଥିଲେ ।

ବଡମ୍ବା ଷ୍ଟେଟ କୋର୍ଟ ଅଫ ଓ୍ୟାର୍ଡସ ହେବାରୁ ସେ ଷ୍ଟେଟର ୫ଟି ହାତୀ ଓ ୨୦ଟି ଘୋଡା ନିଲାମରେ ଖରିଦ କରିଥିଲେ । ବନାରସ ମହାଜନଙ୍କ ଠାରୁ ରୁପା ଚୌକି, ରୁପା ହାଉଦା, ରୂପା ରମଦାନି, ୫ ବଡ଼ ବଡ଼ ଗାଲିଚା, ବଡ ଚାନ୍ଦୁଆ, ବାସନ ପ୍ରଭୃତି ଖରିଦ କରିଥିଲେ । ସେ ସମୟରେ ଜଗଦେବ ସାମନ୍ତ ମାନେଜର, ଗୌରାଙ୍ଗ ପୃଥ୍ୱୀ ସିଂହ ଦେଓ୍ୟାନ, ପଦ୍ମନାଭ ଛୋଟରା ନାଏବ ଦେଓ୍ୟାନ୍ ଥିଲେ । ମାତ୍ର ସମସ୍ତେ ଦେଓ୍ୟାନ ଠାରୁ ଛୋଟ ଚାକର ପର୍ଯ୍ୟନ୍ତ କେହିଦରମା ପାଉ ନଥିଲେ । ସମସ୍ତେ ଜାଗ୍ରୀ ମଉଜା ଓ ଜାଗ୍ରୀ ଜମି ଉପରେ କାର୍ଯ୍ୟ କରୁଥିଲେ । ମହାଜନ ଟଙ୍କା ଆଦାୟ ସକାଶେ କୋର୍ଟଫିସ୍ ସୃଷ୍ଟି ହୋଇଥିଲା । ସାଦା କାଗଜରେ ସବୁ ପ୍ରକାର ଦରଖାସ୍ତ ନିଆ ଯାଉଥିଲା । ସେ ସମୟରେ ବନ କର, ଚରାଉ କର, ଡାକ୍ତରଖାନା, ସ୍କୁଲ ଫିସ୍ ପ୍ରଭୃତି ନଥିଲା । ଦ୍ୱିତୀୟା ଓଷା, ଛାଡ ଖାଇ, ଶ୍ରାଦ୍ଧ, ସ୍ୱନକ୍ଷତ୍ର ଭାର, ବେଠି ଓ ବେଠି ଗାଡି ଆଦାୟ ହେଉଥିଲା । ରାଜା ଲଡୁକିଶୋର ସିଂହାସନ ୧୮୭୮ ଓ ୧୮୮୫ ମସିହା ମାନଙ୍କରେ ଦୁଇଥର ତୀର୍ଥଟନ ବା ଭାରତ ପର୍ଯ୍ୟଟନ କରିଥିଲେ । ଶେଷଥର ସାନ ରାଣୀଙ୍କୁ ସାଙ୍ଗରେ ନେଇ ଯାଇଥିଲେ ।

Digitized by PPRACHIN, SOA

ଏରାଜା ଗୋପାଳ ଚନ୍ଦ୍ର ସାମନ୍ତରାଙ୍କୁ ସନ ୧୮୮୪ ମସିହାରେ ମାସିକ ଟ୬୦ଙ୍କା ବେତନରେ ତହସିଲଦାର କରି ଆଣିଥିଲେ । ଟାଉନର ଦକ୍ଷଣ ପାର୍ଶ୍ୱର୍ବରେ ରୁଖି ମୁଣ୍ଡିଆର ପାଦ ଦେଶରେ ରାଜବାଟି ତିଆର କରି ବର୍ଷର ଅନେକ ସମୟ ସେଠାରେ ରହୁଥିଲେ । ଗ୍ରୀଷ୍ମକାଳରେ ଜୟପୁର, ତୁଳସୀପୁର ଭାଟସାହି, ନବଘନପୁର ମଉଜା ପ୍ରଜା ଜଳ ଯୋଗାଉଥିଲେ ।

ପ୍ରଥମ ଥର ତୀର୍ଥାଟନରେ ଗୌରାଙ୍ଗ ପୃଥ୍ୱୀ ସିଂହ ଦେଓ୍ୟାନ ମରିଯିବାରୁ ନିତ୍ୟାନନ୍ଦ କ୍ଷେତ୍ରିବର ସିଂହ ଦେଓ୍ୟାନ ହେଲେ । ଏ ରାଜାଙ୍କ ଶେଷ ସମୟରେ ଶ୍ରୀ ରଘୁନାଥ ଜିଉଙ୍କୁ ପ୍ରତିଷ୍ଠିତ କରିଥିଲେ ସୁଦ୍ଧା ଭୋଗ ଖଞ୍ଜା କରିପାରିନଥିଲେ । ଏହି ରାଜା ନିଜ ନାମରେ ପାଣ ହାଣ୍ଡିଆ ଲଡୁକିଶୋରପୁର, କୁମ୍ଭାରିଆ ଲଡୁକିଶୋର ପୁର, କୁରୁଡା ଲଡୁକିଶୋର ପୁର, ଡିଆଁପଡା ବିଯେମାନ୍ଧାତାପୁର ଓ ବଡରାଣୀଙ୍କ ନାମରେ ଘସାଦେଇ ପୁର ବ୍ରାହ୍ମଣ ଶାସନ ବସାଇଥିଲେ । ଅନେକ ଶୁଦ୍ର ମଉଜା ବସାଇଥିଲେ । ଅନେକ କୂପ ଓ ପୁଷ୍କରିଣୀ କରାଇ ଥିଲେ । ଏ ରାଜା ଜଣେ ପ୍ରଧାନ ଦାତା ଥିଲେ ।

ସ୍ୱଦେଶୀ କି ବିଦେଶୀ କେହିଲୋକ ଏହାଙ୍କ ଉପରେ ଅସନ୍ତୁଷ୍ଟ ନଥିଲେ । ରୁଖିପାହାଡ ଉପରେ ହୋଇଥିବା ରାଜବାଟିର ଭଗ୍ନାବିଶେଷ ଏବେ ବିଦ୍ୟମାନ ଅଛି । ସେ ବଡ଼ରାଣୀଙ୍କର ଖମାର ଚାରିଗୋଟି, ଟ୪୦୦୦ଙ୍କା ଅସୁଲିର ମଉଜ ମହଲେ ମଉଜା ଓ ଅନେକ ଫୁଟକର ଜମି ଓ ଅନେକ ବଗାଏତ ଦେଇଥିଲେ । ସାନ ରାଣୀଙ୍କୁ ଟ୩୦୦୦ଙ୍କା ଅସୁଲିର ମଉଜ ମହଲ ମଉଜା, ଫୁଟକର ଜମି ଓ ବଗାଏତ ଦେଇଥିଲେ ।

ସନ ୧୮୮୬ ମସିହା ମାଘମାସ କୃଷ୍ଣ ଦଶମୀଦିନ ଜଗଦେବ ସାମନ୍ତଙ୍କର ବିୟୋଗ ହୋଇଥିଲା । ସନ ୧୮୮୭ ମସିହା ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ଦିନ ବଡ ରାଣୀଙ୍କର ବିୟୋଗ ହୋଇଥିଲା । ସେ ବଡ ଉପଯୁକ୍ତ ରାଣୀ ଥିଲେ । ରାଜା ପ୍ରତ୍ୟେକ ବିଷୟ ବଡ଼ରାଣୀଙ୍କ ପରାମର୍ଶରେ କରୁଥିଲେ । ସମୁଦାୟ ଡୋମେଷ୍ଟିକ (Domestic) ଓ ଦେବୋତ୍ତର, ଖଏରାତ ତାଙ୍କ ହୁକୁମ ମତେ ଚଳୁଥିଲା ।

Digitized by PPRACHIN, SOA

ପାଟ ମହାଦେଈ ଙ୍କ ବିୟୋଗ ପରେ ସାନରାଣୀ ପାଟମହାଦେଈ ହେଲେ । ଯେ ପାଟ ମହାଦେଈ ହୁଅନ୍ତି, ପାଟମହାଦେଈ ହେବା ସମୟରେ ନନ୍ଦିଘୋର ରଏତି ବାଡ଼ମଉଜା ପାଆନ୍ତି । ଏଥି ସକାଶେ ସେ ମଉଜାକୁ ବନ୍ଦାଣ ମଉଜା ବୋଲାଯାଏ । ସେ ମଉଜା ଛଡା ବାକୀ ଖଞ୍ଜା ଚ଼ନ୍ଦ୍ରମାଳି ଯେମା ସାମନ୍ତ ପାଇଲେ ।

ଏ ରାଜାଙ୍କ ସମୟରେ ଧନୀ ଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ ମହା ସୁଖରେ ଥିଲେ । କାହାକୁ ଖାଇବା ପିନ୍ଧିବା ଅଭାବ ନଥିଲା କି କରପୀଡା ନଥିଲା । ଏ ରାଜାଙ୍କ ସମୟରେ ଯଦୁ ମାନସିଂହ ନାମରେ ଜଣେ କ୍ଷତ୍ରିୟାନ୍ତର ଥିଲେ । ସେ ରାଜାଙ୍କର ରୂପାର ପାନବଟା ଚୋରି କରିଥିଲେ । କେତେଦିନ ପରେ ଧରା ପଡିବାରୁ ରାଜା ବିଚାର କରିଥିଲେ । ଏହା ହୁକୁମ ହେଲା ତୁମ୍ଭେ ଆମ୍ଭର ପ୍ରିୟ ପଦାର୍ଥଟି ଚୋରି କରି ଭାଙ୍ଗିଦେଇଥିବାରୁ ତୁମ୍ଭକୁ ବୈଠକ ଖାନା ଆସିବା ମନା କରାହେଲା । ତୁମ୍ଭ ପେଟକୁ ଅନାଟନ ହେବାରୁ ଚୋରି କଲ । ଏଣୁ ତୁମ୍ଭେ ପ୍ରତିମାସ ଟ୍ରେଜରୀରୁ ଟ୫/- ଲେଖାଏଁ ନେଉଥିବ । ରାଜ୍ୟର ପ୍ରଜାମାନେ ପରିବାର ଓ ସେ ଗୃହସ୍ଥ ବୋଲି ମନେ କରୁଥିଲେ । ରାୟ ବାହାଦୁର ରାଧାନାଥ ରାୟ ତାଙ୍କ ରଚିତ 'ମହାଯାତ୍ରା' ରେ ଲେଖଛନ୍ତି ।

ତୁମ୍ଭ ପୂର୍ବ ବଂଶ ଘର ମଉଜାର
ରାଜ୍ୟ ମଣୁଥିଲେ ଏକ ପରିବାର

ଏରାଜା ଯେପରି ରୂପବାନ, ସେପରି ଗୁଣବାନ ଥିଲେ । ତା ୩୧.୩.୧୮୮୯ ମସିହାରେ କଟକ ମୁକାମରେ ୪୯ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ । ଶୋକ ସମ୍ବାଦ ଅଶ୍ୱାରୋହୀ ଯୋଗେ ତା ୨.୪.୮୯ରେ ପ୍ରାପ୍ତ ହୋଇ ଦେଓ୍ୱାନ ଲଡୁକିଶୋର ସିଂହଙ୍କର ସାନ ଭାଇ ବୈଦ୍ୟନାଥ ସିଂହଙ୍କ ପୁତ୍ର ବଳଭଦ୍ର ସିଂହଙ୍କୁ ରାଜା କଲେ ।

୨୨. ୨୩ଶ ରାଜା ବଳଭଦ୍ର ସିଂହ

ଏ ରାଜା ଅଳ୍ପାୟୁ ବୋଲି ଲଡୁକିଶୋର ସିଂହ ପୂର୍ବରୁ ଜ୍ୟୋତିର୍ବିଦ୍ ପଣ୍ଡିତ ମାନଙ୍କ ଠାରୁ ଜାଣିଥିଲେ । ସେଥିପାଇଁ ରାଜାଙ୍କ ଅନ୍ତେ ଚନ୍ଦମାଳି ଯେମା

Digitized by PPRACHIN, SOA

ସାମନ୍ତ ରାଜ୍ୟ ପାଇବେ ବୋଲି ଲେଖିଦେଇ ଯାଇଥିଲେ । ଦେଓ୍ୟାନଙ୍କ କଥାକୁ ସମସ୍ତେ ଖାତର କରନ୍ତି । ସେ ଯେମା ସାମନ୍ତଙ୍କୁ ବୁଝାଇ ବଳଭଦ୍ର ସିଂହଙ୍କୁ ରାଜା କରିଥିଲେ । ରାଜା ହେବା ବେଳକୁ ବଳଭଦ୍ର ସିଂହଙ୍କ ବୟସ ବ ୨୨ବର୍ଷ ଥିଲା ।

ଶୁଦ୍ଧଘର ପରେ ସେ କଟକ ଯାଇ କମିଶନରଙ୍କ ସହିତ ଦେଖା କରି ପୁରା କ୍ଷମତା ପାଇଥିଲେ । ଏ ରାଜା ବିଚକ୍ଷଣ ବୁଦ୍ଧିମାନ ଥିଲେ । ଏହାଙ୍କ ରାଜିରି ବର୍ଷ ଦୁର୍ଭିକ୍ଷ ପଡିଥିଲା । ଏ ପ୍ରଜାମାନଙ୍କୁ ଭଲ ପାଳିଥିଲେ । ଏ ବଡ଼ ଧାର୍ମିକ ଓ ଦାତା ଥିଲେ । ସନ ୧୮୯୦ ମସିହା ମାର୍ଚ୍ଚମାସ ଦଶ ତାରିଖରେ ନିମୋନିଆ ରୋଗରେ ଦେହତ୍ୟାଗ କରିଥିଲେ ।

ରାଜା ବଳଭଦ୍ର ସିଂହ ଅବିବାହିତ ଅବସ୍ଥାରେ ଦେହ ତ୍ୟାଗ କରିଥିଲେ । ରାଜମାତା ଓ ପ୍ରଜାମାନେ ଦେଓ୍ୟାନଙ୍କୁ ରାଜା କରିବାକୁ କହିଲେ । ଦେଓ୍ୟାନ୍ ଅନ୍ତର କ୍ଷତ୍ରିୟ । ରାଜଗାଦୀକୁ ଅନ୍ତର ଗାଦୀ କରିବାକୁ ନାହିଁ କରି ଓ୍ୟାରସ ସୁତ୍ରେ ରଘୁନାଥ ସିଂହଙ୍କୁ ରାଜା କଲେ ।

୨୩ ୨୪ଶ ରାଜା ରଘୁନାଥ ସିଂହ ମାନଧାତା

ରଘୁନାଥ ସିଂହ ରାଜା ହେବାରୁ ଖଣ୍ଡପଡା ରାଜା ନଟବର ସିଂହ ଓ୍ୟାରସ ସୁତ୍ରେ ନୟାଗଡ଼ ପାଇବାକୁ ମକଦମା କଲେ । ଖଣ୍ଡପଡା ରାଜା ମକଦମା କରିବାରୁ ରଘୁନାଥ ସିଂହଙ୍କ ରାଜିରି ସ୍ଥଗିତ ରହି ମୋକଦମା ବିଚାରକୁ ରହିଲା । ଦେଓ୍ୟାନ ଅନେକ ଚେଷ୍ଟାକରି ଅନେକ ଟଙ୍କା ଖର୍ଚ୍ଚ କରିଥିଲେ ।

ଷ୍ଟେଟ୍ ଦେଓ୍ୟାନଙ୍କ ଚାର୍ଯ୍ୟରେ ଥିଲା । ଖଣ୍ଡପଡା ରାଜାଙ୍କର ଆପତ୍ତିର ମର୍ମ ହେଉଛି - ନୟାଗଡ ରାଜାଙ୍କର ଜାତିଆ ସାମନ୍ତ ବ୍ୟକ୍ତି ନାହାନ୍ତି । ରଘୁନାଥ ସିଂହ ବାଣପୁର ଭାଇପୁଅ । ଏଣୁ ଆମ୍ଭେ ଓ୍ୟାରସ ସୁତ୍ରେ ନୟାଗଡ ପାଇବୁ । ଏହା ତଦନ୍ତ (Inquiry) କରିବା ସକାଶେ ବାବୁ ନନ୍ଦ କିଶୋର ଦାସ ଗଡଜାତର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଆସିଥିଲେ । ଖଣ୍ଡପଡା

Digitized by PPRACHIN, SOA

ତରଫରୁ ପଠାଣି ସାମନ୍ତ ଖାସ ପ୍ରମାଣ ଦେଇଥିଲେ । ଯେଉଁ ବଂଶାବଳି ଦାଖଲ କରିଥିଲେ ତାର ନକଲ ଏଥି ସହିତ ଅଛି । ମାସ ୬ ପରେ ଗଭର୍ଣ୍ଣମେଣ୍ଟରୁ ଅର୍ଡର ଆସିଲା ଖଣ୍ଡପଡା ରାଜାଙ୍କ ଆପତ୍ତି ନାମଞ୍ଜୁର କରାଯାଇ ରଘୁନାଥ ସିଂହଙ୍କର ରାଜିରି ମଞ୍ଜୁର ହେଲା ।

ରାଜା ମାସ୬ ପର୍ଯ୍ୟନ୍ତ ପ୍ରତିନିତି ସକାଳୁ ୯ଘଣ୍ଟା ପର୍ଯ୍ୟନ୍ତ ମହାଫିସ ଖାନାକୁ ଯାଇ କେଉଁ ଦରଖାସ୍ତରେ କିପରି ଅର୍ଡର ଦିଆଯାଏ ଏବଂ କେଉଁ ନଥିରେ କିପରି ରାୟ ଦିଆଯାଏ ଦେଖିକରି ସବୁ କାମ କରିଗଲେ । ଏହି ସମୟରେ ରାଜା ରଘୁନାଥ ସିଂହଙ୍କ ପିତା ବ୍ରଜବନ୍ଧୁ ହରିଚନ୍ଦନଙ୍କ ଶ୍ରାଦ୍ଧ ହେଲା । ରାଜା ରାଜାଘର ପୂର୍ବ ପୁରୁଷର ଇଷାଣ ବା ଇଷ୍ଟଦେବତାଙ୍କୁ ପୋଖରୀରେ ପକାଇ ଦେଇ ହରିଚନ୍ଦନ ସାମନ୍ତଙ୍କ ଘର ଇଷାଣ ଆଣି ପୂଜା କଲେ । ଏହା ନେଇ ରାଜା ଲଡୁକିଶୋର ସିଂହଙ୍କ ରାଣୀ ଓ ଯେମା ମାନେ ଗୋଳମାଳ କଲେ ଏବଂ ରାଣୀ ନୟାଗଡରେ କାର୍ଯି ଯୋଗୀ ମଙ୍ଗରାଜ ସହିତ ତାଙ୍କର ଖମାର ଚ଼ଡୟାପଲ୍ଲୀ ମଉଜାକୁ ବାହାରିଗଲେ ଏବଂ ଖଣ୍ଡପଡା ରାଜାଙ୍କ ନିକଟ ଚିଠି ପଠାଇଲେ । ଏଣେ ରାଜା ଶ୍ରାଦ୍ଧ ସାରି ଦେଓ୍ୱାନ ଓ ଭଦ୍ରଲୋଙ୍କ ମାନଙ୍କ ସହିତ ମୁରପଟଣା ତୋଟାରେ କ୍ୟାମ୍ପ କଲେ । ଏଣେ ଖଣ୍ଡପଡା ରାଜା ତାଙ୍କର ଜ୍ଞାତି ନାରାୟଣ ଶ୍ରୀ ଚ଼ନ୍ଦନ ସାମନ୍ତଙ୍କୁ ରାଣୀଙ୍କୁ ନେବାକୁ ପଠାଇଲେ । ସେ ଯେପରି ଶରଣକୁଳ ମୁକାମକୁ ଆସିଲେ ତାଙ୍କୁ ତଡି ଦିଆଗଲା । ସମସ୍ତେ ରାଣୀଙ୍କୁ ରାଜବାଟିକୁ ଆଣିଲେ । କାର୍ଯି ଯୋଗୀ ମଙ୍ଗରାଜକୁ କାର୍ଯିରୁ ବାହାର କରି ଦିଆଗଲା । ଖଞ୍ଜାଦାର ମାନଙ୍କ ଠାରୁ ସେମାନଙ୍କ ଖଞ୍ଜା ଉଠାଇ ଦିଆଯାଇ ତରଫ ଡିପାର୍ଟମେଣ୍ଟ ଖୋଲିଲା । ଖଞ୍ଜାଦାର ମାନଙ୍କ କାର୍ଯିମାନେ ରିପୋର୍ଟ ଦେଇ ତରଫ ଡିପାର୍ଟମେଣ୍ଟରୁ ଟଙ୍କା ଧାନ ନେଲେ । ଆଉ ଖଞ୍ଜା ମଉଜାକୁ ଗଲେ ନାହିଁ ।

ଏହାଙ୍କ ସମୟରେ ଗୋପାଳଚ଼ନ୍ଦ୍ର ସାମନ୍ତରାଏ ତହସିଲଦାରରୁ ମାନେଜର ହେଲେ । ସେ ବଡ ଉଗ୍ର ପ୍ରକୃତିର ଲୋକ ଥିଲେ । ପ୍ରଜାକୁ ବେଜିତ୍ କରୁଥିଲେ । ବେଶୀ ଜରିମାନା କରୁଥିଲେ । ଜରିମାନା ତତ୍କ୍ଷଣାତ

Digitized by PPRACHIN, SOA

ଦାଖଲ ନକଲେ ଜାମିନରେ ନଛାଡି ଜେଲ ପଠାଇଦେଉଥିଲେ । ଅନ୍ୟାନ୍ୟ କାରଣ ଓ ଏହାନେଇ ଏ ରାଜ୍ୟରେ ମେଳି ହୋଇଥିଲା । ସନ ୧୯୨୩ ମସିହାରେ ଆସିଷ୍ଟାଣ୍ଡ ପଲିଟିକାଲ ଏଜେଣ୍ଟ ନୟାଗଡ଼ର ଇତିହାସ ମାଗିଥିବାରୁ ରାୟସାହେବ ଅନିରୁଦ୍ଧ ପଟେଲ ଏହା ନଦେଇ ସନ ୧୮୪୮ ମସିହାଠାରୁ ସଂକ୍ଷିପ୍ତରେ ସେ ସନ ୧୯୨୩ ଅଗଷ୍ଟ ପର୍ଯ୍ୟନ୍ତ ଦେଇଥିଲେ । ସେଥିରେ କ୍ଲର୍କ ଅଫିସରେ ଥିବା ଚିଠିପତ୍ର ଅନୁସାରେ ମେଳି ସଂଖ୍ୟା, ଦର୍ପନାରାୟଣ ବାବୁଙ୍କ ମୋକଦମା ଲେଖା ଥିବାରୁ ତାହାର ମୂଳ ବିଷୟ ଲେଖିବା ଅନୁଚିତ । କେତେକ କାରଣରୁ କୁରୁଡା ଜିଲାରେ ମେଳି ହୋଇଥିଲା । ଏହି ମୋକଦମାରେ ଦେଓ୍ୟାନଙ୍କୁ ବାହାର କରିଦିଆ ଯାଇଥିଲା । ମେଳିଆ ମାନଙ୍କ ଭୟରେ ମାନେଜର ବାବୁ ଲୁଚି କରି ପଳାଇ ଯାଇଥିଲେ । ମେଳି ଭାରି ସାଂଘାତିକ ହୋଇଥିଲା । ମେଳିଆମାନେ ଅନେକ ଲୋକଙ୍କ ମାରି ପକାଇ ଥିଲେ ।

କୁକ୍ (Cook) ସାହେବ କମିଶନର ଭାଗଲପୁର ପୋଲିସ୍ ଓ ଗୁର୍ଖା ସୈନ୍ୟସହ ଆସି କୁରୁଡ଼ା ଜିଲାରେ ମେଳି ଦମନ କରିଥିଲେ । ଅନେକ ଲୋକ ମରିଗଲେ, ଅନେକ ଲୋକ ଘରଛାଡି ଖଣ୍ଡପଡା ଦଶପଲା ପଳାଇଗଲେ । ଅନେକ ଲୋକ ଜେଲଖାନା ଗଲେ । ଅନେକ ଦ୍ୱୀପାନ୍ତର ଗଲେ । ଏ ମେଳି ୧୮୯୨-୯୩ ଓ ୧୮୯୩-୯୪ରେ ହୋଇଥିଲା । ସନ ୧୮୯୪ ମସିହା ଜାନୁଆରୀ ମାସ ୧୬ ତାରିଖରେ କମିଶନର ମେଳି ଶାନ୍ତ କରି ମାନେଜର ଗୋପାଳବାବୁଙ୍କୁ ଡିସ୍‌ମିସ୍ କରି ତାଙ୍କ ସିରସ୍ତାଦାର ଦର୍ପନାରାୟଣ ଦାସଙ୍କୁ ମାନେଜର ମୁକରିର କଲେ । ଖଣ୍ଡପଡା ରାଜା ନଟବର ସିଂହ ଏ ମେଳିରେ ଲିପ୍ତ ଥିବାରୁ ସେ କଟକରେ ମାସ୬ ନଜରବନ୍ଦି ଥିଲେ ଏବଂ ନୟାଗଡର କ୍ଷତିପୂରଣ ସକାଶେ ପାଞ୍ଚହଜାର ଟଙ୍କା ନିଜେ କମିଶନର ଦାଖଲ କରିଥିଲେ ।

ରାଜା ରଘୁନାଥ ସିଂହ ତାଙ୍କର ଭଣଜା ଗୋବିନ୍ଦ ଚନ୍ଦ୍ର ଶୁରଦେଓଙ୍କୁ ପୋଷ୍ୟପୁତ୍ର କରିବା ସକାଶେ କମିଶନର ସାହେବଙ୍କୁ କହିଥିଲେ । ସାହେବ କହିଲେ, "ଆପଣଙ୍କର ବୟସ ଅଛି । ଆପଣ ପୋଷ୍ୟପୁତ୍ର ନକରି ବଡ଼ମ୍ଭା

Digitized by PPRACHIN, SOA

ଷ୍ଟେଟ ରାଜକନ୍ୟାଙ୍କୁ ବିବାହ ହୁଅ । ସନ ୧୮୯୫ ମସିହା ନଭେମ୍ବର ମାସରେ ବଡ଼ମ୍ବା ଷ୍ଟେଟ ରାଜକନ୍ୟା ପଦ୍ମମାଳି ଦେଈଙ୍କୁ ଦ୍ୱିତୀୟ ବିବାହ ହେଲେ । ତାଙ୍କ ଗର୍ଭରୁ ଦୁଇ ଗୋଟି କନ୍ୟା ଜନ୍ମ ହୋଇଥିଲେ । ସନ ୧୮୯୬ ମସିହାରେ ତମାଦି ଆଇନ ଜାରି ହୋଇଥିଲା ଓ ଜମି ଖଞ୍ଜା ଉଠି ଯାଇଥିଲା ।

ମେଳି ଶେଷରେ ଅସ୍ତ୍ର ଆଇନ ଜାରିହୋ... ...ଙ୍କ ଠାରୁ ଅସ୍ତ୍ର ଶସ୍ତ୍ର ଛଡାଇ ନିଆଗଲା । ରାଜା ରଘୁନାଥ ସିଂହ ବୁଦ୍ଧିମାନ, କାର୍ଯ୍ୟଦକ୍ଷ ଏବଂ ଉଗ୍ର (aggressive) ପ୍ରକୃତିର ଥିଲେ । ଏହାଙ୍କ ସମୟରୁ ପ୍ରଜା ମାନଙ୍କ ମନରେ ଅଶାନ୍ତି ଖେଳିଲା । ସନ ୧୮୯୬ ମସିହାରେ ସେଟଲମେଣ୍ଟ କାମ ଆରମ୍ଭ ହେଲା । ଏ ରାଜା ନିଜିଗଡ ରାମେଶ୍ୱର ମହାଦେବଙ୍କୁ ସ୍ଥାପନ କରିଥିଲେ ଓ ଭୋଗ ଖଞ୍ଜା କରିଥିଲେ ଓ ଦେଉଳ ତିଆରି କରିଥିଲେ । ଏ ବଡ଼ରାଣୀଙ୍କୁ ଜଗଦେବ ସାମନ୍ତଙ୍କ ଖଞ୍ଜା ଦେଇଥିଲେ । ସାନ ରାଣୀଙ୍କୁ ଲଡୁକିଶୋର ସିଂହଙ୍କ ମାତାଙ୍କ ଜାଗ୍ରୀ, ଚଡୟାପଲ୍ଲୀ, ଡ଼ମସାହି ଖମାର ଓ କେତେକ ମଉଜା ଦେଇଥିଲେ । ପୁରା ଖଞ୍ଜା ପାଇବା ପର୍ଯ୍ୟନ୍ତ ଟ୍ରେଜେରୀରୁ ବାର୍ଷିକ ୧୮୦୦ ଟଙ୍କା ପାଉଥିଲେ ।

ମଣ୍ଡେଇ କୋଠଲୋକଙ୍କୁ ଗୋଳାଗାଡିଆ, ବାଣୁଆ ସାହି ଛୋଟ ମଉଜା ଦୁଇଗୋଟି ଦେଇଥିଲେ । ଏହାଙ୍କ ରାଜତ୍ୱ କାଳରେ ମହାସମାରୋହରେ ଝୁଲଣ ଯାତ୍ରା ରାଜବାଟିରେ ହେଉଥିଲା । ଏହାଙ୍କର ଏକୋଦରୀ ଉଉଣୀ ସୁନାମାଳି ଦେଈ ଅବିବାହିତା ଥିଲେ । ତାଙ୍କୁ ରାଜବାଟିରେ ବିରୁଦ୍ଧି ଏଷ୍ଟେଟ ରାଜଭ୍ରାତାଙ୍କୁ ଅଧିକ ଆଡମ୍ବର ସହିତ ବିବାହ ଦେଇଥିଲେ ।

ରାଜା ରଘୁନାଥ ସିଂହ ସନ ୧୮୯୭ ମସିହା ସେପ୍ଟେମ୍ବର ମାସ ତା ୪ରିଖରେ ମାନବ ଲୀଳା ସମ୍ବରଣ କରିଥିଲେ । ମୃତ୍ୟୁ ପୂର୍ବରୁ ବଡରାଣୀ ୪ଗୋଟି ପୋଷ୍ୟପୁତ୍ର କରିବାକୁ ଲେଖି ଦେଇଥିଲେ । ରାଜାଙ୍କ ମୃତ୍ୟୁ ପୂର୍ବରୁ ମାନେଜର ଦର୍ପବାବୁ ପଠା ବେମାରିରେ ଆକ୍ରାନ୍ତ ହୋଇ କଟକରେ ଥିଲେ । ଏଣେ ରାଜାଙ୍କର ଶବଦାହ କରି ରାଜାଙ୍କର ମାମୁ ପୁଅ ଭାଇ କୁଞ୍ଜଦେଓଙ୍କୁ

Digitized by PPRACHIN, SOA

ରାଣୀ ଓ କର୍ମଚାରୀ ମାନେ ଅଣାଇ ଥିଲେ । ତାଙ୍କ ଜନ୍ମ ପତ୍ରିକାରୁ ସେ ଅତି ଅଳ୍ପାୟୁ ଦେଖାଯିବାରୁ ବଡମାମୁ ଦୀନବନ୍ଧୁ ସିହଙ୍କର କନିଷ୍ଠ ପୁତ୍ର ମୁକୁନ୍ଦ ଦେଓଙ୍କୁ ଅଣାଇ ପୋଷ୍ୟପତ୍ର ସୁତ୍ରେ ରାଜା କଲେ । ରାଜା ହେବା ସମୟରେ ନାରାୟଣ ସିଂହ ନାମ ଦିଆଯାଇ ରାଜାହେଲେ ।

୨୪. ୨୫ ଶ ରାଜା ନାରାୟଣ ସିଂହ ମାନଧାତା

ରାଜାହେବା ସମୟକୁ ତାଙ୍କୁ ୨୦ ବର୍ଷ ହୋଇଥିଲା । ମାତ୍ର କର୍ଣ୍ଣବିଦ୍ଧ ହୋଇନଥିଲା । ନାରାୟର ସିଂହ ରାଜା ହେବା ପରଦିନ ଗଡଜାତର ଆସିଷ୍ଟାଣ୍ଡ ସୁପରିଟେଣ୍ଡେଣ୍ଟ ବାବୁ ସୁଦାମ ଚ଼ରଣ ନାୟକ ଓ ମାନେଜର ବାବୁ ଦର୍ପନାରାୟଣ ଦାସ, ରାଜା ରଘୁନାଥ ସିଂହଙ୍କ ଭଣଜା ଗୋବିନ୍ଦ ଚନ୍ଦ୍ର ସୁରଦେଓଙ୍କୁ ରାଜା କରିବାକୁ ଆଣି ଆସିଗଲେ ।

ଗୋଟିଏ ସଭାକରି ପ୍ରଜାମାନଙ୍କୁ କହିଲେ "ତୁମମାନେ ଗୋଟିଏ ଦରଖାସ୍ତ ଦିଅ ଭଣଜା ସାମନ୍ତ ରାଜା ହେବେ ଓ ନାରାୟଣ ସିଂହ ଜଗଦେବ ହେବେ । ପ୍ରଜାମାନେ ନାରାଜ ହେଲେ । ତାହା ବନ୍ଦ ହେଲା । ସେ ସମୟକୁ ରଘୁନାଥ ସିଂହଙ୍କ ସାନରାଣୀ ଅନ୍ତଃସତ୍ୱା ଥିଲେ । ତାହା ନେଇ ତାଙ୍କର ପ୍ରସବ ପର୍ଯ୍ୟନ୍ତ ନାରାୟଣ ସିଂହଙ୍କ ରାଜିରି ସ୍ଥଗିତ ରଖାଗଲା । ଏହାଙ୍କ ଗର୍ଭରୁ ପୁତ୍ର ଜାତ ହେଲେ ସେ ରାଜା ଓ ନାରାୟଣ ସିଂହ ଜଗଦେବ ହେବା ଅର୍ଡର ହେଲା । ନାରାୟଣ ସିଂହ ନୂଆଲୋକ । ସେ ସର୍ବଦା ଦୁର୍ଗା ଦୁର୍ଗା ହେଉଥାନ୍ତି । ପ୍ରସବ ୫ଦିନ ଅଛି, ଦେବୀଙ୍କର ସ୍ୱପ୍ନାଦେଶ ହେଲା - ଆଉ ଦିନ୪ ପରେ ଝିଅ ଜନ୍ମ ହୋଇ ଚାରିଦିନ ଜୀଇ ମରିଯିବ । ତୁ ବ୍ୟସ୍ତ ହେବୁନାହିଁ । ସେହି ଅନୁସାରେ ଚାରିଦିନ ପରେ କନ୍ୟା ଜନ୍ମ ହୋଇ ଚାରିଦିନ ବଞ୍ଚି ମରିଗଲା । ତାପରେ ନାରାୟଣ ସିଂହଙ୍କ ରାଜିରି ମଞ୍ଜୁର ହେଲା । ସନ ୧୮୯୮ ମସିହା ରେ ଜୁଲାଇ ମାସରେ ରାଜିରି ମଞ୍ଜୁର ହୋଇଥିଲା ।

ସେହି ସମୟରେ ଦର୍ପନାରାୟଣ ବାବୁ ଗଭର୍ଣ୍ଣମେଣ୍ଟ ଏଜେଣ୍ଟ ହେଲେ । ମାତ୍ର ସେ ରାଜାଙ୍କୁ ଖାତିର କରୁନଥିଲେ । ସନ ୧୮୯୯ ମସିହାରେ ମାର୍ଚ୍ଚ ମାସରେ ସ୍ୱର୍ଗୀୟ ରାଜା ଲଡୁକିଶୋର ସିଂହଙ୍କ ସାନ ରାଣୀଙ୍କ କନ୍ୟା

Digitized by PPRACHIN, SOA

ସୁବର୍ଣ୍ଣମାଳୀ ଦେଈଙ୍କର କନିକାର ଉପସ୍ଥିତ ରାଜା ନୃପେନ୍ଦ୍ର ନାରାୟଣ ଭଞ୍ଜଙ୍କ ସହିତ ବିବାହ ମହାସମାରୋହରେ ହୋଇଥିଲା । ସେହି ସମୟରେ ରାଜାଙ୍କର କର୍ଣ୍ଣବିଦ୍ଧ ଓ ମନ୍ତ୍ର ଗ୍ରହଣ ହୋଇଥିଲା ।

କେତେକ କାରଣ ଯୋଗେ ରାଜା ଗଭର୍ଣ୍ଣମେଣ୍ଟ ଏଜେଣ୍ଟଙ୍କ ସହିତ ମକଦମା କରିଥିଲେ । ଏହା ବିଭାଗୀୟ ବିଚାର ହୋଇ ଦର୍ପବାବୁ ତାଙ୍କ ନିଜ ପୋଷ୍ଟକୁ ଫେରିଗଲେ । ତାଙ୍କ ସ୍ଥାନରେ ଅଜୟଚନ୍ଦ୍ର ଦାସ ତା ୨୦.୮.୧୯୦୦ ରେ ଆସିଲେ ଏବଂ ତା ୩୦.୮.୧୯୦୦ ରେ ଚାର୍ଯ ନେଲେ । ସେ ସମୟରେ ସେଟଲମେଣ୍ଟ ଖାନାପୁରି ସରି ରିସେସ୍ ହେଉଥିଲା । ସେ ଆଟେଷ୍ଟେସନ (attestation) କଲେ । ଦର୍ପବାବୁ ଜଣେ ବିଚକ୍ଷଣ କାର୍ଯ୍ୟଦକ୍ଷ ଲୋକଥିଲେ । ସେ ଏକାକୀ ଯେଉଁକାର୍ଯ୍ୟ କରୁଥିଲେ ଆଜିକାଲି ୫ଜଣ ଅଫିସର କରିବା କଷ୍ଟ । ସେ ଏକା ଅଫିସ ଓ ସେଟଲମେଣ୍ଟ କାମ କରୁଥିଲେ । ସେ ରାଜଧାନୀ ଧରଣରେ କାମ କରୁଥିଲେ । ସେ ସମୟରେ ଅନେକ ମକଦମା ହେଉଥିଲା ।

ସନ ୧୯୦୧ ମସିହାରେ ସ୍ୱର୍ଗୀୟ ରାଜା ଲଡୁକିଶୋର ସିଂହଙ୍କ ପ୍ରଥମ ରାଣୀଙ୍କ ଚତୁର୍ଥ କନ୍ୟା ଚ଼ନ୍ଦମାଳି ଯେମା ଗଞ୍ଜାମ ଜିଲା ପାଲୁର ରାଜଭ୍ରତାଙ୍କୁ ବିବାହ ହୋଇ ତାଙ୍କର ଅସୁରଢ଼ିପା ଖମାରରେ ରହି ସେ ଭୋଗକରୁଥିବା ଖଞ୍ଜା ଭୋଗକଲେ ।

ସନ ୧୯୦୩ ମସିହା ମଇମାସ ତା ୧ ରିଖରେ ରାଜା ନାରାୟଣ ସିଂହ ହିନ୍ଦୋଳ ଷ୍ଟେଟ ପାଟଯେମା ଶ୍ରୀ ବ୍ରଜ କିଶୋରୀ ଦେବୀଙ୍କ ସହିତ ବିବାହ ହୋଇଥିଲେ । ହିନ୍ଦୋଳ ଓ ସେଠାରୁ ଫେରିବା ରାସ୍ତାରେ ହଇଜା ହୋଇ ଅନେକ ଲୋକ ମରି ପଡିଥିଲେ ।

ସନ ୧୯୦୪ ମସିହାରେ ଗୋଟିଏ ମକଦମା ହୋଇ କେତେଜଣ କାଳନ୍ଦି ଜାତିର ଲୋକଙ୍କୁ ଆରେଷ୍ଟ କରାଯାଇଥିଲା । ପୁରୀର କଲେକ୍‌ଟର ମକଦମା ବିଚାର କରି ମୁଦାଲାମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଥିଲେ । ବାବୁ ଅଜୟ ଚନ୍ଦ୍ର ଦାସ୍ ତା ୧୬.୧୨.୧୯୦୦ ରେ ଆସିଷ୍ଟେଣ୍ଟ ସେଟଲମେଣ୍ଟ ଅଫିସର ଓ ଆସିଷ୍ଟାଣ୍ଟ ମାନେଜର କରି

Digitized by PPRACHIN, SOA

ଆଣିଥିଲେ । ଆଟେଷ୍ଟେସନ ସାରି ସାମାନ୍ୟ ଜମା ବନ୍ଦି କରିଥିଲେ । ପୂର୍ବେ ଦେବତାମାନଙ୍କ ମଉଜା ଉପରେ କାଟବାଡ ଘିଅ, ଗୁଡ, ମୁଗ, ବିରି ପ୍ରଭୃତି ଥିଲା । ସେ ତାହା ଉଠାଇ ଦେଇ ଟଙ୍କା ଜମାବନ୍ଧ କରିଥିଲେ । କେବଳ ଲଡୁବାବାଙ୍କର କିଛି ରହି ଯାଇଅଛି । ସନ ୧୯୦୪ ମସିହା ସେପ୍‌ଟେମ୍ବର ୪ତାରିଖରେ ବଦଳି ହେଲେ ।

ସନ ୧୮୯୯ ମସିହାରେ ଦର୍ପନାରାୟଣ ଦାସ ନୟାଗଡ ତରଫରୁ ଓ ଖଣ୍ଡପଡା ରାଜାଙ୍କ ଦ୍ୱାରା ନୟାଗଡ ଓ ଖଣ୍ଡପଡା ସରହଦ ବାରଙ୍କ ମୁଣ୍ଡିଆ ଠାରେ ଠିକ୍ ହୋଇଥିଲା । ନୟାଗଡ ତରଫରୁ ସାମାନ୍ୟ ପାହାଡ ଓ ଜଙ୍ଗଲ ଖଣ୍ଡପଡା ତରଫକୁ ଯାଇଥିଲା । ତା ୫.୧୨.୧୯୦୪ ରେ ବାବୁ ଗୌରଶ୍ୟାମ ମହାନ୍ତି ଷ୍ଟେଟ ଚାର୍ଯ ନେଲେ । ଏହାଙ୍କ ସମୟର ନୟାଗଡ ଦଶପଲା ସରହଦ ଉତରାର୍ଦ୍ଧ ଠିକ୍ ହୋଇଥିଲା । ନୟାଗଡ ତରଫରୁ ବାବୁ ସୁଦର୍ଶନ ଦାସ ଓ ଦଶପଲା ତରଫରୁ ଭାବଗ୍ରାହୀ ବିଶ୍ୱାଳ ଠିକ୍ କରିଥିଲେ । ମୁରୁଗି ମୁଣ୍ଡଆ ଠାରେ ଦଶପଲାକୁ ନୟାଗଡ ତରଫରୁ କିଛି ପାହାଡ ଜଙ୍ଗଲ ଯାଇଥିଲା । ସେ ସନ ୧୯୦୬ ମସିହାରେ ସେଟଲମେଣ୍ଟ ଶେଷ କରିଥିଲେ ।

ଏଥି ମଧ୍ୟରେ ସନ ୧୯୦୫ ମସିହା ଅଗଷ୍ଟ ସେପ୍‌ଟେମ୍ବର, ଅକ୍‌ଟୋବର ମାଷସ ସଏଦ ଗଜମଲ ଅଲି ଅଫିସିଏଟିଂ (ତତ୍ତ୍ୱ ବଧାରକ) ରେ ଆସିଥିଲେ । ସେ ଅତି ଭାରୀ ହାକିମ ଥିଲେ । ତା ୧୧.୭.୧୯୦୭ ରେ ଗଭର୍ଣ୍ଣମେଣ୍ଟ ଏଜେଣ୍ଟ ପରିବର୍ତ୍ତେ ସୁପରିଟେଣ୍ଡେଣ୍ଟ ପଦ ହୋଇଥିଲା । ବାବୁ ଗୋରଶ୍ୟାମ ମହାନ୍ତି ବଡ଼ନ୍ୟାୟବାନ ଓ ନିରପେକ୍ଷ ହାକିମ ଥିଲେ ।

ସନ ୧୯୧୧ ମସିହା ଭାଦ୍ରବ କୃଷ୍ଣପକ୍ଷ ଷଷ୍ଠୀ ଦି ଘ ୧୨.୫ମି ସମୟରେ ଉପସ୍ଥିତ ରାଜା (କୃଷ୍ଣଚନ୍ଦ୍ର ସିଂହ) ଜନ୍ମ ହୋଇଥିଲେ । ତା ୭-୮-୧୯୧୨ ମସିହାରେ ସୁଦର୍ଶନ ବାବୁ ଖଣ୍ଡପଡା ଷ୍ଟେଟ ଦେଓ୍ୱାନ ହୋଇ ଯାଇଥିଲେ । ବାବୁ ଗୌରଶ୍ୟାମ ମହାନ୍ତି ତା ୭-୫-୧୯୧୩ ରେ ପୁରୀ ଦେଉଳ ମାନେଜରରେ ଗଲେ । ତା ୭-୮-୧୯୧୩ ରୁ ତା ୧୩-୯-୧୯୧୩ ପର୍ଯ୍ୟନ୍ତ ବାବୁଙ୍କ ଚାର୍ଯରେ ଷ୍ଟେଟ ଥିଲା । ତା ୧୩-୯-୧୯୧୩ ବାବୁ ଅନିରୁଦ୍ଧ ପଟେଲ ସୁପରିଟେଣ୍ଡେଣ୍ଟ ହୋଇଆସିଲେ ।

Digitized by PPRACHIN, SOA

ଗୌରଶ୍ୟାମ ବାବୁ ଅନେକ ଜଳାଶ୍ରୟ କରିଥିଲେ ଏବଂ ରଣପୁର ରୋଡ କରିଥିଲେ ଓ ଡାକବଙ୍ଗଳା କରିଥିଲେ । ଅନିରୁଦ୍ଧ ବାବୁ ବଡ ବୁଦ୍ଧିମାନ, କାର୍ଯ୍ୟଦକ୍ଷ ଓ ପରିଶ୍ରମୀ ଥିଲେ । ସେ ୧୯୧୪ ମସିହାରେ ରାଇସ୍ ବ୍ରିଜ ମହାସମାରୋହରେ ପ୍ରତିଷ୍ଠା ହୋଇଥିଲା । ସନ ୧୯୧୪ ମସିହା ଅଗଷ୍ଟ ୧ତାରିଖରେ ଅଫିସ (ବର୍ତ୍ତମାନ ର ସୁଦୃଶ୍ୟ କଚେରୀ) ପ୍ରତିଷ୍ଠା ହୋଇଥିଲା । ସେହି ସନରେ ଦଶପଲା ମେଳିରେ ନୟାଗଡ ବହୁତ ସାହାର୍ଯ୍ୟ କରିଥିଲା । ସନ ୧୯୧୪ ମସିହା ଭାଦ୍ରବ ଶୁକ୍ଳ ଅଷ୍ଟମୀ ଦିନ ସାନଦେଓ ସାହେବ (ବୃନ୍ଦାବନ ସିଂହ) ଜନ୍ମ ହୋଇଥିଲେ ।

ବାବୁ ବ୍ରଜକିଶୋର କାନୁନ୍‌ଗୋ ତା ୧୪-୬-୧୯୧୪ରେ ଆଷିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ହୋଇ ଆସିଥିଲେ । ସେଟଲ୍‌ମେଣ୍ଟ ୧୯୧୬ରେ ଶେଷ ହେଲା । ଏ ସେଟଲମେଣ୍ଟରେ କାହାର କିଛି ସତ୍ୱ ଉପରେ ବାଧା ଘଟି ନଥିଲା । ଅନିରୁଦ୍ଧ ବାବୁ ପ୍ରଜାଙ୍କୁ ରଞ୍ଜାଇ (ଖୁସି) କରି କାର୍ଯ୍ୟ କରୁଥିଲେ । ପ୍ରଜାମାନଙ୍କୁ ଏକପ୍ରକାର ମୁଠାରେ ରଖିଥିଲେ ।

୨୫. ୨୭ଶ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା

ସନ ୧୯୧୮ ମସିହା ନଭେମ୍ବର ୧୪ ତାରିଖରେ ବଡମାଆ ମଣିମାଙ୍କର ବିୟୋଗ ହୋଇଥିଲା । ତା ୬-୧୨-୧୯୧୮ରେ ରାଜା ନାରାୟଣଙ୍କର ବିୟୋଗ ହୋଇଥିଲା । ତା ୨୭.୧୨.୧୯୧୮ରେ ରାଣୀ ସାହେବାଙ୍କର ବିୟୋଗ ହୋଇଥିଲା । ରାଜକୁମାର ମାନଙ୍କର ଦାୟିତ୍ୱ ହିନ୍ଦୋଳ ରାଜା ସାହେବ ନେଇ ହିନ୍ଦୋଳ ଷ୍ଟେଟକୁ ନେଇ ଯାଇଥିଲେ । ହିନ୍ଦୋଳଠାରୁ କୃଷ୍ଣଚନ୍ଦ୍ର ବୃନ୍ଦାବନ ଦୁଇ ଭ୍ରାତା ଶିକ୍ଷା ପାଇଁ ରାୟପୁର ରାଜକୁମାର କଲେଜକୁ ଗଲେ ।

ସନ ୧୯୧୯ ମସିହାରେ ଫସଲ ଲୋକସାନ ହେତୁ ଦୁର୍ଭିକ୍ଷ ପଡିଥିଲା । ସନ ୧୯୨୧ ମସିହାରେ ରାଜା ରଘୁନାଥ ସିଂହଙ୍କର ସାନରାଣୀ ମୃତ ହୋଇଥିଲେ । ବାବୁ ଅନିରୁଦ୍ଧ ପଟେଲ ଦଶପଲା ଖଣ୍ଡପଡା ରୋଡ କରାଇଥିଲେ । ପ୍ରତି ପୋଲିସ ଷ୍ଟେସନ ମାନଙ୍କୁ ରୋଡ କରିଥିଲେ । ଏହାଙ୍କ ଭଲ କାର୍ଯ୍ୟରେ ଗଭର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇ ରାୟସାହେବ ଏବଂ ଏମ୍.ବି.ଇ ଦୁଇଟି ଉପାଧି ଦେଇଥିଲେ ।

Digitized by PPRACHIN, SOA

ସନ ୧୯୨୪ ମସିହାରେ ରାଜା ସାହେବ (କୃଷ୍ଣଚନ୍ଦ୍ର ସିଂହ)ଙ୍କ ବ୍ରତ କାର୍ଯ୍ୟ ହିନ୍ଦୋଳଠାରେ ହୋଇଥିଲା । ସନ ୧୯୨୫ ମସିହାରେ ସାନଦେଓ ସାହେବ (ବୃନ୍ଦାବନ ସିଂହ)ଙ୍କର ନାଉଳି ଓ ବ୍ରତ କାର୍ଯ୍ୟ ମହା ସମାରୋହ ରେ ହୋଇଥିଲା ।

ସନ ୧୯୨୬ ମସିହାରେ ଅନିରୁଦ୍ଧ ବାବୁ ନରସିଂହପୁର ସୁପରିଟେଣ୍ଡେଣ୍ଟ ପଦକୁ ବଦଳି ହେଲେ । ତାଙ୍କର ୭ବର୍ଷ ଜେଲ୍ ଦେବାର କ୍ଷମତା ଥିଲା । ତା ୧୫-୧-୧୯୨୬ ରେ ବାବୁ ଅବ୍‌ଦୁଲ ସତାର ଖାଁ ସୁପରିଟେଣ୍ଡେଣ୍ଟ ଚାର୍ଜ ନେଲେ । ଏ ଯଦି ଚ଼ ଉପଯୁକ୍ତ ତେବେ ଦୃଷ୍ଟ ପ୍ରକୃତିରେ ଲୋକ ଥିଲେ । ପ୍ରଧାନ ପ୍ରଧାନ ଲୋକ ଓ ଧନୀ ମାଙ୍କର ଘର ସର୍ଚ୍ଚ (Search) କରୁଥିଲେ ଓ ବେଜିତ କରୁଥିଲେ । ପ୍ରଜାମାନଙ୍କୁ ରଞ୍ଜନ କରି (ଖୁସି ରଖି) ଶାସନ କରୁ ନଥିଲେ । ଠେଙ୍ଗାରେ ଶାସନ କରୁଥିଲେ । ପୂର୍ବ ରାଜାମାନେ ଠାକୁର ମାନଙ୍କର ଯେଉଁ ଭୋଗ ଖଞ୍ଜା କରିଥିଲେ ତାହା କମେଇ ଦେଇଥିଲେ । ସେଟଲମେଣ୍ଟ କରିଥିଲେ ।

ସେଣ୍ଟ୍ରାଲ ପ୍ରଭିନ୍‌ସ ରୁଲ (Central Province Rule) ଜାରି କରି ସିକିମ୍ ପ୍ରଜାମାନଙ୍କୁ ପୁରା ମୌରସି ସତ୍ୱ ଦେଇ ବହୁତ ଲୋକଙ୍କୁ ଦରିଦ୍ର କରିଥିଲେ । ସନ ୧୯୩୧ ମସିହା ମାଘ ମାସ ଅମାବାସ୍ୟା ଦିନ ହଠାତ୍ ମୃତ୍ୟୁ ମୁଖରେ ପଡିବାରୁ ବାବୁ ରାଜକିଶୋର ମହାନ୍ତି ଚାର୍ଜ ରଖିଲେ । ପରେ ବାବୁ ସଚ୍ଚିଦାନନ୍ଦ ପୁଜାରୀ ଆସି ସୁପରିଟେଣ୍ଡେଣ୍ଟ ଚାର୍ଯ୍ୟ ନେଲେ ।

ତା ୨୦-୭-୧୯୩୩ ମସିହାରେ ଉପସ୍ଥିତ ରାଜାସାହେବ (କୃଷ୍ଣଚନ୍ଦ୍ର ସିଂହ) ପୂର୍ଣ୍ଣ କ୍ଷମତା ସହିତ ଷ୍ଟେଟ ଚାର୍ଜ ନେଇଥିଲେ । ସେ ୧୯୩୦ ମସିହାରେ ନେପାଳ ଷ୍ଟେଟ ପୂର୍ବ ରାଜାଙ୍କ ନାତୁଣିଙ୍କୁ ବିବାହ ହୋଇଥିଲେ । ପରେ ହିନ୍ଦୋଳ ରାଜକନ୍ୟାଙ୍କୁ ବିବାହ ହେଲେ । ସାନଦେଓ ସାହେବ (ବୃନ୍ଦାବନ ସିଂହ) ମଧୁପୁର ରାଜକନ୍ୟାଙ୍କୁ ବିବାହ ହେଲେ ।

ରାଜା କୃଷ୍ଣଚନ୍ଦ୍ର ସିଂହ କ୍ଷମତା ପାଇବାର ଅଳ୍ପଦିନ ପରେ ରୋଗାକ୍ରାନ୍ତ ହୋଇ ଲଣ୍ଡନ ଯାଇ ସେଠାରେ ଆରୋଗ୍ୟ ହୋଇ ଆସିଲେ । ଏ ରାଜାଙ୍କର ସ୍ୱଭାବ ବଡ଼ ଉତ୍ତମ । ଏହାଙ୍କ ସମୟରୁ ଡିଭଲପମେଣ୍ଟ ତଗାପି ଲୋନ୍ (Development Loan) ଦିଆ ଯାଉଅଛି । ବ୍ୟାଙ୍କ ଖୋଲାଯାଇ ପ୍ରଜାଙ୍କୁ ଋଣ ଦିଆ ଯାଉଅଛି । ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟ

Digitized by PPRACHIN, SOA

(High School and Minor School) ଖୋଲା ଯାଇଅଛି । ଅନାଥାଶ୍ରମ ଖୋଲାଯାଇଛି । ପାଓ୍ୱାର ହାଉସ୍ ହୋଇ ରାଜବାଟି, ଅଫିସ କର୍ମଚାରୀଙ୍କୁ ସୁବିଧା ଦିଆ ଯାଉଅଛି । ଅଜୟ ବାବୁଙ୍କ ସମୟରେ ଟାଉନ ପ୍ରତି ସାହି ଓ ଗଳିରେ ଦିଆ ଯାଉଥିବା କିରାସିନି ଆଲୁଅ ଉଠାଇ ଦିଆ ଯାଇ ବିଜୁଳି ଆଲୁଅ ଦିଆ ଯାଇଅଛି ।

ଗରୀବ ଲୋକ ଖଏରାତ ଖାଇବା ସକାଶେ ପ୍ରଚୁର ଫୁଟକର, ମଉଜମହଲ ଖଞ୍ଜୁଥିଲେ । ଏହାଦ୍ୱାରା ପ୍ରତିନିତି ଶତାଧିକ ଲୋକ ଖଏରାତ ଖାଉଥିଲେ । ତାହା ବନ୍ଦ କରାଯାଇଅଛି । ଠାକୁର ଭୋଗ ପୂର୍ବ ଅପେକ୍ଷା ଅନେକ କମାଇ ଦିଆ ଯାଇଅଛି । ପୂର୍ବକାଳରେ ସନ ୧୯୧୮ ପର୍ଯ୍ୟନ୍ତ ପ୍ରତି ମନ୍ଦିର ଜଣେ ଜଣେ କାର୍ଯିମାନଙ୍କ ଦ୍ୱାରା ଚଳୁଥିଲା । ବର୍ତ୍ତମାନ ଜେନେରାଲ ଲାଇନ ମୁତାବକ ଅଫିସ ପୁରା ପରିମାଣରେ ହୋଇଅଛି ।

ଅତି ପୂର୍ବ କାଳରେ ଯେଉଁ ସରବରାକାର ମାନେ ଯୁଦ୍ଧରେ ଖାଦ୍ୟ ଏବଂ ସୈନ୍ୟ ଯୋଗାଉଥିଲେ, ସେମାନଙ୍କୁ ପ୍ରଚୁର ପରିମାଣରେ ଜାଗିର ଦିଆଯାଇଥିଲା । ଯାହାକି ସେମାନେ ପୁରୁଷାନୁକ୍ରମେ ଭୋଗ କରୁଥିଲେ । ସେ ଜମିମାନ ନିଲାମ କରାଯାଇ ପାଓ୍ୱାର ହାଉସ କରାଯାଇଅଛି ।

ରାଜା ନାରୟଣ ସିଂହଙ୍କର ବିୟୋଗ ପରେ ମନ୍ଦିର ମାନଙ୍କର ନୀତି କେହି ନଦେଖିବାରୁ ପଲିଟିକାଲ ଏଜେଣ୍ଟ ସାହେବଙ୍କ ଅର୍ଡର ଅନୁସାରେ ପ୍ରତିମନ୍ଦିରରେ ଜଣେ ଲେଖାଏଁ ଅବୈତନିକ ମେମ୍ବର ରଖା ଯାଇଥିଲା । ସେମାନେ ସବୁ ନୀତି ଦେଖୁଥିଲେ । ରାଜାଙ୍କ (କୃଷ୍ଣଚନ୍ଦ୍ର ସିଂହ) ଗାଦୀନସିନ ତାରଖ ଠାରୁ ତାହା ଉଠି ଯାଇଅଛି ।

୨୬. ରାଜାଙ୍କ ଦିନଚର୍ଯ୍ୟା - ବ୍ୟକ୍ତିଗତ ଜୀବନ

ରାଜା ପ୍ରଭାତରୁ ଉଠି ନିତ୍ୟକର୍ମ, ଦନ୍ତମାର୍ଜନ, ମର୍ଦନ, ସ୍ନାନ ସାରି ଦେବାର୍ଚ୍ଚନ କରୁଥିଲେ ଓ ପୁରୋହିତ ପ୍ରଭୃତିଙ୍କ ଠାରୁ ଆଶୀଷ ଗ୍ରହଣ କରୁଥିଲେ । ତାପରେ ଦେବ ଦର୍ଶନ ଆଦି କରୁଥିଲେ । ତାପରେ ଅନ୍ତପୁର କଥାବୁଝି ବାହାରକୁ ଆସୁଥିଲେ । କେହି ଆପତ୍ତକାରୀ ଗରୀବ ଥିଲେ ସେମାନଙ୍କ କଥା ବୁଝୁଥିଲେ । ଚରମାନଙ୍କଠାରୁ ରାଜ୍ୟର ଭଲ ମନ୍ଦ ବୁଝୁଥିଲେ । ତାପରେ ମନ୍ତ୍ରୀ ମାନଙ୍କ ସହିତ ମନ୍ତ୍ରଣା କରୁଥିଲେ ।

Digitized by PPRACHIN, SOA

ତାପରେ ଭୋଜନ ଓ ସାମାନ୍ୟ ଶୟନ କରି ଧର୍ମାସନ ଗ୍ରହଣ ତାପରେ ଭୋଜନ ଓ ସାମାନ୍ୟ ଶୟନ କରି ଧର୍ମାସନ ଗ୍ରହଣକରୁଥିଲେ (ଅଫିସ ବା କଚେରୀ କାର୍ଯ୍ୟ କରୁଥିଲେ) । ତାପରେ ଅପରାହ୍ନରେ ହସ୍ତୀ ପରିଦର୍ଶନ କରି ଉପବନ (ବଗିଚା) ଭ୍ରମଣ କରୁଥିଲେ । ସନ୍ଧ୍ୟାବେଳେ ସନ୍ଧ୍ୟାବନ୍ଦନା କରି ବୈଠକଖାନାକୁ ଆସୁଥିଲେ । କେହି ପ୍ରଜା ବା ସରବରାକାର ଦେଖା କରିବାକୁ ଥିଲେ ତାଙ୍କୁ ସାକ୍ଷାତ୍ ଦେଉଥିଲେ । କେହି ଗରୀବ ପ୍ରଭୃତି ଥିଲେ ସେମାନଙ୍କ ବିଷୟ ମୌଖିକରେ ନିଷ୍ପତ୍ତି କରିଦେଉଥିଲେ ।

ପଣ୍ଡିତ ଓ ଭଦ୍ରଲୋକ ମାନଙ୍କ ସହିତ ମିଷ୍ଟାଳାପ କରି ପୁରାତନ କଥା ଓ ପୁରାଣ ପ୍ରଭୃତି ଶୁଣୁଥିଲେ । ତାପରେ ମନ୍ତ୍ରୀ ମାନଙ୍କ ସହିତ ଆଳାପ ପରେ ଭୋଜନ ଶୟନ କରୁଥିଲେ । କୌଣସି ବିଷୟ ନୂଆ କରିବାକୁ ହେଲେ ବା ପରିବର୍ତ୍ତନ କରବାକୁ ହେଲେ ପଣ୍ଡିତ ଓ ବିଶିଷ୍ଟ ଭଦ୍ରଲୋକଙ୍କ ମତ ସହିତ କରୁଥିଲେ ।

୨୭. ଭଦ୍ର (ଗାଦି) ଓ ବନ୍ଦାପନା

ବାହାର ଘର ଓ ଭିତର ଘର ଅନ୍ତଃପୁର ଦିଗକୁ ଦୁଇଗୋଟି ଦ୍ୱାରଥିଲା । ପ୍ରଥମ ଦ୍ୱାରରେ ଦ୍ୱାରୀ ଓ ସର୍ଦ୍ଦାର ଓ ଦ୍ୱିତୀୟ ଦ୍ୱାରରେ ଜଣେ ବୃଦ୍ଧା ଦ୍ୱାରୀ ମାଆ ରହୁଥିଲେ । ଅନ୍ତଃପୁର ବାସିନୀଙ୍କୁ କେହି ଦେଖୁ ନଥିଲେ । ପର୍ବ ତିଥି ମାନଙ୍କରେ ରାଜା ରାଜବେଶରେ ଉଚିତ କାର୍ଯ୍ୟ କରୁଥିଲେ । ସ୍ୱନକ୍ଷତ୍ର, ଅଙ୍କ ଏବଂ ସୁନିଆ, ପବିତ୍ରାରୋପଣ ଓ ଦଶହରାରେ ରାଜାଙ୍କର ଭଦ୍ର (ଗାଦି) ଉପରେ ବନ୍ଦାପନା ହେଉଥିଲା । ବନ୍ଦାପନା ସମୟରେ ରାଜାଙ୍କର ଉଭୟ ପାର୍ଶ୍ୱରେ ବ୍ରାହ୍ମଣ ଓ ସମ୍ମୁଖରେ ରାଜଗୁରୁ ବସୁଥିଲେ । ଐଶାନ ଦିଗ ଖମ୍ୱମୂଳେ ଚାରି ବରଣିଆଙ୍କ ସ୍ଥାନ, ନୈଋତ କୋଣ ଖମ୍ୱ ମୂଳେ ଗୋବିନ୍ଦପୁର ଶାସନ ଦାନାଧ୍ୟକ୍ଷଙ୍କ ସ୍ଥାନ ଓ ବାୟୁ କୋଣ ଖମ୍ୱମୂଳେ ପୁଅ ବ୍ରାହ୍ମଣଙ୍କର ସ୍ଥାନ ଥିଲା । ପୂର୍ବ ପଟ ବାରଣ୍ଡାରେ ଭଦ୍ରଲୋକ ଓ କର୍ମଚାରୀ ବସୁଥିଲେ । ଦକ୍ଷିଣ ପଟ ବାରଣ୍ଡାରେ ରାଣୀମାନେ ବସି ମଙ୍ଗଳ ଗାନ କରୁଥିଲେ । ଉତ୍ତର ପଟ ବାରଣ୍ଡାରେ ନିଯୋଗ ଠିଆ ହେଉଥିଲେ । ରାଣୀଙ୍କର ପଛପଟ ପାଉଛରେ ସିନ୍ଦରିଆ ସରବରା କାରଠିଆ ହେଉଥିଲେ । ସେ ଜାତିରେ ମୁସଲମାନ ମାତ୍ର ସନ ୧୮୫୦ ମସିହାରେ ଯେଉଁ ସମୟେ ବଙ୍ଗର ମେଳି ହୋଇଥିଲା ସେ ସମୟରେ ସ୍ୱର୍ଗୀୟ ରାଜା ବ୍ରଜବନ୍ଧୁ ସିଂହ ଆତ୍ମରକ୍ଷା ସକାଶେ ହଯୁରି ପାଏକ ସରଦାର ଲାଲ୍ ଖାଁ ଙ୍କୁ ଅନୁମତି ଦେଇଛନ୍ତି ।

Digitized by PPRACHIN, SOA

୨୮. ଦରବାର

ଅଙ୍କ ସ୍ୱନକ୍ଷତ୍ରରେ କର୍ମଚାରୀ ମାନେ ଭେଟି କରୁଥିଲେ । ଦେଓ୍ୟାନ୍ ସୁଳିଆ ଗିନିର ମୋହର, ଅନ୍ୟମାନେ ଟଙ୍କା ଭେଟି କରୁଥିଲେ । କେଶରପୁର ହଜାରି ଭଦଲୋକଙ୍କ ସହିତ ବସିବା ଓ ଭେଟି କରିବା ପୂର୍ବରୁ ଅନୁମତି ପାଇଥିଲେ । ବନ୍ଦାପନା ପରେ ଦେବଦର୍ଶନ ପରେ ଭାବି ଗୋସାଇଁଙ୍କ ଘରୁକୁ ଯାଇ ଆଶୀଷ ଗ୍ରହଣ କରୁଥିଲେ । ସନ ୧୯୦୩ ମସିହାରେ ଏହା ଉଠି ଯାଇଥିଲା ।

ଯେଉଁଦିନ ଅନ୍ୟରାଜ୍ୟରୁ ରାଜା ପ୍ରଭୃତି କିମ୍ବା କମିଶନର ସାହେବ ଆସନ୍ତି ସେଦିନ ଦରବାର ହେଉଥିଲା । ଦରବାରରେ ରାଜାଙ୍କ ବାମ ତରଫରେ ଆଗନ୍ତୁକ ରାଜା, ତାଙ୍କ ବାମକୁ ନିଜଭାଇ, ଦକ୍ଷଣରେ ପୁଅ ବସୁଥିଲେ । ଦକ୍ଷିଣ ପଟେ ରାଜଗୁରୁ ରାଏଗୁରୁ ପ୍ରଭୃତି ପଣ୍ଡିତ ବସୁଥିଲେ । ବାମଭାଗରେ ବେବର୍ତ୍ତା, ଚ୍ୟାଉ, ଛାମୁ କରଣ, ପାଞ୍ଜିଆ ପ୍ରଭୃତିଙ୍କର ସ୍ଥାନ ଥିଲା । ଅନ୍ତର ଭାଇପୁଅଙ୍କର ସଦରରେ ସ୍ଥାନ ନାହିଁ । ରାଜାଙ୍କ ପଛପଟେ ବାମଜାନୁ ପକାଇ ବସିବାର ସ୍ଥାନ ଥିଲା ।

୨୯. ପର୍ବ ଓ ଉତ୍ସବ

ଅଙ୍କ ସ୍ୱନକ୍ଷତ୍ର ପ୍ରଭୃତିରେ ରାଜା ହାତୀଦାନ୍ତ ପାଲିଙ୍କିରେ ଦେବଦର୍ଶନ କୁ ଛତିଶାନିଯୋଗରେ ଯାଆନ୍ତି । ରଥଯାତ୍ରା, ଶିବରାତ୍ରି, ଜାଗର ପ୍ରଭୃତିରେ ହାତୀ ଉପରେ ରାଜବେଶରେ ଛତିଶାନିଯୋଗ ସହିତ ଯାଆନ୍ତି ।

ଯାତ୍ରାଦିନରେ ଲୋକେ ଦେବ ବିଜେ ଅପେକ୍ଷା ରାଜବିଜେ ଦେଖିବାକୁ ବେଶୀ ଭଲପାନ୍ତି । ଏ ରାଜ୍ୟର ପ୍ରଥମ ରାଜାଙ୍କ ସମୟରୁ ନାଉଳି ବା କର୍ଣ୍ଣବିନ୍ଧ ପରେ ବିବାହ ହେବାର ପ୍ରଥା ଥିଲା । ଉପସ୍ଥିତ ରାଜାଙ୍କ ଠାରୁ ନାଉଳି ପରେ ଉପନୟନ ବ୍ରତ ଓ ତାପରେ ବିବାହ ପ୍ରଥା ଚଳିଛି ।

ରାଜା ଅନ୍ୟ ରାଜ୍ୟକୁ ବିବାହ ହୋଇଗଲେ ମଙ୍ଗୁଳିତି ଖାଇ ଅନୁକୁଳ କଲା ସମୟରୁ ବିବାହ ଶେଷ ପର୍ଯ୍ୟନ୍ତ ଦେବଦର୍ଶନ ବା ଅନ୍ୟ କାହା ପାକରେ ଭୋଜନ କରନ୍ତି ନାହିଁ । କେହି ରାଜା ବିବାହ ହୋଇ ଆସିଲେ, ରାଜା ଟାଉନ ଶେଷ ପର୍ଯ୍ୟନ୍ତ ଯାଇ ଆଗ ଭେଟ ହୁଏ । ରାଜା ଫେରିଆସନ୍ତି । କ୍ୱାଇଁ ଉପଯୁକ୍ତ ସ୍ଥାନକୁ ଆସିଲେ ଯୁବରାଜ କି (ଭାଇ କେହିନଥିଲେ) ପାଟ ପୁରୋହିତ ବାଟବରଣ କରନ୍ତି । ପ୍ରଥମେ ଦରବାର ହୋଇ ମଜଲିସ ହୁଏ । ପରେ ବରକୁ ବିଭା ମଣ୍ଡପକୁ ନେଇ ବିବାହ ହୁଏ ।

Digitized by PPRACHIN, SOA

୩୦. ପୂର୍ବକାଳରେ ଦେଶରେ ସାଧାରଣ ଅବସ୍ଥା

ପୂର୍ବକାଳ ସନ ୧୮୯୦ ମସିହା ରାଜା ବଳଭଦ୍ର ସିଂହଙ୍କ ବିୟୋଗ ପର୍ଯ୍ୟନ୍ତ କେହି ମିଥ୍ୟା କହୁନଥିଲେ । ଦଲିଲ ଦସ୍ତାବିଜରେ ସାକ୍ଷ ପଡୁନଥିଲେ । ଅଷ୍ଟଦିଗପାଳ ସାକ୍ଷ ବୋଲି ଲେଖା ହେଉଥିଲା । ପରସ୍ପର ସଦ୍‌ଭାବ ଥିଲା, ହିଂସା ନଥିଲା । ଖାଇବା ପିନ୍ଧିବାକୁ କାହାକୁ ଅଭାବ ନଥିଲା । ଖୁବ୍ ସାମାନ୍ୟ ଲୋକ ଯଦି ଗରୀବ ଥିଲେ ସେମାନଙ୍କ ସକାଶେ ରାଜାମାନେ ଦେବୋତ୍ତର ଓ ଖଏରାତାରେ ଅନେକ ପ୍ରସାଦ ଭୋଜନ ବ୍ୟବସ୍ଥା ଖଞ୍ଜି ଦେଇଥିଲେ ।

ଉତ୍ତମ ବୃଷ୍ଟି ହେଉଥିଲା । ସବୁ ପ୍ରକାର ଶସ୍ୟ ଆଦାୟ ହେଉଥିଲା । ସୁଲଭ ମୂଲ୍ୟରେ ସବୁ ଜିନିଷ ମିଳୁଥିଲା । ପୂର୍ବ ରାଜାଙ୍କ ଶାସନରେ ରାଜ୍ୟରେ ଶାନ୍ତି ବିରାଜୁ ଥିଲା । ପୃଥିବୀ ଶସ୍ୟଶାଳିନୀ ଥିଲା । ବିଜ୍ଞ ଲୋକମାନଙ୍କର ଆଦର ଥିଲା । ପ୍ରତ୍ୟେକ ଜାତି ନିଜ ନିଜ ଜାତୀୟ ବିଦ୍ୟାରେ କୁଶଳୀ ଓ ଉନ୍ନତ ଥିଲେ ।

ସମସ୍ତେ ରାଜାଙ୍କୁ ଦେବତା ପରି ମାନ୍ୟ କରୁଥିଲେ । ରାଜା ପ୍ରଜାମାନଙ୍କୁ ପୁତ୍ର ପରି ସ୍ନେହ କରୁଥିଲେ । କୌଣସି ଶସ୍ୟ ଆଦାୟ ହେଲେ ପ୍ରଜା ରାଜା ଓ ଦେବତାଙ୍କୁ ନ ଦେଇ ଖାଉନଥିଲେ । ରାଜା ପ୍ରଜାଙ୍କର ମଙ୍ଗଳ ସକାଶେ ନାନାଦି ଧର୍ମକାର୍ଯ୍ୟ କରୁଥିଲେ । ସମସ୍ତଙ୍କର ବୁଦ୍ଧି ଧର୍ମରେ ଥିଲା । ସମସ୍ତେ ନ୍ୟାୟବାନ ଥିଲେ ।

୩୧. ଗଡଜାତ ମିଶ୍ରଣ ପୂର୍ବରୁ ରାଜାଙ୍କ ଶାସନର ଶେଷ କେତେବର୍ଷ

ଇଂରେଜ ଶାସନ ବିରୁଦ୍ଧରେ ସ୍ୱାଧୀନତା ଆନ୍ଦୋଳନ ଦେଶ ମଧ୍ୟରେ କଂଗ୍ରେସ ନେତୃତ୍ୱରେ ତୀବ୍ର ହେଲା । ୧୯୪୨ ରେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ଅଧିବେଶନରେ ପ୍ରଥମକରି ମହତ୍ମାଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଅଧିବେଶନରେ ପ୍ରଥମକରି "ଭାରତ ଛାଡ' ଡାକରା ଦିଆଗଲା । ତା ପୂର୍ବରୁ କଂଗ୍ରେସ ନେତା ସ୍ୱାୟତ୍ତଶାସନ ଭଳି କେତେକ ସୁବିଧା ଦାବୀ କରୁଥିଲେ । ସେହି ସ୍ୱାଧୀନତା ଆନ୍ଦୋଳନର ପ୍ରତିଫଳନରେ ଓଡିଶାରେ କେଉଟ ପିଲା ନାଉରିଆ "ବାଜିରାଉତ' ସ୍ୱାଧୀନତା ଆନ୍ଦୋଳନରେ ଉଦ୍‌ବୁଦ୍ଧ ହୋଇ ଇଂରେଜ ସାହାବଙ୍କୁ ନାଆରେ ନଦୀ ପାର କରିବା ପାଇଁ ଦୃଢ଼ ଅବଜ୍ଞା

Digitized by PPRACHIN, SOA

କରି ଗୁଳିର ଶିକାର ହେଲା । ଏହା ଫଳରେ ଗଡଜାତ ପ୍ରଜା ଆନ୍ଦୋଳନ ତୀବ୍ର ହୋଇ ଉଠିଲା ଏବଂ ଅନ୍ୟ ଗଡ଼ଜାତ ମାନଙ୍କୁ ବ୍ୟାପିଥିଲା ।

ସେହି ସମୟରେ ଇଂରେଜ ସାହେବ ମାନଙ୍କ ଶାସନ ଓ ଗଡ଼ଜାତ ରାଜାମାନଙ୍କ ଶାସନ ବିରୁଦ୍ଧରେ ସ୍ୱର ଉଠିଲା । ନୟାଗଡ଼ର ଓ ଗଡଜାତ ରାଜାମାନଙ୍କ ଶାସନ ବିରୁଦ୍ଧରେ ସ୍ୱର ଉଠିଲା । ନୟାଗଡର କନ୍ଧ ପ୍ରଜାମାନେ ଶତଶତ ସଂଖ୍ୟାରେ ମେଳି ହୋଇ ନୂଆଗାଁ ଥାନାକୁ ଧନୁଶର ଧରି ଆକ୍ରମଣ କରିଥିଲେ । ସେତେବେଳେ ଥାନା ଦାୟିତ୍ୱରେ ଥିଲେ ଦାରୋଗା ବେଣୁଧର ପଟ୍ଟନାୟକ । ତାଙ୍କ ହାତରେ ଗୋଟିଏ ବନ୍ଧୁକ ଓ ମାତ୍ର କେତୋଟି ଗୁଳିଥିଲା । ସେ ସାହସର ସହିତ ମେଳି ପ୍ରଜାମାନଙ୍କର ସାମନା କରିଥିଲେ । "ମୋ ହାତରେ ବନ୍ଧୁକ ଅଛି ଓ ହଜାର ହଜାର ଗୁଳି ଅଛି । ମତେ ମାରିବା ପୂର୍ବରୁ ମୁଁ ତମ ସମସ୍ତଙ୍କୁ ଏକ କରି ଗୁଳିରେ ଶେଷ କରିଦେବି" । ଏହା କହି ଗୋଟିଏ ଗୁଳି ଫାୟର୍ କରିଦେଲେ । ସେଥିରେ ଜଣେ ବ୍ୟକ୍ତି ଶହୀଦ ହେଲେ ଓ ଅନ୍ୟମାନେ ଡରି ଚାଲିଗଲେ । ନୂଆଗାଁ ଥାନା ରକ୍ଷା ପାଇଲା । ଏହି ଶହୀଦଙ୍କର ନାମ କଷ୍ଟି ଡାକୁଆ । ଦାରୋଗା ବାବୁଙ୍କର ବୀରତ୍ୱ ପାଇଁ ତାଙ୍କୁ ପରେ ବୀରବର ଉପାଧି ଦିଆଗଲା । ସେ ବୀରବର ବେଣୁଧର ନାମରେ ପରିଚିତ ହେଲେ । ଜନତାଙ୍କର ମାନସ ପଟରେ ଅମର ହୋଇ ରହିଲେ ।

ନୟାଗଡରେ କଂଗ୍ରେସ ଆବାଜ ଜୋରଦାର ହୋଇଉଠିଲା । ସେ ସମୟରେ ସ୍ଲୋଗାନ ଥିଲା ।

ଇଂରେଜ ସରକାର ଭାରତଛାଡ, ଭାରତ ଛାଡ ।
ବାଜିରାଉତ କରେ ପୁକାର, ଭାରତ ଛାଡ, ଭାରତଛାଡ
କଷ୍ଟି ଡାକୁଆ କରେ ପୁକାର, ଭାରତ ଛାଡ, ଭାରତ ଛାଡ

ନୟାଗଡର ବିପ୍ଳବୀ କର୍ମୀ ନରସିଂହ ନନ୍ଦ, ଅନେକ ବିପ୍ଳବୀ କବିତା ଲେଖିଲେ ଏବଂ ସେହି ଗୀତ ଗାଇଗାଇ ରାସ୍ତାରେ ଯାଉଥିଲେ । "ଟାଙ୍ଗରା ଭୂଇଁରେ ମୋର ଘରରେ, ଗଡଜାତ ପାଇକ ଛୁଆ" । ପ୍ରଜାମାନଙ୍କ ଆନ୍ଦୋଳନ ଓ ସ୍ୱାଧୀନତାର ମୋହ ରାଜାଙ୍କର କାନରେ ବାଜିଲା । ସେ

Digitized by PPRACHIN, SOA

ସମୟରେ ନୟାଗଡରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେବା ପାଇଁ ନୟାଗଡରେ ପ୍ରଜାମଣ୍ଡଳ ନାମରେ ଏକ ରାଜନୈତିକ ଦଳ ଗଠିତ ନୂଆଗାଁ ଥାନା ଆକ୍ରମଣ ପରେ ପ୍ରଜା ମେଳି କେଉଁଠି ମାଳ ଅଞ୍ଚଳରେ କାଁ ଭାଁ ଲାଗି ରହିଥିଲା । ଗୁଜବ ହୋଇଥିଲା ଯେ ମେଳି ପ୍ରଜାମାନେ ନୟାଗଡ ଟାଉନକୁ ଆକ୍ରମଣ କରି ଲୁଟ ପାଟ ଆଦି କରିବେ ଓ ଘରଦ୍ୱାର ପୋଡିଦେବେ । ଏଥିରୁ ସତର୍କ ରହିବା ପାଇଁ ନୟାଗଡ ଟାଉନର କର୍ମଯୋଗୀ ସାହସୀ ଯୁବକ ମାନେ ଦଳବଦ୍ଧ ଭାବରେ ପ୍ରତି ସାହିରେ ରାତିରେ ପ୍ରହରା ଦେଉଥିଲେ । ଏହା ରାଜାଙ୍କର ଗୋଚର ଥିଲା । ଏହିପରି ଦଳବଦ୍ଧ ଭାବରେ ଆତ୍ମରକ୍ଷା ଓ ଆତ୍ମ ସମ୍ମାନ ରକ୍ଷା କରିଥିବାରୁ ପ୍ରୀତ ହୋଇ ରାଜା ପରବର୍ତ୍ତୀ ସମୟରେ ଏହି ଲେଖକଙ୍କର ଭଣଜା (ଓକିଲ ଦୀନବନ୍ଧୁ ମିଶ୍ର) ଙ୍କୁ ବାହିନୀପତି ଉପାଧି ଦେଇଥିଲେ । ଏହି ମେଳି ପରେ ଆପେ ପ୍ରଶମିତ ହୋଇଥିଲା ।

ନୟାଗଡ ରାଜା ପ୍ରଜାମାନଙ୍କର ମତିଗତି ସ୍ୱାଧୀନତା ଆନ୍ଦୋଳନରେ ସହଯୋଗ ଦେଖି ନୟାଗଡରେ ପ୍ରଜା ସମର୍ଥିତ ଶାସନ ଚଳାଇବା ଉଦ୍ଦେଶ୍ୟରେ ଏକ ଜନପ୍ରିୟ ମନ୍ତ୍ରୀ ମଣ୍ଡଳ ଗଢ଼ି ପ୍ରଜାମଣ୍ଡଳର ଦୁଇ ପ୍ରମୁଖ ନେତା ଶ୍ରୀ ଶ୍ରୀଧର ଦାଶଙ୍କୁ ଶିକ୍ଷାମନ୍ତ୍ରୀ ଓ ଶ୍ରୀ ବାଞ୍ଛାନିଧି ସେନାପତିଙ୍କୁ ଅର୍ଥମନ୍ତ୍ରୀ ହିସାବରେ ନେଇଥିଲେ । ସେମାନେ ଭାରତ ସ୍ୱାଧୀନ ଏବଂ ଗଡଜାତ ମିଶ୍ରଣ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଉଥିଲେ ।

୩୨. ଶିକ୍ଷାର ଅବସ୍ଥା

ନୟାଗଡରେ ବ୍ରଜେନ୍ଦ୍ର ହାଇସ୍କୁଲ (ରାଜାଙ୍କ ଜ୍ୟେଷ୍ଠପୁତ୍ରଙ୍କ ନାମରେ) ଏବଂ ତତ୍ ସଂଲଗ୍ନ ବ୍ରଜକିଶୋରୀ ହଷ୍ଟେଲ (ରାଜାଙ୍କ ମାତାଙ୍କ ନାମରେ) ପ୍ରତିଷ୍ଠିତ ହୋଇଥିଲା । ସେ ସମୟରେ ଏହା ଷ୍ଟେଟରେ ଏକମାତ୍ର ହାଇସ୍କୁଲ ଥିଲା । ଖଣ୍ଡପଡା ଦଶପଲା ଷ୍ଟେଟରୁ ପିଲାମାନେ ଏବଂ ମୋଫସଲର ପିଲାମାନେ ହଷ୍ଟେଲରେ ରହି ପଢୁଥିଲେ । ପରେ ଆଉ ଗୋଟିଏ ନିଉ ହଷ୍ଟେଲ ଅମଲା ପଡାରେ ଖୋଲା ଯାଇଥିଲା ।

Digitized by PPRACHIN, SOA

ନୟାଗଡ ରାଜବଂଶର ବଂଶାବଳୀ
(ଦ୍ୱିତୀୟ ଭାଗ)

(ରାଜସମ୍ପର୍କ, ବନ୍ଧୁବାନ୍ଧବ, ବିଭାଗ ବଣ୍ଟନ, ରାଜବାଟୀ ପରିଚାଳନା, ବ୍ରହ୍ମୋତ୍ତର, ଦେବୋତ୍ତର, ଦେବାଦେବୀ ମନ୍ଦିର ସ୍ଥାପନ ଓ ପୂଜାର୍ଚ୍ଚନା)

ସୂଚୀପତ୍ର

କ୍ରମିକ	ବିଷୟ	ପୃଷ୍ଠା
୧.	ଜାତିଆ ସାମନ୍ତ	୧୧୬
୨.	ଅନ୍ତର ବିରାଦର	୧୧୭
୩.	ବନ୍ଧୁ ବାନ୍ଧବ	୧୨୦
୪.	ସରଘର	୧୨୧
୫.	ଭିତର ତଳ	୧୨୪
୬.	ଖଏରାତ	୧୨୪
୭.	ରାଜାଙ୍କର ଅଷ୍ଟପାଟ	୧୨୬
୮.	ରାଜବେଶ	୧୨୬
୯.	ଗୋସ୍ୱାମୀ ମହାପ୍ରଭୁ ବା ମନ୍ତ୍ରପିତା	୧୨୬
୧୦.	ପୁଅ ବ୍ରାହ୍ମଣ	୧୨୬
୧୧.	ଛତିଶା ନିଯୋଗ	୧୨୮
୧୨.	ଚଢ଼କି ବେତ ପାଏକ	୧୨୮
୧୩.	ଧଳ	୧୨୯
୧୪.	ବ୍ରହ୍ମୋତ୍ତର	୧୨୯
୧୫.	ପୁରୋହିତ ଓ ଦୈବଜ୍ଞ	୧୩୦
୧୬.	କରଣ	୧୩୧
୧୭.	ପଡ଼ିହସ୍ତ ବା ଗୁମାସ୍ତା	୧୩୨
୧୮.	ସୁଆଁଶ	୧୩୨
୧୯.	କନ୍ଧମାଳ	୧୩୨
୨୦.	ଦୁର୍ଗାଦେବୀ	୧୩୩
୨୧.	ଦେବୋତ୍ତର - ଜଗନ୍ନାଥ ଯିଉ	୧୩୪
୨୨.	ରାଧାନାଥ ଯିଉ	୧୩୫
୨୩.	ରାଧାମୋହନ ଯିଉ	୧୩୬
୨୪.	ବିଶ୍ୱନାଥ ଦେବ	୧୩୭
୨୫.	ସ୍ୱପ୍ନେଶ୍ୱର ଦେବ	୧୩୭
୨୬.	ଗୋପୀନାଥ ଯିଉ	୧୩୭
୨୭.	ରଘୁନାଥ ଯିଉ	୧୩୮
୨୮.	ରାମେଶ୍ୱର ଦେବ	୧୩୮
୨୯.	ଶ୍ରୀ ଲଡୁବାବା	୧୩୮
୩୦.	ଶ୍ରୀ ରଘୁନାଥ ଯିଉ ଓଡ଼ଗାଁ	୧୪୦
୩୧.	ଦ୍ୱାଦଶ ମହାଶମ୍ଭୁ	୧୪୧

Digitized by PPRACHIN, SOA

୧. ଜାତିଆ ସାମନ୍ତ

ଏ ଜିଲ୍ଲାର ଦ୍ୱାଦଶ ରାଜା ରଘୁନାଥ ସିଂହଙ୍କ କକେଇ ପୁତ୍ର ଯଦୁନାଥ ମଙ୍ଗରାଜ ଖଣ୍ଡପଡାର ରାଜା ହୋଇଥିଲେ । ଅଷ୍ଟାଦଶ ରାଜା ପୁରୁଷୋତ୍ତମ ସିଂହଙ୍କର ମଧ୍ୟମ ପୁତ୍ର ନିଳମଣି ଜଗଦେବ ଅପୁତ୍ରିକ ଅବସ୍ଥାରେ ମୃତ ହୋଇଥିଲେ । କନିଷ୍ଠ ପୁତ୍ର ପଦ୍ମନାଭ ହରିଚ଼ନ୍ଦନଙ୍କ ପୁତ୍ର ଦାଶରଥି ହରିଚନ୍ଦନ, ତାଙ୍କ ପୁତ୍ର ବ୍ରଜବନ୍ଧୁ ହରିଚନ୍ଦନ, ତାଙ୍କ ଦୁଇପୁତ୍ର ୧-ଗୋପୀନାଥ ସିଂହ ପ୍ରକାଶ୍ୟ ନାମ ହାତୀ ସାମନ୍ତ, ୨-ରଘୁନାଥ ସିଂହ ପ୍ରକାଶ୍ୟ ନାମ ବାୟାସାମନ୍ତ । ଏ ବଳଭଦ୍ର ସିଂହଙ୍କ ବିୟୋଗ ପରେ ଓ୍ୟାରସ ସୁତ୍ରେ ରାଜା ହେଲେ ।

୨୦ ତମ ରାଜା ବିନାୟକ ସିଂହଙ୍କର କନିଷ୍ଠ ପୁତ୍ର ଦାଶରଥି ସିଂହଙ୍କର ଦୁଇପୁତ୍ର ୧. ଲଡୁକିଶୋର ସିଂହ, ୨. ବୈଦ୍ୟନାଥ ସିଂହ । ଲଡୁକିଶୋର ସିଂହ ୨୧ତମ ରାଜା ବ୍ରଜବନ୍ଧୁ ସିଂହଙ୍କର ପୋଷ୍ୟପୁତ୍ର ସୁତ୍ରେ ରାଜା ହେଲେ । ବୈଦ୍ୟନାଥ ସିଂହଙ୍କ ପୁତ୍ର ବଳଭଦ୍ର ସିଂହ ଲଡୁକିଶୋର ସିଂହଙ୍କର ପୋଷ୍ୟପୁତ୍ର ସୁତ୍ରେ ୨୩ତମ ରାଜା ହେଲେ । ୨୫ତମ ରାଜା ନାରାୟଣ ସିଂହଙ୍କର ଦୁଇ ପୁତ୍ରଙ୍କ ମଧ୍ୟରୁ ପ୍ରଥମ କୃଷ୍ଣଚ଼ନ୍ଦ୍ର ସିଂହ ୨୬ ତମ ରାଜା ହେଲେ ଓ କନିଷ୍ଠ ବୃନ୍ଦାବନ ସିଂହ ଏବେ ଜଗଦେବ ଅଛନ୍ତି ।

ସ୍ୱର୍ଗୀୟ ରାଜା ବିନାୟକ ସିଂହଙ୍କ ସମୟରେ ଗଞ୍ଜାମ ଜିଲା ଖଲିକୋଟ ରାଜାଙ୍କ ଭାଇ ଏବଂ ଜଣେ ଜାତିଆ ସାମନ୍ତ ପଳାଇ ଆସିଥିଲେ । ରାଜଭ୍ରାତାଙ୍କୁ ବେରୁ- ଆଘରି, ବନ୍ଧା ଭୂଇଁ, ଜଦୁପଲି, ମଧୁପଲି, ଚାକୁଣ୍ଡାପଲି ୫ ଖଣ୍ଡଗ୍ରାମ ଦେଇ ରଖିଥିଲେ । ଯେଉଁ ମଉଜା ଦେଇଥିଲେ ତାହା ଖଲ୍ଲିକୋଟ ତଳେ ଭୋଗ କରିବ କୋଲି ତମ୍ବାପଟାରେ ସନନ୍ଦ ଦେଇଥିଲେ । ସେ ସେହି ମଉଜା ମାନଙ୍କରୁ ଦାଖଲଖାରଜ ଫିସ୍ ଓଗେର ନେଉଥିଲେ । ସନ ୧୯୦୬ ମସିହା ସେଟଲମେଣ୍ଟରେ ସେ ସତ୍ତ୍ୱ ଉଠାଇ ଦିଆଯାଇ ସାଧାରଣ ଖଞ୍ଜାଦାର ସତ୍ତ୍ୱ ଦିଆଯାଇଅଛି ।

ରାଜା ଲଡୁକିଶୋର ସିଂହ ଜଗନ୍ନାଥ ଦେଓଙ୍କର ଭଉଣୀ ଘଷାମାଳି ଦେଇଙ୍କୁ ବିବାହ ହୋଇ କୁଶ ଢ଼ିପି ଓ କୋରପିଠା ଜାଗ୍ରୀବାଡ ମଉଜା ଦେଇଛନ୍ତି ।

Digitized by PPRACHIN, SOA

ଜାତିଆ ସାମନ୍ତଙ୍କୁ ଏକତାଳ ମଉଜାରୁ ଆଠପଣ ଓ କରଡାପଲୀ ମଉଜା ଦେଇଥିଲେ ।

ଧରକୋଟ ଜିଲ୍ଲାରୁ ଅନେକ ଜାତିଆ ସାମନ୍ତ ପଳାଇ ଆସିଥିବାରୁ ସେମାନେ ଚଳିବା ମୁତାବକ ଫୁଟକର ଜମି ଦେଇ ରଖିଥିଲେ । କେବଳ ବାସୁଦେବ ସିଂହଙ୍କୁ ଚଣ୍ଡୀଝରୀ ମଉଜା ଦେଇଥିଲେ । ସେ ଅନପତ୍ୟ ଭାବେ ମରିଯିବାରୁ ମଉଜା ମାହାଲକୁ ଆସିଅଛି । ସେମାନଙ୍କ ବଂଶଧର ମଧୁସୁଦନ ସିଂହ, ହରିହର ସିଂହ ପ୍ରଭୃତି ଅଛନ୍ତି । ସ୍ୱର୍ଗୀୟ ରାଜା ଲଡୁକିଶୋର ସିଂହଙ୍କ ସମୟରେ, ଅନୁଗୁଳର ଜାତିଆ ସାମନ୍ତ ଭଗବାନ ଦେଓ ଆସିଥିଲେ । ଫୁଟକର ଜମି ପାଇଥିଲେ ।

୨. ଅନ୍ତର ବିରାଦର

ସ୍ୱର୍ଗୀୟ ରାଜା ପୁରୁଷୋତ୍ତମ ସିଂହଙ୍କର ଅନ୍ତର ପୁତ୍ର ଜଗନ୍ନାଥ ଶ୍ରୀ ଚନ୍ଦନଙ୍କର ବଂଶଧର ସୁନାମୁହିଁ ଜିଲା କରିମରାଇ ସାହି ମଉଜାରୁ ଆଂଶିକ ପାଇ ଅଛନ୍ତି ।

ସ୍ୱର୍ଗୀୟ ରାଜା ବିନାୟକ ସିଂହଙ୍କର ଅନ୍ତର ପୁତ୍ର ନାରାୟଣ ନରେନ୍ଦ୍ର ଓ ମାଗୁଣି ଭ୍ରମରବର । ନରେନ୍ଦ୍ରଙ୍କୁ ଓସ୍ତପଡା, ଗବଡିହି, କିକିବାରି ଓ ଫୁଟକର ଜମି ଦେଇଥିଲେ । ଭ୍ରମରବରଙ୍କୁ ମାଳିସର, ସରଖାଇ, ରାମଯେନାପଲି ଫୁଟକର ଜମି ଦେଇଥିଲେ । ମାଗୁଣି ଭ୍ରମରବରଙ୍କର ତିନିପୁତ୍ର

୧. ରଘୁନାଥ ଭ୍ରମରବର ୨.ଭୀମରାଏ ସିଂହ ଓ ୩.ବାଳକୃଷ୍ଣ ବିଧାର । ରାଏ ସିଂହଙ୍କୁ ଭିରୁଡା ମଉଜା ଦେଇଥିଲେ । ତାଙ୍କ ବଂଶଧର ବଳଭଦ୍ର ଦାସ ଭୋଗ କରୁଅଛନ୍ତି । ବାଳକୃଷ୍ଣ ବିଧାର ସାନ କୁଟୁଣି ମଉଜା ପାଇଥିଲେ । ଅପୁତ୍ରିକ ଅବସ୍ଥାରେ ମରିଯିବାରୁ ମଉଜା ମାହାଲକୁ ଯାଇଅଛି । ରଘୁନାଥ ଭ୍ରମରବରଙ୍କ ପୁତ୍ର ଦୀନବନ୍ଧୁ, ତାଙ୍କ ପୁତ୍ର ରାମଚନ୍ଦ୍ର । ସେ ନିଃ ସନ୍ତାନରେ ମରିଯିବାରୁ ରାଜା ନାରାୟଣ ସିଂହଙ୍କର ଅନ୍ତର ପୁତ୍ର ଲକ୍ଷ୍ମଣ ରାଜେନ୍ଦ୍ର ସିଂହ ପୋଷ୍ୟପୁତ୍ର ହୋଇଛନ୍ତି ।

Digitized by PPRACHIN, SOA

ସ୍ୱର୍ଗୀୟ ରଜା ବ୍ରଜବନ୍ଧୁ ସିଂହଙ୍କର ଛଅ ପୁତ୍ର ଓ ପାଞ୍ଚ କନ୍ୟା

୧. ପଦ୍ମନାଭ ନରେନ୍ଦ୍ର, ସେ ନାରାୟଣ ନରେନ୍ଦ୍ରଙ୍କର ପୋଷ୍ୟପୁତ୍ର ହେଲେ ।

୨. ଲକ୍ଷ୍ମଣ ଚମ୍ପତି ସିଂହ । ଅପୁତ୍ରିକ ଅବସ୍ଥାରେ ମୃତ ହେବାରୁ ତାଙ୍କର ଖଞ୍ଜା ଲାଭ ମଉଜା ମାହାଲକୁ ଯାଇଅଛି ।

୩. ଗୌରାଙ୍ଗ ପୃଥ୍ୱୀସିଂହ । ଏ ଉପଯୁକ୍ତ ଦେଓ୍ୱାନ ଥିଲେ । ଦର୍ଶନ ଶାସ୍ତ୍ରରେ ତାଙ୍କର ବ୍ୟୁତ୍ପତ୍ତି ଥିଲା । ସେ ୧୮୨୮ ମସିହା ତୀର୍ଥ ସମୟରେ ତୀର୍ଥରେ ମୃତ୍ୟୁ ଲଭିଥିଲେ । ଏହାଙ୍କର ଖଞ୍ଜା ଗୋଲଗୋଳା ମଉଜା ଏକୋଦରି ଭାଇ ନିତ୍ୟାନନ୍ଦ କ୍ଷେତ୍ରିବର ସିଂହ ପାଇଥିଲେ ।

୪. ହରେକୃଷ୍ଣ ରତନ ସିଂହ । ଏ ପାରାଡିପି ମଉଜା ପାଇଥିଲେ । ତାଙ୍କର ଜୀବଦଶାରେ ତାଙ୍କ ପୁତ୍ର ଫକୀର ଦାସ ମରିଯାଇ ବିଧବା ବୋହୂ କୋରିମାଳି ଦେଇଥିଲେ । ରତନ ସିଂହ ମରିଗଲେ । କୋରିମାଳି ଦେଈଙ୍କ ମନ୍ଦାଚରଣ ସମ୍ବନ୍ଧେ ରାଜା ସାହେବଙ୍କ ନିକଟକୁ ଲେଖିଥିଲେ । ସାହେବ ଅର୍ଡର ଦେଲେ ତାଙ୍କ ଖଞ୍ଜା ପାରାଡିପି ମଉଜା ମାହାଲକୁ ଅଣାଯାଇ ନିଜି ଚାଷଜମିରୁ ଦଶ ଏକର ଜୀବନ ସ୍ୱତ୍ୱରେ ଦିଆଯାଉ । ଭବିଷ୍ୟତରେ କେହି ଖଞ୍ଜାଦାର ମରିଗଲେ ତାହାର ଖଞ୍ଜାମଉଜା ମାହାଲ ଅଣାଯାଇ ଫୁଟକର ଜମି କିଛି କିଛି ତାହାର ଓ୍ୱାରସ ମାନଙ୍କୁ ଦିଆଯାଉ ।

୫. ନିତ୍ୟାନନ୍ଦ କ୍ଷେତ୍ରିବର ସିଂହ । ସେ ସନ ୧୮୭୮ ରୁ ସନ ୧୮୯୨ ମସିହା ସୁଦ୍ଧା ଦେଓ୍ୱାନ ଥିଲେ । ଗୋଲଗୋଳା, ନନ୍ଦିଘୋଷପୁର, କ୍ଷେତ୍ରିବର ପୁର ପାସିପଲି, ମହେନ୍ଦ୍ରପୁର ପାଞ୍ଚମଉଜା ଭୋଗ କରୁଥିଲେ । ଏପରି ଦୁଇଶହ ଏକର ରଏତି ଜମି ତାଙ୍କର ଥିଲା । ସନ ୧୮୯୩ ମସିହା ମେଳି ପରେ ସମୁଦାୟ ମଉଜ ମହଲ, ଫୁଟକର ସମୁଦାୟ ସମ୍ପତ୍ତି ଷ୍ଟେଟକୁ ନିଆଯାଇ ତାଙ୍କର ବାର୍ଷିକ ଖୋରାକ ପୋଷାକ ସକାଶେ ଧାନ ୩୨ ଭରଣ ଓ ଟ୩୨୦/- ଧାର୍ଯ୍ୟ ହେଲା ।

Digitized by PPRACHIN, SOA

୬. ଶ୍ୟାମ ସୁନ୍ଦର ସୁରେନ୍ଦ୍ର ସିଂହ । ଏ ବଲଣ୍ଡା ଓ ଚାଇଁରଗଡି ମଉଜ ମହଲ ମଉଜା ପାଇଥିଲେ । ଏହାଙ୍କ ମୃତ୍ୟୁ ପରେ ମଉଜା ମାହାଲକୁ ନିଆଯାଇ ତାଙ୍କୁ ପୁଅକୁ ଫୁଟକର ଜମି କିଛି ଦିଆଯାଇଥିଲା ।

କନ୍ୟା - ପାଞ୍ଚଜଣଙ୍କୁ ବିବାହ ଦେଇ ଏହିଠାରେ ରଖିଥିଲେ । ।

୧. ଚମ୍ପା ଦେଈ ସେ ରଙ୍କ ଦେଉଳି ମଉଜା ପାଇଥିଲେ । ମୃତ୍ୟୁପରେ ମଉଜା ମାହାଲକୁ ଗଲା ।

୨. ପାର୍ବତୀ ଦେଈ । ଅନୁଗୁଳରେ ମଦନ ସିଂହଙ୍କୁ ବିବାହ ହୋଇ ଏକତାଳ ମଉଜାରୁ ଆଠପଣ ପାଇଥିଲେ । ତାଙ୍କର ବଂଶଧର ଭୋଗ କରୁଛନ୍ତି ।

୩. ହାଡ଼ି ଦେଈ । ଏ ବିରୁଳି ଷ୍ଟେଟର ନରେନ୍ଦ୍ରଙ୍କୁ ବିବାହ ହୋଇ ସୁନାମୁହିଁ ଜିଲା ଭାଲିଆ ଡିହି ମଉଜା ପାଇଥିଲେ । ତାଙ୍କ ମୃତ୍ୟୁପରେ ମଉଜା ମାହାଲକୁ ଯାଇଅଛି ।

୪. ଖଡକୁଡି ଦେଈ । ସେ ଗୋରାଦାସଙ୍କୁ ବିବାହ ହୋଇ ହଂସମଡା ମଉଜାରୁ ଆଠପଣ ପାଇଥିଲେ ।

୫. ଫକୀର ଦେଈ - ରବିଗାଡିଆ ମଉଜା ମହଲ, କାନ୍ଥମାଳ ଜିଲା ଖୁଣ୍ଟବନ୍ଧ ଖମାର ସମୁଦାୟ ଫୁଟକର ଜମି ପାଇଥିଲେ । ସେ ନିତ୍ୟାନନ୍ଦ ରାଜରାଜ ସିଂହ ଙ୍କୁ ବିବାହ ହୋଇଥିଲେ । ସରଘର ତରଫ ସରାଣୀଙ୍କ ଠାରୁ ଟଙ୍କା ନେଇ ସମୁଦାୟ ନିଜ ଦଖଲ ଜମି ସରଘରକୁ ଛାଡି ଦେଇଥିଲେ ।

ଦାଶରଥି ସିଂହ ଜଗଦେବ ସାମନ୍ତଙ୍କର ଅନ୍ତର ପୁତ୍ର ରାଘବ ମଙ୍ଗରାଜ ଶିକ୍ଷାରେ କମ୍ ହେଲେହେଁ ଏହାଙ୍କର ପୋଲିସ କାର୍ଯ୍ୟରେ ଦକ୍ଷତା ଥିଲା । ସେ ଅବୈତନିକ ପୋଲିସ ଇନ୍‌ସ୍‌ପେକ୍ଟର ଥିଲେ । ଏ ଗୁଣ୍ଡିଚା ବାରି ଓ ପଥରକଟା ମଉଜା ପାଇଥିଲେ । ସେ ମରିଯିବାରୁ ମହାଲକୁ ନିଆଯାଇ ଚାଷଜମି କିଛି ତାଙ୍କ ପୁତ୍ରଙ୍କୁ ଦିଆଯାଇଛି ।

Digitized by PPRACHIN, SOA

ସ୍ୱର୍ଗୀୟ ରାଜା ଲଡୁକିଶୋର ସିହଙ୍କ ଅନେକ ଅନ୍ତର ପୁତ୍ର କନ୍ୟା ହୋଇଥିଲେ । କେହି ମଉଜା ପାଇ ନଥିଲେ । ଟ୍ରେଜରୀରୁ ଟଙ୍କା ପାଉଥିଲେ । ସମସ୍ତେ ମୃତ ହୋଇଛନ୍ତି । ଜଣେ ବାଙ୍କିର ଅନ୍ତର ନିମାଇ ଚରଣ ମାନସିଂହ ନାମକ ଜଣେ କ୍ଷତ୍ରିୟ ଆସି ବଧିସାହି ମଉଜା ପାଇଥିଲେ । ସେ ମରିଯିବାରୁ ତାଙ୍କର ପୁତ୍ର ଅନାମ ଶ୍ରୀଚନ୍ଦନ ଉତ୍ତମ ଆଚ଼ରଣ ଲୋକ ଥିବାରୁ ଲଡୁକିଶୋର ସିଂହଙ୍କ ଅନ୍ତର ଝିଅ ଲକ୍ଷ୍ମୀ ଦେଈଙ୍କୁ ବିବାହ ହୋଇଥିଲେ ।

ଖଣ୍ଡପଡା ରାଜା କୁଞ୍ଜବିହାରୀ ଭ୍ରମରବରଙ୍କର ଅନ୍ତର ପୁତ୍ର ରଘୁନାଥ ଦାସ ଓ ଲକ୍ଷ୍ମଣ ଦାସ ଆସିଥିଲେ । ରଘୁନାଥ ଦାସ ଟେଜରୀରୁ ମାସିକ ଟ୧୦/- ପାଉଥିଲେ । ତାଙ୍କ ପୁଅ ଭିରୁଡାରେ ଅଛନ୍ତି । ଲକ୍ଷ୍ମଣ ଦାସ କଦଳିବନ୍ଧ ମଉଜା ଓ ହଂସମଡା ମଉଜାରୁ ଆଂଶିକ ପାଇଥିଲେ । କଦଳୀବନ୍ଧ ନୀଳା କୋଠଲୋକଙ୍କୁ ବିକ୍ରୀ କରିଥିଲେ ।

ତାଙ୍କ ପୁତ୍ର ରାମଚନ୍ଦ୍ର ଦାସ ହଂସମଡାରୁ ଆଂଶିକ ଭୋଗ କରୁଥିଲେ । ରାଜା ରଘୁନାଥ ସିଂହଙ୍କ ଅନ୍ତର ପୁତ୍ର ମଦନ ମୋହାନ ପୃଥ୍ୱୀ ସିଂହ, ତାଙ୍କ ମାତା ଗଣ୍ଡେଇ କୋଠଲୋକଙ୍କ ନାମେ ଥିବା ଦର୍ପମରୀୟଣ ପୁର ଓ ବାଣୁଆସାହି ପାଇଥିଲେ ଓ ଟ୍ରେଜେରୀରୁ ମାସିକ ଟ୧୦/- ପାଉଥିଲେ । ଏ ଧରାକୋଟରେ ଅଛନ୍ତି ।

୩. ବନ୍ଧୁବାନ୍ଧବ

ରାଜା ମୃତ୍ୟୁଞ୍ଜୟ ସିଂହ ପାରିକୁଦ ଓ ଘୁମୁସର ରାଜକନ୍ୟା ଙ୍କୁ ବିବାହ ହୋଇଥିଲେ । ରାଜା ବିନାୟକ ସିଂହ ସୁରୁଙ୍ଗ ରାଜକନ୍ୟାଙ୍କୁ ବିବାହ ହୋଇଥିଲେ । ରାଜା ବ୍ରଜବନ୍ଧୁ ସିଂହ ଖଲ୍ଲିକୋଟ ରାଜକନ୍ୟାଙ୍କୁ ବିବାହ ହୋଇଥିଲେ । ରାଜା ଲଡୁକିଶୋର ସିଂହ କୋରପିଠା ଓ ଦଶପଲ୍ଲା ବିବାହ ହୋଇଥିଲେ । ରାଜା ରଘୁନାଥ ସିଂହ ଖଣ୍ଡପଡ ଖୁଣ୍ଡପଡା ଖୁଣ୍ଟପଡାରେ ଓ ବଡୟା ରାଜକନ୍ୟାଙ୍କୁ ବିବାହ ହୋଇଥିଲେ ।

Digitized by PPRACHIN, SOA

ରାଜା ନାରାୟଣ ସିଂହ ହିନ୍ଦୋଳ ପାଟଯେମାଙ୍କୁ ବିବାହ ହୋଇଥିଲେ । ଉପସ୍ଥିତ ରାଜାସାହେବ (କୃଷ୍ଣଚନ୍ଦ୍ର ସିଂହ) ପ୍ରଥମରେ ନେପାଳରେ ଦ୍ୱିତୀୟରେ ହିନ୍ଦୋଳ ରାଜକନ୍ୟାଙ୍କୁ ବିବାହ ହୋଇଥିଲେ ।

ରାଜା ଲଡୁକିଶୋର ସିଂହଙ୍କ ପ୍ରଥମ କନ୍ୟାଙ୍କୁ ସୁରୁଙ୍ଗି, ଦ୍ୱିତୀୟ କନ୍ୟାଙ୍କୁ ତିଗିରିଆ, ତୃତୀୟ କନ୍ୟାଙ୍କୁ ତାଳଚେର, ୫ମ କନ୍ୟାଙ୍କୁ କନିକା ରାଜାମାନେ ବିବାହ ହୋଇଥିଲେ । ପାଲୁର ଭାଇ ସାମନ୍ତଙ୍କୁ ୪ର୍ଥ କନ୍ୟା ବିବାହ ହୋଇଥିଲେ । ରାଜା ଲଡୁକିଶୋର ସିଂହଙ୍କର ଢେଙ୍କାନାଳ ଓ ମଞ୍ଜୁଷାର ପୂର୍ବ ରାଜାଙ୍କ ସହିତ ଘନିଷ୍ଟ ସ୍ନେହ ଥିବାରୁ ବେଭାର ଚଳୁଥିଲା । ସନ ୧୮୯୨ ମସିହାରେ ରାଜା ରଘୁନାଥ ସିଂହ ତୀର୍ଥରୁ ଫେରିବା ସମୟରେ ଆଳି ରାଜାଙ୍କ ସହ ସଙ୍ଗାତ ବସି ଥିବାରୁ ବେଭାର ଚଳୁଥିଲା ।

ରାଜା ନାରାୟଣ ସିଂହଙ୍କର ଧରାକୋଟ ପୂର୍ବରାଜା ଏକୋଦରୀ ଭାଇ ଥିବାରୁ ବେଭାର ଚଳୁଥିଲା । ନରସିଂହପୁର ରାଜାଙ୍କର ପିତାମହୀ ହିନ୍ଦୋଳ ଉପସ୍ଥିତ ରାଜାଙ୍କର ପିଉସୀ ଥିବାରୁ ନରସିଂହ ପୁର କୁ ବେଭାର ଯାଉଥିଲା । ନୟାଗଡ ଓ ରଣପୁର ରାଜାମାନଙ୍କ ସ୍ନେହବନ୍ଧୁ ଥାଇ ବେଭାର ପଠାଯାଉଥିଲା । ନୟାଗଡରୁ ରଣପୁରକୁ ମକର ପ୍ରସାଦ ଓ ଅଧର (ରଥ ଭୋଗ) ଯାଉଥିଲା ।

ରଣପୁର ରାଜା ଛାଡଖାଇକୁ ପ୍ରଚୁର ଲୁଣିମାଛ ପଠାଉଥିଲେ । ଗଞ୍ଜାମ ଆଠଗଡ ରାଜା ଟିକିଲି ରଘୁନାଥ ପୁର ମାମୁ ଘରେ ଥିବାରୁ ସେଠାକୁ ବେଭାର ଜ୍ଞାତି ଭାବରେ ଯାଏ । ମୃତ ଖବର ଶୁଣିଲାମାତ୍ରେ ସ୍ନାନ କରି ଶୁଦ୍ଧ ହେବାକୁ ହୁଏ । ବୌଦ ରାଜାଙ୍କ ସହିତ ପୂର୍ବରୁ କିଛି ସମ୍ପର୍କ ନଥିଲା । ଉପସ୍ଥିତ ରାଜାଙ୍କ ବିବାହ ସମୟେ ନିମନ୍ତ୍ରଣ ଆସିଥିବାରୁ ବେଭାର ଯାଇଥିଲା ।

୪. ସରଘର

ସନ ୧୮୫୨ ମସିହା ସେଟଲମେଣ୍ଟ ସମୟକୁ ସରଘର ଖଞ୍ଜା ଏତେ ଅଧିକ ନଥିଲା । ସ୍ୱର୍ଗୀୟ ରାଜା ଲଡୁକିଶୋର ସିଂହ ସରଘର ଖଞ୍ଜା ବଢ଼ାଇ ଦେଇଥିଲେ । ସରଘର ଅଧୀନରେ ଅନେକ ମଉଜା ବସତି କରିଥିଲେ । ନାଓ୍ୟାରସି ପ୍ରଭୃତି ଅନେକ ଫୁଟକର ଜମି ସରଘରରେ ସାମିଲ କରିଥିଲେ ।

Digitized by PPRACHIN, SOA

ପୂର୍ବେ ସରଘର ଏକ ସରାଣୀ ଦ୍ୱାରା ପରିଚାଳିତ ହେଉଥିଲା । ସରାଣୀଙ୍କ ଅଧିନରେ କାର୍ଯୀ କରଣ ଦୁଇ ଜଣ ଥାଇ କାଗଜ ପତ୍ର କରନ୍ତି । ରାଜା ସାହେବଙ୍କର ଖାଇବା ପିନ୍ଧିବା ପ୍ରଭୃତି ଯାବତୀୟ ବିଷୟ ସରାଣୀ ବୁଝନ୍ତି ।

ରାଜା ସାହେବଙ୍କର ଆବଶ୍ୟକ ଜିନିଷ ସୁନା, ରୂପା, ପାଟ ପ୍ରଭୃତି ଶସ୍ତା ସମୟରେ ଖରିଦ ହୋଇ ସରଘରେ ଜମା ଥାଏ । କୌଣସି ଜିନିଷ କେତେବେଳେ ବଜାରରୁ ଖରିଦ ହୁଏ ନାହିଁ । ଖମାର ଅମାର କାମ ସରାଣୀ ବୁଝନ୍ତି । ବର୍ଷ୪୦ରୁ ଉର୍ଦ୍ଧ୍ୱ ବୟସ ନହେଲେ ସରାଣୀ କାମ ଦିଆଯାଏ ନାହିଁ । ସରାଣୀଙ୍କର ଜଣେ ସହକାରୀ ସରାଣୀ ଥାଏ । ସରାଣୀ ଖମାର ଅମାରକୁ ଯିବା ସମୟରେ ସେ ସବୁ କଥା ବୁଝେ । ଧାନବୁଣା ଠାରୁ ଧାନ ଫସଲ, ଧାନ ଆୟ, ମୁଗ ପ୍ରଭୃତି ବାଜେ ଶସ୍ୟ ସବୁ ସରାଣୀଙ୍କ ଉପସ୍ଥିତିରେ ଆଦାୟ ହୁଏ । ଖମାର ମାନଙ୍କରେ ରାଜା ପରିବାର ରହିବାରୁ ଉପରୋକ୍ତ, ଘର ଧାନ ହିସାବ, ହଳ, ବେଠିହଳ ଇତ୍ୟାଦି ଉପଯୋଗ ହେଉଥିଲା । ବେଠି ହଳରେ ଗୋଟେ ଦିନରେ ଗୋଟେ ଖମାର ଧାନବୁଣା ସରୁଥିଲା । ବେଠିରେ ବୁହୁତ କାମ ବେଗି ହୁଏ । କରଜ ଦବା ନବା ସରାଣୀଙ୍କ ଉପସ୍ଥିତିରେ ହୁଏ । ଏ ବର୍ଷ କରଜ ଅନ୍ୟ ବର୍ଷକୁ ରହେ ନାହିଁ । ଦୋଳପୂର୍ଣ୍ଣମୀ କୁ କାହାରି ଉପରେ କିଛି ରହେ ନାହିଁ ।

ଯଦି କାହାରିଠାରେ କିଛି ବାକୀ ରହିଯାଏ ତେବେ ତାକୁ ହାତକଡି ଗୋଡକଡି ଦିଅନ୍ତି । ସେଥିରେ ଆଦାୟ ନହେଲେ ସାଙ୍ଗେ ସାଙ୍ଗେ ଛାଡି ଦିଅନ୍ତି । ଖମାର ମାନଙ୍କରେ ଧାନ, ମୁଗ, ବିରି, ବରଗୁଡି, ଗହମ, କାଙ୍ଗୁଲ, ରାଶି, କପା, ଜଡା, ପରିବା, କମଳା, ଲେମ୍ବୁ କାଣ୍ଡିଆ, ଟଭା, କୋଳି ଆଦାୟ ହୁଏ । ତିଳା, ପେଶୁ, ଝୋଟ, ଗୁଡ, ନଡିଆ, ସାରୁ, ଆଳୁ, କଖାରୁ ପ୍ରଭୃତି ଯାବତୀୟ ପରିବା ଆଦାୟ ହୁଏ । ଡମଣୀ ମୌଜାରେ ବୃହତ୍ କଦଳୀ ବଗିଚା ଥାଏ ଏବଂ ଅନେକ ସୁସ୍ୱାଦୁ ଫଳ ଥାଏ । ସବୁ ଖମାରରେ ସବୁ ଶସ୍ୟ ଆଦାୟ ହୁଏ । ମେଘମାଳ ଆମ୍ବ ବଗାଏତ । ତାହା ନିକଟ କହୁଣିଆ କାଳି ରାଜା ସାହେବଙ୍କ ଯୋଗାଣ ଆମ୍ବ ଓ ମାଛ ଯୋଗାଏ । ରାଜ୍ୟ ମଧ୍ୟରେ ଯେତେ ପୋଖରୀ ଅଛି ଗ୍ରାମବାସୀ ସେଥିରୁ ଭଲ ମାଛ କିଛି

Digitized by PPRACHIN, SOA

ରାଜାଙ୍କ ସକାଶେ ପଠାଇ ବାକି ଗ୍ରାମପ୍ରଜା ବାଣ୍ଟି ନିଅନ୍ତି । ଯେଉଁ ଶିକାରୀ ଜଙ୍ଗଲ ମିରିଗ ପ୍ରଭୃତି ଜନ୍ତୁ ମାରନ୍ତି ସେଥିରୁ ବିଟ, ଫଡିଆ ସରଘରକୁ ପଠାନ୍ତି ।

ସରଘର ଇଲାକାରେ ଅନେକ ଗାଈ ମଇଁଷି ଥାନ୍ତି । ସେଥିରୁ ଘିଅ, ଦହି, ଖିର ଆମଦାନୀ ହୁଏ । ପ୍ରତିଦିନ ଲହୁଣୀ ମରା ହୋଇ ସେହି ଘିଅ ରାଜାଙ୍କୁ ଯୋଗାଣ ହୁଏ । କେହି ଚାକର ଦୋଷ କଲେ ତାହାର ଚାକରାନ୍ ଜମି ସରଘରକୁ ଆସେ ।

ଅନେକ ମଉଜାରୁ ପ୍ରାୟ ଦୁଇ ଶହ ପର୍ଯ୍ୟନ୍ତ ବେଠି ଗାଡି ସରଘରକୁ ଆସେ । ସରଘର ମଉଜ ମହଲ ଖଜଣା ଟ୪୦୦୦/- ଅସୁଲ ହୁଏ । ପୂର୍ବେ ବିଧବା ପୁତ୍ର ମୁଆଜା, ବିଧବା କନ୍ୟା ଦ୍ୱିତୀୟ ବିବାହ ଫିସ୍ ସରଘରର ଥିଲା । (ପରେ ଏହା ଉଠାଇ ଦିଆ ଯାଇଅଛି) ପନ୍ଦାରିଆ ମାନେ ସରଘରକୁ ପିଆଜ ଦେଉଥିଲେ । ଭେଟି ସଲାମି ସରଘରର ଥିଲା । ବ୍ରହ୍ମୋତ୍ତର ଜାଗ୍ରୀ ମଉଜା ଛଡା ପ୍ରତିମଉଜାରେ ରାଜାଙ୍କର ସ୍ୱନକ୍ଷତ୍ର, ଶ୍ରାଦ୍ଧ, ଦ୍ୱିତୀୟା ଓଷା, ଛାଡ ଖାଇବକୁ ପରିବା ଭାର ଆସୁଥିଲା ।

ପ୍ରଜାମାନଙ୍କର ଖାଇବା ଓ ବିହନ ସକାଶେ ଧାନ ଓ ଅନ୍ୟ ଶସ୍ୟ ପ୍ରଜାଙ୍କୁ ଦୁଇଅଣା କମ୍ ଦରରେ ସରଘର ବିକ୍ରୟ କରୁଥିଲା । ପ୍ରତିବର୍ଷ ଯେଉଁ ସୁଧ ଆସୁଥିଲା, ସେଥିରେ କାର୍ଯ୍ୟୀ, କରଣ, ସିଭ କରଣ, ଖମାରି ହଳିଆ ପ୍ରଭୃତି କେତେକ ଅଂଶରେ ଦରମା ପାଉଥିଲେ । ଗୋଛିଦାର ମାନେ ମାସରେ ଗୋଟିଏ ଲେଖାଏଁ ଗୋରଚନା ସରଘରକୁ ଦେଉଥିଲେ ।

ଦେଶୀ କନ୍ଧମାନେ ପ୍ରତିମାସରେ ଦାନ୍ତକାଠି, ଶାଳ ପତ୍ର ଅମାର ଚାଞ୍ଚଡା, ଖୁଣ୍ଟି, ବାଉଁଶ ଦେଉଥିଲେ । ମାଲୁଆ କନ୍ଧ ମାନେ ମକା, କଖାରୁ, କୟାଁ, କୋଳଥ, କାଙ୍ଗୁଲ, ଝୁଣା, ଫୁଲ ଛାଞ୍ଚୁଣି, ପିଞ୍ଜରା ପ୍ରଭୃତି ଦେଉଥିଲେ । ରାଜା ନାରାୟଣ ସିଂହଙ୍କ ବିୟୋଗ ସମୟକୁ ଟ୨୦୦୦୦୦/- ର ସୁନା ଗହଣା ରଖି ଯାଇଥିଲେ ଏବଂ ଅନେକ ରୂପା ବାସନ ରଖିଥିଲେ ।

Digitized by PPRACHIN, SOA

୫. ଭିତରତଳ

ଭିତରତଳ ଇଲାକାରେ ଶିଖରପୁର, ଆଙ୍ଗିସିଙ୍ଗ, କାଳିକା ପ୍ରସାଦ, ପୋଡା ଶରଣକୁଳ ଚାରିଗୋଟି ଖଞ୍ଜାଥିଲା । ଏପରି ଅନ୍ୟାନ୍ୟ ମଉଜାରୁ କିରଣ ଧାନ ଆସୁଥିଲା । ପୂର୍ବେ ଧାନଦର ଶସ୍ତା ଥିବାରୁ ଏକ ଭରଣକୁ ଚାରି ଟଙ୍କାରେ ଖରିଦ ହୋଇଥିଲା । ତାପରେ ଏକ ଭରଣକୁ ଆଠ ଟଙ୍କାରେ ହେଲା । ଏବେ ଧାନ ବଦଳରେ ଟ୧୬/- ଓ ୨୦/- ଦରରେ ଟଙ୍କା ଆଦାୟ ହେଉଅଛି ।

ପ୍ରତିବର୍ଷ ୨୦୦ ଭରଣରୁ ଊର୍ଦ୍ଧ୍ୱ ଧାନ ଓ ସହସ୍ରାଧିକ ଟଙ୍କା ଆଦାୟ ହୋଇ ରାଜବାଟିର ସ୍ତ୍ରୀ ଲୋକମାନେ ପାଆନ୍ତି । ଭିତର ତଳ ଜଣେ କାର୍ଯ୍ୟୀଦ୍ୱାରା ପରିଚାଳିତ ହୁଏ । ରାଜବାଟି ମଧ୍ୟରେ ଘର ଛପର ଓ ମରାମତି, ରାଜବାଟି ଚାରିପଟ କାନ୍ଥ ତୟାର ଓ ତାହା ଛପର ପ୍ରଭୃତ ଯାବତୀୟ ବେଠି ଏହି ଚାରି ମଉଜାର ପ୍ରଜା କରନ୍ତି ।

ରାଜ ବାଟିରେ ଆଢ଼ାର ପ୍ରଭୃତି ହେବାରୁ ଏହି ଚାରି ମଉଜାରୁ ଚବିଶ ପଣ ଗୁଡ ଆଦାୟ ହୁଏ । କେବଳ ବାଉରୀ, ବିରଜାଇ ଠାକୁରାଣୀଙ୍କ ମନ୍ଦିର ଛପର ବନ୍ଦି ଓଗେର ଓ ଦୁର୍ଗାଦେବୀ ଠାକୁରାଣୀଙ୍କର ଭୋଗ ଘର ଛପର ଖଣ୍ଡୁଗାଁ, କ୍ରିଦାସପୁର, ପେଟାସାହି ବ୍ରାହ୍ମଣମାନେ ପଇସା ନେଇ କରନ୍ତି । ଏବଂ ହୋମକୁ ନବ ସମୀଧ ଯୋଗାନ୍ତି । ଏ ସମ୍ବନ୍ଧରେ ସନ ୧୯୨୪ ବା ୨୫ ମସିହାରେ ପଲିଟିକାଲ ଏଜେଣ୍ଟଙ୍କ ନିକଟ ଅପିଲ ହୋଇ ସାକିରୀ ମଉଜା ଯାଇଅଛି ।

୬. ଖଏରାତ୍

ବୈଷ୍ଣବମାନେ ଚାରି ସମ୍ପ୍ରଦାୟରେ ବିଭକ୍ତ । ୧. ନିର୍ବାସୀ, ୨. ନିର୍ମୋହୀ, ୩. ଖାଖୀ, ୪. ଦିଗମ୍ବର

ଏହି ଚାରି ସମ୍ପ୍ରଦାୟକୁ ଚାରି ଆଖଡା କହନ୍ତି । ପୂର୍ବରାଜା ରାମଚନ୍ଦ୍ର ସିଂହ ଚାରି ଆଖଡାର ଚାରି ମଠ ସ୍ଥାପନ କରିଥିଲେ ।

୧. ନିର୍ବାସୀ - ବଡଛାଉଣୀ ମଠ, ୨. ନିର୍ମୋହୀ - ବଡମଠ, ୩. ଖାଖି- ଖାଖି ମଠ, ୪. ଦିଗମ୍ବର - ଗୁଣ୍ଡିଚାବାରୀ ମଠ ଖାଖି- ଖାଖି ମଠ, ୪. ଦିଗମ୍ବର - ଗୁଣ୍ଡିଚାବାରୀ ମଠ ଏହି ମଠ ମାନଙ୍କରେ ଜଣେ ଲେଖାଏଁ

Digitized by PPRACHIN, SOA

ଉପଯୁକ୍ତ ମହନ୍ତ ଏବଂ ତାଙ୍କ ଅଧୀନରେ ଜଣେ ଲେଖାଏଁ ଅଧିକାରୀ ଥାଇ ମଠ ଚଲାନ୍ତି । ଏଠାରେ ଅନେକ ଭଲ ଭଲ ବୈଷ୍ଣବ ଥାଆନ୍ତି । ଚତୁର୍ମାସରେ ଅନେକ ଅଧିକା ବୈଷ୍ଣବ ରହନ୍ତି । ଅନେକ ଭଲ ଭଲ ଠାକୁର ଅଛନ୍ତି । ପ୍ରତିନିତି ବେଷ୍ଣବମାନେ ସ୍ନାନାଦି ସାରି ଠାକୁରଙ୍କ ଆରତି ସମୟରେ ଓ ସନ୍ଧ୍ୟା ଆରତି ସମୟରେ ଭକ୍ତିପୂର୍ଣ୍ଣ ଭଜନ କରି ରାଜା ପ୍ରଜାଙ୍କର ମଙ୍ଗଳ କାମନା କରନ୍ତି ।

ଅଙ୍କ, ସ୍ୱନକ୍ଷତ୍ର, ରାଜାଙ୍କ ବନ୍ଦାପନା ସମୟରେ ପୃଥକ୍ ଆସନରେ ବସି ବନ୍ଦାପନା ଶେଷରେ ରାଜାଙ୍କ ଗଳାରେ ତୁଳସୀ ମାଳ, କଣ୍ଠି ମାଳ ଦିଅନ୍ତି । ପ୍ରତିନିତି ସକାଳ ଓ ରାତ୍ରିରେ ଠାକୁରଙ୍କ ଥାଳି ବା ଭୋଗ ଉଠିଲେ ବୈଷ୍ଣବମାନେ ଭୋଜନ କରନ୍ତି । ମଠର କଟୁଆଳ ହନୁମାନଙ୍କ ଧଂସା ବଜାଇ ଦେଲେ ଅତିଥିମାନେ ମଠ ବାହାର ଅଗଣାରେ ଧାଡି ଧରି ବସି ଯାନ୍ତି । ସେମାନଙ୍କୁ ଅନ୍ନ, ଡାଲି, ଗୋଟିଏ ତର୍କାରୀ ଭରା ଭୋଜନ ଦିଆଯାଏ । ସେମାନେ ସେହିଠାରେ ଖାଆନ୍ତି । ପ୍ରଧାନ ଦିନ ମାନଙ୍କରେ ସଙ୍ଖୁଡି, ନିସଙ୍ଖୁଡି ଭୋଗ ରାଜବାଟିକୁ ପଠାନ୍ତି । ଏହା ପ୍ରତିମଠରେ ହୁଏ । ଅଳ୍ପ ଦିନ ହେଲା ଏହା ଉଠି ଯାଇଅଛି ।

ଏହା ଛଡା ମଫସଲ ଓ ଟାଉନରେ ଅନେକ ଖଏରାତ ମଠ ଅଛି । ସେ ମଠ ମାନଙ୍କରେ ଜଣେ ଲେଖାଏଁ ଅଧିକାରୀ ଅଛନ୍ତି । ଅନେକ ବୈଷ୍ଣବ ଥାଆନ୍ତି । ଟାଉନରେ ହରିଦ୍ୱାର, ଛୋଟଛାଉଣୀ ମଠ । ମୋଫସଲରେ ବାଉଁଶିଆ ପଡା, ଇଟାମାଟି, ବିରୁଡା, ଶରଧାପୁର, ଗମେଇ, ଗବନଳ, ଆଙ୍ଗିସିଙ୍ଗ, ଗଉଡପୁଟ ଓଡଗାଁ, କୁରୁଡା, ଢ଼େଙ୍କେଣା, ଜୟପୁର, ଚଣ୍ଡୀବସ୍ତ, ରାଜାପାଟଣା ଓ ବଡପଣ୍ଡୁସର । ଏ ମଠ ମାନଙ୍କର ଆୟବ୍ୟୟ ମହନ୍ତମାନେ ବୁଝନ୍ତି । କେହି ବିଦେଶୀ ଭଦ୍ରଲୋକ କିମ୍ବା ମଫସଲରୁ ଲୋକ ଆସିଲେ ମଠରେ ଭୋଜନ କରନ୍ତି । ପ୍ରତିମଠରେ ମଠ ଖର୍ଚ୍ଚରେ ପ୍ରତିଷ୍ଠିତ ଅନେକ ଖାଲିଘର ରହୁଥିଲା ଏହା ପ୍ରକାରାନ୍ତରେ ଧର୍ମଶାଳା । ପୂର୍ବ ରାଜାମାନେ ଅନେକ ଭଲ, ମଉଜ ମହଲ ଓ ଫୁଟକର ଜମି ଖଏରାତରେ ଖଞ୍ଜିଥିଲେ । ପୂର୍ବେ ମହନ୍ତ ମାନଙ୍କର ମାର୍ଫତ ଦାର ସତ୍ୱ ଥିଲା । ସନ ୧୯୦୬ ସାଲ

Digitized by PPRACHIN, SOA

୭. ରାଜାଙ୍କର ଅଷ୍ଟପାଟ

୧. ପାଟ ଖଣ୍ଡା, ୨. ପାଟ ମହାଦେବୀ, ୩. ପାଟ ଦେଓ ବା ଯୁବରାଜ, ୪. ପାଟ ଅଗଣା, ୫. ପାଟ ଘୋଡା, ୬. ପାଟ ହାତୀ ୭. ପାଟ ପୁରୋହିତ ୮. ପାଟ ଜ୍ୟୋତିଷ ବା ଧର୍ମାଧ୍ୟକ୍ଷ

୮. ରାଜବେଶ

ଖିଡିକିଦାର ପାଗବେଶ - ଶିର ବେଢ଼ ବାତିଗା, ନଟକଣ, କୁଶଳୀ ବୀରବଲି, ହାର, ବାଜବନ୍ଧ, ମୁଦି, ଗୋଡକୁ ତୋଡର, ପାଟଯୋଡ, ଦୁବ ଓ କୁନ୍ଦଫୁଲ ଝରା, ଗୋରଚନା ଟୋପା । ପାଟ ମହାଦେଇଙ୍କ ଛଡ଼ା ଗୋରଚନା କେହି ଲଗାଇ ଦିଅନ୍ତି ନାହିଁ ।

୯. ଗୋସ୍ୱାମୀ ମହାପ୍ରଭୁ ବା ମନ୍ତ୍ରପିତା

ସ୍ୱର୍ଗୀୟ ରାଜା ବିନାୟକ ସିଂହ ନଦିଆ ଜିଲା ମୋହନପୁର ନିବାସୀ ନବ ଲାଲ ଗୋସ୍ୱାମୀଙ୍କ ଠାରୁ ମନ୍ତ୍ର ଗ୍ରହଣ କରିଥିଲେ ଏବଂ ଗୁରୁ ଦକ୍ଷିଣା ତଳେ କୁରୁମୁଣ୍ଡାଳି, ଡିମିରିଝରି ମଉଜ ମହଲ ମଉଜା ଦେଇଥିଲେ । ସ୍ୱର୍ଗୀୟ ରାଜା ବ୍ରଜବନ୍ଧୁ ସିଂହ ସେହି ନବଲାଲ ଗୋସ୍ୱାମୀଙ୍କଠାରୁ ମନ୍ତ୍ର ଗ୍ରହଣ କରିଥିଲେ । ଗୁରୁଙ୍କ ନାମରେ ନବଲାଲ ମଠ ସ୍ଥାପନ କରି ଠାକୁରଙ୍କ ଭୋଗ ଖଞ୍ଜା ସକାଶେ ଫୁଟକର ଜମି ଖଞ୍ଜିଥିଲେ ।

ସ୍ୱର୍ଗୀୟ ରାଜା ଲଡୁକିଶୋର ସିଂହ ଦୋଳଗୋବିନ୍ଦ ଗୋସ୍ୱାମୀଙ୍କ ଠାରୁ ମନ୍ତ୍ର ଗ୍ରହଣ କରିଥିଲେ । ସ୍ୱର୍ଗୀୟ ରାଜା ବଳଭଦ୍ର ସିଂହ ଓ ନାରାୟଣ ସିଂହ ମାନେ ଯଜ୍ଞେଶ୍ୱର ଗୋସ୍ୱାମୀଙ୍କ ଠାରୁ ମନ୍ତ୍ର ଗ୍ରହଣ କରିଥିଲେ । ନବରତ୍ନ ପୁର ମଉଜା ଗୁରୁ ଦକ୍ଷିଣାରେ ଦେଇଥିଲେ । ଉପସ୍ଥିତ ରାଜା ସାହେବ (କୃଷ୍ଣଚନ୍ଦ୍ର ସିଂହ) ଦୋଳଗୋବିନ୍ଦଙ୍କ ପୁତ୍ର ଆଶୁତୋଷ ଗୋସ୍ୱାମୀଙ୍କ ଠାରୁ ମନ୍ତ୍ର ଗ୍ରହଣ କରିଛନ୍ତି ।

୧୦. ପୁଅ ବ୍ରାହ୍ମଣ

ସ୍ୱର୍ଗୀୟ ରାଜା ବିନାୟକ ସିଂହଙ୍କ ସମୟରୁ ପୁଅ ବ୍ରାହ୍ମଣ ସୃଷ୍ଟି ହେଲା । ପୁଅ ବ୍ରାହ୍ମଣ ରାଜାଙ୍କ ଗୋତ୍ରରେ ବ୍ରତ ହୁଏ । ବ୍ରତ ବେଦିକୁ ରଜା ଯାଇ

Digitized by PPRACHIN, SOA

ଭିକ୍ଷା ଦିଅନ୍ତି । ରୁଷିଆଣୀ ପରେ ରାଜବାଟୀରେ ରାଣୀ ପ୍ରଭୃତି ଭିକ୍ଷା ଦିଅନ୍ତି ।

ପୁଅ ବ୍ରାହ୍ମଣ ବିବାହରେ ପାଟମହାଦେଈ ଆଞ୍ଜୁଳି ଚାଉଳ ଧରନ୍ତି । ରାଜବାଟୀରେ ବିବାହ ହୋଇ ଆସନ୍ତି । ପୁଅ ବ୍ରାହ୍ମଣ ରାଜାଙ୍କ ଅଭାବରେ ଶ୍ରାଦ୍ଧ କରେ । ରାଣୀଙ୍କ ଅଭାବରେ ବ୍ରାହ୍ମଣ ବୋହୂ ବାଉରି ଘଡାର ପିଣ୍ଡ ପ୍ରସ୍ତୁତ କରି ଶ୍ରାଦ୍ଧ ସ୍ଥାନକୁ ଆଣେ । ସିଞ୍ଚପତ୍ର ପକାଏ । ଏଠାରେ ଜାତିଆ ସାମନ୍ତ ନ ଥିବାରୁ ଜାତିଆ ସାମନ୍ତ କାର୍ଯ୍ୟ କରେ ।

ତାଳଚେରର ପୂର୍ବ ରାଜାଙ୍କ ବ୍ରତ ସମୟରେ ପୁଅ ବ୍ରାହ୍ମଣ ରଘୁନାଥ ରାୟଗୁରୁ ମାମୁ ବଦଳରେ ମାମୁ ହୋଇ ଥାଳି ଧରିଥିଲେ । ସୁନା ଯେମା କନିକା ରାଜାଙ୍କୁ ବିବାହ ହେବା ସମୟରେ ବରଧରା ହୋଇ ଯାଇଥିଲେ । ସ୍ୱର୍ଗୀୟ ରାଜା ନାରାୟଣ ସିଂହ ସନ ୧୯୦୩ ମସହିହାରେ ହିନ୍ଦୋଳ ପାଟଯେମାଙ୍କୁ ବିବାହ ହୋଇଥିବାରୁ ତାଙ୍କୁ ବରରକର୍ତ୍ତା ହୋଇ ବସି ବିବାହ କରିଥିଲେ । ଅପର ପକ୍ଷରେ ପୁଅ ବ୍ରାହ୍ମଣ ପ୍ରତିଦିନ ତର୍ପଣ ଓ ବୈଶ୍ୟଦେବ କରନ୍ତି । ପୁରୋହିତେ ବସନ୍ତି । ଶ୍ରାଦ୍ଧରେ ରାଜା ଶ୍ରାଦ୍ଧ କରନ୍ତୁ ବା ପୁଅ ବ୍ରାହ୍ମଣ ଶ୍ରାଦ୍ଧ କରନ୍ତୁ ପୁଅ ବ୍ରାହ୍ମଣ ସେ ପିଣ୍ଡ ନିଜେ ନେଇ ପୋଖରୀରେ ପକାନ୍ତି । ଆଜିକାଲି ପୁଅ ବ୍ରାହ୍ମଣ ଉଠାଇ ଦିଆ ଯାଇ ସବୁକାମ ପୁରୋହିତ କରୁଅଛନ୍ତି ।

ଯେଉଁ ପୁରୋହିତଙ୍କର ପାଦଧୂଳି ରାଜାଙ୍କର ମସ୍ତକରେ ଦିଆ ଯାଉ ଅଛି ସେ ଅଇଁଠା ପିଣ୍ଡ ଉଠାଇନେଇ ପୋଖରୀରେ ପକାଇବ । ଏଯୁଗକୁ ସୁନ୍ଦର ହୋଇଛି । ରାଜା ରାଣୀଙ୍କ ବିୟୋଗରେ ଅଶୁଭ କାର୍ଯ୍ୟ ଜାତିଆ ଭାଇ ପୁଅ ଓ ସାମନ୍ତ ଶବ ନିଅନ୍ତି । ଜଗନ୍ନାଥ ଯିଉଙ୍କ ରୋଷରୁ ଅଗ୍ନି ଯାଏ । ଗୋକୁଳେଶ୍ୱର ଙ୍କ ଡିପରେ ଶବବାହ ହୁଏ । ଏକୋଇଶିଟି ଘିଅ ବଳିତା ଗୋଟିପଣ ପତ୍ରରେ ରଖି ପୁଅ ବ୍ରାହ୍ମଣ ମୁଖାଗ୍ନି ଦିଅନ୍ତି । ପାଟ ପୁରୋହିତ ମୁଖାଗ୍ନି ବାକ୍ୟ କହନ୍ତି ।

ରାଜ ପୁରୋହିତ ରାଜାଘର ଅଶୁଭ କାର୍ଯରେ କିଛି କରନ୍ତି ନାହିଁ । ଅଶୁଭ କାର୍ଯ୍ୟରେ ବରପଲି ସତ୍ୟବାଦୀ ଦାସ ଓ ମାନ୍ଧତାପୁର ଷଡଙ୍ଗୀ ଓ

Digitized by PPRACHIN, SOA

ରାଜ ପୁରୋହିତ ରାଜାଘର ଅଶୁଭ କାର୍ଯରେ କିଛି କରନ୍ତି ନାହିଁ । ଅଶୁଭ କାର୍ଯ୍ୟରେ ବରପଲି ସତ୍ୟବାଦୀ ଦାସ ଓ ମାନ୍ଧତାପୁର ଷଡଙ୍ଗୀ ଓ ନିଳାଦ୍ରିପୁର ଶତପଥୀ ପୁରୋହିତ ଅଟନ୍ତି ।

୧୧. ଛତିଶାନିଯୋଗ

ଛତିବରଦାର, ତ୍ରାସ ବରଦାର, ଆରତୀ ଗରିବରଦାର, ମେଘାଡମ୍ବର ବଣଦାର, ଗଜ ପତାକା ବରଦାର, ବିଶ୍ୱାସରା, ପ୍ରତି, ସ୍ୱାର, ଛାମୁ ଲୋକ ଟହଲିଆ, ପ୍ରଧାନି, ବସନ୍ତରା, ପସେଇତ, କାହାଳିଆ, ଗୁଣୀ, ଭାଟ, ଚୋପଦାର, ଖୁଣ୍ଟିଆ, ଚାମର ବରଦାର, ପଙ୍ଖା ବରଦାର, ମୟୁର ଝୁଲା ବରଦାର, ମର୍ଦନିଆ ଗଉଡ, ମର୍ଦନିଆ ମହାନ୍ତି, ଗାଆଣି, ଶଙ୍ଖୁଆ, ରାଜାବାଟି ସରଦାର, ଭିତର ଦ୍ୱାରୀ, ବାହାର ଦ୍ୱାରୀ, ପଚିଶ ପତାକା ବରଦାର, ତେଲିଙ୍ଗି ବଜନ୍ତି ବରଦାର, ଭୁରା ବାଜାଦାର, ଦରଜି, ଚାରିପାଏକ, ନରି ବରଦାର, ଭଦ୍ର ପତ୍ରି, ବଣିଆ,

୧୨. ଚ଼ଉକିବେତ ପାଏକ

ରାଜାଙ୍କ ରାଜବାଟି ଚାରିପଟେ ବାରଗୋଟି ଯାଗାରେ ପହରା ଥାଏ । ପହରା ଯାଗାକୁ ଚଉକି କହନ୍ତି । ୧୨ ଗୋଟି ମଉଜାର ପ୍ରଜା ଏହି ପହରା କାମ କରନ୍ତି । ୧.ଲେଙ୍କୁଡିପଡା, ୨.ଜାମୁସାହି, ୩.ଧବଲାଇ, ୪.ଗୋଡିସାହି, ୫.କଲ୍ୟାଣପୁର, ୬. ମଗର ବନ୍ଧ, ୭. ଗାତିରି, ୮. ଛୁମୁ ଗାଡିଆ, ୯. ପୋଡାଗଡ, ୧୦. ଗମେଇ, ୧୧. ଗନ୍ଧ ବାରଣ, ୧୨. କନ୍ଧ ଗମ୍ଭାରି ଡିହି ।

ଏ ପର ଦାରୁଘର ଓସ୍ତିଆ ପ୍ରଜା ଦାରୁଘର ପହରା କାମ କରନ୍ତି । ସିନ୍ଦୁରିଆ ମଉଜା ହାଡ଼ିମାନେ ରାତ୍ର ଚାରିପ୍ରହରେ ରାଜବାଟି ଚାରିପଟେ ବାଜା ବଜାନ୍ତି । ଏହା ଛାଡ ଧୁସୁମା ପ୍ରଭୃତି କାଳିନ୍ଦି ଜାତି ଲୋକେ ଅଡରଲି (Orderly) ପାଏଙ୍କ କାର୍ଯ୍ୟ କରନ୍ତି । ଏମାନଙ୍କୁ ନଗଦିଆ ପାଏକ କହନ୍ତି ।

ସିନ୍ଦୁରିଆ ମୁସଲମାନ ମାନେ ହଯୁରି ପାଏକ । ଏମାନେ ପୋଲିସର କାର୍ଯ୍ୟ କରନ୍ତି । ଚଉକି ବେଢ଼ ପାଏକ ମାନେ ଭାଲି, ନଗଦିଆ ପାଏକ ଓ ହଜୁରି ପାଏକ ମାନେ ଖଣ୍ଡା ବ୍ୟବହାର କରନ୍ତି । ସମସ୍ତେ ଜାଗ୍ରୀ ଜମି ଭୋଗ କରନ୍ତି । ଛତିଶାନିଯୋଗ ଓ ସବୁ ପାଏକମାନେ ରାଜବାଟି ସରଦାର

Digitized by PPRACHIN, SOA

୧୩. ଧଳ

ଧଳମାନେ କ୍ଷତ୍ରିୟରେ ଯା'ନ୍ତି । ଏମାନେ ରାଜା ରାଣୀ, ଅନ୍ତର ପ୍ରଭୃତିଙ୍କର ଶବ ଦାହ କରନ୍ତି । ରାଜା ନଥିବା ସମୟରେ ରାଜବାଟି ଜଗି ରହନ୍ତି । ପର୍ବସମୟରେ ବାଉରୀ, କାଠି, ବାହ୍ମଣ ଦେଇ ତାର୍କାଇ ଠାକୁରାଣୀଙ୍କୁ ବିଯେ କରାନ୍ତି । ସେମାନଙ୍କୁ ଜଗି ରହନ୍ତି । ଏମାନେ ଜାଗ୍ରି ଭୋଗୀ, ସରଦାର ଅଧୀନରେ କାମ କରନ୍ତି ।

୧୪. ବ୍ରହ୍ମୋତ୍ତର

ସ୍ୱର୍ଗୀୟ ରାଜା ରଘୁନାଥ ସିଂହଙ୍କ ପର୍ଯ୍ୟନ୍ତ ବ୍ରହ୍ମୋତ୍ତର ଗୋଟିଏ ସ୍ୱତନ୍ତ୍ର ଡିପାର୍ଟମେଣ୍ଟ ଥିଲା । ବ୍ରହ୍ମୋତ୍ତରେ ଜଣେ ବାହ୍ମଣ କାର୍ଯୀ ଯେକି ବୟସାଧିକ, ନ୍ୟାୟବାନ, ଦାୟିତ୍ୱରେ ଥାଆନ୍ତି । ବ୍ରହ୍ମୋତ୍ତର ଜମି ବାହ୍ମଣ ଛଡା ଅନ୍ୟ ଜାତି ଖରିଦ କରୁନଥିଲେ । ବ୍ରହ୍ମୋତ୍ତର ଜମିର ଦାଖଲ ଖାରଜ ଫିସ ବାହ୍ମଣ କାର୍ଯୀ ଯିମା ଦାଖଲ ହୁଏ । ଦାଖଲ ଖାର୍ଯ ଫଏସଲା ବାହ୍ମଣ କାର୍ଯି ନିଏ । ତାହାକୁ ସ୍ମରଣ ଲେଖ କୁହାଯାଏ । ବ୍ରହ୍ମୋତ୍ତର ଜମିର ଖଜଣା ଏକର ପ୍ରତି ଚାରି ଅଣା ଓ ନିକୃଷ୍ଟ ଜମି ଏକର ପ୍ରତି ଦୁଇଅଣା ଥିଲା ।

ବାହ୍ମଣ ମାନେ ଯେଉଁ ଶାସନରେ ବେଶୀ ନଡିଆ ଗଛ ଥାଏ, ସେମାନେ ରାଜାଙ୍କର ଶୁଭ କାର୍ଯ୍ୟରେ କିଛି କିଛି କର୍ମାଙ୍ଗ ନଡିଆ ଦିଅନ୍ତି ।

କେତେକ ଶାସନର ବାହ୍ମଣମାନେ ଜଗନ୍ନାଥ ଯିଉଙ୍କ ଚମ୍ପକ ଦ୍ୱାଦଶୀକୁ ବାଣ ଆଦି ଦିଅନ୍ତି । କେତେକ ଶାସନର ବାହ୍ମଣମାନେ ଲଡୁବାବାଙ୍କ ଚତୁର୍ଥୀ ସାତ ସଙ୍ଖୁଳା ଯାତ୍ରାକୁ ବାଣ ଦିଅନ୍ତି । ବ୍ରହ୍ମାଭିଷେକ ଓ ପୁଷ୍ୟାଭିଷେକରେ ସମସ୍ତ ଗ୍ରହ୍ମଣ ମାନେ ଜଣକେ ଗୋଟିଏ ଲେଖାଏଁ ନଡିଆ ଓ ପଟେ ପଇତା ଦିଅନ୍ତି । ଷାଠିଏ ପଇତା ବ୍ରାହ୍ମଣମାନେ ରାଜାଙ୍କ ମଥାରେ ନଡିଆ ଛୁଆଁଇ ଦିଅନ୍ତି । ପଇତା ଗଳାରେ ଦିଅନ୍ତି । ମୋଫସଲ ବ୍ରାହ୍ମଣ ମାନେ ବ୍ରାହ୍ମଣ କାର୍ଯି ଜିମା ଦିଅନ୍ତି । ସନ ୧୯୦୬ ମହିହା ସେଟେଲମେଣ୍ଟରୁ ଏଥିରୁ ପ୍ରାୟ ଅନେକ ଅଂଶ ଉଠି ଯାଇଥିଲା ।

ରାଜାଙ୍କର ଶୁଭାଶୁଭ କାର୍ଯ୍ୟରେ ଷାଠିଏ ପଇତା ବ୍ରାହ୍ମଣଙ୍କୁ ଶାଢ଼ୀ, ପାଞ୍ଚି ଓ ହାଣ୍ଡି ସଙ୍ଖାଦିଅନ୍ତି । ମୋଫସଲ ବ୍ରାହ୍ମଣମାନଙ୍କୁ ଭୋଜନ ଓ ଶାସନ

Digitized by PPRACHIN, SOA

ମର୍ଯ୍ୟାଦା ଦିଅନ୍ତି । ରାଜା ବର୍ଷମଧ୍ୟରେ ଅନେକ ଦିନ ବ୍ରାହ୍ମଣ ସଭାକରି ବ୍ରାହ୍ମଣ ମାନଙ୍କର ଓ ତାଙ୍କ ସନ୍ତାନ ମାନଙ୍କର ବିଦ୍ୟା ପରୀକ୍ଷା କରୁଥିବାରୁ ଅଧିକାଂଶ ବ୍ରାହ୍ମଣମାନେ ସଂସ୍କୃତ, ସାହିତ୍ୟ, କର୍ମକର୍ମାଣି, ଜ୍ୟୋତିର୍ବିଦ ବିଦ୍ୟାରେ ପାରଦର୍ଶୀ ଥିଲେ । ପୂର୍ବେ ଯେଉଁ ବାହ୍ମଣ କାର୍ଯି ଥିଲେ ସେହି ସମୟରେ କୌଣସି ଶାସନ ବାହ୍ମଣ ଖରାପ କାର୍ଯ୍ୟ କଲେ ସେ ବିଷୟ ପ୍ରଧାନି ମଫସଲ ବୁଲି ସମ୍ବାଦ ଦେଉଥିଲେ । ବାହ୍ମଣ କାର୍ଯି ଦୋଷୀକୁ ଉପଯୁକ୍ତ ଶାସ୍ତି ଦେଉଥିଲେ । ସ୍ୱର୍ଗୀୟ ରାଜା ନାରାୟଣ ସିଂହଙ୍କ ପର୍ଯ୍ୟନ୍ତ ବାହ୍ମଣ କାର୍ଯି ଥିଲେ ।

୧୫. ପୁରୋହିତ ଓ ଦୈବଜ୍ଞ

ଶାସନ ମଉଜା ଚତୁଃପାର୍ଶ୍ୱରେ ଥିବା ଅନ୍ୟାନ୍ୟ ମଉଜାର ପ୍ରଜାଙ୍କୁ ବ୍ରାହ୍ମଣମାନେ ଶାସନ ବା ଧର୍ମ କାର୍ଯ୍ୟରେ ସୁଯୋଗ ଦେଉଥିବାରୁ ବ୍ରାହ୍ମଣ ଶାସନ କୁହାଯାଏ ।

ଏ କିଲାର ପ୍ରଥମ ରାଜା ସୂର୍ଯମଣି ସିଂହଙ୍କ ଠାରୁ ନଅ ପୁରୁଷ ପର୍ଯ୍ୟନ୍ତ କଣ୍ଢା ବଣିଆ ଶାସନ ଆଚାର୍ଯ୍ୟ ବଂଶ ପୁରୋହିତ ଥିଲେ । ନବମ ରାଜା ବାଘା ସିଂହ ଶୈବ ଧର୍ମାବଲମ୍ବୀ ଥିବାରୁ କର୍ମୀ ଜାତୀୟ ବ୍ରାହ୍ମଣ ପୁରୋହିତ ହେଲେ। ଷୋଡଶ ରାଜା ରାମଚନ୍ଦ୍ର ସିଂହ ବୈଷ୍ଣବ ଧର୍ମାବଲମ୍ବୀ ଥିବାରୁ ଦାମୋଦର ପୁରୋହିତ ରାଜ ପୁରୋଧା ହେଲେ ।

ତାଙ୍କ ବଂଶରେ ଚିନ୍ତାମଣି ପୁରୋହିତ ଅକର୍ମଣ୍ୟ ହେବାରୁ ଚକ୍ରଧର ପୁରୋହିତ ରାଜ ପୁରୋଧା ହେଲେ । ତାଙ୍କ ବଂଶରେ କେହି ଉପଯୁକ୍ତ ନଥିବାରୁ କିଛିଦିନ ସୋମନାଥ ପୁରୋହିତ କାମ ଚଳାଇଲେ । ତାଙ୍କ ମୃତ୍ୟୁ ସମୟକୁ ବେଦ୍ୟନାଥ ମିଶ୍ର ଉପଯୁକ୍ତ ଥିବାରୁ ବୈଦ୍ୟନାଥ ରାଜଗୁରୁ ମହାପାତ୍ର ଉପାଧି ପାଇ ପୁରୋଧା ହେଲେ ।

ସେ ରାଜା ରଘୁନାଥ ସିଂହଙ୍କ ସମୟରେ ମରିଯିବାରୁ ତାଙ୍କ ଜ୍ୟେଷ୍ଠପୁତ୍ର ମୃତ୍ୟୁଞ୍ଜୟ ରାଜଗୁରୁ ପୁରୋଧା ହେଲେ । ସନ ୧୯୦୯ ମସିହାରେ କୌଣସି କାରଣରୁ ତାଙ୍କୁ ବାହର କରି ଦିଆଗଲା । ତାଙ୍କ ଭାଇ ଗୋପୀନାଥ ମିଶ୍ରଙ୍କ ଦ୍ୱାରା ପୁରୋଧା କାର୍ଯ୍ୟ ଚଳୁଥିଲା । ପୂର୍ବକାଳରେ ବ୍ରାହ୍ମଣ ମାନଙ୍କୁ କୌଣସି

Digitized by PPRACHIN, SOA

କାର୍ଯ୍ୟ ଉପଲକ୍ଷେ ଯେଉଁ ଜମି ବା ମଉଜା ଦିଆ ଯାଉଥିଲା ତାହା ଜାଗିରିରେ ଦିଆ ନଯାଇ ଦାନରେ ଦିଆ ଯାଉଥିଲା । ପୁରୋହିତ ଦରମା ସକାଶେ ମଦରଙ୍ଗା ଗାଡିଆ ଦିଆ ଯାଇଥିଲା । ଦାମୋଦର ପୁରୋହିତଙ୍କ ପରପୁରୁଷ ରଘୁନାଥ ମିଶ୍ର ଭୋଗ କରୁଅଛନ୍ତି ।

ରାଜା ଲଡୁକିଶୋର ସିଂହ ବୈଦ୍ୟନାଥ ରାଜଗୁରୁ ଙ୍କୁ ୪୦ ଏକର ଜମି ମଧ୍ୟ ଦାନରେ ଦେଇଥିଲେ । ଦେବଜ୍ଞ ବା ଧର୍ମାଧ୍ୟକ୍ଷ ଯେ ଜ୍ୟୋତିଷ ବିଦ୍ୟାରେ ପାରଦର୍ଶିତା ଲାଭକରେ ରାଜା ତାଙ୍କୁ ସମ୍ମାନ ସହ ଜମି ବାଡି ଦେଉଥିଲେ । ପୂର୍ବେ ପିତେଇ ମାହାନ୍ତ, କରୁଣାକର ମହାନ୍ତି, ଗୋପାଳ ରାଉତରା, ଗୋପୀନାଥ ସୂର୍ଯ୍ୟ ଜ୍ୟୋତିଷ ବିଶାରଦ ଥିଲେ । ସୂର୍ଯ୍ୟେ ପଞ୍ଚରିଡା ମଉଜା ପାଇଥିଲେ । ତାଙ୍କର ବଂଶ ବୁଡିଯିବାରୁ ତାଙ୍କ ଝିଅର ପୁଅ ନାତି ମାନେ ଭୋଗ କରୁଅଛନ୍ତି ।

ପୌରାଣିକ ବ୍ରଜବନ୍ଧୁ ମିଶ୍ର, ଲୋକନାଥ ମିଶ୍ର, ଗଦାଧର ମିଶ୍ର ଥିଲେ । ତାଙ୍କର ପୁତ୍ର ଅଯୋଗ୍ୟ ହେବାରୁ କେହି ନାହାନ୍ତି ।

୧୬. କରଣ

ଖର, ପୁର, କୁଳିନ, ଚ୍ୟାଉ ଏଚାରି ପ୍ରକାର ଶିଷ୍ଟ କରଣ । ଏମାନେ ଅନୁଗ୍ରହୀ ଜାଗ୍ରୀ ଜମି ଭୋଗ କରନ୍ତି । ପୂର୍ବେ ରାଜାମାନେ ଏମାନଙ୍କ ଦ୍ୱାରା ରାଜ କାର୍ଯ୍ୟ ଚଳାଉଥିଲେ । ଏହି କାରଣ ମାନେ ରାଜ ପାରିଷଦ । ବେର୍ତ୍ତା, ପାଞ୍ଜିଆ, ଛାମୁକରଣ, ବେର୍ବତ୍ତା ପଟ୍ଟନାୟକ, ପଡିହସ୍ତ ବା ଗୁମାସ୍ତା, ଗନ୍ତାଘର କରଣ ପ୍ରଭତି ଅନୁଗ୍ରହ ଜାଗ୍ରୀ ଜମିରେ ବଡପୁଅ ମାଲିକ । ଏହା ବର୍ତ୍ତମାନ ସୁଦ୍ଧା ଚଳୁଅଛି ।

ବିଶିଷ୍ଟ କରଣ ନିଯିଗଡ, ବିରୁଡା, ସର୍ଙ୍ଖେଇ, ବଉଳ ସାହି, ନୁଆଗାଁ, ଶିଖରପୁର, ପେଟାପଲି ପ୍ରଭୃତିରେ ଅଛନ୍ତି । ଏପର ଅନେକ ପ୍ରକାର କରଣ ଅଛନ୍ତି ।

Digitized by PPRACHIN, SOA

୧୭. ପଡିହସ୍ତ ବା ଗୁମାସ୍ତା

ପଡିହସ୍ତଙ୍କ ଅଧିନରେ ଦୁଇଜଣ ଭଣ୍ଡାରି ଜାତୀୟ ଲୋକେ ଥାଆନ୍ତି, ସେମାନଙ୍କୁ ଚର୍ଚ୍ଚା ବେହେରା କହନ୍ତି । ବିଦେଶରୁ କେହି ଭଦ୍ର ଲୋକ ଆସିଲେ ସେମାନଙ୍କୁ ରାଜାଙ୍କୁ ଦେଖା କରାନ୍ତି । ସେମାନଙ୍କ ସକାଶେ ଉପଯୁକ୍ତ ବସା ମଞ୍ଚା, ଜଳଖିଆ ଯୋଗାନ୍ତି ।

ରାଜ୍ୟ ମଧରୁ କେହି ପ୍ରଧାନ, ବା ସରବରାକାର କି କେହି ଆସିଲେ ସେମାନଙ୍କୁ ରାଜାଙ୍କ ସାକ୍ଷାତ କରାନ୍ତି, ବସା ଦିଅନ୍ତି । ଲୋକଦୃଷ୍ଟିରେ କାହାକୁ ସଞ୍ଚା, କାହାକୁ ମଠାଦିରେ ଖାଦ୍ୟ ପ୍ରଭୃତିର ବନ୍ଦୋବସ୍ତ କରନ୍ତି । ପଡିହସ୍ତ ହାଣ୍ଡିକାର୍ଯି ପ୍ରଭୃତି ରାଜବାଟିର ଅନେକ କାର୍ଯ୍ୟ କରନ୍ତି ।

୧୮. ସୁଆଁଶ

ପୂର୍ବେ ଜଣେ ସ୍ୱାଁଶ କାର୍ଯ୍ୟ ଓ ଜଣେ ସୁଆଁଶ କରଣ ଥାନ୍ତି । ସ୍ୱାଁଶର ଅପର ନାମ ଆଜିକାଲି ବାରିକ ମିସ୍ତ୍ରୀ । ସ୍ୱାଁଶ କାର୍ଯି ଅଧିନରେ ଆଠଜଣ କେଉଟ ଜାତିର ସ୍ୱାସିଆ, ରାଜ୍ୟ ଯାକର ବଢ଼େଇ, କମାର, ଧୋବା ଥାନ୍ତି ।

ଗୁଣ୍ଡିଚା ରଥ ଓ ପର୍ବ, ସର୍କାରିଘର ଛପର ବନ୍ଧ, ନୂତନ ଘର ତୟାରି ଓ ମରାମତି ପ୍ରଭୃତି ଯାବତୀୟ କାର୍ଯ୍ୟ କରନ୍ତି । ସ୍ୱର୍ଗୀୟ ରାଜା ନାରାୟଣ ସିଂହଙ୍କ ବିୟୋଗ ପରେ ଏହା ଉଠି ଯାଇଅଛି ।

୧୯. କନ୍ଧମାଳ

ଏ ରାଜ୍ୟର ପ୍ରଥମ ରାଜା ସୂର୍ଯ୍ୟମଣି ସିଂହ ଏହି କନ୍ଧମାନଙ୍କ ସାହାଯ୍ୟରେ ରାଜା ହୋଇଥିଲେ । କନ୍ଧମାନଙ୍କ ଦ୍ୱାରା ନୟାଗଡ ରାଜବଂଶ ହୋଇଅଛି । ଏମାନେ ସେହି ସମୟରୁ (ସନ ୧୨୫୫ ମସିହା) କଖାରୁ, ମକା, ଫୁଲ ଛାଞ୍ଚୁଣି, କୟାଁ, କାଙ୍ଗୁଲ, ପର୍ବ ବୋଦା ଦେଉଥିଲେ । ସ୍ୱର୍ଗୀୟ ରାଜାମାନେ ତାଙ୍କ ଉପରେ ରଥ ଦଉଡି, ପର୍ବ ଘର ଛପର ଓ କୋଳଥ ବନ୍ଦୋବସ୍ତ କରିଥିଲେ । କେହି ଖଜଣା କରିନଥିଲେ । ମାଳରେ ଜଣେ କାର୍ଯି

Digitized by PPRACHIN, SOA

ଥାଇ ଏହା ଅସୁଲ କରେ । ଏହିପରି ଭାବେ ସାତଶହ ବର୍ଷ ଗତ ହେଲା । ମାତ୍ର ଖାଁ ସାହେବ ସେମାନଙ୍କର ଉପରେ ଖଜଣା ବନ୍ଦୋବସ୍ତ କରି ଏ ରାଜ୍ୟରେ ବିଦ୍ରୋହ ଅଗ୍ନି ଜାଳି ଦେଇଥିଲେ ।

୨୦. ଦୁର୍ଗାଦେବୀ

ଏ ଠାକୁରାଣୀ ରାଜାଙ୍କର ଘରୋଇ ଦେବତା । ଏ ଟାଉନ ହେବା ସମୟରୁ ଦାକ୍ତିଦୁର୍ଗାଙ୍କ ନିକଟ ଆଶ୍ୱିନ ଓ ଚୈତ୍ର ପର୍ବ ପ୍ରଭୃତି ହେଉଥିଲା । ଷୋଡଶ ରାଜା ରାମଚନ୍ଦ୍ର ସିଂହ ଉପସ୍ଥିତ ମୂର୍ତ୍ତୀଙ୍କୁ ହଜାରେ ଆଠଟଙ୍କା ଓଜନ ରୂପାରେ ନିର୍ମାଣ କରାଇ ସ୍ଥାପନ କରିଥିଲେ ଓ ଭୋଗ କଞ୍ଚା କରିଥିଲେ ।

ସୁନାମୁହିଁ ଜିଲା ବାହାଡା ପିଠା, ରଙ୍ଗଣି ପାଟଣା ପ୍ରଜା ଚାଉଳ, ମୁଗ, ଗୁଡ, ଘିଅ ଯୋଗାନ୍ତି । ଯାବତୀୟ ବେଠି କରନ୍ତି । ବିଂଶରାଜା ବିନାୟକ ସିଂହ ଅନେକ ଗଉଡ ମଉଜା ଖଞ୍ଜିଥିଲେ । ଏହାଙ୍କର ଆଶ୍ୱିନ ପର୍ବ ଠାକୁରାଣୀଙ୍କ ଫଣ୍ଡରୁ (Fund) ହୁଏ ନାହିଁ । ଟ୍ରେଜରୀ ଦିଏ । ଜଣେ କାର୍ଯି ଦ୍ୱାରା ଏ ମନ୍ଦିର ଚଳେ । ଆଶ୍ୱିନ ପର୍ବ ଟ୍ରେଜରର, ଆକାଉଣ୍ଟାଣ୍ଟ, ପରୀକ୍ଷା ଚଳାନ୍ତି । ଆଶ୍ୱିନ ପର୍ବକୁ ତେଲି, ଗୁଡିଆ, ଗଉଡ, ତନ୍ତିମାନେ, ଯେଉଁମାନେ ବ୍ୟବସାୟ କରନ୍ତି ସେମାନେ ବଜାର ଦର (Rate) ର ଅଧା ପଇସା ନେଇ ଘିଅ, ତେଲ, ଗୁଡ, ଫେଣା ସାକର ଦେଶୀ ଲୁଗା ପ୍ରଭୃତି ଯୋଗାନ୍ତି । ସରଘର ସରୁଚାଉଳ, ବଡି, ଆମ୍ବୁଲ, ପରିବା ଯୋଗାଏ । ତିଅର, ଗୋଖା ପ୍ରତିଦିନ ମାଛ ଯୋଗାନ୍ତି । ଇଟାମାଟି ସରବରାକାର ଏକଟଙ୍କା ନେଇ ପ୍ରତିଦିନ ଆଖୁ ଯୋଗାଏ । ଶୁକଲଗାଡିଆ ସରବରାକାର ଏକଟଙ୍କାରେ ପ୍ରତିଦିନ ପାଚିଲା କଦଳି ଯୋଗାଏ । ଯେଉଁ ମଉଜାରେ ବେଶୀ ନଡିଆ ଗଛ ଅଛି ସେହି ଶାସନ ବ୍ରାହ୍ମଣମାନେ ନଡିଆ ଯୋଗାନ୍ତି । ହାଣ୍ଡି କାର୍ଯି ହାଣ୍ଡି ଆଟିକା, କାଠ ଯୋଗାନ୍ତି ।

ଯେ ସାଗର ପୋଖରୀ ନିଲାମ ନିଏ ସେ ରାଜାଙ୍କ ଖନ୍ଦାକୁ ଆଠ ଗୋଟି, ଠାକୁରାଣୀଙ୍କୁ ପ୍ରତିଦିନ ଫଳି ମାଛ ଦିଏ । ପାଟ ମହାଦେଈଙ୍କ ଘରୁ ପ୍ରତିଦିନ ଦୁଇଓଳି ଘିଅ ସଞ୍ଜ, ଭୋଗ, ଭଙ୍ଗାପାନ ଆସେ । ପ୍ରତିଦିନ ପାନରା ଭଙ୍ଗାପାନ ଦିଅ । ପ୍ରତିଦିନ ଠାକୁରାଣୀଙ୍କର ଉତ୍କୃଷ୍ଟ ଧରଣର ସଙ୍ଖୁଡି ଓ ନିସଙ୍ଖୁଡି ଭୋଗ ହୁଏ ।

Digitized by PPRACHIN, SOA

ଆମ ଏ ରାଜ୍ୟରେ ଜଗନ୍ନାଥ ଜିଉ, ଠାକୁରାଣୀ, ଲଡୁବାବା, ରଘୁନାଥ ମନ୍ଦିର ମାନଙ୍କରେ ନିସଙ୍ଖୁଡି ଭୋଗ ସ୍ୱାର ବ୍ରାହ୍ମଣ କରନ୍ତି । ପର୍ବଘର ଛପର ଟ୬/- ଦଣ୍ଡୁରି ନେଇ କନ୍ଧମାନେ ଛପର କରନ୍ତି । ମାତ୍ର ରୋଷଘର ଛପର ସ୍ୱାର ବ୍ରାହ୍ମଣ କରନ୍ତି ।

ଚୈତ୍ର ପର୍ବ ଠାକୁରାଣୀଙ୍କ ଫଣ୍ଡରେ ହୁଏ । ଯେ ଆଡକଟା ପୋଖରୀ ନିଲାମ ନିଏ ସେ ମାଛ ଯୋଗାଏ । ଠାକୁରାଣୀଙ୍କର ଅନେକ ଆମ୍ବ ପଣସ ବଗାଏତ ଅଛି । ମାତ୍ର ଗୋଟିଏ ସୁଦ୍ଧା ଭୋଗ ହେଉନାହିଁ । ଏ ମନ୍ଦିରର ପ୍ରହରୀ କାର୍ଯ୍ୟ ଜାମୁସାହି ମଉଜା ପ୍ରଜା କରନ୍ତି ।

୨୧. ଦେବୋଉର-ଜଗନ୍ନାଥ ଯିଉ

ଏ ରାଜ୍ୟର ନବମ ରାଜା ବାଘାସିଂହ ଏଠାରେ ଗିରିଦୁର୍ଗ କରି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନକରି ସାମାନ୍ୟ ଭୋଗ ଖଞ୍ଜା କରିଥିଲେ । ଷୋଡ଼ଶ ରାଜା ରାମଚନ୍ଦ୍ର ସିଂହ ସେ ମୂର୍ତ୍ତିମାନଙ୍କୁ ସିନ୍ଧୁରିଆ ମଉଜାରେ ସ୍ଥାପନ କରି ନିଜେ ନିର୍ମାଣ କରାଇଥିବା ବିଗ୍ରହ ମାନଙ୍କୁ ପଥର ମଣ୍ଡପ କରାଇ ସ୍ଥାପନ କରିଥିଲେ ଏବଂ ପୁରୀ ଅନୁକରଣରେ ନୀତି ଓ ଜିନିଷ ଉପରେ ଭୋଗ ଖଞ୍ଜା କରିଥିଲେ ।

ଏ ରାଜ୍ୟର ସାକିରି ମଉଜାର ଧାନ ଓ ଇବିରି ମଉଜା ମୁଗ ଭଲ । ସେଥିପାଇଁ ସାକିରି ମଉଜାରେ ବାଷଠି ଶଗଡ ସଞ୍ଜାଧାନ ଖଞ୍ଜା କରି ଥିଲେ । ପ୍ରଜାମାନେ ସେ ଧାନର ଚାଉଳ ଦିଅନ୍ତି । ଦିନକୁ ପାଞ୍ଚ ନଉତି ବା କଟକ ପଞ୍ଚତିରଶ ସେର ଚାଉଳ ପ୍ରତିନିତି ଭୋଗ ହୁଏ । କୁରୁମ ବାଙ୍କତରା ମଉଜାରେ ଅଶୀ ଭରଣ ଧାନ ସଞ୍ଜା ଥିଲା । ତାପରେ ନିଜି ଚାଷରୁ ପ୍ରାୟ ପଚାଶ ଶଗଡ ଧାନ ଆସୁଥିଲା । ଅନ୍ୟାନ୍ୟ ମଉଜାରେ ମଧ୍ୟ ଶସ୍ୟ ଧାନ ଥିଲା ।

ମଉଜା ମାନଙ୍କରୁ କାଟ ଘିଅ, ଗହମ, ମୁଗ, ବିରି, ତେଲ ପ୍ରଭୃତି ପ୍ରତ୍ୟେକ ଜିନିଷ ଆସୁଥିଲା । ପ୍ରଜାମାନେ ବେଠି କରୁଥିଲେ ଓ ଭାର ଦେଉଥିଲେ । ସାକିରି ମଉଜାର ପ୍ରଜା ମନ୍ଦିରର ସବୁ ବେଠି କରୁଥିଲେ । ଏପରି ଅନେକ ବଗାଏତ ଦେଇଥିଲେ । ତାହା ନିଲାମ କରାଯାଉଅଛି ।

Digitized by PPRACHIN, SOA

ଠାକୁର ଗୋଟିଏ ସୁଦ୍ଧା ଫଳ ଆଖିରେ ଦେଖୁନାହାନ୍ତି । ଯେଉ କାଟ ଜିନିଷ ଆସୁଥିଲା ସେଥିରେ ଠାକୁର ଭୋଗ ଚଳୁଥିଲା । ମିଷ୍ଟାନ୍ନ ଭୋଗ ବଲ୍ଲଭ, ଟେରା,-ଚତୁଃସମ, ବଡସିଂହାର ଭୋଗ ଅତି ଉପାଦେୟ ହେଉଥିଲା । ବଡସିଂହାର ଭୋଗରୁ ଅନେକ ଖଏରାତ ଥିଲା । ଜଣେ କାର୍ଯି ବର୍ଷକୁ ଦରମା ୫ ଭରଣ ଧାନ ଓ ନଗଦ ଟ୧୨୫ ଓ ଜଣେ କରଣ ବର୍ଷକୁ ଧାନ ୫ ଭରଣ ଓ ନଗଦ ଟ୧୨୫ ପାଉଥିଲେ । ଜଣେ ଦପ୍ତର ଧାନ ଭରଣ ପାଉଥିଲେ । ଏମାନେ କଲେକ୍ସନ କରୁଥିଲେ । ଚାଷ କରୁଥିଲେ । ଶସ୍ତା ସମୟରେ ଜିନିଷ ଖରିଦ କରି ଷ୍ଟକ (Stock) ରଖୁଥିଲେ । ନିତି ଦେଖୁଥିଲେ । ଯାବତୀୟ କାର୍ଯ୍ୟ କରୁଥିଲେ ।

ଟାଉନର ସବୁ ମନ୍ଦିର ଓ ମଠର ପରିଦର୍ଶନ ବା ଇନ୍‌ଷପେକ୍‌ସନ (Inspection) କାମ ଦେଓ୍ୟାନ୍ ଓ ମୋଫସଲ ଠାକୁର ଓ ମଠ ନାଏବ ଦେଓ୍ୟାନଙ୍କ ଚାର୍ଯରେ ଥିଲା । ଅଫିସ ନଥିଲା । ଉପସ୍ଥିତ ରାଜା ସାହେବଙ୍କ ସମୟରେ ଶସ୍ତା ଦରରେ ଜିନିଷ କିଣା ହୋଇ ଗଛିତ (Stock) ରହୁଥିଲା । ଦେବୋତ୍ତର ମାନେଜର ଓ ଷ୍ଟକ୍ ମୋହରର ଟ୧୩୦୦/- ର ଘିଅ ଚୋରିକରି ଥିବାରୁ ତାହା ଉଠାଇ ଦିଆ ଯାଇଆଛି । ପୂର୍ବେ ଏ ମନ୍ଦିର ବିଷୟ ଉଲ୍ଲେଖ ଥିବାରୁ ବିଶେଷ ବର୍ଣ୍ଣନା ଅନାବଶ୍ୟକ ।

ଏ ମନ୍ଦିରର ପ୍ରହରୀ କାର୍ଯ୍ୟ ବାଲିପାଟଣା, ବିଶ୍ୱେଶ୍ୱର ପୁର ପ୍ରଜା କରନ୍ତି । ରଥରେ ଦେଉଳପଲୀ ପ୍ରଜା କରନ୍ତି ।

୨୨. ରାଧାନାଥ ଜିଉ

ସ୍ୱର୍ଗୀୟ ରାଜା ବ୍ରଜବନ୍ଧୁ ସିଂହ ଏ ଦେବଙ୍କୁ ପ୍ରତିଷ୍ଠିତ କରାଇ କୁଞ୍ଜ ମଣ୍ଡପରେ ବିଜେ କରାଇ ପ୍ରଚୁର ଭୋଗ ଖଞ୍ଜା କରିଥିଲେ । ପୂର୍ବେ ଏ ମନ୍ଦିର ରାଜାବାଟି ସଂଲଗ୍ନ ଥିବାରୁ ଏହାକୁ ଉଛବ ଓ୍ୟାସ କୁହା ଯାଉଥିଲା । ଏ ଦେବ ଗୃହ ଦେବତା ରୂପରେ ପୂଜା ପାଇଥିଲେ । ଗୃହ ଦେବତା ମାନଙ୍କର ମୁଖ ପଶ୍ଚିମକୁ । ଏହାଙ୍କୁ ନିକଟରେ କାର୍ତ୍ତିକ ମାସ ତମାମ ଶରତ ରାସ ଯାତ୍ରା ହୁଏ । ଚୈତ୍ର ମାସ ତମାମ ବସନ୍ତ ରାସ ଯାତ୍ରା ହୁଏ । ଶ୍ରାବଣ

Digitized by PPRACHIN, SOA

ଯାତ୍ରା ହୁଏ । ଚୈତ୍ର ମାସ ତମାମ ବସନ୍ତ ରାସ ଯାତ୍ରା ହୁଏ । ଶ୍ରାବଣ ମାସରେ ଦିନ ୧୩ ଝୁଲଣ ଯାତ୍ରା ସମାରୋହରେ ହୁଏ । ଏ ଯାତ୍ରା କୁ ସାଧାରଣ ଲୋକ ଯାଆନ୍ତି ନାହିଁ । ରାଜା ଓ ତାଙ୍କ ଅନ୍ତରଙ୍ଗଙ୍କ ମଧ୍ୟରୁ ୩୬ଜଣ ଯାଆନ୍ତି ।

ମନ୍ଦିର ଦକ୍ଷିଣ ତରଫ ଜଗଦେବ ସାମନ୍ତଙ୍କ ବୈସମ ମେଲାରେ ଝରକା ମାନଙ୍କରେ ରାଜବାଟି ସ୍ତ୍ରୀ ଲୋକ ଦେଖନ୍ତି । ଏ ଠାକୁରଙ୍କ ନିକଟରେ ଅନ୍ନ ଓ ମିଷ୍ଟାନ୍ନ ଭୋଗ ଅତି ଉତ୍କୃଷ୍ଟ ଧରଣର ବହୁତ ହୁଏ । ସେଥି ସକାଶେ ଭଲ ଭଲ ମଉଜା, ଫୁଟକର ଜମି, ବଗାଏତ ଖଞ୍ଜା ଥିଲା । ଜଣେ କାର୍ଯି ଦ୍ୱାରା ଏ ମନ୍ଦିର ପରିଚାଳିତ ହୁଏ । ସେ ବର୍ଷକୁ ୫ ଭରଣ ଧାନ ଓ ଟ ୧୨୫ ପାଏ । ମଉଜା ଓ ଫୁଟକର ପ୍ରଜା, ଟଙ୍କା, ଧାନ ଓ ଯାବତୀୟ କାଟ ବାଡି ଜିନିଷ ଦିଅନ୍ତି । କାର୍ଯି କଲେକ୍‌ସନ୍ ପ୍ରଭୃତି ଯାବତୀୟ କାର୍ଯ୍ୟ କରନ୍ତି । ମନ୍ଦିରରେ ଗୋଡିଆଳି ମଉଜା ମହାନ୍ତି ମାନେ ପ୍ରହରା କାର୍ଯ୍ୟ କରନ୍ତି ।

୨୩. ଶ୍ରୀ ରାଧାମୋହନ ଜିଉ

ସ୍ୱର୍ଗୀୟ ରାଜା ବିନାୟକ ସିଂହ ମାନଧାତା ଯଦୁମଣି ମହାପାତ୍ର ପିତା ମୁକୁନ୍ଦ ମହାପାତ୍ର ଦ୍ୱାରା କଳା ମୁଗୁନି ପଥରରେ ତିଆର କରାଇ ପ୍ରତିଷ୍ଠିତ କରାଇଥିଲେ । ଦାରୁରେ ଠାକୁରାଣୀ ପ୍ରତିଷ୍ଠିତ ହୋଇଥିଲେ । ସେ ନଷ୍ଟ ହେବାରୁ ତାଙ୍କୁ ଜଳମଗ୍ନ କରାଯାଇ ପିତଳରେ ଠାକୁରାଣୀ ପ୍ରତିଷ୍ଠିତ ହୋଇଛନ୍ତି । ପ୍ରଥମେ ଚାଳ ମଣ୍ଡପରେ ଥିଲେ । ସରଘର ବଧୁଲି ସରାଣୀ ଦେଉଳ ତୟାର କରାଇଛନ୍ତି । ଆଡଚେର ମଉଜା ପ୍ରଜା ଓ ଅନ୍ୟ ଫୁଟକର ପ୍ରଜା ଚାଉଳ,ମୁଗ, ଗୁଡ, ଘିଅ ପ୍ରଭୃତି ଯୋଗାନ୍ତି ଓ ବେଠି କରନ୍ତି, ଭାଗ ଦିଅନ୍ତି । ଜଣେ ଛାମୁ କରଣଙ୍କ ଦାୟିତ୍ୱରେ ଏ ମନ୍ଦିର ଥାଏ । ସେ କଲେକସନ୍ ସଭୃତି ମନ୍ଦିରର ଯାବତୀୟ କାର୍ଯ୍ୟ ଚଳାନ୍ତି । ବର୍ଷରେ ନାମମାତ୍ର ଦଶ ଟଙ୍କା ଦରମା ପାନ୍ତି । ଲକ୍ଷ୍ମୀ ପ୍ରସାଦ ମଉଜା ପ୍ରଜା ପ୍ରହରୀ କାର୍ଯ୍ୟ କରନ୍ତି ।

Digitized by PPRACHIN, SOA

୨୪. ବିଶ୍ୱନାଥ ଦେବ

ନବମ ରାଜା ବାଘାସିଂହ ଏହାଙ୍କୁ ଓ ବ୍ରାହ୍ମଣ ଦେବୀ ଠାକୁରାଣୀଙ୍କୁ ଶିବଶକ୍ତି କରି ପ୍ରତିଷ୍ଠିତ କରଥିଲେ । ଏହାଙ୍କର କେବଳ ଫୁଟକର ଜମି ଅଛି । ଲେଙ୍କୁଡି ପଡା ମଉଜା ପ୍ରଜା, ଚାଉଳ, ମୁଗ ପ୍ରଭୃତି ଯୋଗାନ୍ତି ଓ ବେଠି କରନ୍ତି, ଭାର ଦିଅନ୍ତି । ବଡ ମଠ ମହନ୍ତ (ବିଶ୍ୱନାଥ ଙ୍କ ମନ୍ଦିର ସଂଲଗ୍ନ) ଙ୍କ ଦାୟିତ୍ୱରେ ଏ ମନ୍ଦିର ଥାଏ । ସେ ଦରମା ନିଅନ୍ତି ନାହିଁ ।

୨୫. ସ୍ୱପ୍ନେଶ୍ୱର ଦେବ

ଏ ଠାକୁରଙ୍କୁ ସ୍ୱର୍ଗୀୟ ରାଜା ମୃତ୍ୟୁଞ୍ଜୟ ସିଂହ ପ୍ରତିଷ୍ଠିତ କରି ଫୁଟକର ଜମି କୋଡିଏ କାହାଣିଆ ଓ ବାଉଁଶିଆ ପଡାରେ ଖଞ୍ଜିଥିଲେ । ସେହି ପ୍ରଜାମାନେ ଚାଉଳ, ମୁଗ ପ୍ରଭୃତି ଯୋଗାନ୍ତି । ଏ ମନ୍ଦିର ଗୁଣ୍ଡିଚାବାରି ମଠ ମହନ୍ତଙ୍କ ଦାୟିତ୍ୱ (Charge) ରେ ଥାଏ । ସେ କିଛି ଦରମା ନିଅନ୍ତି ନାହିଁ । ପୂର୍ବେ ଏ ଦେବଙ୍କ ବିଯେ ସ୍ଥଳି ଶ୍ମଶାନ ଥିଲା । ସେ ସ୍ଥାନକୁ ରଗଡି ମୁଣ୍ଡଆ କୁହାଯାଉଥିଲା । ଏ ଦେବ ଙ୍କୁ ରଗଡି ମହାଦେବ କହନ୍ତି ।

୨୬. ଶ୍ରୀ ଗୋପୀନାଥ ଯିଉ

ସ୍ୱର୍ଗୀୟ ରାଜା ମୃତ୍ୟୁଞ୍ଜୟ ସିଂହ ମାନ୍ଧାତା ଋଷି ସାମନ୍ତରାୟ ନାମକ ଜଣେ କରଣ ଦ୍ୱାରା ଏ ଦେବଦେବୀଙ୍କୁ ପ୍ରତିଷ୍ଠିତ କରି ଫୁଟକର ଜମି ଭୋଗ ଖଞ୍ଜା କରିଥିଲେ । ଶିମିଳି ସାହି **ମଉଜାର** ଫୁଟକର ପ୍ରଜା ଚାଉଳ, ମୁଗ ପ୍ରଭୃତି ଯୋଗାନ୍ତି । ଯାବତୀୟ ବେଠି କରନ୍ତି, ଭାର ଦିଅନ୍ତି । ଟାଉନ (ନୟାଗଡ)ର ସମସ୍ତ ଲୋକ ଏହାଙ୍କୁ ବିଶେଷ ମାନ୍ୟ କରନ୍ତି । କର୍ମଚାରୀମାନେ ବିଶେଷ ଭକ୍ତି କରୁଥିଲେ । ଏ ଦେବଙ୍କର ଝୁଲଣ ଯାତ୍ରା ପ୍ରଧାନ । ହାକିମ ଓ ଅମଲା ମାନେ ଚାନ୍ଦା ଦେଇ ମହା ସମାରୋହରେ ଏ ଯାତ୍ରା କରନ୍ତି । ଉପସ୍ଥିତ ରାଜାସାହେବଙ୍କ ଗାଦି ବର୍ଷଠାରୁ ଉଠିଯାଇଛି । ମନ୍ଦିର ଟଙ୍କାରେ ଅତି ସାମାନ୍ୟ ଭାବେ ହେଉଅଛି ।

ଏ ଠାକୁର ପୂର୍ବେ ଚାଳ ମଣ୍ଡପରେ ଥିଲେ । ରାଜବାଟି ନିଜା କୋଠଲୋକ ଦେଉଳ କରାଇ ଦେଇଛନ୍ତି । ଏ ଠାକୁର ହାଟ ମଧ୍ୟରେ ଥିବାରୁ

Digitized by PPRACHIN, SOA

ହାଟରୁ ତୋଳା ନେଉଥିଲେ । ଖାଁ ସାହେବ ଏହି ତୋଳା ଉଠାଇ ଦେଇଛନ୍ତି । ଏ ମନ୍ଦିର ଜଣେ କର୍ମଚାରୀଙ୍କ ଦାୟିତ୍ୱ (Charge) ରେ ଥାଏ । ସେ ବର୍ଷରେ ଟ୨୩/- ଏଲାଉନ୍‌ସ୍ ପାଆନ୍ତି ।

୨୭. ରଘୁନାଥ ଯିଉ

ସ୍ୱର୍ଗୀୟ ରାଜା ଲଡୁକିଶୋର ସିଂହଙ୍କ ଶେଷ ସମୟରେ ଏ ଦେବ ପ୍ରତିଷ୍ଠିତ ହୋଇଥିଲେ । ଭୋଗ ଖଞ୍ଜା ହୋଇ ନଥିଲା । ମାସରେ ଟ ୨୫/- ହିସାବରେ ଟ୍ରେଜରିରୁ ପାଉଥିଲେ ଓ ଗୁଣ୍ଡିଚା ମଣ୍ଡପରେ ଥିଲେ । ପୋକ୍ତ ରାଜାଙ୍କ ସାନରାଣୀ ମନ୍ଦିର କରିଛନ୍ତି ।

୨୮. ରାମେଶ୍ୱର ଦେବ

ସ୍ୱର୍ଗୀୟ ରାଜା ରଘୁନାଥ ସିଂହ ମାନ୍ଧାତା ଏ ଦେବଙ୍କୁ ପ୍ରତିଷ୍ଠିତ କରି ନିଳାଦ୍ରୀ ପୃଥ୍ୱୀ ସିଂହଙ୍କ ନାଓ୍ୟାରସି ଲାଠିପଡା ଜମି ପ୍ରାୟ ୪୦ ଏକର ଭୋଗ ଖଞ୍ଜା କରିଥିଲେ । ଟ୍ରେଜରର ଙ୍କ ଦାୟିତ୍ୱରେ ମନ୍ଦିର ଥାଏ । ସେ ଏ ଦେବଙ୍କର ଯାବତୀୟ କାର୍ଯ୍ୟ ଚଳାନ୍ତି ।

୨୯. ଶ୍ରୀ ଲଡୁବାବା

ଏ ଦେବ ଅତି ପ୍ରଚୀନ କାଳର ଦେବତା । ଏହାଙ୍କ ବିଷୟ କିଛି ପୂର୍ବେ ବର୍ଣ୍ଣନା କରାଯାଇଅଛି । ତ୍ରୟୋଦଶ ରାଜା ହରିହର ସିଂହଙ୍କ ରାଜିରି ସମୟରେ ଷୋଡଶ ଶତାବ୍ଦିର ପ୍ରଥମ ଭାଗରେ ନୟାଗଡର ପ୍ରଧାନ ଦେବତା ରୁପେ ପୂଜା ପାଉଛନ୍ତି । ଏଥି ପୂର୍ବେ ବାଣପୁର ରାଜାଙ୍କର ପ୍ରଧାନ ଦେବତା ରୂପେ ପୂଜା ପାଉଥିଲେ ।

ଏ କ୍ଷେଟର ପୂର୍ବରାଜା ବା ବାଣପୁର ରାଜା ଏହାଙ୍କର ଭୋଗ ଖଞ୍ଜା ଏପରି ସୁବିଧାରେ କରିଥିଲେ ଯେ ଏପରି ସୁବିଧା ଏ କ୍ଷେଟ ବା ଅନ୍ୟ କୌଣସି କ୍ଷେଟରେ ନାହିଁ । ପ୍ରତ୍ୟେକ ଜିନିଷ ଜମି ଉପରେ ଖଞ୍ଜାଥିଲା । କୌଣସି ଜିନିଷ ଖରିଦ ହେଉନଥିଲା । ପରିବା ସକାଶେ ଗୋଟେ କନ୍ଧ ପଲ୍ଲୀ ଖଞ୍ଜାଥିଲା । ସନ ୧୯୦୬ ମସିହା ସେଟଲମେଣ୍ଟରେ ଅନେକ କାଟବାଡି ଜିନିଷ ଉଠି ଯାଇଥିଲେ ମଧ୍ୟ କିଛି ରହିଯାଇଅଛି ।

Digitized by PPRACHIN, SOA

ଏ ଦେବଙ୍କର ଶିବରାତ୍ରି ବା ଜାଗର ଯାତ୍ରା ପ୍ରଧାନ । ଏ ଯାତ୍ରାକୁ ଦେଶ ବିଦେଶରୁ ଅନେକ ସବୁଶ୍ରେଣୀର ଲୋକ ଅର୍ଦ୍ଧଲକ୍ଷ ପର୍ଯ୍ୟନ୍ତ ଆସନ୍ତି । ତହିଁ ମଧ୍ୟରେ ଶତଶତ ଲୋକ ଭକ୍ତିପୂର୍ଣ୍ଣ ଭାବେ ନିରାହାର ହୋଇ ଗୁହାରିଆ ପଡ଼ି ଆଶାତୀତ ବରଲବ୍ଧ ହୁଅନ୍ତି । ଏ ଠାକୁରଙ୍କୁ ସର୍ବସାଧାରଣ ଘୋର ବିଶ୍ୱାସ କରନ୍ତି । ଚତୁର୍ଦ୍ଦଶୀ ଯାତ୍ରା ପ୍ରତିପାଳି ହେଇ ବିଦେଶରୁ ପ୍ରାୟ ଦୁଇଶହ ଲୋକ କେହି ଅପତ୍ୟ କାମନାରେ ବା କେହି ରୋଗ ଶାନ୍ତି କାମନାରେ ଆସି ଠାକୁରଙ୍କ ଅନୁସରଣ କରି ଆଶତୀତ ଫଳ ଲାଭ କରୁ ଅଛନ୍ତି । ପୂର୍ବେ ଅନେକ ଲୋକ କେହି ତୋଟି କାଟି, କେହି ଜିଭ କାଟି, କେହି ଲିଂଗ କାଟି ଅନୁସରଣରେ ପଡନ୍ତି । ସେମାନଙ୍କୁ ଗୁହାରିଆ କହନ୍ତି । ସେମାନେ ହୁକୁମ ପାଇଲେ ଭଲ ହୋଇଯାନ୍ତି । ସେମାନଙ୍କ କଟାସ୍ଥଳ କଅଁଳି ଯାଏ । ସ୍ୱର୍ଗୀୟ ରାଜା ଲଡୁକିଶୋର ସିଂହଙ୍କ ସମୟରେ ଜଣେ ଲୋକ ରୋଗ ଭଲ ହେବା ସକାଶେ ଗୁହାରିଆ ପଡିଥିଲା । ତାକୁ ହୁକୁମ ହେଲା ତୁ ବିଷ୍ଠା ଖାଇଲେ ରୋଗ ଭଲ ହେବ । ସେ ଆସି ରାଜାଙ୍କୁ କହିଲା । ରାଜା ପଣ୍ଡିତ ପଚାରିବାରେ ସଭାରେ ପଣ୍ଡିତମାନେ କହିଲେ "ବର ପୂର୍ବା କନ୍ୟା ରାନ୍ଧିବା ଭାତ ବିଷ୍ଠା ସହିତ ସମାନ । ତାକୁ ଜଣେ ବରପୂର୍ବା ସ୍ତ୍ରୀର ରନ୍ଧା ଭାତ ଦିଆ ଗଲା । ସେ ତାହା ଖାଇ ରୋଗ ମୁକ୍ତ ହେଲା ।

ସେହି ରାଜାଙ୍କ ସମୟରେ ଆଉଥରେ ଜଣେ ବ୍ରାହ୍ମଣ ଗୁହାରିଆ ପଡିଥିଲା । ତାକୁ ହୁକୁମ ହେଲା "ତୁ ରାଜାଙ୍କ ଅଇଁଠା ଭାତ ଖାଇଲେ ଭଲ ହେବ" । ସେ ଆସି ରାଜାକୁ କହିଲା । ରାଜା ପଣ୍ଡିତ ସଭା କଲେ । ପଣ୍ଡିତ ମାନେ କହିଲେ" - ଭାତ ତର୍କାରୀ ରନ୍ଧାହୋଇ ବଢ଼ାହେବ । ସେଥିରୁ ଜଣେ ବ୍ରାହ୍ମଣ ଗଣ୍ଡେ ଭାତ ରାଜାଙ୍କ ହାତକୁ ଦେବ । ସେ ଖାଇ ଦେବେ । ବାକୀ ଭାତ ବ୍ରାହ୍ମଣ ଖାଇବ" । ସେହିପରି ହେଲା । ବ୍ରାହ୍ମଣ ରୋଗମୁକ୍ତ ହେଲେ ।

ସ୍ୱର୍ଗୀୟ ଦାଶରଥି ସିଂହ ଜଗଦେବ ସାମନ୍ତ ଜଣେ ବ୍ରାହ୍ମଣ ଗୁହାରିଆ ପରି ବରଲବ୍ଧ ହୋଇ ଲଡୁକିଶୋର ସିଂହ ଜନ୍ମ ହୋଇଥିଲେ । ଏ ଦେବଙ୍କୁ

Digitized by PPRACHIN, SOA

ସବୁ ରାଜାମାନେ ବିଶେଷ ଭକ୍ତି କରନ୍ତି । ପ୍ରତି ନିତି ଅବକାଶ ପ୍ରସାଦ ରାଜା ସେବା ନକଲେ ଭୋଜନ କରନ୍ତି ନାହିଁ । ଠାକୁରଙ୍କ ଦେଉଳ ଅତି ପୂର୍ବକାଳର । ଅକ୍ଷୁର୍ଣ୍ଣ ଭାବରେ ଅଛି । ଏ ଦେବଙ୍କର ଯେଉଁ ନୀତି ଅନୁସାରେ ଦୈନିକ ନୀତି ଓ ପର୍ବପର୍ବାଣି ହୁଏ ସେପରି ନୀତି ଅନ୍ୟ କେଉଁଠାରେ ହୁଏ ନାହିଁ । ଲଡୁବାବା ଛତ୍ରାକାର ଲିଙ୍ଗ । ପ୍ରବାଦ ଅଛି ଛତ୍ରାକାର ଲିଙ୍ଗ ଯେଉଁରାଜ୍ୟରେ ଥାନ୍ତି, ସେ ରାଜ୍ୟରେ ଛତ୍ର ଭଙ୍ଗ ହୁଏ ନାହିଁ ।

ଏ ଦେବଙ୍କର ଭେଟଗାଁ, ବଡ ଗୋରନ୍ଦା ପ୍ରଭୃତି ଅନେକ ମଉଜମହଲ ଫୁଟକରି ଜମି ଓ ବଗଏତ ଅଛି । ପ୍ରତିଦିନ ପରିବା ଯୋଗାଇବା ପାଇଁ ଗୋଟିଏ କନ୍ଧପଲ୍ଲୀ ଅଛି । ଜଣେ କାର୍ଯି ମାସକୁ ଟ୨୦/- ଓ ଜଣେ କରଣ ମାସକୁ ଟ୧୨/- ପାଇ କଲେକ୍‌ସନ ପ୍ରଭୃତି ଯାବତୀୟ କାର୍ଯ୍ୟ ଚଳାନ୍ତି । ବାଉରି ବ୍ରହ୍ମା ନାମକ ଜଣେ କାର୍ଯି ଏହାଙ୍କର ଅନେକ ଭଲ କାମ କରି ଅଛନ୍ତି ।

୩୦. ଶ୍ରୀ ରାଘୁନାଥ ଯିଉ - ଓଡଗାଁ

ଏଦେବ ସ୍ୱର୍ଗୀୟ ରାଜା ମୃତ୍ୟୁଞ୍ଜୟ ସିଂହ ମାନ୍ଧାତାଙ୍କ ସମୟରେ ବୈରାଗି ବେବର୍ତ୍ତା, ବଡଯେନା ମହାପାତ୍ର ଦେଓ୍ୟାନଙ୍କ ଦ୍ୱାରା ଓଡଗାଁ ମଉଜାରେ ସନ ୧୭୬୩ ମସିହାରେ ବାସୁଦେବ ରଥ ବଜପେୟଙ୍କ ପୌରୋହିତ୍ୟରେ ପ୍ରତିଷ୍ଠିତ ହୋଇଥିଲେ । ଏହାଙ୍କର ଅଶେଷ ମହିମା ବଳରେ ଓଡିଶା ଓ ମାଡ୍ରାସ ପ୍ରଦେଶ (ସେତେବେଳେ ଆନ୍ଧ୍ର ପ୍ରଦେଶ ମାଡ୍ରାସ ପ୍ରଦେଶରେ ଥିଲା) ରୁ ଲୋକେ ଭକ୍ତି ଭାବରେ ଅହରହ ଦର୍ଶନାଭିଳକ୍ଷୀ ହୋଇ ଆସୁଛନ୍ତି । ଏବଂ ଆଶାତୀତ ଫଳ ଲାଭ କରୁଅଛନ୍ତି ।

ଏ ଠାକୁରଙ୍କର ଏବେ ସାଧୁ ରାଏଗୁରୁ ନାମକ ଜଣେ କାର୍ଯିଥିଲେ । ସେ ଅନେକ ଜମିଭାଙ୍ଗି ଚାଷକରି ଅନେକ ସରୁଧାନ, ମୁଗ, ଗୁଡ, ପ୍ରଭୃତି ଆଦାୟ କରୁଥିଲେ । ପୋଖରୀ କରିଥିଲେ । ଓଡଗାଁ ସରବରା କରିଥିଲେ । ଅସୁଲ ଖର୍ଚ୍ଚା ଠାକୁର ପାଉଥିଲେ । ପୂର୍ବେ ଦେବ ଟାଳ ମନ୍ଦିରରେ ଥିଲେ । କାର୍ଯି ଦେଉଳ ଆରମ୍ଭ କରିଥିଲେ । କାର୍ଯି ମାସକୁ ଟ୨୦/- ଓ କରଣ ମାସକୁ

Digitized by PPRACHIN, SOA

୧୫ଟଙ୍କା ପାଆନ୍ତି । ଏମାନେ ସ୍ୱାସ, ନୀତି, ମନ୍ଦିର ତୟାରି, ଯଜମାନି ଆୟ ପ୍ରଭତି ଯାବତୀୟ କାର୍ଯ୍ୟ କରନ୍ତି ।

ସନ ୧୯୦୮ ମସିହାରେ ସ୍ୱର୍ଗୀୟ ରାଜା ନାରାୟଣ ସିଂହଙ୍କ ସମୟରେ ଜଗନ୍ନାଥ ବକ୍‌ସି ପଟ୍ଟନାୟକ କାର୍ଯ୍ୟଥିବା ସମୟରେ ଦେଉଳ ପ୍ରତିଷ୍ଠା ହୋଇ ଠାକୁର ବିଜେ କରିଥିଲେ । ଠାକୁରଙ୍କର ଓଡଗାଁ, ଆଖୁପଦର ପ୍ରଭୃତି ମଉଜମହଲ ଫୁଟକର ଜମିଅଛି । ମାତ୍ର ଯଜମାନି ଆୟ ପ୍ରଧାନ ।

ମନ୍ଦିର ପ୍ରତିଷ୍ଠା ପରେ ଜଗନ୍ନାଥ ମହାନ୍ତି ସୁପରଭାଇଜର ମାସିକ ଟ୩୦/- ରେ ରହି ବହୁତ କାର୍ଯ୍ୟ କରିଥିଲେ । ସାଗର ପୋଖରୀ ପଙ୍କୋଦ୍ଧାର, ବଗିଚା ଚାଷର ବହୁତ ଉନ୍ନତି କରିଥିଲେ ।

କୁରୁଡା ପ୍ରଗନା ଜିବିନିପଡା ମଉଜାରେ ଖମାର କରି ଗାଈ ମହିଷୀ, ଗୋଠ, ରଖି କ୍ଷୀର, ଘିଅ ଆଦାୟ କରୁଥିଲେ । ଜଳାଶ୍ରୟ କରିଥିଲେ । ଗତ ବନ୍ଦୋବସ୍ତରେ ସେ ମଉଜା ଖାଁ ସାହେବ ଶ୍ରୀଧରଦେଓଙ୍କୁ ଦେଇ ଅଛନ୍ତି ।

୩୧. ମହାଶମ୍ଭୁ

ଏ ରାଜ୍ୟରେ ବାରଟି ମହାଶମ୍ଭୁ ଅଛନ୍ତି ।

୧. ଗମ୍ଭାରିଡିହି ଚଣ୍ଡେଶ୍ୱର
୨. ବାଘରା ଧବଳେଶ୍ୱର
୩. ବଡପଣ୍ଡୁସର ଉଗ୍ରେଶ୍ୱର
୪. ଗୋବିନ୍ଦପୁର ସୋମନାଥ ଦେବ
୫. ପଲ୍ଲିଶାସନ ବାଲୁଙ୍କେଶ୍ୱର
୬. ଗୁଞ୍ଜିବାରଣ କପିଳେଶ୍ୱର
୭. ଗୋଡି ସାହି ମୁକ୍ତେଶ୍ୱର
୮. ରାବରାଶାସନ ମଧୁକେଶ୍ୱର
୯. ବାହାଡାଝୋଲା ଫୁଲ ଭଣ୍ଡାରେଶ୍ୱର
୧୦. କାମୁପାଟଣା ଦୁତିକେଶ୍ୱର

Digitized by PPRACHIN, SOA

୧୧. ମାଳିସାହି ଗଦିଶ୍ୱର
୧୨. ଯଦୁପୁର ସିଂହେଶ୍ୱର

ଏହାପରେ ରାଜ୍ୟରେ ଛଅଶହରୁ ଅଧିକ ଦେବା ଦେବୀ ଅଛନ୍ତି ।

ଲିପିକରଙ୍କ ଶେଷ କଥନ

ସ୍ୱାଧୀନ ଭାରତରେ ଜନ୍ମିତ ଶିଶୁ ଆଜି ବରିଷ୍ଠ ନାଗରିକ ହେବାକୁ ବସିଲାଣି । ଏ ଦେଶର ସାଧାରଣ ନାଗରିକ ପରାଧୀନ ଭାରତ ତଥା ରାଜାମାନଙ୍କ ଦ୍ୱାରା ଶାସିତ ରାଜ୍ୟ ମାନଙ୍କର ତତ୍‌କାଳୀନ ରାଜନୈତିକ ଓ ସାମାଜିକ ଅବସ୍ଥା ସମ୍ପର୍କରେ ସହଜରେ ଜାଣିପାରିବ ନାହିଁ । ଏହା କେବଳ ଇତିହାସ ପୁସ୍ତକ ଅଧ୍ୟୟନ ଦ୍ୱାରା ମିଳିବ । କେବଳ କେତେକ ଅତି ବରିଷ୍ଠ ନାଗରିକ ମାନଙ୍କର ନିଜର ଅନୁଭୂତି ବାଲ୍ୟସ୍ମୃତି ହିସାବରେ ଥାଇପାରେ । ସେହି ଦୃଷ୍ଟିରୁ ଲେଖକଙ୍କର ଏହି ନିଜସ୍ୱ ଅନୁଭୂତିକୁ ନୟାଗଡ଼ ଇତିହାସ ହିସାବରେ ବର୍ଣ୍ଣନା କରିବାର ପ୍ରଚେଷ୍ଟା ପ୍ରଶଂସନୀୟ । ନୟାଗଡ଼ ବାସୀ ଓ ବିଜ୍ଞପାଠକମାନେ ଏହି ଅମୁଲ୍ୟ ରତ୍ନକୁ ସହୃଦତାର ସହିତ ପଠନ ପାଠନ କଲେ ଆମ ମାନଙ୍କର ଶ୍ରମ ସାର୍ଥକ ହେବ ।

Digitized by PPRACHIN, SOA

ଲିପିକରଙ୍କ ପିତାମାତା ଓ ଲେଖକଙ୍କ ଭଣଜା ଓ ଭଣଜା
ବୋହୁ ସ୍ୱର୍ଗତ ବାହିନୀପତି ଦୀନବନ୍ଧୁ ମିଶ୍ର
ଓ ସ୍ୱର୍ଗତା ଶ୍ରୀମତୀ ଦେବୀ

Digitized by PPRACHIN, SOA

ଗୋପିନାଥ ମନ୍ଦିର, ନୟାଗଡ଼

Digitized by PPRACHIN, SOA